ମୁକ୍ତିର ଅଗ୍ରଦୂତ

ଅସ୍ଥାୟୀ ଆଜାଦ ହିନ୍ଦ୍ ସରକାର
ପ୍ରତିଷ୍ଠାର ରଜତ ଜୟନ୍ତୀ ଉପଲକ୍ଷେ

ପବ୍ଲିକେଶନ୍‌ସ ଡିଭିଜନ୍

Digitized by srujanika@gmail.com

ନେତାଜୀ ସୁଭାଷଚନ୍ଦ୍ର ବୋଷ ସିଙ୍ଗାପୁରଠାରୁ ଭାରତ ଉଦ୍ଦେଶ୍ୟରେ ବେତାରବାର୍ତ୍ତା ପ୍ରଚାର କରୁଛନ୍ତି

Digitized by srujanika@gmail.com

ମୁକ୍ତିର ଆଗମନି

ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ପ୍ରତିଷ୍ଠାର ରଜତ ଜୟନ୍ତୀ ଉପଲକ୍ଷେ

ପବ୍ଲିକେଶନ୍ସ ଡିଭିଜନ
ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ
ଭାରତ ସରକାର

Digitized by srujanika@gmail.com

April 1970 (Chaitra 1891)

ଏପ୍ରିଲ୍ ୧୯୭୦ (ଚୈତ୍ର ୧୮୯୧)

HERALDS OF FREEDOM (Oriya)

Not for Sale

ବିକ୍ରି ପାଇଁ ନୁହେଁ

ଡାଇରେକ୍ଟର ପବ୍ଲିକେଶନସ୍ ଡିଭିଜନ, ସୂଚନା ପ୍ରସାରଣ ମନ୍ତ୍ରାଳୟ,
ଭାରତ ସରକାର, ପାଟିଆଲା ହାଉସ୍, ନୂଆଦିଲ୍ଲୀ-୧ ଦ୍ୱାରା ପ୍ରକାଶିତ ଏବଂ
ବ୍ରହ୍ମପୁର-୪, ଶିଳ୍ପାଞ୍ଚଳ, ଶାରଦା ପ୍ରେସ୍‌ରେ, ଶ୍ରୀଯୁକ୍ତ ରଜନୀକାନ୍ତ ପାଢ଼ୀଙ୍କ ଦ୍ୱାରା ମୁଦ୍ରିତ ।

Digitized by srujanika@gmail.com

ସୂଚୀପତ୍ର

	ପୃଷ୍ଠା
୧ । ବାର୍ତ୍ତା ।	୧
୨ । ମୁକ୍ତିର ଅଗ୍ରଦୂତ ...	୧୫
ନେତାଜୀ, ଆଜାଦ୍ ହିନ୍ଦ୍ ଫୌଜ ଏବଂ ଅସ୍ଥାୟୀ ...	
ଆଜାଦ୍ ହିନ୍ଦ୍ ସରକାର —ଏସ୍. ଏ. ଆୟାର ...	୧୭
୩ । ନେତାଜୀଙ୍କର ଭାଷଣ ଓ ବାଣୀ ...	୫୯
ଆଜାଦ୍ ହିନ୍ଦ୍ ଫୌଜର ସଂକଳ୍ପ ...	୬୧
ଶତ୍ରୁର ଅସ୍ତ୍ରରେ ଶତ୍ରୁକୁ ନିଧନ କର ...	୬୩
ଦିଲ୍ଲୀ ଚଲ	୬୪
ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି	୬୮
ଆଜାଦ୍ ହିନ୍ଦ୍ ଫୌଜର ପ୍ରତ୍ୟକ୍ଷ ନେତୃତ୍ୱ ଗ୍ରହଣ ...	୭୧
ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଜନ୍ମ ...	୭୩
ଧନୀକମାନଙ୍କୁ ନିବେଦନ	୭୫
ଭାରତୀୟ ଜନତାର ଜନନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି	୭୭
ମୋତେ ରକ୍ତ ଦିଅ, ମୁଁ ମୁକ୍ତି ଆଣିଦେବି	୮୦
ଦିଲ୍ଲୀକୁ ଅନେକ ମାର୍ଗ ରହିଛି	୮୩
୪ । ଶ୍ରଦ୍ଧାଞ୍ଜଳି	୮୫
ମହାତ୍ମା ଗାନ୍ଧୀ	୮୭
ରବୀନ୍ଦ୍ରନାଥ ଠାକୁର	୮୮
ଜବାହରଲାଲ ନେହରୁ	୮୯
ଏସ୍. ରାଧାକୃଷ୍ଣନ୍	୯୧
ଲାଲ ବାହାଦୁର ...	୯୨
ସରୋଜିନୀ ନାଇଡୁ ...	୯୩
ଦିଲୀପ କୁମାର ରାୟ ...	୯୪
ପରିଶିଷ୍ଟ :	
ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ପ୍ରତିଷ୍ଠା ଘୋଷଣା ...	୯୫

Digitized by srujanika@gmail.com

April 1970 (Chaitra 1891)
ଏପ୍ରିଲ୍ ୧୯୭୦ (ଚୈତ୍ର ୧୮୯୧)

HERALDS OF FREEDOM (Oriya)

Not for Sale
ବିକ୍ରି ପାଇଁ ନୁହେଁ

ଡାଇରେକ୍ଟର ପବ୍ଲିକେଶନସ୍ ଡିଭିଜନ, ସୂଚନା ପ୍ରସାରଣ ମନ୍ତ୍ରାଳୟ,
ଭାରତ ସରକାର, ପାଟିଆଲା ହାଉସ୍, ନୂଆଦିଲ୍ଲୀ-୧ ଦ୍ୱାରା ପ୍ରକାଶିତ ଏବଂ
ବ୍ରହ୍ମପୁର-୪, ଗିଳାଞ୍ଚଳ, ଶାରଦା ପ୍ରେସରେ, ଶ୍ରୀଯୁକ୍ତ ରଜନୀକାନ୍ତ ପାଢ଼ୀଙ୍କ ଦ୍ୱାରା ମୁଦ୍ରିତ ।

Digitized by srujanika@gmail.com

ସୂଚୀପତ୍ର

ପୃଷ୍ଠା

୧ । ବାର୍ତ୍ତା ... ୫

୨ । ମୁକ୍ତିର ଅଗ୍ରଦୂତ ୧୫

ନେତାଜୀ, ଆଜାଦ୍ ହିନ୍ଦ୍ ଫୌଜ ଏବଂ ଅସ୍ଥାୟୀ ...

ଆଜାଦ୍ ହିନ୍ଦ୍ ସରକାର —ଏସ୍. ଏ. ଆୟାର ... ୧୭

୩ । ନେତାଜୀଙ୍କର ଭାଷଣ ଓ ବାଣୀ ... ୫୯

ଆଜାଦ୍ ହିନ୍ଦ୍ ଫୌଜର ସଂକଳ୍ପ ... ୬୧

ଶତ୍ରୁର ଅସ୍ତ୍ରରେ ଶତ୍ରୁକୁ ନିଧନ କର ... ୬୩

ଦିଲ୍ଲୀ ଚାଲ ୬୪

ଏକ ପୃଥ୍ବୀଙ୍କ ମୁକ୍ତି ପାଇଁ ପୃଥ୍ବୀଙ୍କ ପ୍ରସ୍ତୁତ ୬୮

ଆଜାଦ୍ ହିନ୍ଦ୍ ଫୌଜର ପ୍ରତ୍ୟକ୍ଷ ନେତୃତ୍ୱ ଗ୍ରହଣ ... ୭୧

ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଜନ୍ମ ... ୭୩

ଧନୀକମାନଙ୍କୁ ନିବେଦନ ୭୫

ଭାରତୀୟ ଜନତାର ଜନନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ୭୭

ମୋତେ ରକ୍ତ ଦିଅ, ମୁଁ ମୁକ୍ତି ଆଣିଦେବି ୮୦

ଦିଲ୍ଲୀକୁ ଅନେକ ମାର୍ଗ ରହିଛି ୮୩

୪ । ଶ୍ରଦ୍ଧାଞ୍ଜଳି ୮୫

ମହାତ୍ମା ଗାନ୍ଧୀ ... ୮୭

ରବୀନ୍ଦ୍ରନାଥ ଠାକୁର ୮୮

ଜବାହରଲାଲ୍ ନେହରୁ ... ୮୯

ଏସ୍. ରାଧାକୃଷ୍ଣନ୍ ... ୯୧

ଲାଲ ବାହାଦୁର ୯୨

ସରୋଜିନୀ ନାଇଡୁ ୯୩

ଦିଲୀପ କୁମାର ରାୟ ୯୪

ପରିଶିଷ୍ଟ :

ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ପ୍ରତିଷ୍ଠା ଘୋଷଣା ... ୯୫

Digitized by srujanika@gmail.com

ସତ୍ୟମେବ ଜୟତେ

ରାଷ୍ଟ୍ରପତି ଭବନ
ନୂଆଦିଲ୍ଲୀ
ଜୁଲାଇ ୧୯, ୧୯୬୮

ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଦ୍ୱାରା ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଗଠିତ ହୋଇଥିବାର ପଞ୍ଚବିଂଶ ବାର୍ଷିକ ଉପଲକ୍ଷେ ପବ୍ଲିକେଶନ୍ସ ଡିଭିଜନ ଏକ ସ୍ୱତନ୍ତ୍ର ଧରଣର ପ୍ରକାଶନ ବାହାର କରୁଥିବାର ଜାଣି ମୁଁ ଖୁସି ହୋଇଛି ।

ଏହି ଘଟଣାଟି ବିଦେଶରେ ଥିବା ଭାରତୀୟମାନଙ୍କ ମଧ୍ୟରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା । ବିଶେଷକରି ଭାରତୀୟ ଜାତୀୟ କଂଗ୍ରେସ ବ୍ରିଟିଶମାନଙ୍କ ନିକଟରେ "ଭାରତ ଛାଡ଼" ଦାବୀ ଜଣାଇବା ପରେ ସେମାନେ ଭାରତର ସ୍ୱାଧୀନତା ଆନ୍ଦୋଳନର ଗତିବିଧି ପ୍ରତି ଲକ୍ଷ୍ୟ ରଖି ଏହାର ଅନୁସରଣରେ କାର୍ଯ୍ୟ କରିଥିଲେ । ନେତାଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆଜାଦ୍ ହିନ୍ଦ୍ ଫୌଜ ଓ ଅସ୍ଥାୟୀ ସରକାର ଭାରତର ସ୍ୱାଧୀନତାକାମୀ ଲୋକମାନଙ୍କୁ ଏକତ୍ରିତ କରିବା ଦିଗରେ ସାହାଯ୍ୟ କରିଥିଲା । ତହିଁ ସଙ୍ଗେ ସଙ୍ଗେ ଆଜାଦ୍ ହିନ୍ଦ ଫୌଜ ଓ ଆଜାଦ ହିନ୍ଦ୍ ସରକାର ଦେଶର ମୁକ୍ତି ଯୋଦ୍ଧାମାନଙ୍କ ମନରେ ବିପୁଳ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲା ।

ସୁଭାଷଚନ୍ଦ୍ର ବୋଷ ଯେ କେବଳ ଜଣେ ସାହାସୀ ବୀରପୁରୁଷ ଥିଲେ ତା'ନୁହେଁ, ତାଙ୍କଠାରେ ବିଚକ୍ଷଣ ବୁଦ୍ଧି ମଧ୍ୟ ଭରି ରହିଥିଲା । ଭାରତରେ ଥିବା କାଳରେ ସେ ଯେତିକି କାମ କରି ଯାଇଥିଲେ ତାହା ତାଙ୍କର ନାମକୁ ଇତିହାସରେ ସମୁଜ୍ଜ୍ୱଳ କରି ରଖିବାରେ ଯଥେଷ୍ଟ ହୋଇଥାନ୍ତା, କିନ୍ତୁ ଆଜାଦ୍ ହିନ୍ଦ୍ ସରକାର ଗଠିତ ହେବା ପର୍ଯ୍ୟନ୍ତ ତାଙ୍କ ଜୀବନରେ ଘଟି ଯାଇଥିବା ନାଟକୀୟ ଘଟଣାମାନ କେବଳ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ କାହିଁକି, ବରଂ ଇଉରୋପ ଓ ଏସିଆର ଇତିହାସରେ ମଧ୍ୟ ତାଙ୍କର ନାମକୁ ଚିରସ୍ମରଣୀୟ କରି ରଖିଛି ।

ଆଜାଦ୍ ହିନ୍ଦ୍ ସରକାର ଅଣ୍ଡାମାନଠାରେ ଭାରତୀୟ ଭୂମି ଉପରେ ମୁକ୍ତିର ଧ୍ୱଜା ରୋପଣ କରିଥିବା କାର୍ଯ୍ୟ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଦିଲ୍ଲୀର ଲାଲକିଲା ଉପରେ ତିରଙ୍ଗା ଝଣ୍ଡା ଉତ୍ତୋଳିତ ହେବା ଘଟଣାର ଏକ ଆଗସୂଚନା ହୋଇ ରହିଥିଲା । ଆଜି ଆମେ ଯେଉଁ ମୁକ୍ତିର ଦାୟାଦ ହୋଇ ରହିଥାଉଁ, ତାହାକୁ ଆମର ନିକଟତର କରିଥିବା କାରଣରୁ "ଦିଲ୍ଲୀ ଚଲ" ଅଭିଯାନରେ ନେତାଜୀଙ୍କ ସହିତ ଯୋଗ ଦେଇଥିବା ବ୍ୟକ୍ତିମାନେ ଆମର ଶ୍ରଦ୍ଧା ଓ କୃତଜ୍ଞତାର ପାତ୍ର ହୋଇଛନ୍ତି ।

—ଜାକିର ହୋସେନ

Digitized by srujanika@gmail.com

ଉପରାଷ୍ଟ୍ରପତି,
ଭାରତ
ନୂଆଦିଲ୍ଲୀ
ଜୁଲାଇ ୧୭, ୧୯୬୮

ସିଙ୍ଗାପୁରଠାରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଦ୍ୱାରା ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଗଠିତ ହୋଇଥିବାର ରଜତ ଜୟନ୍ତୀ ଉପଲକ୍ଷେ ପବ୍ଲିକେସନ୍ସ ଡ଼ିଭିଜନ ଏକ ସଚିତ୍ର ପୁସ୍ତକ ପ୍ରକାଶ କରୁଥିବାରୁ ମୁଁ ଅତ୍ୟନ୍ତ ଖୁସି ହୋଇଛି । ଆଧୁନିକ ଭାରତର ନିର୍ମାତାମାନଙ୍କ ମଧ୍ୟରେ ସୁଭାଷଚନ୍ଦ୍ର ବୋଷ ହେଉଛନ୍ତି ଅଗ୍ରଣୀ । ତାଙ୍କ ସହିତ ଘନିଷ୍ଠତା ଓ ସମ୍ପର୍କ ପ୍ରତିଷ୍ଠା କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରେ । ଦେଶପାଇଁ ତାଙ୍କର ତ୍ୟାଗ ଓ ବଳିଦାନ ଭାରତୀୟ ଇତିହାସର ଏକ ଉଜ୍ଜ୍ୱଳ ଅଧ୍ୟାୟ ହୋଇ ରହିଛି । ଆଜାଦ୍ ହିନ୍ଦ୍ ଫୌଜ ଓ ଆଜାଦ୍ ହିନ୍ଦ୍ ସରକାରର ପ୍ରତିଷ୍ଠାତା ହିସାବରେ ନେତାଜୀ ଭାରତକୁ ରାଜନୈତିକ ପରାଧୀନତା ଏବଂ ଅର୍ଥନୈତିକ ଦାସତ୍ୱରୁ ମୁକ୍ତ କରିବା ପାଇଁ ଅପ୍ରାଣ ଚେଷ୍ଟା କରିଥିଲେ । ଯାଦୁକରୀ 'ଜୟହିନ୍ଦ୍' ଶବ୍ଦର ଉଦ୍ଭାବକ ନେତାଜୀଙ୍କର ନାମ ସ୍ମରଣ ମାତ୍ରେହିଁ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାରଙ୍କ ନେତୃତ୍ୱରେ ପରିଚାଳିତ ଆଜାଦ୍ ହିନ୍ଦ୍ ଫୌଜର ଅଶେଷ ତ୍ୟାଗ ସ୍ୱୀକାର ଏବଂ ବୀରତ୍ୱର ଚମତ୍କାର କାହାଣୀ ଆମର ହୃଦୟକୁ ପୁଲକିତ କରିଦିଏ । ଆଜାଦ୍ ହିନ୍ଦ୍ ଫୌଜର ଏହି ବୀରତ୍ୱର କାହାଣୀ ମାନବ ଜାତିର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ରଜତ ଜୟନ୍ତୀ ପାଳିତ ହେଉଥିବା ଘଟନାଟି, ଦେଶର ଏକତାକୁ ବିପନ୍ନ କରୁଥିବା ସାଂପ୍ରଦାୟିକ ଓ ଭାଷାଗତ ବିବାଦ ପରିବର୍ତ୍ତେ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଅଭିନ୍ନ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ଆମକୁ ଅନୁପ୍ରାଣିତ କରିବା ଉଚିତ । ନେତାଜୀ ଏବଂ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଜାତୀୟ ଅଭ୍ୟୁତ୍ଥାନର ଯେଉଁ ସ୍ୱପ୍ନ ଦେଖୁଥିଲେ ତାହାକୁ ବାସ୍ତବରେ ପରିଣତ କରିବାକୁ ହେଲେ ଆମକୁ ବର୍ତ୍ତମାନ ଜଟିଳ ସମସ୍ୟାଗୁଡ଼ିକ ପ୍ରତି ଏକ ମାନବୀୟ ଓ ବାସ୍ତବ ଦୃଷ୍ଟିଭଙ୍ଗୀ ପୋଷଣ କରିବାକୁ ହେବ ।

—ଭି. ଭି. ଗିରି

Digitized by srujanika@gmail.com

ପ୍ରଧାନ ମନ୍ତ୍ରୀଙ୍କ ଭବନ
ନୂଆଦିଲ୍ଲୀ
ଜୁଲାଇ ୨୭, ୧୯୬୮

ନେତାଜୀ ସୁଭାଷଚନ୍ଦ୍ର ବୋଷ ହେଉଛନ୍ତି ଜ୍ୱଳନ୍ତ ଦେଶପ୍ରେମ ଏବଂ ରଣଶୀଳତାର ଏକ ପ୍ରତୀକ । ତାଙ୍କର ଜୀବନ ଓ ତାଙ୍କର ବାଣୀ ଆଗାମୀ ବଂଶଧରମାନଙ୍କ ପାଇଁ ଏକ ପ୍ରେରଣା ହୋଇ ରହିବ ।

ପଚିଶ ବର୍ଷ ପୂର୍ବେ ଆଜାଦ୍ ହିନ୍ଦ୍ ସରକାର ପ୍ରତିଷ୍ଠା କରିଥିଲେ ଓ ଏହାର ନେତୃତ୍ୱ କରିଥିଲେ । ଆମର ଇତିହାସରେ ଏହା ହେଉଛି ଏକ ଉଲ୍ଲେଖନୀୟ ଘଟଣା । ଏହି ଉପଲକ୍ଷେ ପବ୍ଲିକେଶନ୍ସ ଡିଭିଜନ, ନେତାଜୀ ମାତୃଭୂମିର ସୀମା ବାହାରେ ଦେଇଥିବା ଅଭିଭାଷଣଗୁଡ଼ିକର ଏକ ସଂକଳନ ପ୍ରକାଶ କରୁଥିବାରୁ ମୁଁ ଆନନ୍ଦ ଅନୁଭବ କରୁଛି ।

—ଇନ୍ଦିରା ଗାନ୍ଧୀ

Digitized by srujanika@gmail.com

ସ୍ୱରାଷ୍ଟ୍ର ମନ୍ତ୍ରୀ
ଭାରତ
ନୂଆଦିଲ୍ଲୀ
ଜୁଲାଇ ୨୦, ୧୯୬୮

ସିଙ୍ଗାପୁରଠାରେ ଆଜାଦ୍ ହିନ୍ଦ୍‌ର ଅସ୍ଥାୟୀ ସରକାର ପ୍ରତିଷ୍ଠା, ଆଜାଦ୍ ହିନ୍ଦ୍ ଫୌଜରୂପରେ ମୂର୍ତ୍ତିମାନ ହୋଇଥିବା ଦେଶପ୍ରୀତି, ମାତୃଭୂମି ପାଇଁ ଉତ୍ସର୍ଗ ଏବଂ ପରାକ୍ରମର କାହାଣୀ ସହିତ ନେତାଜୀଙ୍କର ସ୍ମୃତି ଚିରକାଳ ଆମ ମନରେ ରହିଥିବ । ସେହି କାଳଠାରୁ ପଚିଶଟି ବର୍ଷ ଅତୀତ ହୋଇଗଲାଣି, କିନ୍ତୁ ଆମର ସ୍ୱାଧୀନତା ସଂଗ୍ରାମର ସେହି ଅଧ୍ୟାୟ—ନେତାଜୀ ଏବଂ ତାଙ୍କର ଆଜାଦ୍ ହିନ୍ଦ୍ ଫୌଜ—ଏବେ ମଧ୍ୟ ଆମର କଳ୍ପନାକୁ ଉଜ୍ଜୀବିତ କରି ରଖିଛି ଏବଂ ଦେଶର ସେବା କରିଯିବା ପାଇଁ ରହିଥିବା ଆମର ସଂକଳ୍ପକୁ ଦୃଢ଼ୀଭୂତ କରୁଛି । ନେତାଜୀ ଆମ ଭିତରେ ନାହାନ୍ତି ସତ, କିନ୍ତୁ ଭାରତ ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କର ସ୍ମୃତି ସଜୀବ ରହିଥିବ ।

—ୱାଇ. ବି. ଚହ୍ୱାଣ

Digitized by srujanika@gmail.com

ମନ୍ତ୍ରୀ
ସୂଚନା ଓ ପ୍ରସାରଣ
ଭାରତ
ନୂଆଦିଲ୍ଲୀ
ଜୁଲାଇ ୨୫, ୧୯୬୮

ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ତାଙ୍କର ଭାରତୀୟ ଜାତୀୟ ବାହିନୀ ଏବଂ ଆଜାଦ୍ ହିନ୍ଦ୍‌ର ଅସ୍ଥାୟୀ ସରକାରର ବୀରତ୍ୱର ଗାଥା, ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ହୋଇ ରହିଛି ।

ନେତାଜୀଙ୍କ ଜୀବନର ବିସ୍ମୟକର କାହାଣୀ—ତାଙ୍କର ଦୃଢ଼ଷ ଇଚ୍ଛାଶକ୍ତି, ମୁକ୍ତି ପାଇଁ ତାଙ୍କର ଅଶାନ୍ତ ଆବେଗ ଏବଂ ଆଇ. ଏନ୍. ଏ. ର ସ୍ମରଣୀୟ ଅଭିଯାନର ବୃତ୍ତାନ୍ତ—ଭାବୀ ବଂଶଧରମାନଙ୍କ ପାଇଁ ପ୍ରେରଣାର ଏକ ଉତ୍ସ ହୋଇ ରହିବ ।

ଭାରତରୁ ବିଦେଶୀ ଶାସକମାନଙ୍କୁ ବହିଷ୍କାର କରିବାରେ ନେତାଜୀ ଓ ତାଙ୍କ ଆଇ. ଏନ୍. ଏ. ସଫଳକାମ ହୋଇ ନ ଥିଲେ ସୁଦ୍ଧା; ଉପ-ମହାଦେଶରୁ ବ୍ରିଟିଶ ଅପସାରଣକୁ ତ୍ୱରାନ୍ୱିତ କରିବାରେ ସେମାନେ ଯଥାବତ୍ କାର୍ଯ୍ୟ କରିଥିଲେ । ନେତାଜୀ ଏବଂ ତାଙ୍କର ଆଇ. ଏନ୍. ଏ. ବୃଥାରେ ଲଢ଼ି ନଥିଲେ ଓ ଦୁଃଖ ସହି ନଥିଲେ । ସେମାନଙ୍କର ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ସାରାଦେଶରେ ଏକ ତୀବ୍ର ଦେଶାତ୍ମବୋଧର ତରଙ୍ଗ ଖେଳାଇ ଦେଇଥିଲା । ମୁକ୍ତିର ଅଗ୍ରଦୂତ ରୂପେ ସେମାନେ ଚିରକାଳ ସ୍ମରଣୀୟ ହୋଇ ରହିବେ ।

ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଦ୍ୱାରା ସିଙ୍ଗାପୁରଠାରେ ଆଜାଦ୍ ହିନ୍ଦ୍ ସରକାର ପ୍ରତିଷ୍ଠିତ ହୋଇଥିବାର ରୌପ୍ୟଜୁବୁଲୀ ପାଳନ ଉପଲକ୍ଷେ ପବ୍ଲିକେସନ୍ସ ଡିଭିଜନ ଏକ ସ୍ମରଣିକା ପୁସ୍ତକ ବାହାର କରୁଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଛି । ଗଭୀର ଦେଶାନୁରକ୍ତି ଜଡ଼ିତ ଏହି ବୀରତ୍ୱପୂର୍ଣ୍ଣ ଗାଥାରୁ ଭାବୀ ବଂଶଧରମାନେ ପ୍ରେରଣା ଲାଭ କରିବେ ବୋଲି ମୁଁ ଆଶା କରେ ।

—କେ. କେ. ଶାହା

Digitized by srujanika@gmail.com

ମୁଖ୍ୟ ମନ୍ତ୍ରୀ
ମଣିପୁର • ସରକାର
ଅକ୍ଟୋବର ୧୫, ୧୯୬୯

ଆଜାଦ୍ ହିନ୍ଦ୍ ସରକାର ଗଠନର ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ଭାରତ ସରକାରଙ୍କର ସୂଚନା ପ୍ରସାରଣ ମନ୍ତ୍ରାଳୟ ଏକ ସ୍ମରଣିକା ପ୍ରକାଶ କରୁଥିବାର ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଛି । ଜଣେ ଦୀନ ଅକିଞ୍ଚିତ୍କର ବ୍ୟକ୍ତି ହିସାବରେ ମୁଁ ଐତିହାସିକ ଆଜାଦ୍ ହିନ୍ଦ୍ ଫୌଜ ସହିତ ସଂପୃକ୍ତ ରହିଥିବାରୁ ସମସ୍ତ ଦେଶରେ ରହିଥିବା ପୂର୍ବତନ ଆଇ. ଏନ୍. ଏ. କର୍ମବନ୍ଧୁମାନଙ୍କୁ ତଥା ମୋର ଦେଶବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ପାଇଁ ଏହା ବାସ୍ତବରେ ଏକ ଅପୂର୍ବ ସୁଯୋଗ ବୋଲି ମୁଁ ମନେ କରେ । ଆଜାଦ୍ ହିନ୍ଦ୍ ସରକାରର ବିଚକ୍ଷଣ ନେତା ରୂପେ ତଥା ଭାରତୀୟ ଜାତୀୟ ବାହିନୀର ସର୍ବୋଚ୍ଚ ସେନାପତି ରୂପେ ଆମର ପ୍ରିୟତମ ନେତାଜୀ ସୁଭାଷଚନ୍ଦ୍ର ବୋଷ ଜନଙ୍କୁ ଚିରକାଳ ପାଇଁ ଅମର କରି ଦେଇ ଯାଇଛନ୍ତି । ମହାନ୍ ନେତାଙ୍କର ପୁଣ୍ୟ ସ୍ମୃତି ଉଦ୍ଦେଶ୍ୟରେ ଆମର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ, ଚାଲନ୍ତୁ ଆମେ ତାଙ୍କର ମହତ୍ତ୍ୱକୁ ଗ୍ରହଣ କରିବା ଏବଂ ତାଙ୍କର ନୀତିବାକ୍ୟ ଐକ୍ୟ, ବିଶ୍ୱାସ ଓ ତ୍ୟାଗର ଆଦର୍ଶକୁ ମାନି ଚାଲିବାକୁ ଚେଷ୍ଟା କରିବା ।

ମଣିପୁରର ରାଜଧାନୀ ଇଂଫାଲଠାରୁ ଦକ୍ଷିଣ ପଶ୍ଚିମ ଦିଗରେ ୨୭ ମାଇଲ ଦୂରବର୍ତ୍ତୀ ମୋଇରାଂ ହେଉଛି ଏକ ବିକାଶୋନ୍ମୁଖୀ ସହର, ଯେଉଁଠାରେ ଆଜାଦ୍ ହିନ୍ଦ୍ ସରକାର ଗଠନର ରଜତ ଜୟନ୍ତୀ ଉପଲକ୍ଷେ ପ୍ରଧାନ ଓ ଜାତୀୟ ଉତ୍ସବ ଅନୁଷ୍ଠିତ ହେଉଛି । ଏହି ସହର ସମ୍ପର୍କରେ ମୁଁ ଏକ ସଂକ୍ଷିପ୍ତ ସୂଚନା ଦେବାକୁ ଚାହେଁ । ମୋଇରାଂ ଏକ ପବିତ୍ର ଐତିହାସିକ ସ୍ଥାନରେ ଭାରତୀୟ ମୃତ୍ତିକା ଉପରେ ଆଜାଦ୍ ହିନ୍ଦ୍ ସରକାରର ତ୍ରିରଙ୍ଗ ପତାକା ପ୍ରଥମ ଥର ପାଇଁ ଉତ୍ତୋଳିତ ହୋଇଥିଲା । ମଣିପୁର ଏବଂ ନାଗା ପର୍ବତମାଳା (ବର୍ତ୍ତମାନ ନାଗାଲେଣ୍ଡ)ରେ ଆଇ. ଏନ୍. ଏ.ର କିର୍ଯ୍ୟାନୁଷ୍ଠାନ ପାଇଁ ମୋଇରାଂ ଠାରେ ସଦର କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ସଂଯୋଗବଶତଃ ଐତିହାସିକ ଦୃଷ୍ଟିରୁ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଏବଂ ଏହାର ଭୌଗଳିକ ଅବସ୍ଥିତି ଦୃଷ୍ଟିରୁ ମୋଇରାଂ ମଣିପୁରର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରୂପେ ରହି ଆସିଛି । ବିଖ୍ୟାତ ଲୋକତାକ୍ ହ୍ରଦର ପଶ୍ଚିମ କୂଳରେ ଅବସ୍ଥିତ ଏହି ସ୍ଥାନଟିର ଏକ ଗୌରବମୟ ସାଂସ୍କୃତିକ ପରମ୍ପରା ରହି ଆସିଛି ଏବଂ ଏକ ସମୟରେ ମୋଇରାଂର ଇତିହାସ ହିଁ ମଣିପୁରର ଇତିହାସ ହୋଇ ରହିଥିଲା । ମଣିପୁରର ଲୋକସଂସ୍କୃତି କ୍ଷେତ୍ରରେ ମୋଇରାଂର ଯଥେଷ୍ଟ ଅବଦାନ ରହିଛି । ତତ୍କାଳୀନ ବିଶିଷ୍ଟ ସଙ୍ଗୀତ ସହ ନିଜର ପାରମ୍ପରିକ କର୍ମ-କର୍ମୀଣି ଜରିଆରେ ସ୍ଥାନୀୟ ଦେବତା ଆଷ୍ଟ ଙ୍କର ବିଧିବଦ୍ଧ ପୂଜା, ଆଜି ପର୍ଯ୍ୟନ୍ତ ପ୍ରଚଳିତ ରହି ଆସିଛି । ତାହା ପ୍ରାଚୀନ ସମୟଠାରୁ ପ୍ରଚଳିତ ଅବସ୍ଥାରେ ରହିଛି

Digitized by srujanika@gmail.com

ଏହାର ଏକ ଐତିହାସିକ ଗୁରୁତ୍ୱ ରହିଥିବାରୁ ଏବଂ ଲୋକ୍‌ତାକ୍ ହ୍ରଦ କୂଳରେ ଅବସ୍ଥିତ ହୋଇଥିବାରୁ ମୋଇରାଂ ଆବହମାନ କାଳରୁ ଦର୍ଶକମାନଙ୍କୁ ଆକର୍ଷଣ କରି ଆସିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ଦାସତ୍ୱରୁ ଦେଶର ମୁକ୍ତିର ସୂଚନା ଦେଇ ଆଜାଦ୍ ହିନ୍ଦ୍ ସରକାରର ମୋଇରାଂଠାରେ ପ୍ରଥମ ଥର ପାଇଁ ଏହାର ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ ହୋଇଥିବା ଯୋଗୁଁ ବର୍ତ୍ତମାନ ଏହି ସହରଟିର ଗୁରୁତ୍ୱ ଯଥେଷ୍ଟ ପରିମାଣରେ ବଢ଼ି ଯାଇଛି । ସମସ୍ତ ମୁକ୍ତିପ୍ରେମୀଙ୍କ ପାଇଁ ଏହା ଚିରକାଳ ଏକ ତୀର୍ଥସ୍ଥାନ ରୂପେ ରହିବ ।

ଆଇ·ଏନ୍·ଏ·ର ଯେଉଁ 'ଦେଶପ୍ରେମୀ ବୀର' ସୈନ୍ୟମାନେ ଲାଲକିଲ୍ଲା ଯାତ୍ରାପଥରେ ସେମାନଙ୍କର ମାତୃଭୂମିର ମୁକ୍ତି ପାଇଁ ପ୍ରାଣବଳି ଦେଇଗଲେ , ସେମାନଙ୍କର ସ୍ମୃତିକୁ ସଦା ଜୀବନ୍ତ ରଖିବା ପାଇଁ ଏକ ଆଇ· ଏନ୍. ଏ. ଶହୀଦ୍ ସ୍ମାରକ ସ୍ତମ୍ଭ ଏଠାରେ ନିର୍ମିତ ହୋଇଛି ।

ଯେଉଁ ଜାତୀୟବାହିନୀ ଆଇ. ଏନ୍. ଏ, ର ଅଦ୍ଭୁତ ଅନୁଶାସନ ଓ ଏକତା ବଳରେ ପରିଚାଳିତ ହୋଇଥିଲା, ଏହି ରଜତ ଜୟନ୍ତୀରେ ସମଗ୍ର ଦେଶ ତାହାକୁ ସ୍ମରଣ କରୁ ।

—ଏନ୍. କୋଇରାଂ ସିଂହ

Digitized by srujanika@gmail.com

ମୁକ୍ତିର ଅଗ୍ରଦୂତ

Digitized by srujanika@gmail.com

ନେତାଜୀ, ଆଜାଦ୍ ହିନ୍ଦ୍ ଓ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର

—ଏସ୍. ଏ. ଆୟାର

ନେତାଜୀ ଯେ ଜଣେ ଆଜନ୍ମ ବିଦ୍ରୋହୀ ଓ ବିପ୍ଳବୀ ଥିଲେ, ତାଙ୍କ ଜୀବନର ଘଟଣାବଳୀରୁ ହିଁ ତାହା ପ୍ରମାଣିତ ହୁଏ । ଜାନକୀନାଥ ଓ ପ୍ରଭାବତୀ ବୋଷଙ୍କର କଟକ ନିବାସରେ ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ଦିନ ଯେତେବେଳେ ଏହି ପୁତ୍ର ଜନ୍ମଗ୍ରହଣ କରନ୍ତି, ସେତେବେଳେ ପିତାମାତା କଅଣ ସ୍ୱପ୍ନରେ ସୁଦ୍ଧା ଭାବିଥିଲେ ଯେ ସେମାନଙ୍କର ଏହି ଷଷ୍ଠ ପୁତ୍ର ତଥା ନବମ ସନ୍ତାନ ଭାରତର ଇତିହାସରେ ଏକ ଅଲିଭା ଚିହ୍ନ ରଖି ଦେଇ ଯିବାକୁ ଆସିଛି ? କିନ୍ତୁ ଅଳ୍ପକାଳ ପରେ, ପିତାମାତାଙ୍କର ଏକଥା ଜାଣିବାକୁ ଆଉ ବାକୀ ରହିଲା ନାହିଁ ଯେ ସେମାନଙ୍କର ଏହି ପୁତ୍ର, ସୁଭାଷ ଚନ୍ଦ୍ର, ତା'ର ଅନ୍ୟ ଭାଇଭଉଣୀ ତଥା ନିଜ ବୟସର ଅନ୍ୟ ପିଲାମାନଙ୍କଠାରୁ ଖୁବ୍ ନିଆରା ।

ନେତାଜୀଙ୍କର ପରିବାରର ଇତିହାସରେ ପ୍ରାୟ ୨୭ ଟି ପୁରୁଷ ପର୍ଯ୍ୟନ୍ତ ଠାବ କରାଯାଇଛି, ଯେତେବେଳେ କି ଦଶରଥ ବୋଷ କଲିକତାଠାରୁ ଦକ୍ଷିଣରେ ୧୪ ମାଇଲ ଦୂରବର୍ତ୍ତୀ ମହୀନଗରଠାରେ ଏହି ବୋଷ ପରିବାରର ଭିତ୍ତି ସ୍ଥାପନ କରିଥିଲେ । ନେତାଜୀଙ୍କର ପିତୃପକ୍ଷ ପୂର୍ବପୁରୁଷମାନଙ୍କ ମଧ୍ୟରେ ତତ୍କାଳୀନ ବଙ୍ଗ ରାଜାଙ୍କର ଅର୍ଥ ଓ ଯୁଦ୍ଧବିଭାଗ ମନ୍ତ୍ରୀ ଥିବା ମହୀପତି ଏବଂ ପରବର୍ତ୍ତୀ କାଳରେ ଜଣେ ବଙ୍ଗ ରାଜାଙ୍କର ଅର୍ଥ ମନ୍ତ୍ରୀ ଓ ନୌ ସେନାଧ୍ୟକ୍ଷ ଥିବା ଗୋପିନାଥଙ୍କ ନାମ ଆମେ ଜାଣିବାକୁ ପାଉ । ନେତାଜୀଙ୍କର ପିତାଙ୍କର ପିତା ହରିନାଥଙ୍କର ଚାରୋଟି ପୁତ୍ର ସନ୍ତାନ ଥିଲେ ଏବଂ ସେମାନଙ୍କର ନାମ ଥିଲା ଯଦୁନାଥ, କେଦାରନାଥ, ଦେବେନ୍ଦ୍ରନାଥ ଓ ଜାନକୀନାଥ । ଜାନକୀନାଥ ଥିଲେ ନେତାଜୀଙ୍କର ପିତା ।

ନେତାଜୀଙ୍କର ମାତା ପ୍ରଭାବତୀ କଲିକତାର ଉତ୍ତରାଞ୍ଚଳବର୍ତ୍ତୀ ହାଟଖୋଲାର ବିଖ୍ୟାତ ଦତ୍ତ ପରିବାରରେ ଜନ୍ମ ହୋଇଥିଲେ । ବ୍ରିଟିଶ ଶାସନର ପ୍ରାରମ୍ଭକାଳରେ ଦତ୍ତ ପରିବାରର ଖୁବ୍ ନାମ ଓ ପ୍ରଭାବ ପ୍ରତିପତ୍ତି ରହିଥିଲା । ଏହି ପରିବାର ନୂତନ ରାଜନୀତିକ ଅବସ୍ଥା ସହିତ ନିଜକୁ ଖାପ ଖୁଆଇ ନେଇ ଥିବାରୁ ଏବଂ ଐଶ୍ୱର୍ଯ୍ୟଶାଳୀ ହୋଇଥିବାରୁ, ସେ କାଳରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲା । ପ୍ରଭାବତୀଙ୍କ ପିତା ଗଙ୍ଗାନାରାୟଣ ଦତ୍ତ ଏବଂ ତାଙ୍କ ପ୍ରତିଭା ଯୋଗ୍ୟ ବ୍ୟକ୍ତିମାନଙ୍କୁ ଜାମାତାରୂପେ ବାଛୁ

Digitized by srujanika@gmail.com

କଲିକତାର ଅତି କୁଳୀନ ପରିବାରଗୁଡ଼ିକ ସହିତ ସମ୍ବନ୍ଧ ସ୍ଥାପନ କରିଥିଲେ । ସେମାନଙ୍କର ଜାମାତା ନିର୍ବାଚନ ସମ୍ବନ୍ଧରେ କଥିତ ଅଛି ଯେ ଗଙ୍ଗାନାରାୟଣ ତାଙ୍କର କନ୍ୟା ପ୍ରଭାବତୀଙ୍କୁ ଜାନକୀନାଥଙ୍କ ସହିତ ବିବାହ ଦେବା ପାଇଁ ରାଜି ହେବା ପୂର୍ବରୁ ତାଙ୍କ ଭାବୀ ଜାମାତାଙ୍କର ବୁଦ୍ଧି ନିଜେ ପରୀକ୍ଷା କରି ସନ୍ତୁଷ୍ଟ ହୋଇଥିଲେ ।

ଜାନକୀନାଥ ବୋଷ କଲିକତାରେ ତାଙ୍କର ସ୍କୁଲପଢ଼ା ଶେଷ କରି କଲେଜ ଶିକ୍ଷାପାଇଁ କଟକକୁ ଆସିଥିଲେ । କଲେଜ ପଢ଼ା ଅନ୍ତେ ସେ କଲିକତା ଫେରିଯାଇ ଆଇନ୍ ପଢ଼ିଥିଲେ ଏବଂ ଆଇନ୍ ପାସ କରି ୧୮୮୫ ମସିହାରେ କଟକରେ ଓକିଲାତି ଆରମ୍ଭ କରିଥିଲେ । ସେ ଧାରାବାହିକ ଭାବରେ କଟକ ମ୍ୟୁନିସିପାଲିଟିର ଚେୟାରମ୍ୟାନ ଏବଂ ସରକାରୀ ଓକିଲ ରୂପେ କାର୍ଯ୍ୟ କରିଥିଲେ । ୧୯୧୨ ମସିହାରେ ଜାନକୀନାଥ ବଙ୍ଗ ବିଧାନ ପରିଷଦର ଜଣେ ସଦସ୍ୟ ରୂପେ ଯୋଗ ଦେଇଥିଲେ ଏବଂ ରାୟ ବାହାଦୁର ପଦବୀ ପ୍ରାପ୍ତ ହୋଇଥିଲେ । ଏହାର ପାଞ୍ଚବର୍ଷ ପରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହିତ ମନୋମାଳିନ୍ୟ ହେବାରୁ ସେ ସରକାରୀ ଓକିଲ କାମରୁ ଇସ୍ତଫା ଦେଇଥିଲେ ଏବଂ ଏହାର ତେର ବର୍ଷ ପରେ ୧୯୩୦ ମସିହାରେ ସରକାରଙ୍କର ଦମନମୂଳକ ନୀତି ବିରୁଦ୍ଧରେ ପ୍ରତିବାଦସ୍ୱରୂପ ସେ ତାଙ୍କର ରାୟବାହାଦୁର ପଦବୀ ଫେରାଇ ଦେଇଥିଲେ । ସେ କଟକରେ ଥିବା ବିଭିନ୍ନ ଶିକ୍ଷା ଓ ସାମାଜିକ ଅନୁଷ୍ଠାନଗୁଡ଼ିକରେ ଏକ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଲାଗିଲେ । ଅନେକ ଗରିବ ଛାତ୍ର ତାଙ୍କଠାରୁ ସାହାଯ୍ୟ ପାଇ ପାଠ ପଢ଼ୁଥିଲେ । ଭାରତୀୟ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନମାନଙ୍କରେ ଜାନକୀନାଥ ନିୟମିତ ଭାବରେ ଯୋଗ ଦେଉଥିଲେ କିନ୍ତୁ ସେ ରାଜନୀତିରେ କୌଣସି ସକ୍ରିୟ ଅଂଶଗ୍ରହଣ କରି ନ ଥିଲେ । ୧୯୨୧ ମସିହାରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସାରାଭାରତରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବା ପରେ, ଜାନକୀନାଥ ଖଦୀ ଓ ଜାତୀୟ ଶିକ୍ଷା ପରି କଂଗ୍ରେସର ରଚନାତ୍ମକ କାର୍ଯ୍ୟକଳାପ କ୍ଷେତ୍ରରେ ସଂପୃକ୍ତ ହୋଇ ରହିଥିଲେ । ସେ ଥିଲେ ଜଣେ ଅତ୍ୟନ୍ତ ଧର୍ମପରାୟଣ ବ୍ୟକ୍ତି ଏବଂ ଗରିବମାନଙ୍କ ପ୍ରତି ତାଙ୍କର ହୃଦୟରେ ସର୍ବଦା ଏକ ଦୟାଭାବ ରହିଥିଲା । ତାଙ୍କର ମୃତ୍ୟୁ ପୂର୍ବରୁ ସେ ତାଙ୍କର ପୁରାତନ ଭୃତ୍ୟ ଓ ପୋଷ୍ୟ ବର୍ଗଙ୍କ ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରି ଯାଇଥିଲେ ।

ଶିଶୁ ସୁଭାଷଚନ୍ଦ୍ରଙ୍କୁ କଟକ ଖୁବ୍ ଭଲ ଲାଗୁଥିଲା । ଏକ ଅବସ୍ଥାପନ୍ନ ମଧ୍ୟବିତ୍ତ ପରିବାରରେ ତାଙ୍କର ଲାଳନପାଳନ ହୋଇଥିବାରୁ ଶିଶୁ ସୁଭାଷ ଦାରିଦ୍ର୍ୟ ଓ ଅଭାବଅନାଟନ କଅଣ, ତାହା ଜାଣି ନ ଥିଲେ । ସ୍ୱାର୍ଥପରତା ଓ ଲୋଭ ପରି ଦୁର୍ଗୁଣଗୁଡ଼ିକ ପିଲାଦିନରୁ ହିଁ ତାଙ୍କୁ ସ୍ପର୍ଶ କରି ନଥିଲା । ବିଳାସ ଓ ଆଡ଼ମ୍ବରଠାରୁ ସେ ଦୂରରେ ଥିଲେ । ତାଙ୍କର

Digitized by srujanika@gmail.com

ପିତାମାତା ସେମାନଙ୍କର ଶିଶୁମାନଙ୍କୁ ସରଳ ଜୀବନର ଆଦର୍ଶ ଶିକ୍ଷା ଦେବାରେ ବିଶ୍ୱାସ କରୁଥିଲେ ।

ତାଙ୍କ ଉପରେ ଆଠ ଭଉଣୀ ଓ ଛଅ ଜଣ ଭାଇ, ପାଞ୍ଚ ସାନଭଉଣୀ ଥିବାରୁ ତାଙ୍କର ବାଲ୍ୟାବସ୍ଥାରେ ସୁଭାଷଙ୍କର ମାନସିକ ଅବସ୍ଥା ଉପରକୁ ଆଞ୍ଚ ଆସିଥିଲା । ଏପରି ଏକ ବିଶାଳ ପରିବାର ମଧ୍ୟରେ ସେ ନିଜକୁ ତୁଚ୍ଛ ବୋଲି ମନେ କରୁଥିଲେ ଏବଂ ପିତାମାତାଙ୍କୁ ସେ ଖୁବ୍ ଭୟ କରୁଥିଲେ । ପିତାଙ୍କର ଗମ୍ଭୀରତା ଯୋଗୁଁ ପରିବାରର ପିଲାମାନେ ଭୟରେ ତାଙ୍କ ପାଖ ପଶୁ ନ ଥିଲେ । ମାତାଙ୍କ ପାଖକୁ ଯିବା ଯଦିଓ ସହଜସାଧ୍ୟ ହୋଇ ରହିଥିଲା, ତଥାପି ଅଧିକାଂଶ ଶିଶୁ ମନେ ମନେ ମାତାଙ୍କୁ ମଧ୍ୟ ଭୟ କରୁଥିଲେ । ପ୍ରଭାବତୀ ଏକ ବାସ୍ତବ ସାଧାରଣ ଜୀବନ ବିତାଇ ଯାବତୀୟ ପାରିବାରିକ ଦାୟିତ୍ୱ ବୁଲାଉଥିଲେ, କାରଣ ଜାନକୀନାଥଙ୍କୁ ସର୍ବଦା ତାଙ୍କର ପେଶାଗତ କାର୍ଯ୍ୟରେ ବ୍ୟସ୍ତ ରହିବାକୁ ପଡୁଥିଲା ।

ପିତାମାତାଙ୍କର ସ୍ନେହ ଓ ଆଦର ପାଇବା ପାଇଁ ସୁଭାଷଙ୍କର ମନରେ ପ୍ରବଳ ଆକାଙ୍କ୍ଷା ଦେଖା ଦେଇଥିଲା । ତାଙ୍କ ଉପରେ ଅନେକ ଭାଇଭଉଣୀ ରହିଥିବାରୁ ସେ ପ୍ରଥମେ ପ୍ରଥମେ ନିଜକୁ ନଗଣ୍ୟ ମନେ କରୁଥିଲେ ସତ, କିନ୍ତୁ ଅନ୍ୟମାନଙ୍କ ପରି ସେ ଯେପରି ପିତାମାତାଙ୍କର ଦୃଷ୍ଟି ଆକର୍ଷଣ କରି ପାରିବେ ସେଥିପାଇଁ ସେ ନିଜକୁ ଯୋଗ୍ୟ କରିବା ଦିଗରେ ମନ ବଳାଇଥିଲେ । ଏହି ଅଭିଳାଷ ରହିଥିବା କାରଣରୁ ସେ ଅଧ୍ୟବସାୟ ଓ ସଦାଚରଣ ଉପରେ ବାଲ୍ୟକାଳରୁ ହିଁ ଗୁରୁତ୍ୱ ଦେଇଥିଲେ । ସେ ଥିଲେ ଲଜ୍ଜାଶୀଳ ଓ ଗମ୍ଭୀର ପ୍ରକୃତିର ଶିଶୁ । ତାଙ୍କର ପାରିବାରିକ ବାତାବରଣରେ ଯଦିଓ ସେ ପ୍ରଶାନ୍ତମନା ହୋଇ ପାରିଥିଲେ ତଥାପି ସେ ବଡ ହୋଇ ପରବର୍ତ୍ତୀ ଜୀବନରେ ଜନତାର ଜଣେ ସେବକ ହେବା ପରେ ମଧ୍ୟ ତାଙ୍କ ଲଜ୍ଜାଜନିତ ଗମ୍ଭୀରତା ଛାଡ଼ି ପାରି ନଥିଲେ ।

ପାଞ୍ଚବର୍ଷ ବୟସରେ ସୁଭାଷଙ୍କୁ କଟକର ଏକ ଇଂରାଜୀ ସ୍କୁଲରେ ଭର୍ତ୍ତି କରି ଯାଇଥିଲା । ସେଠାରେ ସେ ସାତବର୍ଷ କାଳ ପଢ଼ିଥିଲେ ଏବଂ ପଢ଼ାପଢ଼ିରେ ଖୁବ୍ ଦକ୍ଷତା ମଧ୍ୟ ଦେଖାଇଥିଲେ, କିନ୍ତୁ ଗୋଟିଏ କାରଣ ନେଇ ସେହି ସ୍କୁଲରେ ତାଙ୍କର ମନ ଲାଗୁ ନଥିଲା । ୟୁରୋପୀୟ ଢଙ୍ଗରେ ପରିଚାଳିତ ଏହି ସ୍କୁଲରେ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇ ରହିଥିବା କ୍ରୀଡ଼ା କସରତ ପ୍ରତି ତାଙ୍କ ମନରେ ଆଗ୍ରହ ନଥିବାରୁ, ତାଙ୍କୁ ସ୍କୁଲ ଆଦୌ ଭଲ ଲାଗିଲା ନାହିଁ । ଏହାଛଡ଼ା, ସୁଭାଷ ଦୁଇଟି ନିଆରା ଦୁନିଆ ପ୍ରତି ସଚେତନ ହୋଇ ଉଠିଥିଲେ । ଗୋଟିଏ ଥିଲା ତାଙ୍କର ପରିବାର ଓ ସମାଜକୁ ନେଇ ରହିଥିବା ଦୁନିଆ ଭାରତ, ଏବଂ ଅନ୍ୟଟି ଥିଲା ତାଙ୍କର ସ୍କୁଲ ବାତାବରଣ, ଯେଉଁଥିରେ ବିଲାତର ଜୀବନ ପ୍ରତିଫଳିତ ହେଉଥିଲା । ସ୍କୁଲରେ ପଢୁଥିବା ଖ୍ରୀଷ୍ଟିୟ ବାଳକମାନଙ୍କୁ

Digitized by srujanika@gmail.com

କୁହାଯାଉଥିଲା ଯେ ସେମାନେ ଭାରତୀୟ ହୋଇଥିବାରୁ କେତେକ ବୃତ୍ତି ପରୀକ୍ଷାରେ ବସି ପାରିବେ ନାହିଁ । ସେମାନଙ୍କ ବାର୍ଷିକ ପରୀକ୍ଷାରେ ଭାରତୀୟ ପିଲାମାନେ ଉଚ୍ଚ ସ୍ଥାନ ହାସଲ କରୁଥିଲେ ସୁଦ୍ଧା, ସେମାନଙ୍କୁ ବୃତ୍ତି ପରୀକ୍ଷାରୁ ବଞ୍ଚିତ ରଖା ଯାଉଥିଲା । ସେହିପରି ଆଙ୍ଗ୍ଲୋ-ଇଣ୍ଡିୟାନ ବାଳକମାନଙ୍କୁ ସ୍ୱେଚ୍ଛାସେବକ ବାହିନୀରେ ଯୋଗଦେବାକୁ ଅନୁମତି ଦିଆଯାଉଥିଲେ ସୁଦ୍ଧା, ଭାରତୀୟ ବାଳକମାନଙ୍କୁ ଦୂରରେ ରଖା ଯାଉଥିଲା । ଛୋଟ ଛୋଟ ଘଟଣା ସବୁ ସୁଭାଷଙ୍କ ମନରେ ଏକ ଧାରଣା ଆଣି ଦେଇଥିଲା ଯେ ଭାରତୀୟ ଏହିଭଳି ବାଳକମାନେ ଏକହିଁ ଶିକ୍ଷାନୁଷ୍ଠାନର ଛାତ୍ର ହୋଇଥିଲେ ସୁଦ୍ଧା ସେମାନଙ୍କ ପ୍ରତି ପାର୍ଥକ୍ୟର ଆଚରଣ କରାଯାଉଛି । ତାଙ୍କ ମନରେ ଏକ ଅସନ୍ତୋଷ ଭାବ ଦେଖା ଦେଇଥିଲା । ସେଠାରେ ପଢ଼ିବାକୁ ତାଙ୍କର ମନ ନ ଲାଗିବାରୁ ତାଙ୍କୁ ଏକ ଭାରତୀୟ ସ୍କୁଲକୁ ଉଠାଇ ନିଆଯାଇଥିଲା, ଯେଉଁଠାରେ ସେ ଭାରତୀୟ ଜୀବନ ଓ ସଂସ୍କୃତିର ସନ୍ଧାନ ପାଇଥିଲେ । ଏଠାରେ ପଢ଼ିବା ପରେ ତାଙ୍କର ଆତ୍ମସଂଶୟ ଭାବ ଦୂର ହୋଇ ଯାଇଥିଲା । ସ୍କୁଲର ପ୍ରଧାନ ଶିକ୍ଷକ ବେଣୀମାଧବ ଦାସ ତାଙ୍କର ଆଦର୍ଶବାଦ, ନୈତିକତା ଏବଂ ମାନବିକ ଗୁଣଗୁଡ଼ିକ ଯୋଗୁଁ ସୁଭାଷଙ୍କ ମନ ଉପରେ ଗଭୀର ରେଖାପାତ କରିଥିଲେ । ସୁଭାଷ ଏହିସବୁ ସଦ୍‌ଗୁଣ ତାଙ୍କର ଏହି ସ୍କୁଲ ଜୀବନରେ ହାସଲ କରିବାକୁ ସମର୍ଥ ହୋଇଥିଲେ । ପୂର୍ବରୁ କୁହାଯାଇଛି ଯେ ଖେଳାଖେଳି ପ୍ରତି ତାଙ୍କ ମନରେ କୌଣସି ଆଗ୍ରହ ନଥିଲା । ଭାରତୀୟ ସ୍କୁଲରେ ଖେଳାଖେଳି ପ୍ରତି ଆଗ୍ରହ ନ ଦେଖାଇଲେ କୌଣସି ଅସୁବିଧା ହେଉ ନ ଥିବାରୁ ଏହି ସ୍କୁଲରେ ପଢ଼ିବାକୁ ସୁଭାଷଙ୍କୁ ଖୁବ ଭଲ ଲାଗିଲା । ସେ ଖେଳାଖେଳିରେ ମନଦେବା ପରିବର୍ତ୍ତେ ପଢ଼ାପଢ଼ିରେ ଅଧିକ ମନ ଦେଉଥିଲେ । ଦିନକୁ ଦିନ ସେ ଏକ ଅକାଳପକ୍ୱ ବାଳକରେ ପରିଣତ ହେବାକୁ ଲାଗିଲେ । ତାଙ୍କର ସ୍ୱଭାବ ଅନ୍ତର୍ମନା ହୋଇ ଉଠିଥିଲା । ତାଙ୍କର ପ୍ରିୟ ପ୍ରଧାନ ବେଣୀ ମାଧବ ଦାସଙ୍କୁ ଯେତେବେଳେ ସେହି ସ୍କୁଲରୁ ହଠାତ୍ ବଦଳି କରି ଦିଆ ଯାଇଥିଲା, ସେତେବେଳେ ସୁଭାଷ ତାଙ୍କ ମନରେ ଏକ ତୀବ୍ର ବ୍ୟଥା ଅନୁଭବ କରିଥିଲେ । ଇତି ମଧ୍ୟରେ ତାଙ୍କ ଜୀବନର ଲକ୍ଷ୍ୟ ନେଇ ସୁଭାଷଙ୍କ ମନରେ ଏକ ଦାରୁଣ ଦ୍ୱନ୍ଦ୍ୱ ଦେଖା ଦେଇଥାଏ । ପିତାମାତାଙ୍କର ଅନୁ ବାଧ୍ୟ ସନ୍ତାନ ହୋଇ ରହିବା ମତଟି ତାଙ୍କର ବଦଳି ଯିବାକୁ ଲାଗିଲା । ବସ୍ତୁତଃ, ତାଙ୍କ ନିଜ ମାର୍ଗରେ ତାଙ୍କୁ ଗଢ଼ି କରିବାକୁ ହେଲେ ପିତାମାତାଙ୍କୁ ଅମାନ୍ୟ କରିବାକୁ ପଡ଼ିବ ବୋଲି ସେ ମନେ କଲେ । ପଢ଼ାପଢ଼ି ପ୍ରତି ତାଙ୍କର ଆଗ୍ରହ କମି ଯିବାରେ ଲାଗିଲା ଏବଂ ଏହା ପରିବର୍ତ୍ତେ ଦୀର୍ଘ ରାସ୍ତା ବୁଲିବା ଓ ସମଭାବାପନ୍ନ ବାଳକମାନଙ୍କ ସହିତ ଘଣ୍ଟା ଘଣ୍ଟା ଧରି ଆଲୋଚନା କରିବା ତାଙ୍କ ଜୀବନର ମୁଖ୍ୟ କାର୍ଯ୍ୟ ରୂପେ ଦେଖାଦେଲା ।

ତାଙ୍କ ଜୀବନର ଠିକ୍ ଏହି ଅବସ୍ଥାରେ ବିବେକାନନ୍ଦଙ୍କ ଭାଷଣ ଓ ଲେଖାମାନ ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ସେ ବିବେକାନନ୍ଦଙ୍କର ଭାଷଣ ଓ ଲେଖା-

Digitized by srujanika@gmail.com

ଗୁଡ଼ିକ ଦ୍ୱାରା ଏତେଦୂର ପ୍ରଭାବିତ ହୋଇ ପଡ଼ିଥିଲେ ଯେ ୧୫ ବର୍ଷ ବୟସରେ ପଦାର୍ପଣ କରିବା ସମୟରେହିଁ ସୁଭାଷଚନ୍ଦ୍ର ବିବେକାନନ୍ଦଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ଏବଂ ତାଙ୍କର ହୃଦୟରେ ଏକ ଆଧ୍ୟାତ୍ମିକ ବିପ୍ଳବ ସୃଷ୍ଟି ହୋଇ ତାଙ୍କର ଦୃଷ୍ଟିଭଙ୍ଗୀକୁ ସମ୍ପୂର୍ଣ୍ଣ ଓଲଟପାଲଟ କରି ଦେଇଥିଲା । ବିବେକାନନ୍ଦଙ୍କୁ ମୂଳ କରି ତାଙ୍କର ଗୁରୁ ରାମକୃଷ୍ଣ ପରମହଂସଙ୍କ ପ୍ରତି ସୁଭାଷ ଆକୃଷ୍ଟ ହୋଇଥିଲେ ଏବଂ ପରମହଂସଙ୍କ ଶିଷ୍ୟମାନଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଓ ଦୈନିକ ଟିପା ବିବରଣୀଗୁଡ଼ିକ ପଢ଼ି ତାଙ୍କର ଶିକ୍ଷାବଳୀକୁ ଗ୍ରହଣ କରିଥିଲେ ।

ନିଜ ଦେଶର ସେବା ସହିତ ସମଗ୍ର ମାନବ ଜାତିର ସେବା ଜୀବନର ମହତ୍ତମ ଆଦର୍ଶ ହେବା ଉଚିତ ବୋଲି ସୁଭାଷ ବିବେକାନନ୍ଦଙ୍କର ଶିକ୍ଷାବଳୀକୁ ଗ୍ରହଣ କରିଥିଲେ । ଆଧ୍ୟାତ୍ମିକ ଜୀବନରେ ପ୍ରବେଶ କରିବାକୁ ହେଲେ କାମିନୀ-କାଞ୍ଚନ ତ୍ୟାଗ କରିବା ଜଣ-କର ଯୋଗ୍ୟତାର ପରୀକ୍ଷା ବୋଲି ରାମକୃଷ୍ଣ ପରମହଂସ ଦେଇଥିବା ଶିକ୍ଷାକୁ ସେ ଗ୍ରହଣ କରିଥିଲେ ।

ଏହିପରିଭାବେ ସୁଭାଷଙ୍କ ହୃଦୟର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ସମାପ୍ତ ହୋଇ ଯାଇଥିଲା । ବର୍ତ୍ତମାନ ସେ ତାଙ୍କ ଆଖି ଆଗରେ ଏକ ନୂତନ ଆଦର୍ଶ ଦେଖିବାକୁ ପାଇଲେ ଯାହାକି ତାଙ୍କର ନିଜର ମୁକ୍ତି ହାସଲ ପାଇଁ ଏବଂ ସକଳ ସାଂସାରିକ କାମନା ପରିହାର କରି ତଥା ସମସ୍ତ ଅଯଥା ସଂଯମରୁ ନିବୃତ୍ତି ଲାଭ କରି ମାନବଜାତିର ସେବା କରିବା ପାଇଁ ତାଙ୍କର ଆତ୍ମାକୁ ଜାଗ୍ରତ କରି ଦେଇଥିଲା । ତାଙ୍କର ପିତା ମାତା ତାଙ୍କୁ ଆୟତ୍ତ କରି ରଖିବାକୁ ଯେତେବେଳେ ଉଦ୍ୟମ କଲେ, ସୁଭାଷ ସେତେବେଳେ ବେଶି ବିଦ୍ରୋହୀ ହୋଇ ଉଠିଥିଲେ ।

ସୁଭାଷ ତାଙ୍କର ବନ୍ଧୁମାନଙ୍କ ସହିତ ଯୋଗାଭ୍ୟାସ କରିବାକୁ ଆରମ୍ଭ କରିଥିଲେ ଏବଂ କଟକ ଆସୁଥିବା ସାଧୁସନ୍ଥମାନଙ୍କ ସହିତ ମିଶାମିଶି କରିବା ଓ ଆଧ୍ୟାତ୍ମିକ ବିଷୟଗୁଡ଼ିକ ଉପରେ ଆଲୋଚନା କରିବାକୁ ଆରମ୍ଭ କଲେ ।

୧୬ ବର୍ଷ ବୟସର କିଶୋର ସୁଭାଷ ଅନଉପଚାରିକ ଆକାରରେ ଗ୍ରାମ ପୁନର୍ଗଠନ କାର୍ଯ୍ୟର ପ୍ରଥମ ଅନୁଭୂତି ହାସଲ କରିଥିଲେ । କିନ୍ତୁ ସ୍କୁଲରେ ସେ ରାଜନୀତିକ ପରିପକ୍ୱ ଅବସ୍ଥା ହାସଲ କରିପାରି ନ ଥିଲେ । ଏହାର ଗୋଟିଏ କାରଣ ହେଉଛି ସେଠାରେ ଶିକ୍ଷାର ଉଦ୍ଦେଶ୍ୟ ଥିଲା ଏକ ନିଆରା ଧରଣର ଏବଂ ଆଉ ଗୋଟିଏ କାରଣ ହେଉଛି ଯେ ସେତେବେଳେ ଓଡ଼ିଶାରେ ରାଜନୀତିକ ଜାଗରଣ ଘଟି ନ ଥିଲା । ସମୟେ ସମୟେ ସୁଭାଷ ତାଙ୍କର ବଡ଼ ଭାଇମାନଙ୍କ ନିକଟରୁ ଭାରତୀୟ ଜାତୀୟ କଂଗ୍ରେସ ସମ୍ବନ୍ଧରେ ଶୁଣିବାକୁ ପାଉଥିଲେ କିନ୍ତୁ ଏସବୁ ବିଷୟ ତାଙ୍କ ମନରେ କୌଣସି ରେଖାପାତ କରି

Digitized by srujanika@gmail.com

ପାର ନ ଥିଲା । ତାଙ୍କ ପରିବାରରେ ରାଜନୀତି ନିଷିଦ୍ଧ ହୋଇ ରହିଥିଲା । ତେଣୁ ସେ କୌଣସି ରାଜନୈତିକ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇ ନ ଥିଲେ । ସେ ଓ ତାଙ୍କର ଭାଇମାନେ ବିପ୍ଳବୀମାନଙ୍କର ଛବିସବୁ ପତ୍ରପତ୍ରିକାମାନଙ୍କରୁ କାଟି ସେମାନଙ୍କ ପଢ଼ା ଘରେ ଟାଙ୍ଗିବାରେହିଁ ସନ୍ତୋଷ ଲାଭ କରୁଥିଲେ ।

୧୫ ବର୍ଷ ବୟସରେ ସୁଭାଷ ତାଙ୍କର ପ୍ରଥମ ରାଜନୈତିକ ପ୍ରେରଣା ପାଇଥିଲେ । ରାଜନୈତିକ ଜୀବନ ବିତାଇବା ପାଇଁ ତାଙ୍କ ମନରେ ଏକ ବ୍ୟାକୁଳତା ଦେଖା ଦେଇଥିବା ସମୟରେ ହିଁ କଲିକତାକୁ ଆସିଥିବା ଜଣେ ସ୍କୁଲ ପରିଦର୍ଶକଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ଆଧ୍ୟାତ୍ମିକ ଉନ୍ନତି ଏବଂ ରଚନାତ୍ମକ ପନ୍ଥାରେ ଜାତୀୟ ସେବା କରିବାର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଦଳେ ଯୁବକ କଲିକତାରେ କାର୍ଯ୍ୟ କରୁଥିବା ବିଷୟ ସେ ସେହି ସ୍କୁଲଙ୍କ ନିକଟରୁ ଶୁଣିବାକୁ ପାଇଥିଲେ । ସ୍କୁଲ-ପରିଦର୍ଶକ ଜଣକ ସୁଭାଷ ଓ ତାଙ୍କର ବନ୍ଧୁମାନଙ୍କ ନିକଟରେ ଦେଶପ୍ରତି ସେମାନଙ୍କର କର୍ତ୍ତବ୍ୟ ଏବଂ କଲିକତାରେ କାର୍ଯ୍ୟ କରୁଥିବା ଦଳର ଲକ୍ଷ୍ୟ ଓ ଆଦର୍ଶ ବିଷୟ ବୁଝାଇ ଦେଇଥିଲେ । ଏହା ଶୁଣି ସୁଭାଷ ଏହି ଦଳ ପ୍ରତି ବିଶେଷ ଆକୃଷ୍ଟ ହୋଇଥିଲେ ଏବଂ ସେହି ସମୟଠାରୁ ଏହି ଦଳ ସହିତ ନିୟମିତ ଯୋଗାଯୋଗ ପ୍ରତିଷ୍ଠା କରିଥିଲେ । ତାଙ୍କର ସ୍କୁଲ ପଢ଼ା ସମାପ୍ତ ହୋଇ ଆସିବା ବେଳକୁ ସୁଭାଷଙ୍କଠାରେ ଧାର୍ମିକ ପ୍ରବୃତ୍ତି ତୀବ୍ର ଭାବରେ ଦେଖା ଦେଇଥିଲା ଏବଂ ସେ କ୍ରମେ କ୍ରମେ ତାଙ୍କର ପଢ଼ା ପ୍ରତି ଆଉ ଗୁରୁତ୍ୱ ଦେଇ ନ ଥିଲେ ।

ତ୍ରଣତ୍ରମନା ହୋଇ ଗଢ଼ି ଉଠିବାରେ ତାଙ୍କ ପରିବାରର ବାତାବରଣ ସୁଭାଷଙ୍କ ପକ୍ଷେ ବେଶ ଅନୁକୂଳ ହୋଇ ଉଠିଥିଲା । ପ୍ରଥମେ ଏକ ଇଂରାଜୀ ସ୍କୁଲକୁ ଯାଇ ତା'ପରେ ଏକ ଭାରତୀୟ ସ୍କୁଲକୁ ଫେରି ଆସିବା ଏବଂ ସ୍କୁଲରେ ପଢ଼ୁଥିବା ସମୟରେ ଅନ୍ତଃପ୍ରାଦେଶିକ ଯୋଗାଯୋଗ ଓ ବନ୍ଧୁତା ପ୍ରଭୃତି ବିଷୟ ଗୁଡ଼ିକର ସମ୍ମିଶ୍ରଣରେ ତାଙ୍କର ଦୃଷ୍ଟି ସୀମା ପ୍ରସାରିତ ହୋଇଥିଲା । ସୁଭାଷଙ୍କର ବାଲ୍ୟାବସ୍ଥାରେ ମୁସଲମାନ-ମାନଙ୍କ ସହିତ ତାଙ୍କର ଯେଉଁ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା, ତାହାହିଁ ଭବିଷ୍ୟତରେ ମୁସଲମାନମାନଙ୍କ ପ୍ରତି ତାଙ୍କର ସାଧାରଣ ମତିଗତିକୁ ପ୍ରଭାବିତ କରିଥିଲା । ତାଙ୍କର କଟକ ନିବାସ ଏକ ମୁସଲମାନ ସଂଖ୍ୟାବହୁଳ ଅଞ୍ଚଳରେ ରହିଥିଲା ଏବଂ ସେ ସେମାନଙ୍କ ପର୍ବ ଓ ଉତ୍ସବମାନଙ୍କରେ ଅଂଶ ଗ୍ରହଣ କରୁଥିଲେ । ସୁଭାଷଙ୍କର ପିତା ଜପର ମୁସଲମାନମାନଙ୍କର ହିତୈଷୀ ରୂପେ ସେମାନଙ୍କ କଲ୍ୟାଣ ଦିଗରେ ନାନା କାର୍ଯ୍ୟ କରୁଥିଲେ ସୁଭାଷ ତାହା ଲକ୍ଷ୍ୟ କରି ଦେଖି ଆସିଥିଲେ । ଏହାଛଡ଼ା ସେ ମୁସଲିମ ଶିକ୍ଷକମାନଙ୍କ ନିକଟରେ ପାଠ ପଢ଼ିଥିଲେ ଏବଂ ତାଙ୍କର ଅଧିକାଂଶ ସହପାଠୀ ଥିଲେ ମୁସଲିମ ବାଳକମାନେ । ତାଙ୍କର ନିଜ ଘରେ ମଧ୍ୟ ବିଶ୍ୱସ୍ତ ମୁସଲମାନ ଭୃତ୍ୟମାନେ କାର୍ଯ୍ୟ କରୁଥିଲେ । ଏହିପରି ଭାବରେ ବାଲ୍ୟକାଳରେ ସେ ମୁସଲମାନମାନଙ୍କର ଘନିଷ୍ଠ ସଂସ୍ପର୍ଶରେ ଆସିଥିଲେ ।

Digitized by srujanika@gmail.com

ସୁଭାଷ ଯେତେବେଳେ ଧର୍ମ ଏବଂ ଯୋଗ ପ୍ରତି ଗଭୀର ଭାବରେ ଆକୃଷ୍ଟ ହୁଅନ୍ତି ଏବଂ ସମ୍ପୂର୍ଣ୍ଣ ସ୍ୱାଧୀନ ଚିନ୍ତାଧାରା ଏବଂ ସ୍ୱାଧୀନଭାବରେ କାର୍ଯ୍ୟ କରିବା ଉପରେ ଜୋର ଦିଅନ୍ତି, ସେତେବେଳେ ତାଙ୍କୁ ବାରମ୍ବାର ପିତାମାତାଙ୍କର ଉପଦେଶ ବିରୁଦ୍ଧରେ ଯିବାକୁ ପଡ଼ୁଥିଲା । ପିତାମାତାଙ୍କୁ ଅମାନ୍ୟ କରିବା ପାଇଁ ତାଙ୍କର ତିଳେମାତ୍ର କୁଣ୍ଠା ନ ଥିଲା, କାରଣ ସେତେବେଳକୁ ସେ ବିବେକାନନ୍ଦଙ୍କର ଶିକ୍ଷାରୁ ପ୍ରେରଣା ପାଇଁ ଏହା ଦୃଢ଼ ଭାବରେ ହୃଦୟଙ୍ଗମ କରି ସାରିଥିଲେ ଯେ, ଆତ୍ମସିଦ୍ଧି ପାଇଁ ବିପ୍ଳବର ଆବଶ୍ୟକତା ରହିଛି । ତାଙ୍କର ଶିକ୍ଷକ ତଥା ପିତାମାତାଙ୍କ ଆଗରେ ସେ ନିଶ୍ଚୟ ଜଣେ ଅବାଧ୍ୟ, ଖାମଖିଆଲି ଓ ଜିଦଖୋର ବାଳକ ପରି ପ୍ରତୀୟମାନ ହୋଇଥିବେ । ସେମାନେ ଦେଖିବାକୁ ପାଉଥିଲେ ଯେ ସୁଭାଷ ତାଙ୍କର ପଢ଼ାପଢ଼ି ଛାଡ଼ି ଯାଉଁଣ ବୋଲା ଜଟାଧାରୀ ସାଧୁମାନଙ୍କ ପଛରେ ଧାଇଁଛନ୍ତି । ଅନ୍ୟ କାହାରି ପ୍ରତି ସୁଭାଷଙ୍କର ତିଳେମାତ୍ର ଭ୍ରୂକ୍ଷେପ ନଥିଲା । ସେ କେବଳ ତାଙ୍କର ଅନ୍ତରର ସ୍ୱପ୍ନଗୁଡ଼ିକରେ ମଗ୍ନ ରହୁଥିଲେ । ସେ ଯେତିକି ଅଧିକ ବାଧା ପାଇଲେ, ତାଙ୍କର ଜିଦ୍‌ଖୋରପଣିଆ ସେତିକି ବଢ଼ି ଯିବାରେ ଲାଗିଲା । ସୁଭାଷଙ୍କର ଏତାଦୃଶ ଆଚରଣ ଦେଖି ତାଙ୍କର ପିତାମାତା ଭାବିଲେ ଯେ ସ୍ଥାନ ଓ ବାତାବରଣରେ ଏକ ପରିବର୍ତ୍ତନ ଘଟିଲେ ସୁଭାଷଙ୍କର ମତିଗତି ହୁଏତ ବଦଳି ଯାଇପାରେ । କଲିକତାର ବାତାବରଣ ତାଙ୍କର ଖାମଖିଆଲି ଢଙ୍ଗକୁ ବଦଳାଇ ଦେଇ ଏକ ସ୍ୱାଭାବିକ ଜୀବନ ଯାପନ ଦିଗରେ ସୁଭାଷଙ୍କୁ ସାହାଯ୍ୟ କରିପାରେ ବୋଲି ସେମାନେ ଉପଲବ୍‌ଧି କରିଥିଲେ ।

ସୁଭାଷ ଯେତେବେଳେ ୧୫ ବର୍ଷ ବୟସ ଅତିକ୍ରମ କରିଥାନ୍ତି, ସେତେବେଳେ ସେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ବସନ୍ତି । ଏହା ଥିଲା ୧୯୧୩ ମସିହାରେ କଥା । ସୁଭାଷ ପଢ଼ାପଢ଼ି ପ୍ରତି ବିଶେଷ ମନ ନ ଦେଇ ମଧ୍ୟ ସମୁଦାୟ ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପାରିଥିଲେ । ଏଥିରେ ତାଙ୍କ ପିତା-ମାତା ଅତିଶୟ ଆନନ୍ଦିତ ହୋଇଥିଲେ । ଏହାପରେ ସୁଭାଷଙ୍କୁ କଲିକତା ପଠାଇ ଦିଆଯାଇଥିଲା ।

ସ୍କୁଲ ଛାଡ଼ିବା ବେଳକୁ ସୁଭାଷ ନିଜର କେତେକ ସିଦ୍ଧାନ୍ତରେ ଉପନୀତ ହୋଇ ସାରିଥିଲେ । ଗତାନୁଗତ ପନ୍ଥାରେ ଗତି ନ କରି, ସେ ଏପରି ଏକ ପନ୍ଥାର ଆଶ୍ରୟ ନେବାକୁ ଚାହୁଁଥିଲେ, ଯାହାକି ତାହାଙ୍କର ଆଧ୍ୟାତ୍ମିକ କଲ୍ୟାଣ ଏବଂ ମାନବ ଜାତିର ଉନ୍ନତି ସାଧନ ଦିଗରେ ତାଙ୍କୁ ଆଗେଇ ନେଇପାରେ । କଲେଜ ପଢ଼ା ଜୀବନର ଦ୍ୱାର ଦେଶରେ ପହଞ୍ଚି ତାଙ୍କ ମନରେ ଏହି ଦୃଢ଼ ବିଶ୍ୱାସ ଜନ୍ମିଥିଲା ଯେ ଜୀବନର ଏକ ଅର୍ଥ ଓ ଉଦ୍ଦେଶ୍ୟ ରହିଛି । ଏବଂ ସେହି ଉଦ୍ଦେଶ୍ୟ ସାଧନ କରିବାକୁ ହେଲେ ଶରୀର ଓ ମନର ଏକ ନିୟମିତ ପ୍ରଶିକ୍ଷଣ ଆବଶ୍ୟକ । ସେ ଏହି ଯେଉଁ ଆତ୍ମ-ଅନୁଶାସନ ପାଳନ କରିଥିଲେ, ତାହା ତାଙ୍କର ପରବର୍ତ୍ତୀ ଜୀବନର ଦୁଃଖକଷ୍ଟର ସମ୍ମୁଖୀନ ହେବା ଦିଗରେ ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଥିଲା ।

Digitized by srujanika@gmail.com

କଟକରେ ରହୁଥିବା ସମୟରେ ସୁଭାଷ କେଇଜଣ ଖାମଖିଆଲ ପିଲାଙ୍କୁ ନେଇ ଏକ ଦଳ ଗଢ଼ିଥିଲେ କିନ୍ତୁ କଲିକତାରେ ପହଞ୍ଚି ସେ ଦେଖିଲେ ଯେ ସେଠାରେ ଏପରି ପିଲାଙ୍କର ଅଭାବ ନାହିଁ । ସୁତରାଂ ସେ ଖୁବ୍ ଶୀଘ୍ର ସେଠାରେ ଜଣାଶୁଣା ହୋଇଗଲେ । ଏହା ଦେଖି ତାଙ୍କ ପିତାମାତାଙ୍କ ମନରେ ନିରାଶାର ସୀମା ରହିଲା ନାହିଁ । ଏପରି କି ପ୍ରେସିଡ଼େନସୀ କଲେଜରେ ସେ ତାଙ୍କର ପ୍ରଥମ ପାଠ୍ୟକ୍ରମରେ ପ୍ରବେଶ କରିବା ଆଗରୁ ମଧ୍ୟ ଗ୍ରୀଷ୍ମ ଛୁଟୀରେ କଲିକତାରେ ରହି ସେହି ଦଳ ସହିତ ଯୋଗାଯୋଗ ପ୍ରତିଷ୍ଠା କରିଥିଲେ, ଯାହାର ଗୁପ୍ତଚରଙ୍କ ସହିତ ବର୍ଷକ ପୂର୍ବେ କଟକ ଠାରେ ତାଙ୍କର ଦେଖା ହୋଇଥିଲା । କଲେଜରେ ସେ ତାଙ୍କର ସହପାଠୀମାନଙ୍କ ମଧ୍ୟରେ ଥିବା ତାଙ୍କର ସ୍ୱଭାବର ଯୁବକମାନଙ୍କୁ ଧରିଶିକି ନେଇଥିଲେ । ଏହି ପ୍ରକାରେ କ୍ଲାସର କେଇଜଣ ଛାତ୍ରଙ୍କୁ ନେଇ ତାଙ୍କର ଗୋଟିଏ ଦଳ ଗଢ଼ି ଉଠିଥିଲା ଏବଂ ଏହି ଦଳ ନାହାରକୁ ଧର୍ମପନ୍ଥୀ ହୋଇ ଦେଖା ଯାଉଥିବାରୁ କେତେକ ପରିମାଣରେ ଅନ୍ୟ-ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା କିନ୍ତୁ ସେମାନେ ଏଥିପ୍ରତି ଭ୍ରୂକ୍ଷେପ କରୁନଥିଲେ ।

କଲେଜଟି ଏକ ସରକାରୀ ଶିକ୍ଷାନୁଷ୍ଠାନ ହୋଇଥିବା ଦୃଷ୍ଟିରୁ ଏଠାରେ ପଢ଼ୁଥିବା ଛାତ୍ରମାନେ ରାଜଭକ୍ତ ହେବାର କଥା କିନ୍ତୁ ଏଠାରେ ଏକ ଦଳର ଆବିର୍ଭାବ ହୋଇଥିବାରୁ ତାହା ବ୍ରିଟିଶ ଶାସକଙ୍କର ଗୋଇନ୍ଦା ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲା । କଲେଜର ପ୍ରଧାନ ଛାତ୍ରାବାସଟି ରାଜଦ୍ରୋହୀ ଓ ବିପ୍ଳବୀମାନଙ୍କର ଏକ ଅଡ୍ଡା ବୋଲି ବିଶ୍ୱାସ କରି ପୋଲିସ ବିଭାଗର ଅଧିକାରୀମାନେ ଏହି ଛାତ୍ରାବାସ ଉପରେ କଡ଼ା ନଜର ରଖିଥିଲେ । ଏହି ଦଳ ନିଜକୁ ବିବେକା-ନନ୍ଦପନ୍ଥୀ ଆଖ୍ୟା ଦେଇଥିଲେ । ସୁଭାଷ ଓ ତାଙ୍କର ସଙ୍ଗୀମାନେ ଧର୍ମ ଓ ଜାତୀୟତାବାଦ ମଧ୍ୟରେ ଏକ ସଂଶ୍ଳେଷଣ ଆଣିବାକୁ ଲକ୍ଷ୍ୟ ରଖିଥିଲେ । କଲିକତାର ତତ୍କାଳୀନ ରାଜନୀତିକ ବାତାବରଣରେ ଜାତୀୟତାବାଦ ଉପରେ ଜୋର ଦିଆଯିବା ଅନିବାର୍ଯ୍ୟ ହୋଇ ରହିଥିଲା । ପ୍ରଧାନତଃ ଶିକ୍ଷା କ୍ଷେତ୍ରରେ ଜାତୀୟ ପୁନର୍ଗଠନ କରିବାରେ ସମାଜ ସେବା କାର୍ଯ୍ୟ ଉପରେ ବିବେକାନନ୍ଦ ଜୋର ଦେଇ ଯାଇଥିଲେ । ସୁଭାଷଙ୍କ ଦଳରେ ନୂଆ ନୂଆ ସଦସ୍ୟ ନିଆଯିବା କ୍ଷେତ୍ରରେ ମେଧାବୀ ଓ ବିଚକ୍ଷଣ ଛାତ୍ରମାନଙ୍କୁ ବିଶେଷ ଭାବରେ ଲୋଡ଼ା ଯାଉଥିଲା, କାରଣ ଦଳ ନିଜେ ଯେଉଁ ଶିକ୍ଷା ଯୋଜନା ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଥିଲା, ସେଥିପାଇଁ ଏପରି ମେଧାବୀ ଛାତ୍ରଙ୍କର ଆବଶ୍ୟକତା ରହିଥିଲା ଯେଉଁମାନେ କି ଭାଲିମପ୍ରାପ୍ତ ଅଧ୍ୟାପକ ହୋଇ ପାରିବେ । ଏହି ଦଳର ଛାତ୍ରମାନେ ସ୍ୱାମୀମାନଙ୍କ ଓ ଛୁଟୀ-ଦିନମାନଙ୍କରେ ଘରେ ରହୁ ନଥିଲେ । ସେମାନେ ଆଧ୍ୟାତ୍ମିକ ମାର୍ଗ ପ୍ରଦର୍ଶନ କରିବା ଓ ପ୍ରେରଣା ଦେଇ ପାରିବା ବ୍ୟକ୍ତିମାନଙ୍କର ଅନୁସନ୍ଧାନରେ ବୁଲୁଥିଲେ ।

ରାଜନୀତିକ ଦୃଷ୍ଟିରୁ ଏହି ଦଳ ସନ୍ତ୍ରାସମୂଳକ କାର୍ଯ୍ୟକଳାପ ଓ ଗୁପ୍ତ ଷଡ଼ଯନ୍ତ୍ରର ପରିପନ୍ଥୀ ଥିଲା । ତେଣୁ ସେତେବେଳେ ବଙ୍ଗରେ ରହୁଥିବା ସନ୍ତ୍ରାସବାଦୀ ବିପ୍ଳବୀ

Digitized by srujanika@gmail.com

ଆନ୍ଦୋଳନର ବାତାବରଣରେ ଧ୍ୱଂସାତ୍ମକ କାର୍ଯ୍ୟ କଳାପରେ ଲିପ୍ତ ରହିଥିବା ଛାତ୍ରମାନଙ୍କ ନିକଟରେ ଏହି ଦଳ ବିଶେଷ ଜନପ୍ରିୟ ହୋଇ ପାରି ନଥିଲା । କିନ୍ତୁ ଏହି ଦଳର ଛାତ୍ରମାନେ ଅତ୍ୟନ୍ତ କ୍ରିୟାଶୀଳ ହୋଇ ରହିଥିବାରୁ ଗୋଇନ୍ଦା ପୋଲିସର ଦୃଷ୍ଟିକୁ ଏଡ଼ି ପାରି ନଥିଲେ ।

ସୁଭାଷ ଗ୍ରାଜୁଏଟ୍ ହୋଇ ବାହାରିବା ପୂର୍ବ ସମୟର କଥା । ସେତେବେଳେ ଅରବିନ୍ଦ ଘୋଷ ବଙ୍ଗ ଦେଶର ଅତି ଜନପ୍ରିୟ ନେତାରୂପେ ପରିଗଣିତ ହୋଇଥିଲେ । ୧୯୧୦ ମସିହା ଠାରୁ ଫରାସୀ ଉପନିବେଶ ପଣ୍ଡିଚେରୀରେ ତାଙ୍କର ସ୍ୱେଚ୍ଛାକୃତ ନିର୍ବାସନ ସତ୍ତ୍ୱେ ସେ ବଙ୍ଗଳାରେ ଜନସାଧାରଣଙ୍କର ପ୍ରିୟ ନେତାରୂପେ ରହିଥିଲେ । ପଣ୍ଡିଚେରୀରୁ ପ୍ରକାଶିତ ହେଉଥିବା ଶ୍ରୀ ଅରବିନ୍ଦଙ୍କର ମାସିକପତ୍ରିକା 'ଆର୍ଯ୍ୟ' ସୁଭାଷଙ୍କମନକୁ ଆକର୍ଷଣ କରିଥିଲା । ନିୟମିତ ଭାବରେ ଏହି ପତ୍ରିକା ପାଠ କରିବା ଫଳରେ ସୁଭାଷ ସନ୍ଧାନ ନିହିତ ରହିଥିବା ଗଭୀର ଦର୍ଶନ ଅର୍ଥାତ୍ କିପରି ଯୋଗର ଏକ ଉପଯୁକ୍ତ ପ୍ରୟୋଗ ଦ୍ୱାରା ଜଣେ ସୋପାନକ୍ରମେ ଉଚ୍ଚତମ ସତ୍ତାରେ ଯାଇ ପହଞ୍ଚି ପାରିବେ, ତାହା ଜାଣିବାକୁ ପାଇଥିଲେ । ବଙ୍ଗର ଜଣେ ବୀର ତଥା ଭାରତୀୟ ଜାତୀୟ କଂଗ୍ରେସର ଅନ୍ୟତମ ନିର୍ମାତା ରୂପେ ରହିଥିବା ସୁରେନ୍ଦ୍ରନାଥ ବାନାର୍ଜି ତାଙ୍କର ବକ୍ତୃତା ସତ୍ତ୍ୱେ ସୁଭାଷଙ୍କ ମନକୁ ଆକର୍ଷଣ କରି ପାରି ନଥିଲେ କାରଣ ତାଙ୍କଠାରେ ସେହି ଆବେଗର ଅଭାବ ରହିଥିଲା ଯାହାକି ସୁଭାଷ ଶ୍ରୀ ଅରବିନ୍ଦଙ୍କର ସରଳ ବାକ୍ୟଗୁଡ଼ିକରେ ଦେଖିବାକୁ ପାଇଥିଲେ ।

"ମୁଁ ତୁମ୍ଭମାନଙ୍କ ମଧ୍ୟରୁ କେତେକଙ୍କୁ ମହାନ ହୋଇ ଗଢ଼ି ଉଠିବାର ଏବଂ ତୁମ ନିଜ ପାଇଁ ନୁହେଁ ବରଂ ଭାରତକୁ ମହାନ କରି ଗଢ଼ି ତୋଳିବା ପାଇଁ ନିଜେ ମହାନ୍ ହୋଇ ବାହାରିବାର ଦେଖିବାକୁ ଚାହେଁ, ଯେପରିକି ପୃଥିବୀର ମୁକ୍ତ ଦେଶମାନଙ୍କ ମଧ୍ୟରେ ଭାରତ ଉନ୍ନତ ମସ୍ତକ ସହ ଠିଆ ହୋଇପାରେ । ତୁମ୍ଭମାନଙ୍କ ମଧ୍ୟରେ ଯେଉଁମାନେ ଗରିବ ଏବଂ ତମସାଚ୍ଛନ୍ନ ଅବସ୍ଥାରେ ଅଛନ୍ତି—ସେମାନଙ୍କର ଦାରିଦ୍ର୍ୟ ଓ ତମସାଚ୍ଛନ୍ନ ଅବସ୍ଥା ମାତୃଭୂମିର ସେବାରେ ଉତ୍ସର୍ଗୀକୃତ ହେଉ ବୋଲି ମୁଁ ଦେଖିବାକୁ ଚାହେଁ । ମାତୃଭୂମିକୁ ସମୃଦ୍ଧ କରିବା ପାଇଁ କାମ କର, ତାହାକୁ ଆହ୍ଲାଦିତ କରିବା ପାଇଁ ଦୁଃଖ ବରଣ କର ।" ଶ୍ରୀ ଅରବିନ୍ଦଙ୍କର ଏହି କେଇଟି ପ୍ରେରଣାଦାୟକ ବାଣୀ ତାଙ୍କର ସବା ବଡ଼ ଭାଇଙ୍କର ଅତି ଆଦରର ବିଷୟ ହୋଇ ରହିଥିବାର ଏବଂ ସେ ସର୍ବଦା ଏହାକୁ ଆବୃତ୍ତି କରୁଥିବାର ସୁଭାଷ ଦେଖିବାକୁ ପାଇଥିଲେ । ସେ ନିଜେ ମଧ୍ୟ ଶ୍ରୀ ଅରବିନ୍ଦଙ୍କର ଏହି କେଇ ପଦ ଉପଦେଶମୂଳକ ବାକ୍ୟ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇ ପଡ଼ିଥିଲେ ।

Digitized by srujanika@gmail.com

ସୁଭାଷ ଏ ପର୍ଯ୍ୟନ୍ତ ରାଜନୀତିରେ ଭାଗ ନେଇ ନଥାନ୍ତି । ସେ କେବଳ ଧାର୍ମିକ ଗୁରୁମାନଙ୍କ ସହିତ ସାକ୍ଷାତ କରିବା ଏବଂ ସମାଜସେବା ପାଇଁ ଯୋଗ୍ୟତା ଅର୍ଜନ କରିବା ଉପରେ ତାଙ୍କର ଧ୍ୟାନ ଦେଉଥିଲେ । ସମାଜସେବା କ୍ଷେତ୍ରରେ ସୁଭାଷ ଗରିବମାନଙ୍କୁ ସାହାଯ୍ୟ ଦେଉଥିବା ଏକ ସମିତିକୁ ସାହାଯ୍ୟ କରିବାକୁ ଆରମ୍ଭ କରି ଦେଇଥିଲେ । ସେ ତାଙ୍କର ସଙ୍ଗୀମାନଙ୍କ ସହ ପ୍ରତି ରବିବାର ଦିନ ଦ୍ୱାର ଦ୍ୱାର ବୁଲି ଟଙ୍କା ପଇସା ଓ ଖାଦ୍ୟ ସାମଗ୍ରୀ ଭିକ୍ଷା କରୁଥିଲେ ଏବଂ ସେହି ଭିକ୍ଷାଲବ୍ଧ ଧନକୁ ଗରିବମାନଙ୍କ ସେବାରେ କାର୍ଯ୍ୟ କରୁଥିବା ସମିତି ହାତରେ ଅର୍ପଣ କରୁଥିଲେ । ସୁଭାଷ ଯେଉଁଦିନ ସ୍ୱେଚ୍ଛାସେବୀ ଛାତ୍ରମାନଙ୍କ ସହିତ ପ୍ରଥମ ହୋଇ କାନ୍ଧରେ ଏକ ଝୁଲିମୁଣି ପକାଇ ବୁଲି ଭିକ୍ଷା କରିବାକୁ ବାହାରିଲେ, ସେ ଦିନର ଅନୁଭୂତି ତାଙ୍କ ପକ୍ଷେ ଅଭିନବ ହୋଇ ରହିଥିଲା ଏବଂ ତାଙ୍କଠାରେ ରହିଥିବା ଲଜ୍ଜା-ସରମକୁ ଅତିକ୍ରମ କରିବା ପାଇଁ ସେ ଦିନ ତାଙ୍କୁ ଖୁବ୍ ପ୍ରୟାସ କରିବାକୁ ପଡ଼ିଥିଲା ।

କଲେଜରେ ପଢୁଥିବା ସମୟରେ ସୁଭାଷ ତାଙ୍କର ପଢ଼ାପଢ଼ି ପ୍ରତି ବିଶେଷ ମନ ଦେଇ ନ ଥିଲେ । ଅଧ୍ୟାପକମାନଙ୍କ ପ୍ରତି ତାଙ୍କ ମନରେ କୌଣସି ଆଗ୍ରହ ସୃଷ୍ଟି ହୋଇ ପାରି ନ ଥିଲା । କିନ୍ତୁ ବିଖ୍ୟାତ ରସାୟନଶାସ୍ତ୍ରବିତ୍ ଓ ମାନବହିତୈଷୀ ସାର୍ ପି. ସି. ରାୟଙ୍କ ଭଳି କେଇଜଣ ଅଧ୍ୟାପକଙ୍କ ସହିତ ତାଙ୍କର ଘନିଷ୍ଠ ପରିଚୟ ହୋଇଥିଲା । କଲେଜ ଜୀବନରେ ଛାତ୍ର ସମାଜର ବିଭିନ୍ନ କାର୍ଯ୍ୟ କଳାପ ଅର୍ଥାତ୍ ବିତର୍କର ଆୟୋଜନ କରିବା, ବନ୍ୟା ଓ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ପାଣ୍ଠି ସଂଗ୍ରହ କରିବା, ଶିକ୍ଷା କର୍ତ୍ତୃପକ୍ଷଙ୍କ ନିକଟରେ ଛାତ୍ରମାନଙ୍କର ପ୍ରତିନିଧିତ୍ୱ କରିବା ଏବଂ ଛାତ୍ରମାନଙ୍କ ପାଇଁ ପର୍ଯ୍ୟଟନର ବ୍ୟବସ୍ଥା କରିବା କ୍ଷେତ୍ରରେ ସେ ପ୍ରମୁଖ ଅଂଶ ଗ୍ରହଣ କରୁଥିଲେ । ସେ ଖୁବ୍ ଶୀଘ୍ର ତାଙ୍କର ଅନ୍ତର୍ମୁଖୀ ପ୍ରବୃତ୍ତି ପରିତ୍ୟାଗ କରିବାକୁ ଆରମ୍ଭ କରିଥିଲେ ।

କୌଣସି ଏକ ଛୁଟି ସକାଶେ କଲେଜ ବନ୍ଦ ରହିଥିବା ବେଳେ ଥରେ ସେ ତାଙ୍କ ପିତା ମାତାଙ୍କ ନିକଟକୁ କଟକ ଆସିଥିଲେ । କଟକରେ ତାଙ୍କର ରହଣି ସମୟରେ ସୁଭାଷ ତାଙ୍କର ପୁରାତନ ସାଥୀମାନଙ୍କ ମଧ୍ୟରୁ କେତେଜଣଙ୍କୁ ଧରି କଟକଠାରୁ କେତେକ ମାଇଲ ଦୂରରେ ହଇଜା ଲାଗିଥିବା ଗୋଟିଏ ଗ୍ରାମକୁ ଏକ ସେବା ଅଭିଯାନରେ ବାହାରିଲେ । ଏହି ମାରାତ୍ମକ ରୋଗ ବିରୁଦ୍ଧରେ କୌଣସି ସତର୍କମୂଳକ ବ୍ୟବସ୍ଥା ଗ୍ରହଣ କରି ଏହି ଦଳ ଆତଙ୍କଗ୍ରସ୍ତ ଗ୍ରାମବାସୀମାନଙ୍କୁ ସାହାଯ୍ୟ କରିଥିଲେ । ସୁଭାଷଙ୍କର ଦୀର୍ଘ ଅନୁପସ୍ଥିତି ଯୋଗୁଁ ତାଙ୍କର ପିତାମାତା ଚିନ୍ତିତ ହୋଇ ପଡ଼ିଥିଲେ ଏବଂ ସେ ଯେଉଁ ଅଭିଯାନରେ ଯାଇଥିଲେ ତାହାର ସନ୍ଧାନ ପାଇ ସୁଭାଷଙ୍କୁ ସେଠାରୁ ଫେରାଇ ନେଇ ଆସିବାକୁ ଲୋକ ପଠାଇଥିଲେ ।

Digitized by srujanika@gmail.com

ଏହିପରି ଭାବରେ କଟକରେ ଛୁଟି ଅତିବାହିତ କରି ସୁଭାଷ କଲିକତା ଫେରି ଆସନ୍ତି ଏବଂ ପୂର୍ବପରି ତାଙ୍କର ସାଧୁ ଅନ୍ୱେଷଣରେ ଲାଗି ରହନ୍ତି । ପରେ ସେ କଲିକତାଠାରୁ ପ୍ରାୟ ୭୦ ମାଇଲ ଦୂରରେ ଜଣେ ସାଧୁଙ୍କର ସନ୍ଧାନ ପାଇଥିଲେ, ଯାହାଙ୍କର ଆଚରଣର ଆଦର୍ଶ ଥିଲା "ଆକାଶ ହେଉଛି ଛାତ, ଘାସ ହେଉଛି ଶଯ୍ୟା ଏବଂ ଖାଦ୍ୟ ଯାହା ଯେତେବେଳେ ମିଳିବ ।" ସାଧୁଙ୍କର ଏହି ଆଦର୍ଶ ସୁଭାଷଙ୍କ ମନକୁ ପାଇଥିଲା । ବର୍ତ୍ତମାନ ଜଣେ ଗୁରୁ ପାଇବା ପାଇଁ ତାଙ୍କ ମନରେ ଏକ ତୀବ୍ର ଅଭିଳାଷ ଦେଖାଦେଲା ଏବଂ ୧୯୧୪ ମସିହାରେ ମାତ୍ର ୧୭ ବର୍ଷ ବୟସରେ ପିତାମାତାଙ୍କୁ କିଛି ନ ଜଣାଇ ଜଣେ ବନ୍ଧୁଙ୍କୁ ସଙ୍ଗରେ ଧରି ସେ ତୀର୍ଥପର୍ଯ୍ୟଟନରେ ବାହାରି ପଡ଼ିଥିଲେ । ସେ ଋଷିକେଶ, ହରିଦ୍ୱାର, ମଥୁରା, ବୃନ୍ଦାବନ, ବନାରସ ଓ ଗୟା ପ୍ରଭୃତି ବିଖ୍ୟାତ ତୀର୍ଥ ସ୍ଥାନ ମାନ ପରିଦର୍ଶନ କରିଥିଲେ ।

ଗ୍ରୀଷ୍ମ ଛୁଟିଟି ତୀର୍ଥ ପର୍ଯ୍ୟଟନରେ କଟାଇ କୌଣସି ସ୍ଥାନରେ ଗୁରୁଙ୍କୁ ନ ପାଇ ସେ ନିରାଶ ହୃଦୟରେ କଲିକତା ଲେଉଟି ଆସିଥିଲେ । ଏହାର କିଛି ଦିନ ପରେ ସେ ଟାଇଫଏଡ୍ ଜ୍ୱରରେ ସାଙ୍ଘାତିକ ଭାବରେ ପୀଡ଼ିତ ହୋଇ ପଡ଼ିଲେ—ଏହା ଥିଲା ତାଙ୍କର ତୀର୍ଥ ପର୍ଯ୍ୟଟନ ଓ ଗୁରୁ-ଅନ୍ୱେଷଣର ପରିଣାମ ।

ସୁଭାଷ ରୋଗ ଶଯ୍ୟାରେ ପଡ଼ିଥିବା ସମୟରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା ।

କଲେଜରେ କିମ୍ବା ଛାତ୍ରାବାସରେ ସୁଭାଷ ଅନେକ ସମୟରେ ସଂତ୍ରାସବାଦୀ ବୈପ୍ଳବିକ ଆନ୍ଦୋଳନର ନେତାମାନଙ୍କୁ ଭେଟିଥିଲେ କିନ୍ତୁ ସେ ସେମାନଙ୍କ ଆଡ଼କୁ କଦାପି ଆକୃଷ୍ଟ ହୋଇ ନ ଥିଲେ । ସେ ଅହିଂସାରେ ବିଶ୍ୱାସ କରୁଥିବା ଯୋଗୁଁ ସେ ସଂତ୍ରାସମୂଳକ କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ହୋଇ ନ ଥିଲେ ତା' ନୁହେଁ, ବରଂ ସେ ତାଙ୍କ ନିଜର ଏକ ଦୁନିଆ ଭିତରେ ରହିଥିବାରୁ ଏବଂ ଜାତୀୟ ପୁନର୍ଗଠନ ଜରିଆରେ ହିଁ ଜନତାର ମୁକ୍ତି ହାସଲ ହୋଇପାରେ ବୋଲି ବିଶ୍ୱାସ କରୁଥିବାରୁ, ଏହି ସଂତ୍ରାସ-ମୂଳକ କାର୍ଯ୍ୟକଳାପ ପ୍ରତି ଉଦାସୀନ ରହିଥିଲେ । ଅନେକ ସମୟରେ ତାଙ୍କ ଦଳ ଗମ୍ଭୀରତା ସହକାରେ ଗୋଟିଏ ପ୍ରଶ୍ନର ଆଲୋଚନା କରୁଥିଲେ ଏବଂ ତାହା ହେଲା, ବ୍ରିଟିଶ କେବଳ ଭାରତର ପ୍ରତିରକ୍ଷା ଦାୟିତ୍ୱ ତୁଲାଉ ଏବଂ ଭାରତୀୟମାନଙ୍କ ହାତରେ ପୌର ଶାସନର ଅଧିକାର ଅର୍ପଣ କରୁ । କିନ୍ତୁ ଖୁବ୍ ଶୀଘ୍ର ଦୁଇଟି ବିଷୟ ଯୋଗୁଁ ସୁଭାଷଙ୍କର ରାଜନୀତିକ ଦୃଷ୍ଟିକୋଣରେ ବିକାଶ ଘଟିଥିଲା ଏବଂ ସେ ତାଙ୍କ ପାଇଁ ଏକ ସ୍ୱାଧୀନ କର୍ମପନ୍ଥା ଧାର୍ଯ୍ୟ କରିଥିଲେ । ଏହି ଦୁଇଟି ବିଷୟ ଥିଲା, କଲିକତାରେ ଇଂରେଜ ଲୋକମାନଙ୍କର ଅସଦାଚରଣ ଏବଂ ପ୍ରଥମ ବିଶ୍ୱଯୁଦ୍ଧ ।

Digitized by srujanika@gmail.com

ଟ୍ରାମ ଗାଡ଼ି ଓ ରେଲ ଗାଡ଼ିରେ ଏବଂ ସର୍ବସାଧାରଣ ସ୍ଥାନମାନଙ୍କରେ ବ୍ରିଟିଶ ଲୋକମାନଙ୍କର ଅନୁଚିତ କାର୍ଯ୍ୟ ସମ୍ପର୍କରେ ବାହାରୁଥିବା ଖବରମାନ ସେ ବରାବର ପଢ଼ିବାକୁ ପାଉଥିଲେ । ସେ ନିଜେ ମଧ୍ୟ ଏପରି ବହୁ ଘଟଣା ସହିତ ଜଡ଼ିତ ହୋଇ ପଡ଼ୁଥିଲେ । ସେ ଯେ କେବଳ ସଂବେଦନଶୀଳ ପ୍ରକୃତିର ଯୁବକ ଥିଲେ । ତା' ନୁହେଁ ବରଂ ତାଙ୍କର ଅତି ପିଲା ଦିନରୁ ସେ ଏକ ନିଆରା ଧରଣର ବ୍ୟବହାର ସହିତ ଅଭ୍ୟସ୍ତ ରହି ଆସିଥିଲେ । ଭାରତୀୟମାନେ ଇଂରେଜମାନଙ୍କର ଔଦ୍ଧତ୍ୟ ଯୋଗୁଁ ସୃଷ୍ଟି ହେଉଥିବା ବିବାଦଗୁଡ଼ିକ କ୍ଷେତ୍ରରେ ଆଦୌ ନ୍ୟାୟ ପାଉ ନ ଥିଲେ । ତେଣୁ ସେମାନେ ଆଇନକୁ ସେମାନଙ୍କ ନିଜ ହାତକୁ ନେବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ପ୍ରତିହିଂସା ସୃଷ୍ଟି ହୋଇ ଯାଇଟନ୍ତି । ଏହାପରେ ଶୁଣାଗଲା ଯେ ଇଂରେଜମାନେ କେବଳ ଶାରୀରିକ ଶକ୍ତି ପ୍ରୟୋଗ କରିବାରେ ବିଶ୍ୱାସ କରନ୍ତି । ସେମାନଙ୍କର ଏହି ଔଦ୍ଧତ୍ୟପୂର୍ଣ୍ଣ କଥା ବଙ୍ଗଳାରେ ସଂତ୍ରାସମୂଳକ ବୈପ୍ଳବିକ ଆନ୍ଦୋଳନ ପାଇଁ ମନସ୍ତାତ୍ତ୍ୱିକ ଭିତ୍ତି ଯୋଗାଇ ଥିଲା ।

ଏହିସବୁ ଅସୁଖକର ଅନୁଭୂତି ଯୋଗୁଁ ସୁଭାଷଙ୍କର ରାଜନୈତିକ ଚେତନା ଜାଗ୍ରତ ହୋଇଥିବା ସଙ୍ଗେ ସଙ୍ଗେ, ପ୍ରଥମ ବିଶ୍ୱଯୁଦ୍ଧ ପ୍ରସଙ୍ଗରେ ସେ ଦୃଢ଼ ଭାବରେ ଏହା ଜାଣି ପାରିଥିଲେ ଯେ କୌଣସି ଏକ ଜାତି ସାମରିକ ଶକ୍ତିର ଅଧିକାରୀ ନହେଲେ ଏହାର ମୁକ୍ତିକୁ ସୁରକ୍ଷିତ କରି ରଖିବାକୁ ଆଶା କରି ନପାରେ ।

ଦୁଇ ବର୍ଷ ଧରି ସେ ତାଙ୍କର ପଢ଼ାପଢ଼ି ପ୍ରତି ମନୋଯୋଗ ଦେଇ ପାରି ନଥିଲେ ଫଳ ସେ ୧୯୧୫ ମସିହାରେ କୃତିତ୍ୱର ସହ ଇଣ୍ଟରମିଡ଼ିଏଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ତାଙ୍କର ବି. ଏ. ଡ଼ିଗ୍ରୀ ପାଇଁ ଦର୍ଶନଶାସ୍ତ୍ରରେ ଅନର୍ସ ପାଠ୍ୟକ୍ରମ ଗ୍ରହଣ କରି ତାଙ୍କର ବହୁକାଳର ଏକ ବାସନା ଚରିତାର୍ଥ କରିଥିଲେ । ତାଙ୍କର କଲେଜ ଜୀବନରେ ଏହି ପ୍ରଥମ ବାର ପାଇଁ ସେ ତାଙ୍କର ପଢ଼ାପଢ଼ି ପ୍ରତି ଧ୍ୟାନ ଦେଇଥିଲେ । କିନ୍ତୁ ତା' ପରବର୍ତ୍ତୀ ବର୍ଷ କଲେଜରେ ଆକସ୍ମିକ ଭାବରେ ଘଟିଯିବା ଏକ ଘଟଣା ଫଳରେ ତାଙ୍କର ବିଦ୍ୟାର୍ଥୀ ଜୀବନ ପ୍ରତି ଏକ ଦାରୁଣ ଧକ୍କା ଆସିଥିଲା । ଘଟଣାଟି ହେଉଛି, ଥରେ ସୁଭାଷଙ୍କର କେଇଜଣ ସାଥୀ ଇ. ଏଫ୍, ଓଟେନ ନାମକ ଜଣେ ଇଂରେଜ ଅଧ୍ୟାପକଙ୍କ ଲେକଚର-ରୁମ ଦେଇ ବାରଣ୍ଡା ଦେଇ ଯାଉଥିବାବେଳେ ଅଧ୍ୟାପକ ମହୋଦୟ ସେମାନଙ୍କୁ ମାରଧର କରିଥିଲେ । ଏହି ଘଟଣା ନେଇ ତାଙ୍କ କ୍ଲାସର ଛାତ୍ରମାନଙ୍କ ମଧ୍ୟରେ ଏକ ଉତ୍ତେଜନା ଦେଖା ଦେଇଥିଲା ଏବଂ ଛାତ୍ରମାନଙ୍କର ପ୍ରତିନିଧି ହିସାବରେ ସୁଭାଷ କଲେଜର ପ୍ରିନ୍ସିପାଲଙ୍କ ସହିତ ସାକ୍ଷାତ କରି ଅଭିଯୋଗ ଜଣାଇ ଥିଲେ । ସେ କୌଣସି ପ୍ରତିକାର ନ ପାଇବାରୁ କଲେଜର ସବୁ ଛାତ୍ର ଏକ ସାଧାରଣ ଧର୍ମଘଟ କରିଲେ । ଏଥିରେ ରାଗିଯାଇ ପ୍ରିନ୍ସିପାଲ ସବୁ ଅନୁପସ୍ଥିତ ଛାତ୍ରଙ୍କ ଉପରେ

Digitized by srujanika@gmail.com

ଏକ କୋଣମାନ ବସାଇଲେ । କିନ୍ତୁ ଏହି ଘଟଣାର ଦୁଇଦିନ ପରେ ଛାତ୍ର ପ୍ରତିନିଧି-ମାନଙ୍କ ସହିତ ଆପୋଷ ମିଳାମିଶା କରିନେବାକୁ ଓଟେନ ସାହେବଙ୍କ ଉପରେ ଚାପ ଦିଆଯାଇଥିଲା ।

ମାସକ ପରର ଘଟଣା । ଓଟେନ ସାହେବ ଦିନେ ବରଣ୍ଡାରେ କୁଆଡେ ଯାଉଥିବା ସମୟରେ ଦଳେ ଛାତ୍ର ତାଙ୍କୁ ମାଡ଼ ମାରିଥିଲେ । ସୁଭାଷ ନିଜେ ଏଥିରେ ଅଂଶ ଗ୍ରହଣ କରି ନଥିଲେ ସୁଦ୍ଧା ତାଙ୍କର ଆଖି ଆଗରେ ଏ ଘଟଣାଟି ଘଟିଥିଲା । ସରକାର କଲେଜ ବନ୍ଦ କରିଦେବା ପାଇଁ ଆଦେଶ ଦେଲେ । ଆଦେଶର ଭାଷା ନେଇ ସରକାରଙ୍କ ସହିତ ମତ ଅମେଳ ହେବାରୁ ପ୍ରିନ୍ସିପାଲ୍ ଚାକିରି ଛାଡ଼ିଦେଲେ । କିନ୍ତୁ ସେ ଚାକିରି ଛାଡ଼ିବା ଆଗରୁ ସୁଭାଷଙ୍କୁ ଡକାଇ କହିଥିଲେ ; "ବୋଷ, ତୁମେ ହେଉଛ କଲେଜରେ ସବୁ ଗଣ୍ଡଗୋଳର ମୂଳ କାରଣ । ମୁଁ ତୁମକୁ ସସ୍ପେଣ୍ଡ କଲି ।" କଲେଜର ପରିଚାଳନା ସଂସଦ ସସ୍ପେଣ୍ଡ ଆଦେଶକୁ ଅନୁମୋଦନ କରିଥିଲେ । ସୁଭାଷଙ୍କୁ କଲେଜରୁ ବହିଷ୍କାର କରି ଦିଆଗଲା । ସୁଭାଷଙ୍କର ଛାତ୍ର ଜୀବନ ହଠାତ୍ ସମାପ୍ତ ହୋଇଗଲା ଏବଂ ତାଙ୍କର ଭବିଷ୍ୟତ ଅନ୍ଧକାରମୟ ଓ ଅନିଶ୍ଚିତ ହୋଇ ଦେଖାଦେଲା । କିନ୍ତୁ ଏଥିପାଇଁ ତାଙ୍କ ମନରେ ଟିକିଏମାତ୍ର ଦୁଃଖ ନ ଥିଲା । ଅନ୍ୟ ପକ୍ଷରେ, ଏକ ମହତ କାରଣ ନେଇ ନିଜକୁ ବଳି ଦେଇଥିବା ଯୋଗୁଁ ତାଙ୍କ ମନରେ ପରମ ସନ୍ତୋଷ ଜାତ ହୋଇଥିଲା । ଇତିପୂର୍ବରୁ ତାଙ୍କ ଜୀବନରେ କ୍ଷୁଦ୍ରାକାରରେ ହେଲେ ବି ନେତୃତ୍ୱର ଏକ ପୂର୍ବାସ୍ୱାଦନ ରହିଥିଲା ଏବଂ ନେତୃତ୍ୱର ଉପଯୋଗୀ ଚରିତ୍ର ମଧ୍ୟ ରହିଥିଲା । ଏହି ଚରିତ୍ର ବଳରେ ହିଁ ସେ ମାନସିକ ସମତା ରକ୍ଷାକରି ଭବିଷ୍ୟତର ସମ୍ମୁଖୀନ ହୋଇ ପାରିଥିଲେ । ଏହିଭଳି ଅବସ୍ଥାରେ ସୁଭାଷ କଲିକତା ଛାଡ଼ି ତାଙ୍କ ପିତାମାତାଙ୍କ ନିକଟକୁ କଟକ ଫେରି ଆସିଥିଲେ ।

କଟକ ଫେରି ଆସି ସେ ପିତାମାତାଙ୍କ ନିକଟରୁ କୌଣସି ଭର୍ତ୍ସନା ଶୁଣିବା ପରିବର୍ତ୍ତେ ସହାନୁଭୂତି ପାଇଥିଲେ । ବର୍ତ୍ତମାନ ଅନ୍ୟ କୌଣସି କାମ ନ ଥିବାରୁ ସୁଭାଷ ସମାଜସେବା କାର୍ଯ୍ୟରେ ନିଜକୁ ପୁନର୍ବାର ଉତ୍ସର୍ଗ କରି ଦେଇଥିଲେ । ସମାଜର ଗରିବ ଶ୍ରେଣୀର ଲୋକମାନଙ୍କୁ ହଇଜା ଓ ବସନ୍ତ ଲାଗିଥିବା ବେଳେ ସାହାଯ୍ୟ ଦେବା ପାଇଁ ସେ ଏକ ସ୍ୱେଚ୍ଛାସେବକ ବାହିନୀ ଗଠନ କରିଥିଲେ । ସେ ତାଙ୍କର ସାଥୀମାନଙ୍କ ସହ ରୋଗୀମାନଙ୍କର ସେବା ଶୁଶ୍ରୂଷା କରୁଥିଲେ ଏବଂ ଏହିସବୁ ରୋଗରେ କେହି ମୃତ୍ୟୁ ମୁଖରେ ପଡ଼ିଲେ ସେ ଶବର ଦାହ ସଂସ୍କାର ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ ।

ଏହିପରି ଭାବରେ କଟକରେ ଗୋଟିଏ ବର୍ଷ କଟାଇ ସେ ପରବର୍ତ୍ତୀ ବର୍ଷ ନିଜର ଭାଗ୍ୟ ପରୀକ୍ଷା କରିବା ଲାଗି କଲିକତା ଯାତ୍ରା କରିଥିଲେ । ସେତେବେଳେ ସାର୍ ଆଶୁତୋଷ ମୁଖାର୍ଜି ବିଶ୍ୱବିଦ୍ୟାଳୟର ସର୍ବେସର୍ବା ହୋଇ ରହିଥାନ୍ତି । ତାଙ୍କୁ ପୁନର୍ବାର ଗ୍ରହଣ କରାଯାଉ ବୋଲି ସେ ବିଶ୍ୱବିଦ୍ୟାଳୟକୁ ଏକ ଦରଖାସ୍ତ କରିଥିଲେ । ବଗୁର

Digitized by srujanika@gmail.com

ହେବାରେ ବିଳମ୍ବ ଦେଖି ସେ ୪୯ ବେଙ୍ଗଲ ରେଜିମେଣ୍ଟରେ ଭର୍ତ୍ତି ହେବାପାଇଁ ଚେଷ୍ଟା କଲେ କିନ୍ତୁ ତାଙ୍କର ଦୃଷ୍ଟିଶକ୍ତି ଖରାପ ଥିବାରୁ ତାଙ୍କୁ ନିଆଗଲା ନାହିଁ । ବିଶ୍ୱବିଦ୍ୟାଳୟ ତାଙ୍କ ଦରଖାସ୍ତର ବିଚାର କରୁ କରୁ ଆହୁରି ଗୋଟିଏ ବର୍ଷ ବିତିଗଲା । ଶେଷରେ ତାଙ୍କର ପୁରାତନ କଲେଜର ତତ୍କାଳୀନ ପ୍ରିନ୍ସିପାଲ୍ ସ୍କଟିସ୍ ଚର୍ଚ୍ଚ କଲେଜରେ ତାଙ୍କର ଭର୍ତ୍ତି ପାଇଁ କୌଣସି ଆପତ୍ତି ଉଠାଇଲେ ନାହିଁ । ଏହା ପଛରେ ସୁଭାଷଙ୍କ ବଡ଼ ଭାଇ ଶରତଚନ୍ଦ୍ର ବୋଷଙ୍କର ଉଦ୍ୟମ ନିହିତ ରହିଥିଲା । ବର୍ତ୍ତମାନ ସୁଭାଷ ପୁନର୍ବାର ଭର୍ତ୍ତି ହୋଇ ଅତ୍ୟନ୍ତ ମନୋଯୋଗ ସହକାରେ ପଢ଼ାପଢ଼ି ଆରମ୍ଭ କରିଦେଲେ ଏବଂ ଏହା ସଙ୍ଗେ ସଙ୍ଗେ ଭାରତୀୟ ପ୍ରତିରକ୍ଷା ବାହିନୀ(ଆଞ୍ଚଳିକ ସେନା)ର ବିଶ୍ୱବିଦ୍ୟାଳୟ ୟୁନିଟରେ ମଧ୍ୟ ଯୋଗ ଦେଇଥିଲେ । ଫୋର୍ଟ ଉଇଲିୟମ ନିକଟରେ ଆୟୋଜିତ ଏକ ଶିବିରରେ ତାଲିମ ପାଉଥିବା ସମୟରେ ସୁଭାଷ ଖାକି ପୋଷାକ ପିନ୍ଧି ବନ୍ଧୁକ ଚାଳନା ଶିକ୍ଷା କରିଥିଲେ । ଗୈରିକ ବସନଧାରୀ ସନ୍ନ୍ୟାସୀମାନଙ୍କ ପାଦତଳେ ବସୁଥିବା ଜଣେ ଯୁବକ କାନ୍ଧରେ ବନ୍ଧୁକ ପକାଇ ଜଣେ ବ୍ରିଟିଶ ଅଫିସରଙ୍କ ଆଦେଶରେ କାର୍ଯ୍ୟ କରୁଥିବାର ଦେଖି ସମସ୍ତେ ବିସ୍ମିତ ହୋଇ ଯାଇଥିଲେ । ତାଙ୍କର ଏହି ପରିବର୍ତ୍ତନରେ ସେ ନିଜେ ମଧ୍ୟ କିଛି କମ ଆଶ୍ଚର୍ଯ୍ୟ ହୋଇ ନ ଥିଲେ । ଏହି ସୈନିକ ତାଲିମ ତାଙ୍କର ଶକ୍ତି ଓ ଆତ୍ମ-ବିଶ୍ୱାସ ବୃଦ୍ଧି ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲା । ତାଲିମ ପାଉଥିବା ଅନ୍ୟାନ୍ୟ ଯୁବକ-ମାନଙ୍କ ସହିତ ତାଙ୍କର ରାଇଫଲ ଆଣିବା ଲାଗି ସେ ପ୍ରଥମ ହୋଇ ଯେଉଁ ଦିନ ଫୋର୍ଟ ଉଇଲିୟମକୁ ମାର୍ଚ୍ଚ କରି ଯାଇଥିଲେ ସେ ଦିନ ସେ ଏକ ବିଚିତ୍ର ଅନୁଭୂତି ହାସଲ କରିଥିଲେ । ଯେଉଁ ଦୁର୍ଗ ମଧ୍ୟରେ ସେ ଜଣେ ଭାରତୀୟ ରୂପେ ପ୍ରବେଶ କରିବା ଅସମ୍ଭବ ହୋଇ ରହିଥିଲା, ସେହି ଦୁର୍ଗର ଦ୍ୱାର ଆଜି ତାଙ୍କୁ ଜଣେ ସୈନିକରୂପେ ସ୍ୱାଗତ କରିବାକୁ ଉନ୍ମୁକ୍ତ ରହିଥିଲା । ଏହାପରେ ସହରରେ ହୋଇଥିବା ରୁଟ୍‌ମାର୍ଚ୍ଚ ଗୁଡ଼ିକ ସମୟରେ ସେ ଓ ତାଙ୍କର ସାଥୀମାନେ ସେମାନଙ୍କୁ ଅଜାଣତରେ ହଇରାଣ ହରକତ କରିଥିବା ପୋଲିସ୍ କର୍ମଚାରୀ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନଙ୍କ ଅପେକ୍ଷା ନିଜକୁ ଉତ୍କୃଷ୍ଟ ବୋଲି ଜ୍ଞାନ କରି ଗର୍ବରେ ଛାତି ଫୁଲାଇ ଚାଲୁଥିଲେ ।

୧୯୧୯ ମସିହାରେ ସୁଭାଷ ବି. ଏ. ପରୀକ୍ଷା ଦେଲେ । ସେ ଦର୍ଶନଶାସ୍ତ୍ରରେ ପ୍ରଥମ ଶ୍ରେଣୀ ଅନର୍ସ ପାଇଥିଲେ ସୁଦ୍ଧା ଯୋଗ୍ୟତା କ୍ରମରେ ଦ୍ୱିତୀୟ ହୋଇ ବାହାରିଥିବାରୁ ତାଙ୍କ ମନରେ ଟିକିଏ ଦୁଃଖ ଜାତ ହୋଇଥିଲା ।

ସେ ତାଙ୍କର ଏମ୍. ଏ. ପାଠ୍ୟକ୍ରମରେ ତଥ୍ୟାନୁସନ୍ଧାନମୂଳକ ମନସ୍ତତ୍ତ୍ୱ ବିଜ୍ଞାନ ନେଇଥିଲେ । ଏମ୍. ଏ. ପଢ଼ା ଆରମ୍ଭ କରିବାର କେଇ ମାସ ପରେ ଦିନେ ତାଙ୍କ ପିତା କଲିକତାରେ ଆସି ପହଞ୍ଚିଲେ ଏବଂ ଶରତଙ୍କ ସହିତ କିଛିଶ କଥାବାର୍ତ୍ତା କରି ସୁଭାଷଙ୍କୁ ହଠାତ୍ ପଚାରି ବସିଲେ ଯେ ସେ ଆଇ. ସି. ଏସ୍. ପରୀକ୍ଷା ପାଇଁ ଅଧ୍ୟୟନ

Digitized by srujanika@gmail.com

କରିବାକୁ ଇଂଲଣ୍ଡ ଯିବାକୁ ରାଜି ଅଛନ୍ତି କି ନାହିଁ । ସେତେବେଳେ ଆଇ. ସି. ଏସ୍. ହେବା ପାଇଁ ଭାରତୀୟ ଯୁବକମାନେ ସ୍ୱପ୍ନ ଦେଖୁଥିଲେ । ଏକ ସ୍ଥିର ନିଷ୍ପତ୍ତି ଗ୍ରହଣ କରିବା ଲାଗି ତାଙ୍କର ପିତା ସୁଭାଷଙ୍କୁ ୨୪ ଘଣ୍ଟା ସମୟ ଦେଲେ । ପିତାଙ୍କର ଏହି ପ୍ରସ୍ତାବ ସୁଭାଷଙ୍କୁ ସମ୍ପୂର୍ଣ୍ଣରୂପେ ବିସ୍ମିତ କରି ଦେଇଥିଲା । ଆଇ. ସି. ଏସ୍. ଚାକିରିରେ ଯୋଗ ଦେଇ ବ୍ରିଟିଶର ସେବା କରିବା ପାଇଁ ସୁଭାଷଙ୍କ ମନରେ ତିଳେ ମାତ୍ର ଆଗ୍ରହ ନ ଥିଲା କିନ୍ତୁ ସେ ମନକୁ ମନ ଏହା ଭାବି ଯିବା ଲାଗି ସ୍ଥିର କଲେ ଯେ ସେ ବିଲାତରେ ପହଞ୍ଚିବାର ଆଠ ମାସ ଭିତରେ ପରୀକ୍ଷା ଦେଇ ପାସ କରି ପାରିବେ ନାହିଁ । ଯଦିଓ ସେ ପାସ କରନ୍ତି, ତା' ହେଲେ ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବା ଲାଗି ତାଙ୍କୁ ଅନେକ ସମୟ ମିଳିବ ।

୧୯୧୯ ମସିହା ସେପ୍ଟେମ୍ବର ୧୫ ତାରିଖ ଦିନ ସୁଭାଷ ଇଂଲଣ୍ଡ ଅଭିମୁଖେ ଜାହାଜରେ ଯାତ୍ରା କଲେ । ପାଞ୍ଚ ସପ୍ତାହ ପରେ ସେଠାରେ ପହଞ୍ଚି ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହେଲେ ଏବଂ ନଭେମ୍ବର ପ୍ରଥମ ସପ୍ତାହରେ ପଢ଼ାପଢ଼ି ଆରମ୍ଭ କରିଥିଲେ । ସୁଭାଷ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଜାଲିଆନୱାଲାବାଗ ହତ୍ୟାକାଣ୍ଡ ଘଟି ଯାଇଥାଏ । ପଞ୍ଜାବରେ ସାମରିକ ଆଇନ ଜାରି ହୋଇଥାଏ ଏବଂ କଡ଼ା ନିୟନ୍ତ୍ରଣମୂଳକ ବ୍ୟବସ୍ଥା ରହିଥିବା ଯୋଗୁଁ ଅସଲ ଖବର କିଛି ମିଳୁ ନ ଥାଏ ଏବଂ ବଙ୍ଗଳାରେ କେବଳ ଉଡ଼ା ଖବର ଶୁଣାଯାଉଥାଏ ଯେ ଲାହୋର ଓ ଅମୃତସର-କୌଣସି ଗୁରୁତର ଘଟଣା ଘଟି ଯାଇଛି । ମୋଟ ଉପରେ, ସେତେବେଳେ ପଞ୍ଜାବରେ କଅଣ ହେଉଥାଏ ସେ ସମ୍ପର୍କରେ ଭାରତର ଲୋକମାନେ କିଛି ଜାଣିବାକୁ ପାଇ ନ ଥିଲେ । ଏହିଭଳି ଏକ ପରିସ୍ଥିତି ମଧ୍ୟରେ ସୁଭାଷଙ୍କୁ ଇଂଲଣ୍ଡ ଉଦ୍ଦେଶ୍ୟରେ ଯାତ୍ରା କରିବାକୁ ପଡ଼ିଥିଲା ।

କେମ୍ବ୍ରିଜରେ ତାଙ୍କୁ ଅନେକ ଗୁଡ଼ିଏ ଲେକ୍ଚରରେ ଯୋଗ ଦେବାକୁ ପଡ଼ୁଥିଲା । ସିଭିଲ ସର୍ଭିସ ପରୀକ୍ଷା ପାଇଁ ଯେଉଁ ସବୁ ପାଠ୍ୟ ବିଷୟ ରହିଥିଲା, ତାହା ହେଉଛି— ଇଂରାଜୀ ରଚନା, ସଂସ୍କୃତ, ଦର୍ଶନ, ଇଂରାଜୀ ଆଇନ, ରାଜନୀତି ବିଜ୍ଞାନ, ଆଧୁନିକ ୟୁରୋପୀୟ ଇତିହାସ, ଇଂଲଣ୍ଡ ଇତିହାସ, ଅର୍ଥନୀତି ଓ ଭୂଗୋଳ ।

କେମ୍ବ୍ରିଜରେ ଗୋଟିଏ କଥା ସୁଭାଷଙ୍କୁ ଭଲ ଲାଗିଲା ଏବଂ ତାହା ହେଉଛି, ଛାତ୍ରଙ୍କ ସ୍ୱାଧୀନତା ଏବଂ ଛାତ୍ରମାନଙ୍କ ପ୍ରତି ରହିଥିବା ଶ୍ରଦ୍ଧାଭାବ । ପ୍ରତ୍ୟେକ ଛାତ୍ରଙ୍କୁ ଜଣେ ଜଣେ ଅନ୍ତର୍ନିହିତ ବିପ୍ଳବୀ ବୋଲି ସନ୍ଦେହ କରୁଥିବା ପୋଲିସର ଉତ୍ପାତ ପ୍ରପୀଡ଼ିତ କଲିକତା ସହରର ଜୀବନ ଏବଂ କେମ୍ବ୍ରିଜର ସ୍ୱାଧୀନ ଛାତ୍ର ଜୀବନ ମଧ୍ୟରେ ସେ ଆକାଶ ପାତାଳ ପ୍ରଭେଦ ଦେଖିବାକୁ ପାଉଥିଲେ ।

Digitized by srujanika@gmail.com

କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଯୋଗ ଦେବାର ଆଠ ମାସ ପରେ ୧୯୨୦ ମସିହା ଜୁଲାଇ ମାସର ପ୍ରାରମ୍ଭରେ ସୁଭାଷ ଲଣ୍ଡନରେ ସିଭିଲ ସର୍ଭିସ ମୁକ୍ତ ପ୍ରତିଯୋଗିତାରେ ଯୋଗ ଦେଲେ । ସେ ଯଦିଓ ଏହି ପରୀକ୍ଷା ପାଇଁ କଠିନ ପରିଶ୍ରମ କରିଥିଲେ, ତଥାପି ତାଙ୍କ ମନରେ ଆଶା ନ ଥିଲା । କିନ୍ତୁ ସେ ଯେତେବେଳେ ଜାଣିବାକୁ ପାଇଲେ ଯେ ସେ ପରୀକ୍ଷାରେ କେବଳ ଯେ ସଫଳତା ହାସଲ କରିଛନ୍ତି ତା' ନୁହେଁ ବରଂ ଚତୁର୍ଥ ସ୍ଥାନ ଲାଭ କରିଛନ୍ତି; ସେତେବେଳେ ତାଙ୍କ ମନରେ ବିସ୍ମୟର ସୀମା ରହିଲା ନାହିଁ ।

ବର୍ତ୍ତମାନ ସେ ତାଙ୍କର ପ୍ରବାସୀ ଜୀବନରେ ସବୁଠାରୁ ଅଧିକ ଜଟିଳ ସମସ୍ୟାର ସମ୍ମୁଖୀନ ହେଲେ । ସେ କଅଣ ତା' ହେଲେ ତାଙ୍କର ସମସ୍ତ ଆଦର୍ଶ ଓ ଆକାଂକ୍ଷା-ଗୁଡ଼ିକୁ ପରିତ୍ୟାଗ କରି ଏକ ସୁଖସ୍ୱାଚ୍ଛନ୍ଦ୍ୟମୟ ଜୀବନ ବରଣ କରିବେ ? ସେ କେଉଁ କୂଳର ହେବେ ତାହା ସ୍ଥିର କରିବା ପାଇଁ, ତାଙ୍କୁ ଦୀର୍ଘ ସାତ ମାସ ସମୟ ଲାଗିଥିଲା ଏବଂ ଏହି ସମୟଟି ସେ ବଡ଼ ଯନ୍ତ୍ରଣାରେ କଟାଇ ଥିଲେ । ଇତିମଧ୍ୟରେ ସେ ଏହି ପ୍ରସଙ୍ଗ ନେଇ ତାଙ୍କର ବଡ଼ଭାଇ ଶରତଙ୍କ ସହିତ ପତ୍ର ଆଦାନପ୍ରଦାନ କରିଥିଲେ । ତାଙ୍କର ପିତାମାତା ସେମାନଙ୍କ ମନରେ ଘୋର କଷ୍ଟ ପାଇବେ ବୋଲି ଜାଣି ମଧ୍ୟ ସୁଭାଷ ଏକ ଦାରୁଣ ନିଷ୍ପତ୍ତି ଗ୍ରହଣ କରିଥିଲେ । ତାଙ୍କର ପତ୍ରଗୁଡ଼ିକରୁ ସୁଭାଷଙ୍କର ଅନ୍ତର୍ଦୃଷ୍ଟିର ପରିଚୟ ମିଳେ । ଏଠାରେ ତାଙ୍କର ପତ୍ରଗୁଡ଼ିକରୁ କେତେକ ଉଦ୍ଧୃତାଂଶ ଦିଆଗଲା ।

"ଜଣେ ସିଭିଲ ସର୍ଭିସରେ ଯୋଗଦେଲେ ଅନେକ ପ୍ରକାର ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟ ଉପଭୋଗ କରି ପାରନ୍ତି ସତ କିନ୍ତୁ ଏହିସବୁ ଭୋଗ ନିମନ୍ତେ ଜଣଙ୍କର ଆତ୍ମାକୁ ଜଳାଞ୍ଜଳି ଦେବାକୁ ହେବ ନାହିଁକି ?…ସିଭିଲ ସର୍ଭିସରେ ରହିଲେ ଜାତୀୟ ଓ ଆଧ୍ୟାତ୍ମିକ ଇଚ୍ଛାଭିଳାଷ ପୂରଣ ହୋଇ ପାରିବ ନାହିଁ…

"ମୋ ଦୃଷ୍ଟିରୁ, ମୁଁ ଏପରି ସ୍ଥାନ ଶାସନକଳର ଗୋଟିଏ ଅଙ୍ଗ ହେବା ବିଷୟକୁ ଗ୍ରହଣ କରି ନ ପାରେ, ଯାହା କି ଏହାର ଉପଯୋଗିତା ହରାଇ ବସିଛି ଏବଂ ବର୍ତ୍ତମାନ କେବଳ ରକ୍ଷଣଶୀଳତା, ସ୍ୱାର୍ଥପରତା, ହୃଦୟହୀନତା ଏବଂ ଲାଲଫିତାର କରାମତି ଦେଖାଇବାରେ ଲାଗିଛି…

"ମୁଁ ବର୍ତ୍ତମାନ ଏକ ଛକ ଜାଗାରେ ପହଞ୍ଚିଛି ଏବଂ କୌଣସି ରଫା ସମ୍ଭବ ନୁହେଁ । ହୁଏତ ମୋତେ ଏହି ପଚା ସର୍ଭିସକୁ ଗ୍ରହଣ ନକରି ଦେଶର ସେବାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରି ଦେବାକୁ ହେବ, ନଚେତ୍ ମୋତେ ମୋର ଆଦର୍ଶ ଓ ଆକାଂକ୍ଷା ଗୁଡ଼ିକୁ ଜଳାଞ୍ଜଳି ଦେଇ ଚାକିରିରେ ଯୋଗ ଦେବାକୁ ହେବ…

Digitized by srujanika@gmail.com

"ସି. ଆର. ଦାସ ଯଦି ତାଙ୍କର ଏ ବୟସରେ ସବୁକିଛୁ ଛାଡ଼ି ଜୀବନର ଅନିଶ୍ଚିତ-ତାର ସମ୍ମୁଖୀନ ହୋଇ ପାରିଲେ, ତା'ହେଲେ ମୋ ପରି ଜଣେ ଯୁବକ ଯାହାର କି ସଂସାରିକ ଚିନ୍ତା ଟିକିଏ ବୋଲି ନାହିଁ, ସେ ନିଶ୍ଚୟ ଅହୁରି ଅଧିକ ଦକ୍ଷତାର ସହିତ ଏପରି କାର୍ଯ୍ୟ କରି ପାରିବ ବୋଲି ମୁଁ ନିଶ୍ଚିତ ରହିଛି......

"ଅରବିନ୍ଦ ଘୋଷଙ୍କର ଗୌରବମଣ୍ଡିତ ଆଦର୍ଶ ମୋର ଦୃଷ୍ଟି ପଥରେ ଜାଜ୍ୱଲ୍ୟମାନ ହୋଇ ରହିଛି । ସେହି ଆଦର୍ଶର ଅନୁଗାମୀ ହେବାକୁ ହେଲେ ଯେଉଁ ତ୍ୟାଗର ଆବଶ୍ୟକତା ରହିଛି, ତାହା କରିବାକୁ ବର୍ତ୍ତମାନ ପ୍ରସ୍ତୁତ ବୋଲି ମୁଁ ଅନୁଭବ କରେ . ...

"ଆମେ ଦଶବର୍ଷ ଭିତରେ ହୋମ ରୁଲ (ସ୍ୱାୟତ୍ତ ଶାସନ) ପାଇବୁ ବୋଲି ମୁଁ ବିଶ୍ୱାସ କରେ ଏବଂ ଏହାର ମୂଲ୍ୟ ଦେବାକୁ ଆମେ ଯଦି ପ୍ରସ୍ତୁତ ଥାଉଁ ତା'ହେଲେ ନିଶ୍ଚୟ ବହୁ ଆଗରୁ ମଧ୍ୟ ଆମେ ଏହା ପାଇ ପାରିବୁ । ଏହାର ମୂଲ୍ୟ ହେଉଛି ତ୍ୟାଗ ସ୍ୱୀକାର ଏବଂ ଦୁଃଖ-ଯାତନା ବରଣ । ତ୍ୟାଗ ଓ ଦୁଃଖ ଯନ୍ତ୍ରଣାର ଭୂମି ଉପରେହିଁ ଆମେ ଆମର ଜାତୀୟ ସୌଧ ଉଠାଇ ପାରିବା । ଆମେ ଯଦି ଚାକିରିକୁ ଧରି ପଡ଼ି ରହୁ ଏବଂ ନିଜର ସ୍ୱାର୍ଥ ସାଧନରେ ମାତିଯାଉ ତା'ହେଲେ ୫୦ ବର୍ଷ ଭିତରେ ବି ଆମେ ସ୍ୱାୟତ୍ତଶାସନ ହାସଲ କରି ପାରିବା ନାହିଁ ବୋଲି ମୋର ମନେ ହୁଏ......

"ଆମକୁ ଏକ ଜାତି ଗଢ଼ିବା ପାଇଁ ପଡ଼ିବ ଏବଂ ଏପରି ଏକ ଜାତି ହ୍ୟାମ୍ପଡେନ ଓ କ୍ରମୱେଲଙ୍କର ଅନମନୀୟ ଆଦର୍ଶବାଦକୁ ହିଁ ଭିତ୍ତି କରି ଗଢି ଉଠିପାରେ ..

"ମୁଁ ଏହା ବିଶ୍ୱାସ କରିବାକୁ ଆରମ୍ଭ କରିଛି ଯେ ବ୍ରିଟିଶ ସରକାର ସହିତ ଆମେ ସକଳ ପ୍ରକାର ସମ୍ପର୍କ ଛିଣ୍ଡାଇ ଦେବାର ବେଳ ବର୍ତ୍ତମାନ ଆସିଯାଇଛି......

"ଏପରି ସରକାରଙ୍କୁ ଶେଷ କରି ଦେବାର ଶ୍ରେଷ୍ଠ ପନ୍ଥା ହେଲା ଏଥିରୁ ଓହରି ଯିବା .. ମୁଁ କିଛିଦିନ ପୂର୍ବେ ମୋର ଇସ୍ତଫା ଦେଇ ସାରିଛି...

"ମୋର ଏକ ପତ୍ରର ଉତ୍ତରରେ ସି. ଆର. ଦାସ ଇତିପୂର୍ବରୁ ଆରମ୍ଭ ହୋଇ ଯାଇଥିବା କାର୍ଯ୍ୟ ବିଷୟ ଲେଖିଛନ୍ତି । ବର୍ତ୍ତମାନ ନିଷ୍ଠାପର କର୍ମୀଙ୍କର ଘୋର ଅଭାବ ରହିଛି ବୋଲି ସେ ଦୁଃଖ କରିଛନ୍ତି । ମୁଁ ଦେଶକୁ ଫେରିଗଲେ, ମୁଁ କରିବା ଭଳି କାର୍ଯ୍ୟ ମୋ ପାଇଁ ଅଭାବ ରହିବ ନାହିଁ । ଭୂମିଟି ତିଆରି ହୋଇ ସାରିଛି ଏବଂ ମୋର ଆନ୍ତରିକ ବିଶ୍ୱାସ ଯେ ଏଥିରୁ ନିଶ୍ଚୟ ଭଲ କିଛି ବାହାରିବ ।"

Digitized by srujanika@gmail.com

ଘରେ ଓ ସ୍କୁଲରେ ତଥା ଭାରତରେ ଓ ଇଂଲଣ୍ଡରେ କଲେଜରେ ପଢୁଥିବା ଅବସ୍ଥାରେ ସେ ଯେପରି ଭାବରେ ଗଢ଼ି ଉଠିଥିଲେ ଏବଂ ସେ ଯେପରି ସ୍ୱେଚ୍ଛାପ୍ରଣୋଦିତ ହୋଇ ଏକ ଉଜ୍ଜଳମୟ ଭବିଷ୍ୟତ ଜୀବନକୁ ଜଳାଞ୍ଜଳି ଦେଇଥିଲେ, ସେଥିରୁ ନିଃସନ୍ଦେହରେ ତାଙ୍କ ଜୀବନର ସେହି ଅଗ୍ନିପଥର ସୂଚନା ମିଳେ, ଯେଉଁ ପଥରେ ସେ ଦୀର୍ଘ ୨୫ ବର୍ଷ କାଳ ଗତ କରି ଭାରତୀୟ ରାଜନୀତିରେ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଏହି ଦୃଷ୍ଟିରୁ ସୁଭାଷଙ୍କର ବାଲ୍ୟକାଳ, କୈଶୋରାବସ୍ଥା ଏବଂ କଲେଜଶିକ୍ଷା ଶେଷ କରିବା ପର୍ଯ୍ୟନ୍ତ ତାଙ୍କର ଯୌବନାବସ୍ଥାର ଏକ ସବିଶେଷ ବିବରଣୀ ଉପରେ ଦିଆଗଲା ।

୧୯୨୧ ମସିହା ଜୁଲାଇ ୧୬ ତାରିଖ ଦିନ ବମ୍ବେଠାରେ ଭାରତୀୟ ମୃତ୍ତିକାରେ ଗୋଡ଼ ଦେବା ବେଳକୁ ସୁଭାଷ ଭବିଷ୍ୟତରେ ସମ୍ମୁଖୀନ ହେବାପାଇଁ ନିଜକୁ ଶାରୀରିକ, ମାନସିକ, ବୌଦ୍ଧିକ ତଥା ଆଧ୍ୟାତ୍ମିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରି ସାରିଥିଲେ ସେତେବେଳକୁ ସେ ଠିକ୍ ୨୪ ବର୍ଷ ଅତିକ୍ରମ କରିଥାନ୍ତି । ସେ ଜଣେ ଅଦୃଷ୍ଟବାଦୀ ବ୍ୟକ୍ତି ବୋଲି ଯଦିଓ ସେ ପରବର୍ତ୍ତୀ କାଳରେ ସ୍ୱୀକାର କରିଥିଲେ, ତଥାପି ତାଙ୍କଠାରେ ଜନ୍ମଗତ ଭାବରେ ଏକ ଭାଗ୍ୟ-ବିଶ୍ୱାସ ଭାବ ରହିଥିଲା ଏବଂ ସେହି ଭାଗ୍ୟ ପୂରଣ ପାଇଁ ସେ ଅବିଶ୍ରାନ୍ତ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କର ମାତୃଭୂମିକୁ ଫେରି ଆସିବା ଦିନ-ଠାରୁ ସେ ମୁକ୍ତି ଆନ୍ଦୋଳନ ଭିତରକୁ ଲମ୍ଫ ଦେଇଥିଲେ ଏବଂ ୨୫ ବର୍ଷ ପରେ ସେହିଦିନ ପର୍ଯ୍ୟନ୍ତ ବିଶ୍ରାମ କଅଣ ତାହା ଜାଣି ନ ଥିଲେ, ଯେଉଁଦିନ ସେ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ମୁଖ୍ୟ ହିସାବରେ ସାଇଗନରୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବିମାନ ଯାତ୍ରା କରିଥିଲେ ।

ଇଂଲଣ୍ଡରୁ ଫେରିଆସି ବମ୍ବେଠାରେ ପହଞ୍ଚିବା ସଙ୍ଗେ ସଙ୍ଗେ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କର ଲବରନମ ରୋଡ଼ ନିବାସରେ ସାକ୍ଷାତ କରିଥିଲେ ଏବଂ ବ୍ରିଟିଶ ଶାସକ-ମାନଙ୍କ ବିରୁଦ୍ଧରେ ଏକ ଦେଶବ୍ୟାପୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିବା ଦେଶର ଏହି ନେତାଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା କରିଥିଲେ । ସୁଭାଷ ନିଜେ ଏହି ଅଭିଯାନରେ ଯୋଗ ଦେବାକୁ ଉଦ୍ୟତ ହୋଇଥିବାରୁ ମହାତ୍ମାଙ୍କର ମତଗତ ଓ କର୍ମପନ୍ଥା ସମ୍ପର୍କରେ ଏକ ସ୍ପଷ୍ଟ ଧାରଣା ଆଣିବା ପାଇଁ ସେ ମହାତ୍ମାଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ । ସେ ଯାହା ହେଉ, ସୁଭାଷଙ୍କ ପକ୍ଷେ ତିନୋଟି ପ୍ରଶ୍ନ ଅତି ଜଟିଳ ହୋଇ ରହିଥିଲା ଏବଂ ସେ ମହାତ୍ମାଙ୍କଠାରୁ ଏହି ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ଚାହିଁଥିଲେ । ପ୍ରଥମ ପ୍ରଶ୍ନଟି ଥିଲା, କଂଗ୍ରେସ ଯେଉଁ ସବୁ କାର୍ଯ୍ୟକଳାପ ଚଳାଇଛି, ଟିକସ ନ ଦେବା ପାଇଁ ଲୋକଙ୍କୁ କହିବାରେ, କିପରି ଅଭିଯାନରେ ଶେଷ ପର୍ଯ୍ୟାୟରେ ତାହାର ଚରମ ପରିଣତି ଘଟିବ ? ଦ୍ୱିତୀୟ ପ୍ରଶ୍ନଟି ଥିଲା, କେବଳ ଟିକସ ନ ଦେଲେ କିମ୍ବା ଅସହଯୋଗ ଆନ୍ଦୋଳନ

Digitized by srujanika@gmail.com

ତଲେ ସରକାର କପଟ ବାଧ୍ୟ ହୋଇ ଦେଶରୁ ଓହରିଯିବେ ଏବଂ ଭାରତୀୟମାନଙ୍କ ହାତରେ ସ୍ୱାଧୀନତା ପ୍ରଦାନ କରିବେ ? ଏବଂ ତୃତୀୟ ପ୍ରଶ୍ନଟି ଥିଲା, ଭାରତୀୟ ଜାତୀୟ କଂଗ୍ରେସର ଗତ ବାର୍ଷିକ ଅଧିବେଶନ ସମୟଠାରୁ ସେ ଏହା କହି ଆସୁଥିଲେ ଯୁକ୍ତା ବର୍ଷକ ଭିତରେ ସ୍ୱରାଜ ମିଳିବ ବୋଲି ମହାତ୍ମା କପରି ପ୍ରତିଶ୍ରୁତି ଦେଇ ପାରନ୍ତି ? ପ୍ରଥମ ପ୍ରଶ୍ନଟିର ଉତ୍ତରରେ ସୁଭାଷ ସନ୍ତୁଷ୍ଟ ହୋଇଥିଲେ ଏବଂ ଶେଷ ଦୁଇଟି ପ୍ରଶ୍ନର ଉତ୍ତର ତାଙ୍କ ମନକୁ ପାଇ ନ ଥିଲା । ସେ ଯାହା ହେଉ, କଲିକତାରେ ପହଞ୍ଚି ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ସହିତ ସାକ୍ଷାତ କରିବା ପାଇଁ ମହାତ୍ମା ଯେଉଁ ଉପଦେଶ ଦେଇଥିଲେ, ସୁଭାଷ ତାହା ସ୍ୱୀକାର କରିଥିଲେ ।

ତାଙ୍କ ଜୀବନରେ ଏହି ପ୍ରଥମ ଥର ପାଇଁ ସୁଭାଷ ମହାତ୍ମା ଗାନ୍ଧୀଙ୍କ ସହିତ ସାକ୍ଷାତ କରିଥିଲେ । ସାର୍ବଜନୀନ ଜୀବନରେ ପ୍ରବେଶ କରିବାକୁ ଉଦ୍ୟତ ହୋଇଥିବା ଜଣେ ଯୁବକଙ୍କ ପକ୍ଷେ ଏହି ସାକ୍ଷାତ ଥିଲା ଏକ ଅତି ଗୁରୁତ୍ୱପୂର୍ଣ୍ଣ ଘଟନା ଏବଂ ଏହାର ଆଶୁ ଉଦ୍ଦେଶ୍ୟ କ୍ଷେତ୍ରରେ ଏହା ଥିଲା ଏକ ବିଫଳତା । ବିଦେଶୀ ଶାସନରୁ ଭାରତକୁ ମୁକ୍ତ କରିବାର ଚରମ ଉଦ୍ଦେଶ୍ୟ ସମ୍ପର୍କରେ ଦୁହିଁଙ୍କ ମଧ୍ୟରେ ରାଜିନାମା ହୋଇଥିଲା ସତ କିନ୍ତୁ ମୁକ୍ତି ହାସଲ କରିବାର ଅସଲ ପନ୍ଥା ବିଷୟ ନେଇ ସେମାନଙ୍କ ମଧ୍ୟରେ ମତ ଅମେଳ ଘଟିଥିଲା । ୧୯୨୧ ମସିହା ଜୁଲାଇ ମାସରେ ବମ୍ବେଠାରେ ମହାତ୍ମାଙ୍କ ସହିତ ହୋଇଥିବା ଏହି ପ୍ରଥମ ସାକ୍ଷାତ ଦିନଠାରୁ ହିଁ ୧୯୪୦ ମସିହା ଜୁନ ମାସ ପର୍ଯ୍ୟନ୍ତ ଦୁଇ ନେତାଙ୍କ ମଧ୍ୟରେ ରହିଥିବା ରାଜନୀତିକ ସମ୍ପର୍କ ସ୍ଥୂଳତଃ ମତ ଅମେଳ ଭିତର ଦେଇ ରହି ଆସିଥିଲା । ୧୯୪୦ ମସିହା ଜୁନ ମାସରେ ଓ୍ୱାର୍ଦ୍ଧାଠାରେ ଦୁଇ ନେତାଙ୍କ ମଧ୍ୟରେ ଶେଷବାର ପାଇଁ ସାକ୍ଷାତ ହୋଇଥିଲା । ମହାତ୍ମାଙ୍କ ଦୃଷ୍ଟିରେ ଅହିଂସା ଥିଲା ଏକ ଜୀବନ୍ତ ବିଶ୍ୱାସ କିନ୍ତୁ ସୁଭାଷ ଭାବୁଥିଲେ ଯେ ଭାରତୀୟ ମୁକ୍ତିକାମୀ ବିଦେଶୀ ଶକ୍ତିକୁ ବିତାଡ଼ିତ କରିବାକୁ ହେଲେ ଶକ୍ତି ପ୍ରୟୋଗର ଆବଶ୍ୟକତା ରହିଛି । ସୁଭାଷ ନିଜେ ଲିପିବଦ୍ଧ କରି ଯାଇଛନ୍ତି ଯେ ସେମାନଙ୍କ ମଧ୍ୟରେ ହୋଇଥିବା ଅନ୍ତିମ ସାକ୍ଷାତ କାଳରେ ମହାତ୍ମା ତାଙ୍କୁ କହିଥିଲେ ଯେ ତୁମେ ଯଦି ଉଦ୍ୟମ କରି ଭାରତ ପାଇଁ ମୁକ୍ତି ହାସଲ କରିବାରେ ସଫଳ ହୁଅ ତା'ହେଲେ ପ୍ରଥମ ହୋଇ ତୁମେ ମୋର ଅଭିବାଦନପୂର୍ଣ୍ଣ ତାର ବାର୍ତ୍ତା ପାଇବ ।

ମହାତ୍ମାଙ୍କ ସହିତ ବମ୍ବେଠାରେ ହୋଇଥିବା ପ୍ରଥମ ସାକ୍ଷାତ ପରେ ସୁଭାଷ କଲିକତା ଫେରି ଯାଇ ଯଥାଶୀଘ୍ରସମ୍ଭବ ଦେଶବନ୍ଧୁ ଦାସଙ୍କ ନିକଟରେ ପହଞ୍ଚିଲେ । ସେମାନଙ୍କ ମଧ୍ୟରେ ବାର୍ତ୍ତାଳାପ ଶେଷ ହୋଇ ଆସିବା ବେଳକୁ ସୁଭାଷ ତାଙ୍କର ଭବିଷ୍ୟତ କର୍ମପନ୍ଥା ମନେ ମନେ ସ୍ଥିର କରି ସାରିଥିଲେ । ସେ ଦେଶବନ୍ଧୁ

Digitized by srujanika@gmail.com

ଦାସଙ୍କୁ ତାଙ୍କର ନେତା ରୂପେ ବରଣ କରି ନେଇଥିଲେ ଏବଂ ତାଙ୍କୁ ଅନୁସରଣ କରି କାର୍ଯ୍ୟ କରିବାକୁ ବାହାରି ପଡ଼ିଲେ । ସୁଭାଷଙ୍କ ଦୃଷ୍ଟିରେ ସେତେବେଳେ ଦେଶବନ୍ଧୁ ପୂର୍ବର ସେହି ମିଷ୍ଟର ଦାସ ହୋଇ ରହି ନ ଥିଲେ ଯାହାଙ୍କ ନିକଟକୁ ସେ ଏକଦା ଧାଇଁ ଯାଇଥିଲେ ପରାମର୍ଶ ନେବା ଲାଗି, ସେ ରାଜନୈତିକ କାରଣ ନେଇ ବିଶ୍ୱବିଦ୍ୟାଳୟରୁ ବହିଷ୍କୃତ ହୋଇଥିବା ସମୟରେ । ତାଙ୍କ ଦୃଷ୍ଟିରେ ଦେଶବନ୍ଧୁ ଆଉ ଆଗର ସେହି ମିଷ୍ଟର ଦାସ ହୋଇ ରହି ନ ଥିଲେ ଯେ କି ଦିନକୁ ହଜାର ହଜାର ଟଙ୍କା ରୋଜଗାର କରୁଥିଲେ ଏବଂ ଘଣ୍ଟାକୁ ଭିତରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ପାରୁଥିଲେ । ସୁଭାଷ ଦେଖିଲେ ଯେ ଦେଶବନ୍ଧୁଙ୍କର ଘର ଏବେ ଆଉ ପ୍ରାସାଦ ହୋଇ ରହିନାହିଁ ସତ, କିନ୍ତୁ ସେ ପୂର୍ବପରି ସର୍ବଦା ଯୁବକମାନଙ୍କର ଏକ ପରମ ହିତୈଷୀ ବନ୍ଧୁ ରୂପେ ରହି ଆସିଛନ୍ତି ଏବଂ ସେମାନଙ୍କର ଅଭିଳାଷ ଓ ବାସନା ହୃଦୟଙ୍ଗମ କରୁଛନ୍ତି ଏବଂ ବିପଦ ବେଳେ ସେମାନଙ୍କ ପ୍ରତି ସହାନୁଭୂତି ଦେଖାଉଛନ୍ତି । ସେମାନଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା କାଳରେ ସୁଭାଷ ଅନୁଭବ କରିବାକୁ ଆରମ୍ଭ କରିଥିଲେ ଯେ ତାଙ୍କ ଚିହ୍ନିବା-ଜାଣିବା ଭଳି ଜଣେ ବ୍ୟକ୍ତି ଅଛନ୍ତି, ଯାହାଙ୍କ ଦୃଷ୍ଟିରେ ତାରୁଣ୍ୟ ଏକ ତ୍ରୁଟି ନୁହେଁ ବରଂ ଏକ ଗୁଣ ।

ସୁଭାଷ କଲିକତାରେ ଥାଇ ଦେଶର ପରିସ୍ଥିତି ଲକ୍ଷ୍ୟ କରି ଦେଖିବାକୁ ଆରମ୍ଭ କଲେ । ସେତେବେଳେ ସାରା ଦେଶରେ ଲୋକମାନଙ୍କ ମଧ୍ୟରେ ବିଦେଶୀ ବସ୍ତ୍ର, ବିଧାନ ମଣ୍ଡଳ, ଏବଂ କୋର୍ଟକଚେରୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ବାସନ୍ଦ କରିବା ଦିଗରେ ଏକ ଅପୂର୍ବ ଉତ୍ସାହ ଦେଖା ଦେଇଥାଏ । ଭାରତୀୟ ନରମପନ୍ଥୀ ଦଳର ବ୍ୟକ୍ତିମାନଙ୍କ ସମେତ କେତେକ ବୁଦ୍ଧି ଜୀବୀ ଅସହଯୋଗ ଆନ୍ଦୋଳନର ବିରୋଧ କରୁଥିବା ସ୍ଥଳେ ଏବଂ ବୈପ୍ଳବିକ ଦଳ ଅହିଂସା ମାର୍ଗର ବିରୋଧ କରୁଥିବା ସ୍ଥଳେ ମହାତ୍ମା ଅଧିକାଂଶ ଜନସାଧାରଣଙ୍କର ଅକୁଣ୍ଠ ସମର୍ଥନ ହାସଲ କରି ପାରିଥିଲେ । ସେ ଯାହା ହେଉ, ୧୯୨୧ ମସିହାର ପ୍ରାୟ ଶେଷ ସୁଦ୍ଧା ପ୍ରାଧିକାର ନତୁବା ବର୍ଷକ ଭିତରେ ସ୍ୱରାଜ ପ୍ରାପ୍ତିର ପ୍ରତିଶ୍ରୁତି ବିଷୟ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱର ଲକ୍ଷଣ ଦେଖିବାକୁ ମିଳି ନ ଥିଲା । କଂଗ୍ରେସ ଏହିଭଳି ଅବସ୍ଥାରେ ରହିଥିବା ସମୟରେ ସରକାର ଘୋଷଣା କଲେ ଯେ ପ୍ରିନ୍ସ ଅଫ୍ ୱେଲ୍ସ ଭାରତ ପରିଦର୍ଶନରେ ଆସିବେ ଏବଂ ସେ ନଭେମ୍ବର ମାସରେ ବମ୍ବେଠାରେ ପଦାର୍ପଣ କରିବେ କଂଗ୍ରେସ ହାଇ କମାଣ୍ଡ ଏହି ପରିଦର୍ଶନକୁ ବାସନ୍ଦ କରିବା ଲାଗି ଗୁରୁତ୍ୱ ନିଷ୍ପତ୍ତି ଗ୍ରହଣ କରିଥିଲେ । କଲିକତାରେ ଏହି ବାସନ୍ଦ ଏତେ ସମ୍ପୂର୍ଣ୍ଣ ଧରଣର ହୋଇଥିଲା ଯେ କଂଗ୍ରେସ ସ୍ୱେଚ୍ଛାସେବକ ବାହିନୀକୁ ବେଆଇନ ବୋଲି ଘୋଷଣା କରିବାକୁ ବ୍ରିଟିଶ ପରିଚାଳିତ ସମ୍ବାଦପତ୍ରଗୁଡ଼ିକ ବଙ୍ଗଳା ସରକାରଙ୍କ ଉପରେ ଚାପ ଦେଇଥିଲେ । ସେତେବେଳେ ହଜାର ହଜାର ଛାତ୍ର ଓ କଳ କାରଖାନା ଶ୍ରମିକ ନିଜକୁ

Digitized by srujanika@gmail.com

ସ୍ୱେଚ୍ଛାସେବକ ବାହିନୀରେ ସାମିଲ କରିବା ଲାଗି ବାହାର ପଡ଼ିଥିଲା । ରାଜନୈତିକ ବନ୍ଦୀମାନଙ୍କ ସହରର ଦୁଇଟି ବଡ ବଡ଼ ଜେଲଖାନାରେ ଭର୍ତ୍ତି କରି ଦିଆ ଯାଉଥାଏ । ସୁଭାଷ ଇତିପୂର୍ବରୁ କଂଗ୍ରେସର ଜଣେ ସଦସ୍ୟ ହୋଇ ସାରିଥିଲେ ଏବଂ ଏହି ଅନ୍ଦୋଳନର ନେତୃତ୍ୱ ଗ୍ରହଣ କରିଥିଲେ । ଲୋକମାନଙ୍କଠାରେ ବଢି ଉଠୁଥିବା ଅମାନ୍ୟ ଭାବକୁ ଦଳି ଦେବାପାଇଁ ସରକାର କଠୋର ବ୍ୟବସ୍ଥାମାନ ଗ୍ରହଣ କଲେ । ଦେଶବନ୍ଧୁ ଦାସ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ସମେତ ତାଙ୍କର ଘନିଷ୍ଠ ସହକର୍ମୀମାନଙ୍କୁ ଗିରଫ କରିବା ପାଇଁ ଆଦେଶ ଦିଆଗଲା । ୧୯୨୧ ମସିହା ଡିସେମ୍ବର ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ସେମାନେ ଜେଲଖାନା ଭିତରେ ରହି ସାରିଥିଲେ । ସୁଭାଷ ତାଙ୍କର ରାଜନୈତିକ ଜୀବନରେ ଏହି ପ୍ରଥମ ବାର ପାଇଁ ବ୍ରିଟିଶ ଦ୍ୱାରା ଗିରଫ ହୋଇଥିଲେ । ୧୯୪୧ ମସିହାରେ ସେ ତାଙ୍କ ଗୃହରୁ ଅଦୃଶ୍ୟ ହୋଇଯିବା ସମୟ ସୁଦ୍ଧା ଅର୍ଥାତ୍ ୨୦ ବର୍ଷ କାଳ ମଧ୍ୟରେ ସେ ଅନ୍ୟୁନ ୧୧ ଥର ବ୍ରିଟିଶ ଦ୍ୱାରା ରାଜନୈତିକ ବନ୍ଦୀରୂପେ ଅଟକ ହୋଇଥିଲେ । ୧୯୨୧ ମସିହାରେ ସୁଭାଷ ଗିରଫ ହୋଇ ଜେଲଖାନାରେ ଅଟକ ହୋଇ ରହିବା ଫଳରେ, ବଙ୍ଗ ଜାତୀୟ କଲେଜର ପ୍ରିନ୍‌ସିପଲ, ବଙ୍ଗ ପ୍ରାଦେଶିକ କଂଗ୍ରେସ କମିଟିର ପ୍ରଚାର ଅଫିସର ଏବଂ ଜାତୀୟ ସ୍ୱେଚ୍ଛାସେବକ ବାହିନୀର କ୍ୟାପ୍ଟେନରୂପେ ସେ କରୁଥିବା କାର୍ଯ୍ୟ-ଗୁଡ଼ିକର ହଠାତ୍ ପରିସମାପ୍ତି ଘଟିଲା ।

ସେ ବର୍ଷ ଶେଷସୁଦ୍ଧା କେବଳ ମହାତ୍ମା ଗାନ୍ଧୀଙ୍କ ଛଡ଼ା ପଣ୍ଡିତ ମୋତିଲାଲ ନେହରୁ, ଲାଲା ଲାଜପତ ରାୟ ଓ ଦେଶବନ୍ଧୁ ଦାସଙ୍କ ସମେତ ସବୁ ମୁଖ୍ୟନେତା ବନ୍ଦୀଶାଳାରେ ରହିଥାନ୍ତି । ଏକ ରାଜନୈତିକ ସମାଧାନ ପାଇଁ ଭାଇସରାୟ ଲର୍ଡ ରିଡ଼ିଂ ଚଳାଇଥିବା ଉଦ୍ୟମ ପ୍ରଶ୍ନ ଉପରେ ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ନେତାମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମତାନ୍ତର ଅଧିକ ସ୍ପଷ୍ଟ ହୋଇ ଉଠିଥାଏ । ଦେଶବନ୍ଧୁ ଦାସ ବନ୍ଦୀ-ଶାଳରେ ଥିବା ଅବସ୍ଥାରେ ପ୍ରସ୍ତାବଟିକୁ ସ୍ୱୀକାର କରି ନେବା ପାଇଁ ମହାତ୍ମାଙ୍କଠାରେ ଦୃଢ଼ ଦାବୀ ଜଣାଇଥିଲେ କିନ୍ତୁ ମହାତ୍ମା ଖୁବ ବିଳମ୍ବରେ ରାଜି ହେଲେ ଏବଂ ସେତେ-ବେଳକୁ ଭାଇସରାୟ ତାଙ୍କ ମନ ବଦଳାଇ ନେଇ ସାରିଥିଲେ ।

ଯୁକ୍ତ ପ୍ରଦେଶ (ବର୍ତ୍ତମାନ ଉତ୍ତର ପ୍ରଦେଶ)ର ଚୌରିଚୌରାଠାରେ ପୋଲିସ କର୍ମଚାରୀମାନଙ୍କ ବିରୁଦ୍ଧରେ ହୋଇଥିବା ଉତ୍ତେଜିତ ଜନତାର ହିଂସାତ୍ମକ କାଣ୍ଡ ଯୋଗୁଁ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନକୁ ହଠାତ୍ ସ୍ଥଗିତ କରିଦେଲେ । ମାସକ ପରେ ୧୯୨୨ ମସିହା ମାର୍ଚ୍ଚ ମାସରେ ମହାତ୍ମା ଗାନ୍ଧୀଙ୍କୁ ଅହମଦାବାଦଠାରେ ଗିରଫ କରାଯାଇ ୬ ବର୍ଷ ପାଇଁ କାରାଦଣ୍ଡ ଦିଆଗଲା । ସେହିବର୍ଷ ଦେଶବନ୍ଧୁ ଦାସ ଏବଂ ତାଙ୍କର ଅନ୍ୟାନ୍ୟ ସହଯୋଗୀମାନେ ଜେଲଖାନାରେ ଥାଇ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ସେହି ଯୋଜନାଟି ଥିଲା, ବିଧାନ ମଣ୍ଡଳମାନଙ୍କରେ ପ୍ରବେଶ କରି ଏପରି

Digitized by srujanika@gmail.com

କାର୍ଯ୍ୟ ସୃଷ୍ଟି କରିବା, ଯେପରି କି ପ୍ରଶାସନ ଅକାମୀ ହୋଇ ପଡ଼ିବ । ମହାତ୍ମା ଗାନ୍ଧୀଙ୍କର ରକ୍ଷଣଶୀଳ ଅନୁଗାମୀମାନେ ଏହି ଯୋଜନାର ବିରୋଧ କରିଥିଲେ । କିନ୍ତୁ ବର୍ଷର ଶେଷ ବେଳକୁ ଗୟାଠାରେ ଦେଶବନ୍ଧୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଅଧିବେଶନରେ ପଣ୍ଡିତ ମୋତିଲାଲ ନେହରୁ ସ୍ୱରାଜ ପାର୍ଟି ଗଠନ ବିଷୟ ଘୋଷଣା କରିଥିଲେ । କଂଗ୍ରେସର ସରକାରୀ ନୀତି ବିରୋଧରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ଦେଶବନ୍ଧୁ ଦାସ କଂଗ୍ରେସ ସଭାପତି ପଦରୁ ଆନୁଷ୍ଠାନିକ ଭାବରେ ଇସ୍ତଫା ଦେଲେ ।

ବର୍ଷର ପ୍ରଥମ ଭାଗରେ ଜେଲରୁ ଖଲାସ ହୋଇ ଆସି ସୁଭାଷ ଚନ୍ଦ୍ର ବୋଷ ସାର୍ ପ୍ରଫୁଲଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବନ୍ୟାସାହାଯ୍ୟ କାର୍ଯ୍ୟ ସହିତ ସଂପୃକ୍ତ ହୋଇ ନାନା କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି । ସେ ଇତି ମଧ୍ୟରେ 'ବାଂଲାର୍ କଥା' ପତ୍ରିକାର ସମ୍ପାଦକ ପଦ ମଧ୍ୟ ଗ୍ରହଣ କରି ସାରିଥାନ୍ତି । କେନ୍ଦ୍ର ଏବଂ ପ୍ରଦେଶମାନଙ୍କରେ ବିଧାନ ମଣ୍ଡଳଗୁଡ଼ିକ ପାଇଁ ହେବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ରହିଥିବା ସ୍ୱରାଜ ପାର୍ଟିର କାର୍ଯ୍ୟକ୍ରମ ଭାରତର ବହୁ ଅଞ୍ଚଳରେ ଅଧିକତର ଜନପ୍ରିୟ ହୋଇ ଉଠେ । ସେତେବେଳକୁ ସୁଭାଷ ବୋଷ ସ୍ୱରାଜ ପାର୍ଟିର ନୂତନ ଦୈନିକ ସମ୍ବାଦପତ୍ର 'ଫରୱାର୍ଡର' ମ୍ୟାନେଜର ଏବଂ ବଙ୍ଗ ପ୍ରାଦେଶିକ କଂଗ୍ରେସର ସେକ୍ରେଟେରୀ ରୂପେ କାର୍ଯ୍ୟ କରୁଥାନ୍ତି ।

୧୯୨୪ ମସିହା ମାର୍ଚ୍ଚ ମାସରେ କାଉନସିଲ ପ୍ରବେଶ କାର୍ଯ୍ୟକ୍ରମର ଏକ ସଂପ୍ରସାରଣ ହିସାବରେ କଲିକତାରେ ପୌର ସଂସ୍ଥା ପାଇଁ ହୋଇଥିବା ନିର୍ବାଚନରେ ସ୍ୱରାଜ ପାର୍ଟି ବିପୁଳ ସଂଖ୍ୟାଧିକ ଭୋଟରେ ବିଜୟ ହାସଲ କରିଥିଲା । ଦେଶବନ୍ଧୁ ଦାସ କଲିକତାର ମେୟର ନିର୍ବାଚିତ ହେଲେ ଏବଂ ସୁଭାଷ ବୋଷ ୨୭ ବର୍ଷ ବୟସରେ ଚିଫ୍ ଏକଜିକ୍ୟୁଟିଭ ଅଫିସର ରୂପେ ଯୋଗ ଦେଲେ । କଲିକତା ମ୍ୟୁନିସିପାଲ କର୍ପୋରେସନର ପ୍ରଶାସନିକ ମୁଖ୍ୟ ରୂପେ ଏବଂ ମେୟର ଦାସବନ୍ଧୁ ଦାସଙ୍କର ପ୍ରେରଣା-ଦାୟକ ନେତୃତ୍ୱରେ ସୁଭାଷ ବୋଷ କର୍ପୋରେସନ ଏବଂ କଲିକତାର ନାଗରିକମାନଙ୍କ ମଧ୍ୟରେ ରହିଥିବା ସମ୍ପର୍କ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ସହରରେ ଥିବା ବ୍ରିଟିଶ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ହଠାତ୍ ସେମାନଙ୍କର ଗୁରୁତ୍ୱ ହରାଇ ବସିଥିଲେ । ଲୋକମାନେ ଏହି ପ୍ରଥମଥର ପାଇଁ ଅନୁଭବ କରିବାକୁ ଆରମ୍ଭ କଲେ ଯେ ନୌକରସାହୀମାନଙ୍କ ପରିବର୍ତ୍ତେ ସାର୍ବଜନିକ ସେବକମାନେ ମ୍ୟୁନିସିପାଲ ଅଫିସର ଓ କର୍ମଚାରୀ ରୂପେ ସେମାନଙ୍କର ସେବାରେ ଉପସ୍ଥିତ ହୋଇଛନ୍ତି । ଇତି ପୂର୍ବରୁ ଚିଫ୍ ଏକଜିକ୍ୟୁଟିଭ ଆଫିସର ପଦରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ମାସିକ ୩, ୦୦୦ ଟଙ୍କା ବେତନ ପାଇ ଆସୁଥିବା ସ୍ଥଳେ, ସୁଭାଷ ବୋଷ ତାଙ୍କର ବେତନ ରୂପେ ମାତ୍ର ୧, ୫୦୦ ଟଙ୍କା ଗ୍ରହଣ କରିଥିଲେ । ତାଙ୍କ କାର୍ଯ୍ୟର ଗୁରୁ ଦାୟିତ୍ୱ ତୁଲାଇବାରେ ସେ ମନପ୍ରାଣ

Digitized by srujanika@gmail.com

ଲଗାଇ ଖଟିଥିଲେ । ଦେଶରେ ସ୍ୱରାଜ ଦଳ ଦିନକୁ ଦିନ ଲୋକପ୍ରିୟ ହୋଇ ଉଠୁଥିବାର ଦେଖି ବ୍ରିଟିଶ ଶାସକମାନେ ଆଉ ସହି ନ ପାରି ଅକ୍ଟୋବର ମାସରେ ଅନ୍ୟାନ୍ୟ କଟ୍ଟର କଂଗ୍ରେସ କର୍ମୀଙ୍କ ମଧ୍ୟରେ ସୁଭାଷଚନ୍ଦ୍ର ବୋଷଙ୍କୁ ଗିରଫ କଲେ । ସୁଭାଷ ବୋଷଙ୍କୁ ଗିରଫ କରାଯିବାରୁ ଲୋକମାନେ ଚାହିଁ ଉଠିଥିଲେ । କର୍ପୋରେସନର ସ୍ୱରାଜବାଦୀ ପ୍ରଶାସନର ମୂଳୋତ୍ପାଟନ କରିବା ସରକାରଙ୍କର ଅସଲ ଉଦ୍ଦେଶ୍ୟ ହୋଇ ରହିଥିଲା ବୋଲି ସେମାନେ ଅନୁଭବ କରିଥିଲେ । ପ୍ରଥମେ ତାଙ୍କୁ କଲିକତାର ବିଭିନ୍ନ ଜେଲଖାନା-ମାନଙ୍କରେ ରଖା ଯାଇଥିଲା ଏବଂ ପରେ ତାଙ୍କୁ ବର୍ମାର ମାଣ୍ଡାଲେ ଜେଲକୁ ପଠାଇ ଦିଆ ଯାଇଥିଲା । ସେତେବେଳେ ବ୍ରହ୍ମଦେଶ ଭାରତ ସହିତ ଥାଇ ବ୍ରିଟିଶ ଅଧୀନରେ ରହିଥିଲା । ଏହି ଜେଲରେ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ ୬ ବର୍ଷ ପାଇଁ ଏବଂ ଲାଲା ଲଜପତ ରାୟ ବର୍ଷକ ପାଇଁ ଅଟକ ହୋଇ ରହିଥିଲେ । ମହାନ୍ ଭାରତୀୟ ଦେଶବତ୍ସଳ ବ୍ୟକ୍ତିମାନେ ଏକଦା ଏହି ଜେଲରେ ରହିଥିବାର ସ୍ମୃତି ସୁଭାଷଙ୍କ ପକ୍ଷେ ମାଣ୍ଡାଲେ ଜେଲରେ ରହିବାର ଏକ ଗୌରବ କାରଣ ହୋଇଥିଲା । ୧୯୨୭ ମସିହା ମଇ ମାସରେ ତାଙ୍କୁ ବଙ୍ଗକୁ ଫେରାଇ ଅଣାଯିବା ପର୍ଯ୍ୟନ୍ତ ସେ ମାଣ୍ଡାଲେଠାରେ ପ୍ରାୟ ଅଢ଼େଇ ବର୍ଷ ରହିଥିଲେ । ମାଣ୍ଡାଲେ ଜେଲରେ ଅବସ୍ଥାନ କାଳରେ ବର୍ଷର ସବୁଠାରୁ ବଡ଼ ପର୍ବ ହୋଇଥିବା ଦୁର୍ଗାପୂଜା ଉତ୍ସବ ପାଳନ କରିବାକୁ ବ୍ରିଟିଶ କର୍ତ୍ତୃପକ୍ଷ ତାଙ୍କୁ ଅନୁମତି ଦେଇ ନ ଥିବାରୁ ଥରେ ସେ ୬ ସପ୍ତାହବ୍ୟାପୀ ଏକ ଅନଶନ ଧର୍ମଘଟ କରିଥିଲେ ।

ମାଣ୍ଡାଲେ ଜେଲରୁ ଫେରାଇ ଅଣାଯାଇ କଲିକତାରେ ଖଲାସ କରି ଦିଆଯିବା ଘଟଣାର ପ୍ରାୟ ଦୁଇ ବର୍ଷ ପୂର୍ବରୁ, ତାଙ୍କର ନେତା ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ପରଲୋକ ଘଟିଥିଲା । ଦେଶବନ୍ଧୁ ଦାସଙ୍କର ମୃତ୍ୟୁ ସୁଭାଷଙ୍କ ପକ୍ଷେ ଏକ ଦାରୁଣ ବ୍ୟକ୍ତିଗତ ଧକ୍କା ହୋଇ ରହିଥିଲା । ରାଜନୀତିକ ଦୃଶ୍ୟଭୂମିରୁ ଦେଶବନ୍ଧୁ ଦାସଙ୍କର ତିରୋଧାନ ଭାରତ ପକ୍ଷେ ଏକ ଘୋର ଦୁର୍ଭାଗ୍ୟର କାରଣ ହୋଇ ରହିଥିଲା ଏବଂ ଏହା ଫଳରେ ସ୍ୱରାଜ ପାର୍ଟିର ଅଣ୍ଟା ଭାଙ୍ଗି ପଡ଼ିଥିଲା ।

ଅଢ଼େଇ ବର୍ଷ କାଳ ମାଣ୍ଡାଲେ ଜେଲରେ କଟାଇ ଦେଶକୁ ଫେରିଆସି ସୁଭାଷ ଦେଖିଲେ ଯେ ଦେଶବନ୍ଧୁ ଦାସ ଆଉ ନାହାନ୍ତି, ମହାତ୍ମା ଗାନ୍ଧୀ ସାର୍ବଜନୀନ ଜୀବନରୁ ପ୍ରାୟ ଅବସର ନେଇଛନ୍ତି ଏବଂ ମୋତିଲାଲ ନେହରୁ ତାଙ୍କର ପୁତ୍ରବଧୂଙ୍କର ଅସୁସ୍ଥତା କାରଣ ନେଇ ବିଦେଶ ଯାଇଛନ୍ତି । ଇତିପୂର୍ବରୁ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ଜଣେ ବିଶ୍ବାସୀ ଅନୁଗାମୀ ହିସାବରେ ସୁଭାଷ ବୋଷ ରାଜନୀତିକ କ୍ଷେତ୍ରରେ ଯଥେଷ୍ଟ ତାଲିମ ପାଇ ସାରିଥିଲେ । ବ୍ରିଟିଶ ଶୃଙ୍ଖଳକୁ ଛିଣ୍ଡାଇ ଦେବାକୁ ହେଲେ ଭବିଷ୍ୟତ ବର୍ଷମାନଙ୍କରେ ଦେଶକୁ ଯେଉଁ କୌଶଳ ଅବଲମ୍ବନ କରିବାକୁ ହେବ ତାହାର ସ୍ଥୂଳ

Digitized by srujanika@gmail.com

ରୂପରେଖା ଚନ୍ତା କରିବା ଏବଂ ତାହାର ଯୋଜନା କରିବା ପାଇଁ ସେ ଜେଲଖାନାରେ ଯଥେଷ୍ଟ ସମୟ ପାଇଥିଲେ ।

ସୁଭାଷ ଚନ୍ଦ୍ର ବୋଷ କଲିକତାରେ ଖଲାସ ହେବା ପରେ ପ୍ରଥମ ଥର ପାଇଁ ବଙ୍ଗ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ରୂପେ ନିର୍ବାଚିତ ହୋଇଥିଲେ ଏବଂ ପୁନର୍ବାର ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିବାକୁ ବାହାରି ପଡ଼ିଥିଲେ । ସାମ୍ବି-ଧାନିକ ସଂସ୍କାରର ପରବର୍ତ୍ତୀ ପର୍ଯ୍ୟାୟ ସମ୍ବନ୍ଧେ ଭାରତର ଯୋଗ୍ୟତା ସମ୍ପର୍କରେ ପାର୍ଲିଆମେଣ୍ଟକୁ ରିପୋର୍ଟ ଦେବା ଦୃଷ୍ଟିରୁ ଭାରତରେ ଗସ୍ତ କରି ଆଲୋଚନା ଚଳାଇବା ନିମନ୍ତେ ବ୍ରିଟେନର ଜାତୀୟ ଦଳୀୟ ସରକାର ଗୋରା ଲୋକମାନଙ୍କୁ ନେଇ ଗଠିତ ଯେଉଁ ସାଇମନ କମିଶନକୁ ପଠାଇଥାନ୍ତି, ତାହାକୁ ବାସନ୍ଦ କରିବା ପାଇଁ ସେତେବେଳେ ସାରା ଦେଶରେ ଆନ୍ଦୋଳନ ଚାଲିଥାଏ । ସୁଭାଷ ବୋଷ ବଙ୍ଗରେ ଏହି ବାସନ୍ଦ ଅଭି-ଯାନର ନେତୃତ୍ୱ କରିଥିଲେ । ଏହା ଛଡ଼ା ସେ ନିଖିଳ ବଙ୍ଗ ଯୁବ ସଂଘ ଏବଂ ନିଖିଳ ବଙ୍ଗ ଛାତ୍ର ସଂଘର ସଂଗଠନ କାର୍ଯ୍ୟ ପ୍ରତି ଧ୍ୟାନ ଦେଇଥିଲେ । ବର୍ଷର ଶେଷ ଆଡ଼କୁ ମାନ୍ଦ୍ରାଜ-ଠାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଅଧିବେଶନ, ଭାରତୀୟ ଜନସାଧାରଣଙ୍କର ଲକ୍ଷ୍ୟ ସ୍ୱାଧୀନତାପ୍ରାପ୍ତି ବୋଲି ପ୍ରଥମ ବାର ପାଇଁ କୁହାଯାଇ ଦେଇ ଗ୍ରହଣ କରିଥିବା ପ୍ରସ୍ତାବ ଯୋଗୁଁ ଏବଂ କଂଗ୍ରେସ ହାଇ କମେଣ୍ଡ (କାର୍ଯ୍ୟକାରୀ କମିଟି)ରେ କଂଗ୍ରେସର ବାମପନ୍ଥୀ ପ୍ରତିନିଧିମାନଙ୍କୁ ଗ୍ରହଣ କରାଯିବା ତଥା ପଣ୍ଡିତ ଜବାହାରଲାଲ ନେହରୁ ଓ ସୁଭାଷ ବୋଷଙ୍କୁ ଜେନେରାଲ ସେକ୍ରେଟାରୀରୂପେ ନିଯୁକ୍ତ କରାଯିବା ଘଟଣା ଯୋଗୁଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇ ରହିଥିଲା ।

୧୯୨୮ ମସିହା ଡିସେମ୍ବର ମାସରେ ଅନୁଷ୍ଠିତ ହୋଇଥିବା କଲିକତା କଂଗ୍ରେସରେ ପ୍ରଥମ ଥର ପାଇଁ ଦକ୍ଷିଣ ପନ୍ଥୀ ଓ ବାମ ପନ୍ଥୀମାନଙ୍କ ମଧ୍ୟରେ ବଳ କଷାକଷି ହୋଇ-ଥିଲା । ମହାତ୍ମା ଗାନ୍ଧୀ ଆଗତ କରିଥିବା ମୁଖ୍ୟ ପ୍ରସ୍ତାବଟିରେ କୁହା ଯାଇଥିଲା ଯେ ବ୍ରିଟିଶ ସରକାର ଯଦି ୧୯୨୯ ମସିହା ଡିସେମ୍ବର ମାସ ସୁଦ୍ଧା ଡୋମିନିୟନ (ସ୍ୱାୟତ୍ତ ଉପନିବେଶ) ସ୍ତରମର୍ଯ୍ୟାଦା ନ ଦିଅନ୍ତି ତା'ହେଲେ କଂଗ୍ରେସ ଅହିଂସା ଅସହଯୋଗ ଆନ୍ଦୋଳନ ଚଳାଇବ । ସୁଭାଷ ବୋଷ ଏଥିରେ ଏକ ସଂଶୋଧନ ପ୍ରସ୍ତାବ ଆଗତ କରି-ଥିଲେ । ସଂଶୋଧନ ପ୍ରସ୍ତାବରେ କୁହା ଯାଇଥିଲା ଯେ କଂଗ୍ରେସ ସ୍ୱାଧୀନତାପ୍ରାପ୍ତି ଛଡ଼ା ଆଉ କୌଣସିଥିରେ ସନ୍ତୁଷ୍ଟ ହୋଇ ନ ପାରେ, ଯାହାର ଅର୍ଥ ହେଉଛି ବ୍ରିଟିଶ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିବା । ସେ ଯାହା ହେଉ, ସଂଶୋଧନ ସପକ୍ଷରେ ୯୭୩ ଏବଂ

Digitized by srujanika@gmail.com

ବିପକ୍ଷରେ ୧୩୫୦ଟି ଭୋଟ ଉଠିଥିଲା । ଭୋଟରେ ପରାସ୍ତ ହୋଇଗଲେ ମହାତ୍ମା କାଳେ କଂଗ୍ରେସରୁ ବିଦାୟ ନେଇ ଯିବେ, ଏହି ଆଶଙ୍କାରେ ଅନେକ ସଦସ୍ୟ ପ୍ରସ୍ତାବ ବିପକ୍ଷରେ ଭୋଟ ଦେଇଛନ୍ତି ବୋଲି ସୁଭାଷ ଅନୁଭବ କରିଥିଲେ । "ତେଣୁ ବହୁ ବ୍ୟକ୍ତି ମହାତ୍ମାଙ୍କୁ କଂଗ୍ରେସରୁ ଛାଡ଼ି ନ ଦେବା ଦୃଷ୍ଟିରୁ ତାଙ୍କ ପ୍ରସ୍ତାବଟିକୁ ସମର୍ଥନ କରିଥିଲେ । ପରନ୍ତୁ, ଏହି ଭୋଟରୁ ସ୍ପଷ୍ଟ ଭାବରେ ଜଣା ପଡ଼ିଥିଲା ଯେ ବାମପନ୍ଥୀମାନେ ଶକ୍ତିଶାଳୀ ଓ ପ୍ରଭାବଶାଳୀ ହୋଇ ଉଠୁଛନ୍ତି ।" ବର୍ଷକ ପରେ ପଣ୍ଡିତ ଜବାହାରଲାଲ ନେହରୁଙ୍କ ସଭାପତିତ୍ୱରେ ଲାହୋରଠାରେ ଅନୁଷ୍ଠିତ ହୋଇଥିବା ଐତିହାସିକ କଂଗ୍ରେସ ଅଧିବେଶନରେ ବିପୁଳ ଉତ୍ସାହ ମଧ୍ୟରେ ସ୍ୱାଧୀନତା ପ୍ରସ୍ତାବଟି ଗୃହୀତ ହୋଇଥିଲା । ଏହାପରେ କଲିକତାଠାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସର ଅଧିବେଶନରେ ୫୦,୦୦୦ କର୍ମୀ ଜାତୀୟ ମୁକ୍ତିଲାଗି ସଂଗ୍ରାମରେ ଲଢ଼ିବେ ବୋଲି ବାହାରି ପଡ଼ିଥିଲେ । ଏହି ଅଧିବେଶନ ସମୟରେ ସୁଭାଷ ବୋଷ ବଙ୍ଗ ସ୍ୱେଚ୍ଛାସେବକ ବାହିନୀର ଜେନେରାଲ ଅଫିସର କମାଣ୍ଡିଂରୂପେ କାର୍ଯ୍ୟ କରିଥିଲେ । ଏକ ନିର୍ଦ୍ଦିଷ୍ଟ ପୋଷାକସହ ସମ୍ପୂର୍ଣ୍ଣରୂପେ ସାମରିକ ଢାଞ୍ଚାରେ ସେ ଏହି ବାହିନୀଟି ଗଠନ କରି ତାଲିମ ଦେଇଥିଲେ ।

ଏହାପରେ ସେ ନିଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସର ସଭାପତିରୂପେ ନିର୍ବାଚିତ ହୋଇଥିଲେ ଏବଂ ୧୯୩୧ ମସିହା ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ ।

ଏହି ସମୟଠାରୁ ମୁକ୍ତି ସଂଗ୍ରାମର ପୁରୋଭାଗରେ ସୁଭାଷଚନ୍ଦ୍ର ବୋଷଙ୍କର ବ୍ୟକ୍ତିତ୍ୱ ପ୍ରତିଭାତ ହେବାକୁ ଆରମ୍ଭ କରିଥିଲା । ଏକ ଜାତୀୟ ସ୍ତରରେ ଦେଶର ଯୁବ ଓ ଛାତ୍ର ସମାଜକୁ ସଂଗଠିତ କରି ସେମାନଙ୍କୁ ଆଗେଇ ନେବା, ଟ୍ରେଡ୍ ୟୁନିୟନମାନ ସୁଦୃଢ଼ ଭିତ୍ତିରେ ଗଠନ କରି ଶିଳ୍ପ ଶ୍ରମିକମାନଙ୍କୁ ଏକଜୁଟ କରିବା ଏବଂ ବିଦେଶୀ ସରକାର ସହିତ ଟକ୍କର ଦେବାପାଇଁ ବେଳକୁବେଳ ଅଧୈର୍ଯ୍ୟ ହୋଇ ପଡ଼ୁଥିବା ଦେଶର ବାମପନ୍ଥୀ ଲୋକମାନଙ୍କର ନେତୃତ୍ୱ ନେବା ଦିଗରେ ସେ ଅକ୍ଳାନ୍ତ ଭାବରେ କାର୍ଯ୍ୟ କରିଥିଲେ ।

ସେ ବାରମ୍ବାର ଗିରଫ ହୋଇ କାରାବରଣ କରିବା; ୧୯୩୦ ମସିହାରେ କଲିକତାର ମେୟର ରୂପେ ନିର୍ବାଚିତ ହେବା; ୧୯୩୧ ମସିହାରେ ହିଜଲି ଅଟକ ଶିବିରରେ ହୋଇଥିବା ପୋଲିସର ନିର୍ମମ ଗୁଳିଚାଳନା ବିରୁଦ୍ଧରେ ପ୍ରତିବାଦ କରି ବଙ୍ଗ ପ୍ରାଦେଶିକ କଂଗ୍ରେସ କମିଟିରୁ ଇସ୍ତଫା ଦେବା; ୧୯୩୧-୩୨ ମସିହା ପର୍ଯ୍ୟନ୍ତ ନିଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହେବା, ଫୁସ୍‌ଫୁସ୍‌ ଓ ଅନ୍ତ୍ରରେ ହୋଇଥିବା ଯକ୍ଷ୍ମାର ଉପଶମ ପାଇଁ ସେ ୟୁରୋପ ଯାତ୍ରା କରିବା ଏବଂ ଭିଏନାଠାରେ (୧୯୩୩) ସର୍ଦ୍ଦାର ବିଠଲଭାଇ ପଟେଲଙ୍କ ସହିତ ବ୍ୟକ୍ତିଗତ ସଂପର୍କ

Digitized by srujanika@gmail.com

ସୁବ୍ୟବସ୍ଥା କରିବା, ସରକାରଙ୍କ ବିନାନୁମତିରେ ୟୁରୋପରୁ କଲିକତାକୁ ଫେରି ଆସିବା ଏବଂ ୧୯୩୪ ମସିହାରେ ନଜରବନ୍ଦୀ ହେବା; ଏକ ବଡ଼ ଧରଣରେ ଅସ୍ତ୍ରୋପଚାର ପାଇଁ ପୁଣି ୟୁରୋପ ଯିବା; ଭିଏନାଠାରେ ଅନୁଷ୍ଠିତ ଇଣ୍ଡିଆନ ସେଣ୍ଟ୍ରାଲ ଇଉରୋପୀୟାନ ସୋସାଇଟିର ସମ୍ମିଳନୀରେ ଅଂଶ ଗ୍ରହଣ କରିବା; ୧୯୩୫ ମସିହାରେ ସିଗ୍ନର ମୁସୋଲିନୀଙ୍କ ଦ୍ୱାରା ରୋମଠାରେ ଅନୁଷ୍ଠିତ ହୋଇଥିବା ଏସିଆଟିକ୍ ଷ୍ଟୁଡେଣ୍ଟସ୍ ସମ୍ମିଳନୀରେ ଅଭିଭାଷଣ ଦେବା; ଆୟରଲଣ୍ଡ ପରିଦର୍ଶନରେ ଯିବା; ୧୯୩୬ ମସିହାରେ ବମ୍ବେଠାରେ ଆସି ପହଞ୍ଚିବା ମାତ୍ରେ ଜାହାଜ ଉପରୁ ତାଙ୍କୁ ଗିରଫ କରାଯିବା; ବିନାସର୍ତ୍ତରେ ଖଲାସ ହୋଇ ସେ ୧୯୩୭ ମସିହାରେ ପୁନର୍ବାର ଇଉରୋପ ଯାତ୍ରା କରିବା—ଏହି ସବୁ ଘଟଣା ତାଙ୍କର ରାଜନୀତିକ ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ରହିଥିଲା ।

ସେ ବିଦେଶରେ ଥିବା ଅବସ୍ଥାରେ ୧୯୩୮ ମସିହା ଜାନୁୟାରୀ ମାସରେ ତାଙ୍କୁ ଗୁଜରାଟର ହରିପୁରଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଭାରତୀୟ ଜାତୀୟ କଂଗ୍ରେସର ୫୧ତମ ଅଧିବେଶନ ପାଇଁ ସଭାପତି ରୂପେ ବରଣ କରାଯାଇଥିଲା । ସେତେବେଳକୁ ତାଙ୍କର ବୟସ ଥିଲା ମାତ୍ର ୪୧ ବର୍ଷ । ସେହି ମାସରେ ଅୟର୍ଲଣ୍ଡରେ ଆଇରିଶ ନେତା ଶ୍ରୀ ଡି ଭାଲେରାଙ୍କ ସହିତ ସାକ୍ଷାତ କରି ସୁଭାଷ ବୋଷ ଫେବୃୟାରୀ ମାସରେ ଭାରତ ଫେରି ଆସିଥିଲେ ଏବଂ ଦେଶର ପ୍ରଧାନ ରାଜନୀତିକ ସଂଗଠନର ଅଧିବେଶନରେ ସଭାପତିତ୍ୱ କରିଥିଲେ ।

ଏହା ବିନାଦ୍ୱିଧାରେ କୁହାଯାଇପାରେ ଯେ ୧୯୩୮ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଥିବା ଘଟଣା ତାଙ୍କ ନିଜ ଜୀବନର ଏବଂ କେତେକାଂଶରେ ଦେଶର ମୁକ୍ତି ସଂଗ୍ରାମର ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ରହିଥିଲା । କଂଗ୍ରେସ ସଭାପତି ହିସାବରେ ସେ ଭାରତର ସେବାରେ ଯେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ଯାଇଥିଲେ ତନ୍ମଧ୍ୟରେ ଗୋଟିଏ ଥିଲା, ଜବାହାରଲାଲ ନେହରୁ ଅଧ୍ୟକ୍ଷ ରୂପେ ଏବଂ ସେ ଆବାହକ ରୂପେ ଥାଇ ଏକ ଜାତୀୟ ଯୋଜନା କମିଟି ଗଠନ କରିବା ।

ସୁଭାଷ ଅନୁଭବ କରିଥିଲେ ଯେ ତାଙ୍କର ବହୁବିଧ କାର୍ଯ୍ୟକ୍ରମକୁ ବାସ୍ତବ ରୂପ ଦେବା ପାଇଁ କଂଗ୍ରେସ ସଭାପତି ରୂପେ ମାତ୍ର ବର୍ଷଟିଏ ରହି ବିଶେଷ କିଛି କାର୍ଯ୍ୟ କରି ହେବ ନାହିଁ । ତେଣୁ ଏହା ଏକ ପ୍ରଚଳିତ ପ୍ରଥା ହୋଇ ରହି ନଥିଲେ ମଧ୍ୟ ସେ ଦ୍ୱିତୀୟ ବାର ପାଇଁ କଂଗ୍ରେସ ସଭାପତି ପଦ ସକାଶେ ପ୍ରାର୍ଥୀ ରୂପେ ଠିଆ ହୋଇଥିଲେ । ଏହା ମହାତ୍ମା ଗାନ୍ଧୀଙ୍କ ମନକୁ ପାଇ ନଥିଲା । ଡାଃ ପଟ୍ଟାଭି ସୀତାରାମାୟା ଗାନ୍ଧୀଜୀଙ୍କର

Digitized by srujanika@gmail.com

ଆଶୀର୍ବାଦ ଲାଭ କରି ସୁଭାଷଙ୍କ ବିରୁଦ୍ଧରେ ପ୍ରାର୍ଥୀ ରୂପେ ଠିଆ ହେଲେ । ସେ ଯାହା-ହେଉ, ସୁଭାଷ ଏହି ନିର୍ବାଚନରେ ଜିତିଲେ ଏବଂ ଏହା ତାଙ୍କ ନିଜର ପରାଜୟ ବୋଲି ଗାନ୍ଧିଜୀ ସ୍ୱୀକାର କରିଥିଲେ । ଦକ୍ଷିଣ ପନ୍ଥୀ ଓ ବାମପନ୍ଥୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମନ ଫଟାଫଟି ବର୍ତ୍ତମାନ ପ୍ରକାଶ୍ୟ ରୂପ ଧାରଣ କଲା ଏବଂ ଗାନ୍ଧିଜୀ ଓ ସୁଭାଷ ବୋଷଙ୍କ ମଧ୍ୟରେ ମତଭେଦ ଚରମ ଅବସ୍ଥାରେ ପହଞ୍ଚିଥିଲା । କଂଗ୍ରେସ କାର୍ଯ୍ୟକାରୀ କମିଟିର ଅଧିକାଂଶ ସଦସ୍ୟ ଇସ୍ତଫା ଦେଲେ ଏବଂ ୧୯୩୯ ମସିହା ମାର୍ଚ୍ଚ ମାସରେ ଭାରତୀୟ ଜାତୀୟ କଂଗ୍ରେସ କେନ୍ଦ୍ର ପ୍ରଦେଶ (ବର୍ତ୍ତମାନ ମଧ୍ୟ ପ୍ରଦେଶ)ର ତ୍ରିପୁରୀଠାରେ ଏହାର ବାର୍ଷିକ ଅଧିବେଶନରେ ମିଳିତ ହେବାବେଳେ ସୁଭାଷ ବୋଷ ଘୋର ଅସୁସ୍ଥତା କାରଣ ବଶତଃ ସଭାପତି ରୂପେ ଯୋଗ ଦେଇ ପାରି ନ ଥିଲେ । କିନ୍ତୁ ସେ ଏକ ସୁସ୍ପଷ୍ଟ ପ୍ରସ୍ତାବ ପଠାଇ ଥିଲେ, ଯେଉଁଥିରେ କୁହା ଯାଇଥିଲା ଯେ ଛଅମାସ ଭିତରେ ସ୍ୱାଧୀନତା ଦାବୀ କରି କଂଗ୍ରେସ ବ୍ରିଟିଶ ସରକାରଙ୍କ ନିକଟକୁ ଏକ ଚରମପତ୍ର ପଠାଇବା ଉଚିତ ଏବଂ ଏକ ଜାତୀୟ ସଂଗ୍ରାମ ପାଇଁ ତୁରନ୍ତ ପ୍ରସ୍ତୁତ ହେବା ଉଚିତ । ଗାନ୍ଧିଜୀ ଏବଂ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତି ଅନୁରକ୍ତ ହୋଇ ରହିଥିବା ଦକ୍ଷିଣ ପନ୍ଥୀମାନେ ପ୍ରସ୍ତାବଟିର ବିରୋଧ କରିଥିଲେ । ଫଳରେ ଏହା ଅଗ୍ରାହ୍ୟ ହୋଇ ଯାଇଥିଲା । ସୁଭାଷ ବୋଷଙ୍କର କହିବାର ଥିଲା ଯେ ଛଅମାସ ଭିତରେ ଇଉରୋପରେ ଏକ ଯୁଦ୍ଧ ଲାଗି ଯିବାର ସମ୍ଭାବନା ରହିଥିବାରୁ, ବ୍ରିଟେନକୁ ଏକ ଚରମ ପତ୍ର ଦିଆଯିବା ଉଚିତ । ବ୍ରିଟେନ ଯଦି ୬ ମାସ ଭିତରେ ଭାରତକୁ ସ୍ୱାଧୀନତା ନ ଦିଏ, ତା ହେଲେ ଭାରତ ଇଉରୋପରେ ଲାଗି ଯିବା ଯୁଦ୍ଧର ସୁଯୋଗ ନେଇ ବ୍ରିଟେନ ବିରୁଦ୍ଧରେ ଯୁଦ୍ଧରେ ଲଢ଼ିବା ଦେଶମାନଙ୍କ ନିକଟରୁ ସଶସ୍ତ୍ର ସାହାଯ୍ୟ ଲୋଡ଼ିବ । ଗାନ୍ଧିଜୀଙ୍କ ସହିତ ପରାମର୍ଶ କରି କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ନିଯୁକ୍ତ କରିବା ପାଇଁ ସୁଭାଷ ବୋଷଙ୍କୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଗାନ୍ଧିଜୀଙ୍କ ଅନୁଗାମୀ ଦକ୍ଷିଣପନ୍ଥୀମାନେ ଉଦ୍ୟମ କରିବା ଫଳରେ ଏକ ତୀବ୍ର ବାଦାନୁବାଦ ଚାଲିଥିଲା ।

ଏହା ପର ମାସରେ କଲିକତାଠାରେ ଯେତେବେଳେ ନିଖିଳ ଭାରତ କଂଗ୍ରେସ କମିଟିର ବୈଠକ ବସେ ସେତେବେଳେ ସୁଭାଷ ବୋଷ ଏବଂ ଦକ୍ଷିଣପନ୍ଥୀମାନଙ୍କ ମଧ୍ୟରେ ମିଳାମିଶା ପାଇଁ ହୋଇଥିବା ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା ଏବଂ ସ୍ଥିତି ଯେତେବେଳେ ଜଟିଳ ହୋଇଥିଲା ସେତେବେଳେ ସୁଭାଷ ବୋଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବା ବିଷୟ ଘୋଷଣା କରିଥିଲେ ।

୧୯୩୯ ମସିହା ମଇ ମାସରେ ସେ କଂଗ୍ରେସ ମଧ୍ୟରେ ଫରୱାର୍ଡ ବ୍ଲକ ଗଠନ କରିଥିଲେ । ସେ ଦୁଇଟି ଉଦ୍ଦେଶ୍ୟ ନେଇ ଏହି ବ୍ଲକ ଗଠନ କରିଥିଲେ । ତାଙ୍କର ପ୍ରଥମ ଉଦ୍ଦେଶ୍ୟ ଥିଲା, ଯଦି ଭବିଷ୍ୟତରେ ଦକ୍ଷିଣପନ୍ଥୀମାନଙ୍କ ସହିତ ଅଧିକ ଦ୍ୱନ୍ଦ ସୃଷ୍ଟି

Digitized by srujanika@gmail.com

ହୁଏ, ତାହେଲେ ସେ ଏହି ବ୍ଲକ ଗଠନ କରିବା ଦ୍ୱାରା ଦକ୍ଷତାର ସହିତ ଲଢ଼ି ପାରିବେ ଏବଂ ସମୁଦାୟ କଂଗ୍ରେସକୁ ତାଙ୍କର ମତାନୁକୂଳ କରାଇ ପାରିବେ । ଦ୍ୱିତୀୟତଃ, ଯଦିବା ସେ ସମୁଦାୟ କଂଗ୍ରେସକୁ ତାଙ୍କର ଆଡ଼କୁ ଟାଣି ଆଣିବାରେ ବିଫଳ ହୁଅନ୍ତି, ତଥାପି କୌଣସି ବଡ଼ ଧରଣର ସଙ୍କଟ ବେଳରେ ଦକ୍ଷିଣ ପନ୍ଥୀମାନେ ଅଣ୍ଟା ଭିଡ଼ି ବାହାରିବାରେ ଅସମର୍ଥ ହେଲେ ସେ ନିଜେ କ୍ରିୟାଶୀଳ ହୋଇ ପାରିବେ । ଦକ୍ଷିଣପନ୍ଥୀ ଓ ଫରୱାର୍ଡ ବ୍ଲକ ମଧ୍ୟରେ ମତାନ୍ତର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିଲା ଏବଂ ଏହା ଯେତେବେଳବେଳେ ଚରମ ସୀମାରେ ପହଞ୍ଚିଥିଲା, ଯେତେବେଳେ କଂଗ୍ରେସ କାର୍ଯ୍ୟକାରୀ କମିଟି, ଦୁଇବାର କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଥିବା ସୁଭାଷ ବୋଷଙ୍କୁ ଏକ ନିର୍ବାଚିତ କଂଗ୍ରେସ କମିଟିରୁ ତିନିବର୍ଷ ପାଇଁ ଅନ୍ତର କରିବାକୁ ସ୍ଥିର କରିଥିଲେ । ପ୍ରାଦେଶିକ କଂଗ୍ରେସ କମିଟି ଏବଂ ମନ୍ତ୍ରୀମାନଙ୍କ ମଧ୍ୟରେ କି ଭଳି ସମ୍ପର୍କ ରହିବା ଉଚିତ; ତାହା ବୁଝାଇ ଦେଇ ଏବଂ ନିଷ୍କ୍ରିୟ ପ୍ରତିରୋଧ ଆନ୍ଦୋଳନ ଆରମ୍ଭ କରିବାକୁ ହେଲେ ପ୍ରଦେଶ କଂଗ୍ରେସ କମିଟିର ଅନୁମତି ନିଆଯିବା ଉଚିତ ବୋଲି ଧାର୍ଯ୍ୟ କରି ନିଖିଳ ଭାରତ କଂଗ୍ରେସ କମିଟି ଗ୍ରହଣ କରିଥିବା ଦୁଇଟି ପ୍ରସ୍ତାବ ବିରୋଧରେ ପ୍ରତିବାଦ ଜଣାଇବାକୁ ସୁଭାଷ ବୋଷ କଂଗ୍ରେସ କର୍ମୀମାନଙ୍କୁ ପରାମର୍ଶ ଦେଇଥିବାରୁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଇତିମଧ୍ୟରେ ସୁଭାଷ ବୋଷଙ୍କ ଫରୱାର୍ଡ ବ୍ଲକ୍ ଦେଶର ବହୁ ଅଞ୍ଚଳରେ ଜନପ୍ରିୟତା ହାସଲ କରିବାରେ ଲାଗିଥିଲା ।

ଛଅମାସ ପୂର୍ବେ ସୁଭାଷ ବୋଷ ଶୁଣାଇଥିବା ସତର୍କବାଣୀ ସତ ହେଲା ଏବଂ ୧୯୩୯ ମସିହା ସେପ୍ଟେମ୍ବର ମାସରେ ଇଉରୋପରେ ଯୁଦ୍ଧ ଆରମ୍ଭ ହୋଇଗଲା । ଫରୱାର୍ଡ ବ୍ଲକ ସାରା ଦେଶରେ ଏକ ବ୍ରିଟିଶ ବିରୋଧୀ ଓ ଯୁଦ୍ଧ ବିରୋଧୀ ଅଭିଯାନ ଆରମ୍ଭ କଲେ । ବ୍ରିଟିଶ ଶାସକମାନେ ଯେତେବେଳେ ଦେଖିଲେ ଯେ ଫରୱାର୍ଡ ବ୍ଲକ୍ ସେମାନଙ୍କ ଯୁଦ୍ଧ ଉଦ୍ୟମ କ୍ଷେତ୍ରରେ ବେଳକୁ ବେଳ ଅଧିକ ଅନ୍ତରାୟ ହୋଇ ଉଠୁଛି, ସେତେବେଳେ ସେମାନେ ବ୍ଲକକୁ ପଙ୍ଗୁ କରିଦେବା ପାଇଁ ଦୃଢ଼ ବ୍ୟବସ୍ଥାମାନ ଗ୍ରହଣ କଲେ । ୧୯୪୦ ମସିହା ଜୁଲାଇ ମାସରେ ସୁଭାଷ ବୋଷ ଓ ତାଙ୍କର ଶହ ଶହ ସହକର୍ମୀଙ୍କୁ ଗିରଫ କରାଯାଇ ଜେଲରେ ରଖାଗଲା । ତାଙ୍କର ବିଚାର କରିବା ପାଇଁ ବ୍ରିଟିଶ ସରକାରଙ୍କ ଇଚ୍ଛା ନ ଥିଲା । ଏତିକିବେଳେ ସୁଭାଷ ବୋଷ ଆହୁରି ଭଲ ଭାବରେ ହୃଦୟଙ୍ଗମ କରିଥିଲେ ଯେ ବ୍ରିଟେନ ବିରୁଦ୍ଧରେ ଯୁଦ୍ଧରେ ଅଂଶ ଗ୍ରହଣ କରି ଲଢ଼ୁଥିବା ଶତ୍ରୁପକ୍ଷର ଦେଶମାନଙ୍କ ସହିତ ସହଯୋଗ କଲେ ଯାଇ ଭାରତ ସ୍ୱାଧୀନତା ହାସଲ କରି ପାରିବ । ଶେଷରେ ସେ ଏହି ନିଷ୍ପତ୍ତିରେ ଉପନୀତ ହେଲେ ଯେ ଭାରତ ବର୍ତ୍ତମାନ ସକ୍ରିୟ ଭାବରେ ଆନ୍ତର୍ଜାତୀୟ ରାଜନୀତି କ୍ଷେତ୍ରରେ ପ୍ରବେଶ କରିବା ଉଚିତ ।

Digitized by srujanika@gmail.com

ବ୍ରିଟିଶ ସରକାର ସୁଭାଷ ବୋଷଙ୍କୁ ଅନ୍ତରୀଣ କରି ରଖିବାର, ଏଥରକୁ ମିଶାଇ ସର୍ବମୋଟ ଏଗାରଥର ହୋଇଥିଲା । ବର୍ତ୍ତମାନ ସେ ଅନୁଭବ କଲେ ସେ ଏଣିକି ଅଧିକ ବନ୍ଦୀ ଶାଳାରେ ପଡ଼ି ରହିବାଟା ଏକ ଗୁରୁତର ରାଜନୀତିକ ତ୍ରୁଟି ହେବ । ତେଣୁ ସେ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ୧୯୪୦ ମସିହା ନଭେମ୍ବର ମାସ ଶେଷରେ ଏକ ଚରମପତ୍ର ଦେଇ କହିଲେ ଯେ, ତାଙ୍କୁ ଏପରି ଅଟକ କରି ରଖିବା ପଛରେ କୌଣସି ନୈତିକ ବା ନ୍ୟାୟିକ ଯଥାର୍ଥତା ନାହିଁ ଏବଂ ତାଙ୍କୁ ଯଦି ତୁରନ୍ତ ଖଲାସ କରି ଦିଆ ନ ଯାଏ ତା ହେଲେ ସେ ଅନଶନ-ଧର୍ମଘଟ କରିବେ । ପ୍ରଥମେ ବ୍ରିଟିଶ ସରକାର ତାଙ୍କ କଥା ପ୍ରତି କର୍ଣ୍ଣପାତ କରି ନ ଥିଲେ କିନ୍ତୁ ସୁଭାଷ ବୋଷ "ଆମରଣ ଅନଶନ" ଆରମ୍ଭ କରିବାର କେତେଦିନ ପରେ ବ୍ରିଟିଶ ସରକାର ଚିନ୍ତିତ ହୋଇ ପଡ଼ିଲେ ଏବଂ ସେମାନଙ୍କ ହାତରେ କାଳେ ତାଙ୍କର ପ୍ରାଣ ଚାଲିଯିବ, ଏହି ଆଶଙ୍କାରେ ସୁଭାଷଙ୍କୁ ନୀରବରେ ଖଲାସ କରିଦେଲେ । ସୁଭାଷଙ୍କୁ ଖଲାସ କରି ଦିଆଗଲା ସତ, କିନ୍ତୁ ତାଙ୍କର ଗତିବିଧି ଉପରେ କଡ଼ା ନଜର ରଖାଗଲା । ଚାଳିଶ ଦିନ ଧରି ସୁଭାଷବୋଷ ତାଙ୍କ ଘରୁ, ଏପରିକି ତାଙ୍କ ଶୟନ କକ୍ଷରୁ ପଦାକୁ ବାହାରି ନଥିଲେ । ଏବଂ ତାହାପରେ ୧୯୪୧ ମସିହା ଜାନୁୟାରୀ ମାସର ତୃତୀୟ ସପ୍ତାହରେ ଦିନେ ସକାଳେ ସାରା ଭାରତରେ ଏକ ଚମକପ୍ରଦ ଖବର ପ୍ରଚାରିତ ହେଲା ଯେ ବ୍ରିଟିଶ ସରକାର କଡ଼ା ନଜର ରଖିଥିବା ସତ୍ତ୍ୱେ ସୁଭାଷ ବୋଷ କଲିକତାରୁ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ଏହା ପରେ କିଛିଦିନ ପାଇଁ ତାଙ୍କ ସମ୍ବନ୍ଧରେ କୌଣସି ଖବର ଆଉ ଶୁଣାଯାଇ ନ ଥିଲା । ଭାରତରୁ ଅନ୍ତର୍ହିତ ହେବାର ଦଶମାସ ପରେ ୧୯୪୧ ମସିହା ନଭେମ୍ବର ମାସରେ ଜର୍ମାନୀରୁ ସୁଭାଷଙ୍କର ବେତାରବାର୍ତ୍ତା ଶୁଣି ଭାରତ ତଥା ସମଗ୍ର ଜଗତ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲା ।

ପଳାୟନ କରିବାର ସାହସିକ ଯୋଜନା ଏବଂ ଜଣେ ମୁସଲମାନ ଫକୀର ବେଶରେ ଅର୍ଦ୍ଧରାତ୍ରିରେ ତାଙ୍କର କଲିକତା ନିବାସ ଛାଡ଼ିବା ପରମୁହୂର୍ତ୍ତଠାରୁ ସୁଭାଷ ସମ୍ମୁଖୀନ ହୋଇଥିବା ଦୁଃଖ-ଯନ୍ତ୍ରଣା ଓ ବିପଦ, ଛଦ୍ମବେଶରେ ପେଶାବାର ପର୍ଯ୍ୟନ୍ତ ତାଙ୍କର ରେଳଯାତ୍ରା ଓ ତା'ପରେ ସଡ଼କ ଯୋଗେ କାବୁଲ ପର୍ଯ୍ୟନ୍ତ ଯାତ୍ରା ଏବଂ ମସ୍କୋ ଦେଇ ତାଙ୍କର ବର୍ଲିନ ଯାତ୍ରା ସକାଶେ ଇଟାଲୀୟ ଦୂତାବାସ ପକ୍ଷରୁ ସାହାଯ୍ୟ ତଥା ବର୍ଲିନ ଯାତ୍ରା ପୂର୍ବରୁ ତାଙ୍କ ମନରେ ଭରି ରହିଥିବା ଉତ୍କଣ୍ଠା—ଏହି ସବୁ ବିଷୟ ଉତ୍ତମ ଚାନ୍ଦଙ୍କ ଲିଖିତ 'ବୋଷ ସେତେବେଳେ ଜିଆଉଦ୍ଦିନ ଥିଲେ' ନାମକ ପୁସ୍ତିକାରେ ଜୀବନ୍ତ ଭାବରେ ବର୍ଣ୍ଣିତ ହୋଇଅଛି । ସୁଭାଷଚନ୍ଦ୍ର ବୋଷ ତାଙ୍କର କାବୁଲ ଅବସ୍ଥାନ କାଳରେ ଉତ୍ତମ ଚାନ୍ଦଙ୍କ ଗୃହରେ ଆଶ୍ରୟ ନେଇଥିଲେ ।

ଭାରତରୁ ବ୍ରିଟିଶ ଶକ୍ତିକୁ ନିର୍ମୂଳ କରିଦେବା ଉଦ୍ଦେଶ୍ୟରେ ସଶସ୍ତ୍ର ବିଦେଶୀ ସାହାଯ୍ୟର ଅନ୍ୱେଷଣରେ ଯାଇ ସୁଭାଷ ବୋଷ ସେତେବେଳେ ଜର୍ମାନୀରେ ପହଞ୍ଚନ୍ତି,

Digitized by srujanika@gmail.com

ସେତେବେଳେ ହେର୍ ହିଟଲର କ୍ଷମତାର ସର୍ବୋଚ୍ଚ ଶିଖରରେ ପହଞ୍ଚିଥିଲେ । ଭାରତୀୟ ଜାତିର ଜଣେ ଶ୍ରେଷ୍ଠ ପ୍ରତିନିଧି ହିସାବରେ ହିଟଲରଙ୍କ ସହିତ ସାକ୍ଷାତ କରି ଭାରତର ସ୍ୱାଧୀନତା ପାଇଁ ଲଢ଼େଇ କରିବାକୁ ଏକ ସୈନ୍ୟବାହିନୀ ଗଠନ ଦିଗରେ ସାହାଯ୍ୟ କରିବା ନିମନ୍ତେ ତାଙ୍କୁ ପ୍ରବର୍ତ୍ତାଇବା କିଛି ସହଜ କାମ ନ ଥିଲା । ସେ ଯାହାହେଉ, ପରିଶେଷରେ ସୁଭାଷଚନ୍ଦ୍ର ବୋଷ ହିଟଲରଙ୍କ ଶାସନସଂସ୍ଥାର ସମ୍ମାନଭାଜନ ହୋଇ ପାରିଥିଲେ । ବ୍ରିଟେନର ଶତ୍ରୁ ଦେଶମାନଙ୍କର ସହାୟତାରେ ବ୍ରିଟିଶ ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ପାଇଁ ରହିଥିବା ତାଙ୍କର ବଦ୍ଧପରିକର ମନୋଭାବ ଦେଖି ଜର୍ମାନୀ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲା । ବିଭିନ୍ନ ୟୁରୋପୀୟ ଦେଶ ଓ ମଧ୍ୟ ପ୍ରାଚ୍ୟରେ ଯେଉଁ ଭାରତୀୟ ସୈନ୍ୟମାନେ ଯୁଦ୍ଧରେ ବନ୍ଦୀ ହୋଇ ଜର୍ମାନୀରେ ଥିଲେ ସେହିମାନଙ୍କୁ ନେଇ ଜର୍ମାନ ମୃତ୍ତିକାରେ ପ୍ରଥମ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିବା ପୂର୍ବରୁ ସୁଭାଷଙ୍କୁ ଅନେକ ପ୍ରତିକୂଳ ଅବସ୍ଥା ଭିତର ଦେଇ କାର୍ଯ୍ୟ କରିବାକୁ ପଡ଼ିଥିଲା । ବ୍ରିଟିଶ ବିରୁଦ୍ଧରେ ଏକ ସଶସ୍ତ୍ର ସଂଘର୍ଷ ଜରିଆରେ ଭାରତର ମୁକ୍ତି ହାସଲ କରିବା ପାଇଁ ସେ ଯେଉଁ ସ୍ୱପ୍ନ ଦେଖି ଆସିଥିଲେ, ଆଜାଦ୍ ହିନ୍ଦ୍ ଫୌଜ ଗଠନ କରାଯିବା ଫଳରେ ତାଙ୍କର ସେହି ସ୍ୱପ୍ନ ରୂପାୟିତ ହେବାକୁ ଆରମ୍ଭ କରିଥିଲା । ଭାରତକୁ ଖଣ୍ଡା ଦେଖାଇ ଦାସତ୍ୱର ଶୃଙ୍ଖଳାରେ ବାନ୍ଧି ରଖିଥିବା ବ୍ରିଟିଶମାନଙ୍କ ବିରୁଦ୍ଧରେ ଖଣ୍ଡା ଉଠାଇବାକୁ ଯାଇ ସୁଭାଷ ଯେଉଁ ବୀରତ୍ୱର ପରିଚୟ ଦେଇଥିଲେ ତାହା ଏନ୍. ଜି. ଗାନପୁଲେଙ୍କ ରଚିତ 'ଜର୍ମାନୀରେ ନେତାଜୀ' ପୁସ୍ତକରେ ବିଷଦଭାବରେ ବର୍ଣ୍ଣନା କରା-ଯାଇଛି । ମଧ୍ୟ-ଇଉରୋପରେ ରହିଥିବା ଭାରତୀୟମାନଙ୍କର ଅକୁଣ୍ଠ ସାହାଯ୍ୟ ଓ ଆତ୍ମୋତ୍ସର୍ଗମୂଳକ ସେବା ଏବଂ ହିଟଲରଙ୍କ ଶାସନର କ୍ରମବର୍ଦ୍ଧମାନ ସହଯୋଗ ଭିତ୍ତିରେ ସୁଭାଷ ତାଙ୍କର ଲକ୍ଷ୍ୟପଥରେ ଅନେକ ଦୂର ଆଗେଇ ଯାଇ ପାରିଥିଲେ । ସେ ଏକ 'ମୁକ୍ତ ଭାରତ କେନ୍ଦ୍ର' ପ୍ରତିଷ୍ଠା କରି ଏବଂ ଏକ ଭାରତୀୟ ବାହିନୀର ସଂଗଠନ କରି ଭାରତ ଉଦ୍ଦେଶ୍ୟରେ ଜର୍ମାନ ବେତାର କେନ୍ଦ୍ରମାନଙ୍କରୁ ନିୟମିତ ଭାବରେ ବେତାରବାର୍ତ୍ତା ପ୍ରଚାର କରିବାକୁ ଆରମ୍ଭ କରିଥିଲେ । ଏହି ପ୍ରକାରରେ ୧୯୪୧ ମସିହାରେ ଜର୍ମାନ ମୃତ୍ତିକାରେ ପ୍ରଥମ ହୋଇ ଏକ 'ମୁକ୍ତ ଭାରତ ସଂଗଠନ' ଜନ୍ମ ଲାଭ କରିଥିଲା ଏବଂ ସୁଭାଷଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଭାରତର ମୁକ୍ତି ପାଇଁ ଲଢ଼ିବାକୁ ଭାରତୀୟ ବେସାମରିକ ଓ ସାମରିକ ଲୋକମାନେ ଏକଜୁଟ ହୋଇଥିଲେ । ସେମାନେ ସୁଭାଷଚନ୍ଦ୍ର ବୋଷଙ୍କୁ ସ୍ୱତଃ ସେମାନଙ୍କର ନେତା ବୋଲି ବରଣ କରି ନେଇଥିଲେ ଏବଂ 'ନେତାଜୀ' ବୋଲି ସମ୍ବୋଧନ କରିବାକୁ ଆରମ୍ଭ କରିଥିଲେ ।

୧୯୪୧ ମସିହା ଡିସେମ୍ବର ମାସରେ ବିଶ୍ୱଯୁଦ୍ଧ ପ୍ରଶାନ୍ତ ମହାସାଗର ଅଞ୍ଚଳକୁ ବ୍ୟାପ୍ତ ହେବା ଏବଂ ବ୍ରିଟେନ ବିରୁଦ୍ଧରେ ଜାପାନ ଯୁଦ୍ଧ ଘୋଷଣା କରିବା ଫଳରେ

Digitized by srujanika@gmail.com

ନେତାଜୀଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଗଲା । ସେ ତତ୍‌କ୍ଷଣାତ୍ ପୂର୍ବ ଏସିଆରେ ପହଞ୍ଚିବା ପାଇଁ ଏବଂ ମାଲୟ, ସିଙ୍ଗାପୁର, ବ୍ରହ୍ମଦେଶ, ଓ ଅନ୍ୟାନ୍ୟ ପୂର୍ବ ଏସିଆ ଅଞ୍ଚଳମାନଙ୍କରେ ରହୁଥିବା ବିପୁଳ ସଂଖ୍ୟକ ଭାରତୀୟଙ୍କ ମଧ୍ୟରୁ ଲୋକ ସଂଗ୍ରହ କରି ଏକ 'ମୁକ୍ତ ଭାରତ ସେନା' ଗଠନ କରିବା ପାଇଁ ଯୋଜନା କରିଥିଲେ । ସେ ମନେ ମନେ ଭାବିଲେ ଯେ ଯଦି ଜାପାନ, ବ୍ରହ୍ମଦେଶ ଏବଂ ପୂର୍ବ ଏସିଆର ଅନ୍ୟାନ୍ୟ, ଯୁଦ୍ଧକାଳୀନ ସରକାରମାନଙ୍କ ନିକଟରୁ ସେ ସକ୍ରିୟ ସାହାଯ୍ୟ ପାଇ ପାରନ୍ତି, ତାହେଲେ ବ୍ରହ୍ମଦେଶର ସୀମାନ୍ତରେ ଏକ ମୁକ୍ତ ଭାରତୀୟ ବାହିନୀର ସୈନ୍ୟମାନଙ୍କୁ ଠୁଳ କରି ଭାରତୀୟ ସୀମାରେ ଅପର-ପାର୍ଶ୍ୱରେ ରହିଥିବା ବ୍ରିଟିଶ ସୈନ୍ୟମାନଙ୍କର ଉପରେ ଏକ ଆକ୍ରମଣ କରିବା ଏବଂ ବଙ୍ଗଳା ଓ ଆସାମରେ ସେମାନଙ୍କୁ ପଛକୁ ହଟାଇ ଦେବା ସହଜ ହେବ । ସେ ଭାବିଲେ ଯେ ବଙ୍ଗଳା ଓ ଆସାମ ସୀମାରେ ଏହି ଭାରତୀୟ ମୁକ୍ତ ସେନାର ସଫଳତା ଦେଖିଲେ ସାରା ଦେଶରେ ଲୋକମାନେ ଏହାକୁ ସ୍ୱାଗତ କରିବେ ଏବଂ ବ୍ରିଟିଶ ଶାସନ ବିରୁଦ୍ଧରେ ଏକ ଆନ୍ଦୋଳନରେ ମାତିଯିବେ ।

ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୁଦ୍ଧ ଲାଗିଯିବାର କେଇ ଘଣ୍ଟା ମଧ୍ୟରେ, ଜାପାନରେ ଦୀର୍ଘ ୩୦ ବର୍ଷ ଧରି ରାଜନୈତିକ ନିର୍ବାସନରେ ରହୁଥିବା ବିଖ୍ୟାତ ଭାରତୀୟ ବିପ୍ଳବୀ ରାସ ବିହାରୀ ବୋଷ, ବ୍ରିଟିଶ ଶୃଙ୍ଖଳରୁ ସେମାନଙ୍କ ମାତୃଭୂମିର ମୁକ୍ତି ଲାଗି ଲଢ଼େଇ କରିବା ଉଦ୍ଦେଶ୍ୟରେ ଭାରତୀୟ ସ୍ୱାଧୀନତା ଲିଗମାନ ଗଠନ କରିବା ପାଇଁ ସମସ୍ତ ପୂର୍ବ ଏସିଆରେ ଥିବା ଭାରତୀୟମାନଙ୍କୁ ବେତାର ଯୋଗେ ନିବେଦନ ଜଣାଇଥିଲେ ।

୧୯୪୨ ମସିହା ଫେବୃଆରୀ ମାସରେ ସିଙ୍ଗାପୁର ଜାପାନୀମାନଙ୍କ ହାତରେ ପଡ଼ିଲା । ମାଲୟ ଓ ସିଙ୍ଗାପୁରରେ ସେମାନଙ୍କର ଔପନିବେଶିକ ଅଞ୍ଚଳଗୁଡ଼ିକୁ ରକ୍ଷା କରିବା ଲାଗି ବ୍ରିଟେନ ଯେଉଁ ଭାରତୀୟ ସୈନ୍ୟମାନଙ୍କୁ ସେଠାକୁ ନେଇଥିଲା, ସିଙ୍ଗାପୁରର ପତନ ପରେ ସେମାନଙ୍କର ଆତ୍ମସମର୍ପଣର ସର୍ତ୍ତ ହିସାବରେ ସେହି ସୈନ୍ୟମାନଙ୍କୁ ଯୁଦ୍ଧବନ୍ଦୀ ରୂପେ ଜାପାନୀ ସାମରିକ କର୍ତ୍ତୃପକ୍ଷଙ୍କ ନିକଟରେ ସମର୍ପଣ କରିଥିଲେ । ସୈନ୍ୟ ଓ ଅଫିସର-ମାନଙ୍କୁ ମିଶାଇ ସେମାନଙ୍କର ସଂଖ୍ୟା ଥିଲା ପ୍ରାୟ ୬୦,୦୦୦ । ଜାପାନୀ ସାମରିକ କର୍ତ୍ତୃପକ୍ଷ ଏହି ଭାରତୀୟ ଯୁଦ୍ଧ ବନ୍ଦୀମାନଙ୍କୁ ଗ୍ରହଣ କରି ସେମାନଙ୍କୁ କହିଥିଲେ ଯେ "ତୁମ୍ଭମାନଙ୍କୁ ଜେନେରାଲ ଅଫିସର କମାଣ୍ଡିଂ କ୍ୟାପ୍ଟେନ ମୋହନ ସିଂହଙ୍କ ଅଧୀନରେ ରଖାଗଲା, ଯାହାଙ୍କ ହାତରେ ତୁମ୍ଭମାନଙ୍କର ଜୀବନ ଓ ମରଣରେ ଭାର ରହିବ" । ଏହି ପ୍ରକାରେ ଭାରତୀୟ ଜାତୀୟ ବାହିନୀ ଜନ୍ମ ଲାଭ କରିଥିଲା ଏବଂ ପରେ ପୂର୍ବ ଏସିଆର ହଜାର ହଜାର ବେସାମରିକ ଭାରତୀୟ ଯୁବକ ଏଥିରେ ଯୋଗ ଦେଇଥିଲେ । ନେତାଜୀ ସିଙ୍ଗାପୁରରେ ଆସି ପହଞ୍ଚିବା ପରେ ଏହି ବାହିନୀର କଳେବର ବୃଦ୍ଧି କରିଥିଲେ ଏବଂ ସମୁଦାୟ ୩୦,୦୦୦ ରୁ ଅଧିକ ସୁସ୍ଥ ବ୍ୟକ୍ତିଙ୍କୁ ନେଇ ତିନୋଟି ଲଢ଼ୁଆ ଡିଭିଜନ ଗଠନ କରିଥିଲେ ।

Digitized by srujanika@gmail.com

୧୯୪୨ ମସିହା ଜୁନ ମାସରେ ରାସ ବେହାରୀ ବୋଷ ସମଗ୍ର ପୂର୍ବ ଏସିଆରୁ ଆସି ବ୍ୟାଙ୍କକଠାରେ ସମବେତ ହୋଇଥିବା ଭାରତୀୟ ପ୍ରତିନିଧିମାନଙ୍କର ଏକ ଐତିହାସିକ ବୈଠକରେ ସଭାପତିତ୍ୱ କରିଥିଲେ । ଜର୍ମାନୀରୁ ପୂର୍ବ ଏସିଆକୁ ଆସି ଭାରତୀୟ ସ୍ୱାଧିନତା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରିବା ଲାଗି ନେତାଜୀ ବୋଷଙ୍କୁ ଆମନ୍ତ୍ରଣ କରା ଯାଇଥିଲା

ତାଙ୍କ ଦେଶବାସୀଙ୍କର ଜରୁରୀ ଡାକରା ପାଇ ନେତାଜୀ ସେହି ବିପଦ ସଙ୍କୁଳ ସମୟରେ ନିଜର ଜୀବନକୁ ପାଣି ଛଡ଼ାଇ ପୂର୍ବ ଏସିଆରେ ପହଞ୍ଚିବାକୁ ଦୃଢ଼ ସଂକଳ୍ପ ହୋଇଥିଲେ । ଜର୍ମାନୀରୁ ଏକ ବୁଡ଼ା ଜାହାଜ ଯୋଗେ ବାହାରି ସେ ୯୦ ଦିନ କାଳ ଶତ୍ରୁ ଅଧିକୃତ ଜଳଭାଗ ମଧ୍ୟ ଦେଇ ଯାତ୍ରା କରିଥିଲେ । ବ୍ରିଟିଶ ଦ୍ୱୀପପୁଞ୍ଜ ଓ ଆଫ୍ରିକା ଦେଇ ଭାରତ ମହାସାଗର ଅତିକ୍ରମ କରି ସେ ସୁମାତ୍ରା ଓ ତା'ପରେ ପେନାଙ୍ଗଠାରେ ପହଞ୍ଚିଥିଲେ ଏବଂ ସେଠାରୁ ବିମାନ ଯୋଗେ ଜାପାନକୁ ଯାଇ ସେଠାରୁ ସିଙ୍ଗାପୁରକୁ ଆସିଥିଲେ । ତାଙ୍କର ଏହି ଯାତ୍ରା ଭାରତର ମୁକ୍ତି ସଂଗ୍ରାମର ଇତିହାସରେ ଏକ ଗୌରବୋଜ୍ଜ୍ୱଳ ବିଷୟ ହୋଇ ରହିଛି । ୧୯୪୩ ମସିହାରେ ଜାପାନରେ ପହଞ୍ଚି ନେତାଜୀ ସୁଭାଷଚନ୍ଦ୍ର ବୋଷ ଜାପାନର ପ୍ରଧାନମନ୍ତ୍ରୀ ଜେନେରାଲ୍ ଟୋଜୋ ଓ ତାଙ୍କର ଉଚ୍ଚପଦସ୍ଥ ସାମରିକ ଉପଦେଷ୍ଟାମାନଙ୍କ ସହିତ ଭାରତକୁ ମୁକ୍ତ କରିବା ପାଇଁ ରହିଥିବା ତାଙ୍କର ସୁଚିନ୍ତିତ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଜାପାନର ସଶସ୍ତ୍ର ସାହାଯ୍ୟ ସମର୍ଥନର ପ୍ରତିଶ୍ରୁତି ହାସଲ କରିବା ପରେ ନେତାଜୀଙ୍କ ଟୋକିଓ ବେତାରକେନ୍ଦ୍ରରୁ ପୂର୍ବ ଏସିଆରେ ଥିବା ଭାରତୀୟ ଏବଂ ଭାରତ ମଧ୍ୟରେ ଥିବା ଭାରତୀୟମାନଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପ୍ରଚାର କରିଥିଲେ । ଏହି ବେତାର ବାର୍ତ୍ତା ନେତାଜୀ ଜାପାନରେ ପହଞ୍ଚିବାର ସୂଚନା ଦେଇଥିଲା ।

ଜଣେ ନିର୍ଭୀକ ବିଖ୍ୟାତ ବ୍ୟକ୍ତି ସିଙ୍ଗାପୁରରେ ଭାରତୀୟ ମୁକ୍ତି ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରି ଭାରତରେ ବ୍ରିଟିଶ ଶକ୍ତି ଉପରେ ଆକ୍ରମଣ କରିବାକୁ ବ୍ରହ୍ମଦେଶର ସୀମାନ୍ତରୁ ଭାରତୀୟ ଜାତୀୟ ବାହିନୀର ସଂଚାଳନା କରିବାକୁ ଯାଉଥିବାର ଶୁଣି ପୂର୍ବ ଏସିଆରେ ଥିବା ଭାରତୀୟମାନେ ଆନନ୍ଦବିହ୍ୱଳ ହୋଇ ପଡ଼ିଥିଲେ ।

ନେତାଜୀ ବୋଷ ଜାପାନରୁ ବିମାନ ଯୋଗେ ଆସି ୧୯୪୩ ମସିହା ଜୁଲାଇ ୨ ତାରିଖ ଦିନ ସିଙ୍ଗାପୁରଠାରେ ପହଞ୍ଚିଲେ । ଏହାର ଦୁଇଦିନ ପରେ, ସମଗ୍ର ପୂର୍ବ ଏସିଆରୁ ଆସିଥିବା ଭାରତୀୟ ସ୍ୱାଧୀନତା ଲିଗ୍ ପ୍ରତିନିଧିମାନଙ୍କ ଉପସ୍ଥିତିରେ, ରାସ ବେହାରୀ ବୋଷ ଏକ ମର୍ମସ୍ପର୍ଶୀ ଭାଷଣ ଦେଇ ଆନ୍ଦୋଳନର ନେତୃତ୍ୱ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଉପରେ ଅର୍ପଣ କରିଥିଲେ । ତାଙ୍କର ଉତ୍ତରରେ ନେତାଜୀ ଏହି ଗୁରୁ ଦାୟିତ୍ୱ ସ୍ୱୀକାର କରି, ନିକଟରେ ସେ ଏକ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର

Digitized by srujanika@gmail.com

ଗଠନ କରିବାକୁ ଯାଉଥିବାର ସୂଚନା ଦେଇଥିଲେ ଏବଂ କହିଲେ ଯେ ଏହି ଭାରତୀୟ ନେତୃତ୍ୱରେ ଭାରତର ମୁକ୍ତି ସେନା ତାଙ୍କ ମାତୃଭୂମିରେ ଥିବା ବିଦେଶୀ ଶାସନ ବିରୁଦ୍ଧରେ ଯୁଦ୍ଧ ଯାତ୍ରା କରିବ ।

ତା' ପର ଦିନ ନେତାଜୀ ଭାରତୀୟ ଜାତୀୟ ବାହିନୀର ସର୍ବୋଚ୍ଚ ସେନାପତିରୂପେ ଖାକି ପୋଷାକରେ ଭୂଷିତ ହୋଇ ସିଙ୍ଗାପୁର ଟାଉନହଲ ସମ୍ମୁଖବର୍ତ୍ତୀ ପ୍ରଶସ୍ତ ମଇଦାନରେ, ଏହି ବାହିନୀର ସୈନ୍ୟମାନଙ୍କର ସାମରିକ ଅଭିବାଦନ ଗ୍ରହଣ କରିଥିଲେ । ଏହି ପ୍ରଥମ ବାର ପାଇଁ ସେ ତାଙ୍କର ମୁକ୍ତି ସେନାକୁ 'ଦିଲ୍ଲୀ ଚଲ' ଯୁଦ୍ଧ-ଧ୍ୱନି ଏବଂ ସମବେତ ନାଗରିକମାନଙ୍କୁ 'ସମ୍ପୂର୍ଣ୍ଣ ସଜ୍ଜୀକରଣ' ଧ୍ୱନି ଦେଇଥିଲେ । ଭାରତର ମୁକ୍ତି ପାଇଁ ହେବା ଚୂଡ଼ାନ୍ତ ସଂଗ୍ରାମରେ ସେମାନଙ୍କର ଧନ ଓ ଜୀବନ ସବୁ କିଛି ଉତ୍ସର୍ଗ କରିବା ନିମନ୍ତେ ଆଗଭର ହୋଇ ବାହାରିବା ପାଇଁ ଭାରତୀୟମାନଙ୍କୁ ଆହ୍ୱାନ ଜଣାଇବା ଉଦ୍ଦେଶ୍ୟରେ ନେତାଜୀ ମାଳୟ, ଥାଇଲଣ୍ଡ, ବ୍ରହ୍ମଦେଶ ଓ ଫରାସୀ ଇଣ୍ଡୋଚୀନ ଭ୍ରମଣ କରିଥିଲେ । ସେ ଯେଉଁ ଯେଉଁ ସ୍ଥାନ ପରିଦର୍ଶନ କରିଥିଲେ ସେଠାରେ ଭାରତୀୟମାନେ ତାଙ୍କୁ ବିପୁଳ ଉତ୍ସାହ ସହକାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ ସର୍ବପ୍ରକାର ସାହାଯ୍ୟ ସମର୍ଥନର ପ୍ରତିଶ୍ରୁତି ଦେଇଥିଲେ । ସଂକ୍ଷେପରେ କହିବାକୁ ଗଲେ ପୂର୍ବ-ଏସିଆରେ ଥିବା ଭାରତୀୟମାନେ ମୁକ୍ତି ପିପାସୁ ହୋଇ ମାତି ଯାଇଥିଲେ ।

ଏହାପରେ ନେତାଜୀ ଭାରତୀୟ ସ୍ୱାଧୀନତା ଲିଗ ସଦର କାର୍ଯ୍ୟାଳୟର ପୁନର୍ଗଠନ କରିଥିଲେ ଏବଂ ଏହାର କାର୍ଯ୍ୟକଳାପକୁ ସଂପ୍ରସାରିତ କରିଥିଲେ । ଇତିପୂର୍ବରୁ ସେଠାରେ ଯେଉଁସବୁ ବିଭାଗ କାର୍ଯ୍ୟ କରୁଥିଲା ସେଗୁଡ଼ିକ ହେଲା; ସାଧାରଣ ପ୍ରଶାସନ, ଅର୍ଥ, ପ୍ରଚାର, ଯୋଗାଣ ଏବଂ ଲୋକ ସଂଗ୍ରହ ଓ ତାଲିମ । ନେତାଜୀ ଏହି ବିଭାଗଗୁଡ଼ିକୁ ସୁଦୃଢ଼ କରିଥିଲେ ଏବଂ ଆହୁରି କେତେଗୁଡ଼ିଏ ବିଭାଗ ଯୋଗ କରିଥିଲେ । ସେଗୁଡ଼ିକ ହେଲା (୧) ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ, (୨) ମହିଳା ବ୍ୟାପାର (୩) ଜାତୀୟ ଶିକ୍ଷା ଓ ସଂସ୍କୃତି (୪) ପୁନର୍ଗଠନ (୫) ଯୋଗାଣ (୬) ଦରଆପାର ବ୍ୟାପାର ଏବଂ (୭) ଗୃହନିର୍ମାଣ ଓ ଯାନବାହନ । ଡକ୍ଟର ଲକ୍ଷ୍ମୀ ସ୍ୱାମୀନାଥନ ଯେ କି ପରେ ରାଣୀ ଝାନ୍ସି ରେଜିମେଣ୍ଟର କମାଣ୍ଡାଣ୍ଟ ଏବଂ ଭାରତୀୟ ଜାତୀୟ ବାହିନୀର ଜଣେ କର୍ଣ୍ଣେଲ ହୋଇଥିଲେ, ତାଙ୍କ ଅଧୀନରେ ମହିଳା ବିଭାଗ ରଖା ଯାଇଥିଲା । ସମଗ୍ର ପୂର୍ବ ଏସିଆରେ ରହିଥିବା ଲିଗର ଶାଖାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶମାନ ଜାରି କରାଯାଇଥିଲା ।

ନେତାଜୀ ତାଙ୍କର ସମୟକୁ ଲିଗ୍ ସଦର କାର୍ଯ୍ୟାଳୟ ଏବଂ ଆଇ. ଏନ୍. ଏର. ସର୍ବୋଚ୍ଚ କମାଣ୍ଡ ସଦର କାର୍ଯ୍ୟାଳୟ ମଧ୍ୟରେ ବାଣ୍ଟିଦେଇ କାର୍ଯ୍ୟ କରିଥିଲେ ।

ଆଇ. ଏନ୍. ଏ (ଭାରତୀୟ ଜାତୀୟ ବାହିନୀ) ସମ୍ପୂର୍ଣ୍ଣରୂପେ ସଂଗଠିତ ହୋଇ ସାରିଥିବା ଏବଂ ସଂପୂର୍ଣ୍ଣ ସଜ୍ଜୀକରଣ ପାଇଁ ସେ ଦେଇଥିବା ଆହ୍ୱାନ ପ୍ରତି ପୂର୍ବ ଏସିଆର

Digitized by srujanika@gmail.com

ଭାରତୀୟମାନେ ଇଂଲଣ୍ଡର ସହିତ କଣ୍ଠଘାତ କରିଥିବା ଘଟଣାରେ ସନ୍ତୁଷ୍ଟ ହୋଇ ନେତାଜୀ ପରବର୍ତ୍ତୀ ଯୁକ୍ତିଯୁକ୍ତ ବ୍ୟବସ୍ଥା ହିସାବରେ ଐତିହାସିକ ୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ଅର୍ଥାତ୍ ସେ ପୂର୍ବ ଏସିଆରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରିବାକୁ ଚାରି ମାସରୁ କମ୍ ସମୟ ପରେ, ସିଙ୍ଗାପୁରଠାରେ ମୁକ୍ତ ଭାରତର ଅସ୍ଥାୟୀ ସରକାର ଗଠନ କରିଥିଲେ ।

ତା' ପରେ ଦ୍ରୁତ ଗତିରେ ଘଟଣାମାନ ଘଟି ଯାଇଥିଲା ।

ତା'ପର ଦିନ ସେ ସିଙ୍ଗାପୁରଠାରେ ରାଣୀ ଝାନ୍ସି ରେଜିମେଣ୍ଟ ଶିବିର ଉଦ୍‌ଘାଟନ କରିଥିଲେ । ଶତ ଶତ ଭାରତୀୟ ମହିଳା ଓ ବାଳିକା ସେମାନଙ୍କ ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଏକ କଠୋର ଜୀବନ ବରଣ କରିଥିଲେ । ସେମାନଙ୍କୁ ବନ୍ଧୁକ ଚାଳନା ଏବଂ ସଙ୍ଗୀନ୍ ଆକ୍ରମଣର ଅଭ୍ୟାସ ସମେତ ପୁଙ୍ଖାନୁପୁଙ୍ଖ ଭାବରେ ସାମରିକ ତାଲିମ ଦିଆ ଯାଇଥିଲା ।

ଏହା ପରଦିନ ରାତିରେ ଆଜାଦ୍ ହିନ୍ଦ୍‌ର ଅସ୍ଥାୟୀ ସରକାର ବ୍ରିଟେନ ଓ ଆମେରିକା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଏହି ଘୋଷଣାର କେଇ ଘଣ୍ଟା ପରେ ନେତାଜୀ ବେସାମରିକ ଭାରତୀୟ ଲୋକ ଓ ସାମରିକ ଲୋକମାନଙ୍କର ଏକ ବିରାଟ ସଭାରେ ଭାଷଣ ଦେଇଥିଲେ ଏବଂ ସେମାନେ ଭାରତର ମୁକ୍ତି ପାଇଁ ସେମାନଙ୍କର ସର୍ବସ୍ୱ ତ୍ୟାଗ କରିବେ ବୋଲି ଏକ ଗମ୍ଭୀର ଶପଥ ନେଇଥିଲେ ।

କେଇ ଦିନ ଭିତରେ ନଅଟି ଦେଶ—ଜାପାନ, ଜର୍ମାନୀ, ଇଟାଲୀ, କ୍ରୋଏସିଆ, ବ୍ରହ୍ମଦେଶ, ଥାଇଲେଣ୍ଡ, ଜାତୀୟ ଚୀନ, ଫିଲିପିନ୍‌ସ ଓ ମାଞ୍ଚୁରିଆ—ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାରକୁ ସ୍ୱୀକାର କରି ନେଇଥିଲେ ।

ଅସ୍ଥାୟୀ ସରକାର ଗଠନ କରିବାର ସପ୍ତାହକ ପରେ ନେତାଜୀ ବିମାନ ଯୋଗେ ଟୋକିଓ ଯାତ୍ରା କରିଥିଲେ ଏବଂ ନଭେମ୍ବର ପ୍ରଥମ ସପ୍ତାହରେ ସେଠାରେ ଅନୁଷ୍ଠିତ ହୋଇଥିବା ବୃହତ୍ତର ପୂର୍ବ ଏସିଆ ସମ୍ମିଳନୀରେ ଯୋଗ ଦେଇଥିଲେ । ଜାପାନର ସମ୍ରାଟ ନେତାଜୀଙ୍କୁ ରାଷ୍ଟ୍ରର ମୁଖ୍ୟ ତଥା ମୁକ୍ତ ଭାରତର ଅସ୍ଥାୟୀ ସରକାରଙ୍କର ମୁଖ୍ୟ ରୂପେ ସ୍ୱାଗତ ସତ୍କାର କରିଥିଲେ ।

ବୃହତ୍ତର ପୂର୍ବ ଏସିଆ ସମ୍ମିଳନୀରେ ଜାପାନର ପ୍ରଧାନ ମନ୍ତ୍ରୀ ଟୋଜୋ ନଭେମ୍ବର ୬ ତାରିଖ ଦିନ ଘୋଷଣା କଲେ ଯେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ଅସ୍ଥାୟୀ ସରକାର ହାତରେ ଦେଇ ଦେବାକୁ ଜାପାନ ରାଜି ହୋଇଛି । ଇତିପୂର୍ବରୁ ଜାପାନ ଏହି ଅଞ୍ଚଳକୁ ଦଖଲ କରିନେଲେ ।

Digitized by srujanika@gmail.com

ଡିସେମ୍ବର ମାସର ଶେଷ ଆଡ଼କୁ ସିଙ୍ଗାପୁର ଫେରିଆସି ନେତାଜୀ ଆଣ୍ଡାମାନ ଉଦ୍ଦେଶ୍ୟରେ ଯାତ୍ରା କରିଥିଲେ ଏବଂ ୧୯୪୩ ମସିହା ଡିସେମ୍ବର ୩୧ ତାରିଖ ଦିନ ମୁକ୍ତ ଭାରତୀୟ ଅଞ୍ଚଳ ଉପରେ ପଦ ସ୍ଥାପନ କରିଥିଲେ । ଇତି ମଧ୍ୟରେ ଅସ୍ଥାୟୀ ସରକାର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ନାମ ବଦଳାଇ ଶହୀଦ୍ ଓ ସ୍ୱରାଜ ଦ୍ୱୀପପୁଞ୍ଜ ନାମ ରଖିବାକୁ ନିଷ୍ପତ୍ତି ଗ୍ରହଣ କରି ସାରିଥିଲେ ।

ଆଣ୍ଡାମାନ ଯାତ୍ରା କରିବା ପୂର୍ବରୁ ନେତାଜୀ ଏକ କମିଟି ନିଯୁକ୍ତ କରିଥିଲେ, ଯାହାର କାର୍ଯ୍ୟ ଥିଲା, ଭାଷା, ପୋଷାକ, ଆହାର ଅଭିନନ୍ଦନ, ପ୍ରଣାମ ଓ ଉତ୍ସବଗୁଡ଼ିକ କ୍ଷେତ୍ରରେ ପୂର୍ବ ଏସିଆରେ ଥିବା ଭାରତୀୟମାନଙ୍କ ମଧ୍ୟରେ ଜାତୀୟ ଐକ୍ୟ ଆଣିବା ସମ୍ପର୍କରେ ସୁପାରିଶମାନ କରିବା । ସେ ଭାରତୀୟମାନଙ୍କ ମଧ୍ୟରେ ଏକ ସ୍ଥାୟୀ ଏକତା ଆଣିବା ଦୃଷ୍ଟିରୁ ଏହି ଧରଣର ରଚନାତ୍ମକ କାର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ ।

ଆଣ୍ଡାମାନରୁ ନେତାଜୀ ବିମାନ ଯୋଗେ ବ୍ୟାଙ୍କକ ଦେଇ ବ୍ରହ୍ମଦେଶ ଯାତ୍ରା କରିଥିଲେ ଏବଂ ରେଙ୍ଗୁନଠାରେ ଅସ୍ଥାୟୀ ସରକାର, ସ୍ୱାଧୀନତା ଲିଗ୍ ଏବଂ ଆଇ ଏନ୍. ଏ ସର୍ବୋଚ୍ଚ କମାଣ୍ଡର ସଦର କାର୍ଯ୍ୟାଳୟ ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନ ଦୁଇଟି ସ୍ଥାନରେ—ରେଙ୍ଗୁନ ଓ ସିଙ୍ଗାପୁରଠାରେ—ସଦର କାର୍ଯ୍ୟାଳୟମାନ ରହିଲା ।

ଭାରତ ସହିତ ରହିଥିବା ବ୍ରହ୍ମଦେଶର ସୀମା ଅତିକ୍ରମ କରି ଭାରତୀୟ ଜାତୀୟ ବାହିନୀ ଭାରତ ମଧ୍ୟରେ ପ୍ରବେଶ କରିବ ଏବଂ ବ୍ରିଟିଶ ସୈନ୍ୟମାନଙ୍କ ସହିତ ଲଢ଼େଇ କରି ସେମାନଙ୍କୁ ହଟାଇବ ବୋଲି କୃତସଂକଳ୍ପ ହୋଇଥିବା ଦୃଷ୍ଟିରୁ ନେତାଜୀ ନୂତନ ସଦର କାର୍ଯ୍ୟାଳୟଟିକୁ ଏକ ସଂଗ୍ରାମ ଆସ୍ଥାନରେ ପରିଣତ କରିବା ପାଇଁ ଅବିରତ ଉଦ୍ୟମ କରିଥିଲେ । ଏହି ଆସ୍ଥାନରୁ ଭାରତରେ ଥିବା ଶତ୍ରୁ ଉପରେ ଆକ୍ରମଣ କରାଯିବାର ସମସ୍ତ ଆୟୋଜନ ସମ୍ପୂର୍ଣ୍ଣ ନ କରିବା ପର୍ଯ୍ୟନ୍ତ ସେ ବିଶ୍ରାମ ନେଇ ନଥିଲେ ।

ତା'ପରେ ୧୯୪୪ ମସିହା ଫେବୃୟାରୀ ୪ ତାରିଖ ଦିନ ଆରାକାନ ସାମ୍ନାରେ ଏକ ଅଭିଯାନ ଆରମ୍ଭ କରି ଭାରତୀୟ ଜାତୀୟ ବାହିନୀ ପ୍ରଥମ ହୋଇ ଗୁଳି ଚଳାଇଥିବାର ନାଟକୀୟ ଘୋଷଣା ପ୍ରକାଶ ପାଇଲା ।

୧୯୪୪ ମସିହା ମାର୍ଚ୍ଚ ୧୮ ତାରିଖ ଭାରତୀୟ ଜାତୀୟ ବାହିନୀର ଇତିହାସରେ ଏକ ସ୍ମରଣୀୟ ଦିବସ ହୋଇ ରହିବ । ସେହି ଐତିହାସିକ ଦିବସରେ ଆଇ. ଏନ୍. ଏ. ବ୍ରହ୍ମଦେଶର ସୀମା ଅତିକ୍ରମ କରି ପ୍ରଥମ ଥର ପାଇଁ ଭାରତର ପବିତ୍ର ମୃତ୍ତିକା ଉପରେ ପାଦ ରଖିଥିଲେ । ୧୯୪୪ ମସିହା ମାର୍ଚ୍ଚ ୨୧ ତାରିଖ ଦିନ ନେତାଜୀଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ଘୋଷଣାରେ ଏହି ଘଟଣାର ସମ୍ବାଦଟି ପୂର୍ବ ଏସିଆ ତଥା ସମଗ୍ର ଜଗତକୁ ଜଣାଇ ଦିଆ ଯାଇଥିଲା ।

Digitized by srujanika@gmail.com

ରେଙ୍ଗୁନରୁ ତାଙ୍କର ସଦର କାର୍ଯ୍ୟାଳୟ ଉଠାଇ ନେଇଥିବା ଏବଂ ଭାରତୀୟ ଜାତୀୟ ବାହିନୀ ବ୍ରହ୍ମଦେଶ-ଭାରତ ସୀମା ଅତିକ୍ରମ କରିଥିବା ସମୟ ମଧ୍ୟରେ ନେତାଜୀ ଭାରତୀୟ ସ୍ୱାଧୀନତା ଲିଗର ଏକ ବଡ଼ ଧରଣର ସଂପ୍ରସାରଣ ଘଟାଇଥାନ୍ତି ଏବଂ ଯୋଗାଣ, ମେଡିକାଲ ଓ ରାଜସ୍ୱ ବିଭାଗମାନ ସୃଷ୍ଟି କରି ଅସ୍ଥାୟୀ ସରକାରର ମଧ୍ୟ ସଂପ୍ରସାରଣ ଘଟାଇଥାନ୍ତି ।

ରେଙ୍ଗୁନଠାରେ ରାଣୀ ଝାନ୍ସି ରେଜିମେଣ୍ଟର ଏକ ଶିବିର ଉଦ୍‌ଘାଟନ କରାଯାଇଥିଲା ଏବଂ ଭାରତୀୟ ମହିଳା ଓ ବାଳିକାମାନଙ୍କୁ ସାମରିକ ତାଲିମ ଦେବା ପାଇଁ ସମଗ୍ର ପୂର୍ବ ଏସିଆରେ ଶାଖାମାନ ପ୍ରତିଷ୍ଠା କରାଯାଇଥିଲା ।

୧୯୪୪ ମସିହା ଅପ୍ରେଲ ୫ ତାରିଖ ଦିନ ନେତାଜୀ ରେଙ୍ଗୁନଠାରେ ଆଜାଦ୍ ହିନ୍ଦ୍‌ର ପ୍ରଥମ ଜାତୀୟ ବ୍ୟାଙ୍କ ପ୍ରତିଷ୍ଠା କରିଥିଲେ ଏବଂ ସେହିଦିନ ରାଣୀ ଝାନ୍ସୀ ରେଜିମେଣ୍ଟ ସହ ଯୁଦ୍ଧ ସାମ୍ମୁଖ୍ୟକୁ ଯାତ୍ରା କରିଥିଲେ ।

ଇତି ମଧ୍ୟରେ ଭାରତ ବ୍ରହ୍ମଦେଶ ସୀମାର ଆଠୋଟି କ୍ଷେତ୍ରରେ, ଇମ୍ଫାଲର ସମତଳ ଭୂମିରେ ଏବଂ କୋହିମାର ଆଖପାଖ ଅଞ୍ଚଳରେ ଭାରତୀୟ ଜାତୀୟ ବାହିନୀ ଲଢ଼େଇ ଚଳାଇଥାନ୍ତି । ଭାରତୀୟ ମୁକ୍ତି ସେନା ହାତରେ ଇମ୍ଫାଲର ପତନ ଘଟିବା ଅବଶ୍ୟମ୍ଭାବୀ ହୋଇ ରହିଥାଏ ।

କିନ୍ତୁ ନିୟତିର ବିଧାନ ଥିଲା ଅନ୍ୟ ପ୍ରକାର । ଭାରତୀୟ ଜାତୀୟ ବାହିନୀର ସୈନ୍ୟମାନେ ଇମ୍ଫାଲଠାରୁ ତିନି ମାଇଲ ଦୂରରେ ପହଞ୍ଚି ଆଉ ଆଗେଇ ପାରି ନ ଥିଲେ । ଇମ୍ଫାଲକୁ ଯେ କୌଣସି ପ୍ରକାରେ ରକ୍ଷା କରିବାକୁ ଜେନେରାଲ ଲର୍ଡ ମାଉଣ୍ଟବାଟେନ ବ୍ରିଟିଶ ସାମରିକ ବାହିନୀକୁ କଡ଼ା ଆଦେଶ ଦେଇଥିଲେ । ଇମ୍ଫାଲକୁ ରକ୍ଷା କରିବା ନିମନ୍ତେ ବିମାନ ଯୋଗେ ଅଧିକ ସଂଖ୍ୟକ ସୈନ୍ୟସାମନ୍ତ ପହଞ୍ଚାଇ ଦିଆ ଯାଇଥାଏ । ବ୍ରିଟିଶ ପକ୍ଷରୁ ପ୍ରତିରୋଧର ସମ୍ମୁଖୀନ ହୋଇ ଭାରତୀୟ ଜାତୀୟ ବାହିନୀର ସୈନ୍ୟମାନେ ଆଉ ଆଗେଇ ନ ପାରି ଅଟକି ଯାଇଥିଲେ । ଦୁର୍ଭାଗ୍ୟବଶତଃ ଏତିକିବେଳେ ବ୍ରହ୍ମଦେଶରେ ପ୍ରବଳ ବର୍ଷା ହେବା ଫଳରେ ଯୋଗାଣ ମାର୍ଗଗୁଡ଼ିକ ଜଳମଗ୍ନ ହୋଇ ଯିବାରୁ ସେମାନଙ୍କ ପାଇଁ ଯୋଗାଣ ସାମଗ୍ରୀ ଆସିବା କ୍ଷେତ୍ରରେ ଘୋର ବାଧା ସୃଷ୍ଟି ହୋଇଥିଲା

ସୁତରାଂ ପଛକୁ ହଟିଯିବା ଲାଗି ଆଇ. ଏନ. ଏ. କୁ ଆଦେଶ ଦିଆ ଯାଇଥିଲା କିନ୍ତୁ ଏହି ପଛକୁ ହଟି ଯିବାର ଉଦ୍ଦେଶ୍ୟ ଥିଲା ଇମ୍ଫାଲ ଉପରେ ପରବର୍ତ୍ତୀ ଆକ୍ରମଣ ପାଇଁ ପ୍ରସ୍ତୁତ ହେବା ।

Digitized by srujanika@gmail.com

୧୯୪୪ ମସିହା ଜୁନ-ଜୁଲାଇ ମାସରେ ଏହି ବିପର୍ଯ୍ୟୟ ଘଟିଥିଲା । ବହୁ ସୈନ୍ୟ କ୍ଷତବିକ୍ଷତ ଓ ଛିନ୍ନଭିନ୍ନ ଅବସ୍ଥାରେ ଏବଂ ଆହୁରି ବହୁ ସୈନ୍ୟ ମ୍ୟାଲେରିଆ ଓ ଅମାଶୟ ଦ୍ୱାରା ଆକ୍ରାନ୍ତ ହୋଇଥିବା ଅବସ୍ଥାରେ ପର୍ବତ ଓ ଘନ ଜଙ୍ଗଲ ମଧ୍ୟ ଦେଇ ସ୍ୱଳ୍ପ ସ୍ୱଳ୍ପ ମାଣ୍ଡାଲେ ଓ ରେଙ୍ଗୁନକୁ ଫେରି ଆସିଥିଲେ ।

ବର୍ତ୍ତମାନ ଇମ୍ଫାଲ ଉପରେ ପରବର୍ତ୍ତୀ ଆକ୍ରମଣ ପାଇଁ ପ୍ରସ୍ତୁତି ଚାଲିଲା । ଭାରତୀୟ ଜାତୀୟ ବାହିନୀ ତଥା ନାଗରିକମାନେ ଅଧିକ ଉତ୍ସାହ ସହକାରେ ସେମାନଙ୍କ ଯୁଦ୍ଧ ଉଦ୍ୟମ ଦଶଗୁଣ ବୃଦ୍ଧି କରିଥିଲେ ।

ସେ ଯାହାହେଉ ନା କାହିଁକି, ମୁକ୍ତି ସେନା ଆଉ ଅନୁକୂଳ ପରିସ୍ଥିତିର ସୁଯୋଗ ପାଇ ପାରି ନ ଥିଲେ । ଶତ୍ରୁପକ୍ଷ ଆଧୁନିକ ଯାବତୀୟ ସାଜସରଞ୍ଜାମରେ ସୁସଜ୍ଜିତ ହୋଇ ମଟ୍ଟିଲା ଆଡକୁ ଆଗେଇ ଆସୁଥାନ୍ତି । ଶତ୍ରୁପକ୍ଷର ଲକ୍ଷ୍ୟ ଥିଲା ପିନାମାନାରେ ପହଞ୍ଚି ପରିଶେଷରେ ରେଙ୍ଗୁନ ଆଡ଼କୁ ଅଗେଇବା ।

ନେତାଜୀ ରେଙ୍ଗୁନଠାରେ ରହିବା ନିରାପଦଜନକ ନୁହେଁ ବୋଲି ଉପଲବ୍ଧି କରି, ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାରର ସଦସ୍ୟମାନେ ତାଙ୍କୁ ରେଙ୍ଗୁନଠାରୁ ଅନ୍ୟ ସ୍ଥାନକୁ ଚାଲିଯାଇ ସେଠାରୁ ଲଢ଼େଇ ଚଳାଇବାକୁ ପ୍ରବର୍ତ୍ତାଇ ଥିଲେ ।

୧୯୪୫ ମସିହା ଅପ୍ରେଲ ୨୪ ତାରିଖ ଦିନ ସ୍ମରଣୀୟ ପଶ୍ଚାଦପସରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେହିଦିନ ରାତିରେ ମନ୍ତ୍ରୀମଣ୍ଡଳର କେତେକ ମନ୍ତ୍ରୀ, ଆଇ. ଏନ. ଏର ସେନାପତିଗଣ ଏବଂ ରାଣୀ ଝାନ୍ସି ରେଜିମେଣ୍ଟର ସୈନ୍ୟ ଓ ଅଫିସରମାନେ ଲରୀମାନଙ୍କରେ ବସି ଯାତ୍ରା କରିଥିଲେ । ଲରୀଗୁଡ଼ିକର ସମ୍ମୁଖ ଭାଗରେ ନେତାଜୀଙ୍କ କାର ଚାଲିଥିଲା । ନେତାଜୀ ଓ ତାଙ୍କ ଲୋକମାନେ ବ୍ୟାଂକକ୍‌ଠାରେ ପହଞ୍ଚିବାକୁ ତିନି ସପ୍ତାହ ସମୟ ଲାଗିଥିଲା । ଏହି ତିନି ସପ୍ତାହ ଧରି ସେମାନଙ୍କୁ ପଥ ମଧ୍ୟରେ କ୍ଷୁଧା, ତୃଷା ଆଦି ବହୁ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କେତେକ ସ୍ଥାନରେ ଶତ୍ରୁ-ପକ୍ଷର ଲଢ଼ୁଆ ବୋମାବର୍ଷୀ ବିମାନ ଗୁଡ଼ିକର ଆକ୍ରମଣରୁ ସେମାନେ ଅଳ୍ପେକ ରକ୍ଷାପାଇ ଯାଇଥିଲେ । ବହୁ ସ୍ଥାନରେ ସେମାନଙ୍କୁ ବିପଦସଂକୁଳ ନଦୀମାନ ଅତିକ୍ରମ କରିବାକୁ ପଡ଼ିଥିଲା ।

ଏହି ଦୀର୍ଘ ଯାତ୍ରା ପରେ, ୧୯୪୫ ମସିହା ମଇ ମାସର ମଧ୍ୟଭାଗ ବେଳକୁ ନେତାଜୀ ଓ ତାଙ୍କର ଲୋକମାନେ ବ୍ୟାଙ୍କକଠାରେ ପହଞ୍ଚିଥିଲେ । ଏହାର ସପ୍ତାହକ ପୂର୍ବରୁ ଜର୍ମାନୀ ମିତ୍ରଗୋଷ୍ଠୀର ହିଦେଶମାନଙ୍କ କବଳରେ ଆତ୍ମସମର୍ପଣ କରି ସାରିଥାଏ । କିନ୍ତୁ ସେତେବେଳେ ସୁଦ୍ଧା ଜାପାନ ଲଢ଼େଇ ଚାଲୁ ରଖିଥାଏ ।

Digitized by srujanika@gmail.com

ବ୍ୟାଙ୍କକ୍‌ଠାରେ ପହଞ୍ଚି ନେତାଜୀ ତାଙ୍କର ମନ୍ତ୍ରୀମାନଙ୍କ ସହ ଅଧିବେଶନରେ ମିଳିତ ହୋଇ ବ୍ରିଟିଶ ବିରୁଦ୍ଧରେ ଭାରତୀୟ ଜାତୀୟ ବାହିନୀ ଲଢ଼େଇ ସ୍ଥିର ରଖିବାର ଯୋଜନାମାନ ପ୍ରସ୍ତୁତ କରିଥିଲେ ।

ଏହି ସମୟରେ ୧୯୪୫ ମସିହା ଜୁନ ମାସରେ ଖବର ପ୍ରସାରିତ ହେଲା ଯେ ଯୁଦ୍ଧ ପ୍ରତି ବିରୋଧ ଛାଡ଼ି ଦେଇ ବ୍ରିଟେନର ଯୁଦ୍ଧ ଉଦ୍ୟମରେ ସହଯୋଗ କରିବାକୁ ଲର୍ଡ଼ ଓ୍ୱାଭେଲ ମହାତ୍ମା ଗାନ୍ଧୀ ଏବଂ କଂଗ୍ରେସକୁ ପ୍ରବର୍ତ୍ତାଇବାକୁ ଉଦ୍ୟମ କରୁଛନ୍ତି । ଏହା ବଦଳରେ ଭାଇସରୟଙ୍କ ଏକ୍‌ଜିକ୍ୟୁଟିଭ କାଉନସିଲରେ ଅଧିକ ଭାରତୀୟ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଥାଏ ।

ବିଦେଶୀ ସରକାର ଏବଂ ଭାରତୀୟ, ଜାତିର ପ୍ରତିନିଧିତ୍ୱ କରୁଥିବା କଂଗ୍ରେସ ମଧ୍ୟରେ ରହିଥିବା ଦ୍ୱନ୍ଦଗୁଡ଼ିକ ସମାପ୍ତ କରିବାର ସମସ୍ତ ସମ୍ଭବପରତା ଅନ୍ୱେଷଣ କରିବା ଲାଗି ମହାତ୍ମା ଗାନ୍ଧୀ ତାଙ୍କର ସ୍ୱଭାବସୁଲଭ ସରଳତା ଯୋଗୁ ରାଜି ହୋଇଥାନ୍ତି । ପରବର୍ତ୍ତୀ ଏକ ପର୍ଯ୍ୟାୟରେ ମହାତ୍ମା ଗାନ୍ଧୀ ନିଜକୁ ଘଟଣା କ୍ଷେତ୍ରରୁ ପ୍ରତ୍ୟାହାର କରି ନେଇଥିଲେ ଏବଂ ୧୯୪୫ ମସିହା ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ସିମଲା ସମ୍ମିଳନୀରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପରାମର୍ଶ ଅନେ, କଂଗ୍ରେସ ତରଫରୁ ମତାମତ ବ୍ୟକ୍ତ କରିବା ଭାର କଂଗ୍ରେସ ସଭାପତି ମୌଲାନା ଆଜାଦଙ୍କ ଉପରେ ଛାଡ଼ି ଦେଇଥିଲେ ।

ଓ୍ୱାଭେଲଙ୍କ ପ୍ରସ୍ତାବ ବିଷୟ ଶୁଣିବା ମାତ୍ରେ ନେତାଜୀ ଜୁନ ୧୮ ତାରିଖ ଦିନ ବିମାନ ଯୋଗେ ବ୍ୟାଙ୍କକ୍‌ରୁ ସିଙ୍ଗାପୁରଠାରେ ଆସି ପହଞ୍ଚିଥିଲେ ଏବଂ ଓ୍ୱାଭେଲଙ୍କ ପ୍ରସ୍ତାବଟି ଗ୍ରହଣ ନ କରିବା ଲାଗି ବେତାର ବାର୍ତ୍ତା ଜରିଆରେ କଂଗ୍ରେସ ନେତା ମାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ପ୍ରାୟ ମାସେ ଧରି ପ୍ରତିଦିନ ରାତିରେ ରେଡ଼ିଓରୁ ନେତାଜୀଙ୍କର କଣ୍ଠସ୍ୱର ଶୁଣାଯାଉଥିଲା । ଓ୍ୱାଭେଲଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେବା ପାଇଁ ସେ କଂଗ୍ରେସର ନେତାମାନଙ୍କୁ କରିଥିବା ନିବେଦନ ସପକ୍ଷରେ ତାଙ୍କର ଅଧିକ ଗୁରୁତ୍ୱପୂର୍ଣ୍ଣ ଯୁକ୍ତିଟି ଥିଲା ଯେ ଭାରତୀୟ ପ୍ରଶ୍ନଟିକୁ ବ୍ରିଟିଶ ସାମ୍ରାଜ୍ୟର ଘରୋଇ ପ୍ରଶ୍ନରୂପେ ବିବେଚନା କରିବା ହେଉଛି ବ୍ରିଟେନର ଏକ ବିଶେଷ ଧରଣର କପଟ ଉପାୟ । ଏହାଛଡ଼ା, ବ୍ରିଟେନର ପରବର୍ତ୍ତୀ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ପୂର୍ବରୁ, ଭାରତୀୟ ପ୍ରଶ୍ନଟିର "ସମାଧାନ" କରି ନେବାକୁ କ୍ଷମତାସୀନ ଜାଠଦଳୀୟ ସରକାର ଇଚ୍ଛାକରୁଥିଲେ, କାରଣ ଏହି ନିର୍ବାଚନରେ ଶ୍ରମିକ ଦଳ କ୍ଷମତାକୁ ଆସିବାର ଯଥେଷ୍ଟ ସମ୍ଭାବନା ରହିଥିଲା । ନେତାଜୀଙ୍କର କହିବାର କଥା ଥିଲା ଯେ ଓ୍ୱାଭେଲଙ୍କ ପ୍ରସ୍ତାବକୁ ଯଦି ଅଗ୍ରାହ୍ୟ କରି ଦିଆଯାଏ, ତା ହେଲେ କଂଗ୍ରେସ ଭାରତୀୟ ସଂଗ୍ରାମକୁ ଏକ ଆନ୍ତର୍ଜାତୀୟ ପ୍ରଶ୍ନ ସ୍ତରରେ ରଖି ପାରିବେ ।

Digitized by srujanika@gmail.com

ଓ୍ୱାଭେଲଙ୍କ ପ୍ରସ୍ତାବକୁ କଂଗ୍ରେସ ସମ୍ପୂର୍ଣ୍ଣରୂପେ ପ୍ରତ୍ୟାଖାନ କରିଥିବାରୁ ସିମଲା ସମ୍ମିଳନୀ ବ୍ୟର୍ଥ ହେବାର ସମ୍ବାଦ ଶୁଣିବା ମାତ୍ରେ ନେତାଜୀ ଅତ୍ୟନ୍ତ ଆନନ୍ଦରେ ପୁଲକିତ ହୋଇ ଉଠିଥିଲେ ।

ଏହାପରେ ନେତାଜୀ ମାଲୟ ଗସ୍ତରେ ଯାଇଥିଲେ । ସେ ସେରାମ୍ବନଠାରେ ଅବସ୍ଥାନ କରୁଥିବା ସମୟରେ ଖବର ପାଇଲେ ଯେ ରୁଷିଆ ଜାପାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛି । କେତେଜଣ ଲିଗ୍ କର୍ମକର୍ତ୍ତା ସିଙ୍ଗାପୁରରୁ ଆସି ଅଗଷ୍ଟ ୧୧ ତାରିଖ ମଧ୍ୟ ରାତିରେ ନେତାଜୀଙ୍କ ଶିବିରରେ ପହଞ୍ଚି ଜାପାନ ଆତ୍ମସମର୍ପଣ କରିଥିବା ସମ୍ବାଦ ଦେଲେ ।

ଭାରତୀୟ ଜାତୀୟ ବାହିନୀ ପକ୍ଷେ ଏହି ସମୟଟି ଏକ ଅତ୍ୟନ୍ତ ସଙ୍କଟ ବେଳ ହୋଇ ରହିଥିଲା । ଜାପାନ ଆତ୍ମସମର୍ପଣ କରିବା ଦୃଷ୍ଟିରୁ ଆଇ. ଏନ୍. ଏ. ଏକାକୀ ଯୁଦ୍ଧ କରିବା ନିରର୍ଥକ ହେବ ବୋଲି ଜଣା ପଡ଼ିଥିଲା । ଜାପାନ ଯଦି ସମସ୍ତ ପୂର୍ବ ଏସିଆରେ ଅସ୍ତ୍ର ପରିତ୍ୟାଗ କରେ ତା'ହେଲେ ଏକାକୀ ଲଢ଼େଇ କରିବା ଆଇ. ଏନ୍. ଏ. ପକ୍ଷେ ଆତ୍ମଘାତୀ କାର୍ଯ୍ୟ ହେବ ବୋଲି ବିବେଚନା କରି ଯାଇଥିଲା । କିନ୍ତୁ ଆଇ. ଏନ୍. ଏ. (ଭାରତୀୟ ଜାତୀୟ ବାହିନୀ) ଆତ୍ମସମର୍ପଣ କରିବାର କୌଣସି ଆବଶ୍ୟକତା ନ ଥିଲା । ଏହା ଲଢ଼େଇ ଖୁଲ୍ଲୁ ନ ରଖି ବନ୍ଦ କରି ଦେଇଥିଲା ।

ସୁତରାଂ ସାମରିକ ଦୃଷ୍ଟିରୁ ଆଇ. ଏନ୍. ଏ. ଅକୃତ କାର୍ଯ୍ୟ ହୋଇଥିଲା । ସାମରିକ ବ୍ୟର୍ଥତା କଥା ଛାଡ଼ିଦେଲେ, ଏହି ବାହିନୀ ଏକ ସୁଦକ୍ଷ ଲଢ଼ୁଆ ବାହିନୀରୂପେ ଯଥେଷ୍ଟ ଖ୍ୟାତି ଅର୍ଜ୍ଜନ କରି ସାରିଥିଲା । ଭାରତର ମୁକ୍ତି ଲାଗି ନେତାଜୀ ଏବଂ ଆଇ. ଏନ୍. ଏ. ଯେଉଁ ଅତୁଳନୀୟ ତ୍ୟାଗ ସ୍ୱୀକାର କରିଥିଲେ, ତାହା ଦେଖି ଜାପାନ, ଚୀନ, ବ୍ରହ୍ମଦେଶ, ଥାଇଲାଣ୍ଡ, ମାଲୟ, ଫିଲିପିନସ, ଇଣ୍ଡୋନେସିଆ ଓ ଭିଏତ୍‌ନାମର ଜନସାଧାରଣ ସେମାନଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଦେଖାଇଥିଲେ । ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୁଦ୍ଧ ଲାଗିବା ସମୟରେ ଔପନିବେଶିକ ଶାସନାଧୀନ ହୋଇ ରହିଥିବା ଦକ୍ଷିଣ ପୂର୍ବ ଏସୀୟ ଦେଶ ସବୁ, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କର ବିଚକ୍ଷଣ ନେତୃତ୍ୱରେ ବୈପ୍ଳବିକ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଏବଂ ଭାରତୀୟ ଜାତୀୟ ବାହିନୀର ଦେଶାତ୍ମବୋଧ ଦେଖି ଯଥେଷ୍ଟ ପ୍ରେରଣା ଲାଭ କରିଥିଲେ । ବ୍ରହ୍ମଦେଶ, ମାଲୟ, ଇଣ୍ଡୋନେସିଆ ଓ ଭିଏତ୍‌ନାମର ଲୋକମାନେ ଶପଥ ନେଇଥିଲେ ଯେ ଯୁଦ୍ଧ ପରେ ସେମାନେ ସେମାନଙ୍କର ପୂର୍ବତନ-ଶାସକମାନଙ୍କୁ ସେମାନଙ୍କ ଭୂମିରେ ଆଉ ପ୍ରବେଶ କରିବାକୁ ଦେବେ ନାହିଁ ଏବଂ ସେମାନେ ଚିରକାଳ ପାଇଁ ମୁକ୍ତ ରହିବେ ।

ନେତାଜୀ ତୁରନ୍ତ ସିଙ୍ଗାପୁର ଫେରି ଆସି ଅସ୍ଥାୟୀ ସରକାରର ବେସାମରିକ ଓ ସାମରିକ ଶାଖାଗୁଡ଼ିକୁ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଅତି ବିସ୍ତୃତ ଭାବରେ ନିର୍ଦ୍ଦେଶମାନ

Digitized by srujanika@gmail.com

ଜାରି କରିଥିଲେ । ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ଅନୁରୋଧ କ୍ରମେ ନେତାଜୀ ଘୋର କୁଣ୍ଠାର ସହ ସିଙ୍ଗାପୁର ଶତ୍ରୁ ଆକ୍ରମଣ ପୂର୍ବ ଦିଗକୁ ଗତି କରିବାକୁ ରାଜି ହୋଇଥିଲେ ।

ସେ ଯେତେବେଳେ ସିଙ୍ଗାପୁର ଛାଡ଼ି ବିମାନ ଯୋଗେ ବ୍ୟାଙ୍କକ୍ ଯାତ୍ରା କରିବାକୁ ଶେଷରେ ରାଜି ହୋଇଥିଲେ, ସେତେବେଳେ ସେ କହିଥିଲେ ଯେ ସେ ହେଉଛନ୍ତି ଜଣେ ଅଦୃଷ୍ଟବାଦୀ— ଯାହାର ଅର୍ଥ ହେଉଛି ଘଟଣା ସବୁ ପୂର୍ବ ବିଧିନିର୍ଦ୍ଦିଷ୍ଟ ମାର୍ଗରେ ଗତି କରିବାରେ ସେ ବିଶ୍ୱାସ କରନ୍ତି । ବ୍ୟାଙ୍କକଠାରେ ପହଞ୍ଚିବା ପରେ ତାଙ୍କର କର୍ମପନ୍ଥା କ'ଣ ହେବ, ତାହା ସେତେବେଳେ ସେ ଜାଣି ନଥିଲେ ।

ଜାପାନର ଆତ୍ମସମର୍ପଣ ବିଷୟ ଅଗଷ୍ଟ ୧୫ ତାରିଖ ଦିନ ସରକାରୀ ସ୍ତରରେ ଘୋଷଣା କରା ଯାଇଥିଲା ।

ତାଙ୍କର କେତେକ ବିଶ୍ୱସ୍ତ ସାମରିକ କର୍ମଚାରୀଙ୍କ ସହ ନେତାଜୀ ଅଗଷ୍ଟ ୧୬ ତାରିଖ ଦିନ ବିମାନ ଯୋଗେ ସିଙ୍ଗାପୁରରୁ ଆସି ବ୍ୟାଙ୍କକଠାରେ ପହଞ୍ଚିଲେ ଏବଂ ତା'ପର ଦିନ ସକାଳେ ସାଇଗନ ଅଭିମୁଖରେ ଯାତ୍ରା କରିଥିଲେ । ସେ ଏହି ଯାତ୍ରା କାଳରେ ତାଙ୍କର ଭବିଷ୍ୟତ କର୍ମପନ୍ଥା ସମ୍ପର୍କୀୟ କେତେକ ଯୋଜନା ପ୍ରସ୍ତୁତ କରିଥିଲେ । ସାଇଗନଠାରେ ପହଞ୍ଚି ସେହି ଦିନ ସନ୍ଧ୍ୟାବେଳେ ନେତାଜୀ ତାଙ୍କର ଯାତ୍ରା ପୁନର୍ବାର ଆରମ୍ଭ କରିଥିଲେ ଏବଂ ତାଙ୍କର ଏହି ଯାତ୍ରା ଶେଷ ଯାତ୍ରା ହୋଇ ରହିଥିଲା । ୧୯୪୫ ମସିହା ଅଗଷ୍ଟ ୧୭ ତାରିଖ ଦିନ ସାଇଗନରୁ ତାଙ୍କର ବିମାନ ଯାତ୍ରାରେ ତାଙ୍କ ସହିତ ଜଣେମାତ୍ର ସହଯାତ୍ରୀ ରହିଥିଲେ । ସେ ଥିଲେ ଆଇ. ଏନ. ଏ. ର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ କର୍ଣ୍ଣେଲ ହବିବୁର ରହମାନ । ନେତାଜୀ ଯେଉଁ ମଧ୍ୟମ ଆକାରର ବୋମାବର୍ଷୀ ବିମାନଟିରେ ଯାତ୍ରା କରିଥିଲେ ସେଥିରେ ସ୍ଥାନାଭାବ କାରଣ ନେଇ ତାଙ୍କ ଦଳର ଅନ୍ୟାନ୍ୟ ସଦସ୍ୟମାନେ ଯାଇ ନ ପାରି ସାଇଗନଠାରେ ରହି ଯାଇଥିଲେ ।

ପାଞ୍ଚଦିନ ପରେ— ୧୯୪୫ ଅଗଷ୍ଟ ୨୨ ତାରିଖ ଦିନ ଟୋକିଓ ରେଡ଼ିଓରୁ ଘୋଷଣା କରାଯାଇଥିଲା ଯେ ଜାପାନ ଯାତ୍ରା ପଥରେ ୧୯୪୫, ଅଗଷ୍ଟ ୧୮ ତାରିଖ ଦିନ ଫର୍ମୋଜାରେ ଘଟିଥିବା ଏକ ବିମାନ ଦୁର୍ଘଟଣାରେ ନେତାଜୀ ସୁଭାଷ ବୋଷ ପ୍ରାଣ ହରାଇଛନ୍ତି ।

ନେତାଜୀ ସାଇଗନଠାରେ ଦେମୋ ସମେତ ଯେଉଁମାନଙ୍କୁ ଛାଡ଼ି ଯାଇଥିଲେ, ସେମାନଙ୍କ ମନରେ ଏହି ଧାରଣା ଥିଲା ଯେ ନେତାଜୀ ସମ୍ଭବତଃ ଡାଇରେନ ଅଭିମୁଖରେ ଯାତ୍ରା କରିଛନ୍ତି ଯେଉଁଠାରୁ ସେ ରୁଷିଆକୁ ଯାଇ ରୁଷ ନେତାମାନଙ୍କ ସହିତ ଯୋଗାଯୋଗ ରଖିବେ ।

Digitized by srujanika@gmail.com

ଆଇ.ଏନ. ଏ ନାଟକର ଶେଷ ଦୃଶ୍ୟଗୁଡ଼ିକ ଦେଖିବାକୁ ମିଳେ ଭାରତରେ । ବ୍ରିଟିଶ ସରକାର ବିରୁଦ୍ଧରେ ଯୁଦ୍ଧ କରିଥିବା ଅଭିଯୋଗରେ ଲାଲକିଲ୍ଲାରେ ମେଜର-ଜେନେରାଲ ଶାହା ନୱାଜ୍, କର୍ଣ୍ଣେଲ ପି.କେ. ସାଇଗଲ ଓ କର୍ଣ୍ଣେଲ ଜି. ଏସ୍ ଧିଲନ୍‌ଙ୍କର ଯେଉଁ ବିଖ୍ୟାତ ବିଚାର ହୋଇଥିଲା, ତାହା ସମଗ୍ର ଦେଶରେ ଏକ ଉତ୍ତେଜନା ସୃଷ୍ଟି କରିଥିଲା । ନାନା ସ୍ଥାନରେ ବ୍ରିଟିଶ ବିରୋଧୀ ଦଙ୍ଗାମାନ ହୋଇଥିଲା ଏବଂ ଏକ ନୌ ବିଦ୍ରୋହ ମଧ୍ୟ ଘଟିଥିଲା । ଏହାର ଅଳ୍ପ ଦିନ ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ସ୍ୱାଧୀନ ହେଲା ।

ଏସ୍. ଏ. ଆୟାର

Digitized by srujanika@gmail.com

ନେତାଜୀଙ୍କର ଭାଷଣ ଓ ବାଣୀ

Digitized by srujanika@gmail.com

Digitized by srujanika@gmail.com

ଆଜାଦ ହିନ୍ଦ୍ ଫୌଜର ସଂକଳ୍ପ

ସାହସୀ ସୈନିକଗଣ ! ଜୀବନର ଶେଷ ନିଶ୍ୱାସ ରହିଥିବା ପର୍ଯ୍ୟନ୍ତ ଆପଣମାନେ ଜାତୀୟ ତ୍ରିରଙ୍ଗ ଝଣ୍ଡା ତଳେ ଥାଇ ଶତ୍ରୁ ସହିତ ଲଢ଼ିବେ ବୋଲି ଆଜି ଏକ ଶପଥ ନେଲେ । ଆଜିଠାରୁ ଆପଣମାନେ ମୁକ୍ତ ଭାରତର ଜାତୀୟ ବାହିନୀର ସୈନିକ ରୂପେ ପରିଣତ ହେଲେ । ଆପଣମାନେ ସ୍ୱେଚ୍ଛାକୃତ ଭାବରେ ତ୍ରିଶ କୋଟି ଭାରତୀୟଙ୍କର ଦାୟିତ୍ୱ ବହନ କରିଛନ୍ତି । ଆଜିଠାରୁ ଆପଣମାନଙ୍କର ମନ, ଜ୍ଞାନ, ଶକ୍ତି ଓ ଅର୍ଥ ଭାରତୀୟ ଜାତି ନିକଟରେ ଅର୍ପିତ ହେଲା ।

ବନ୍ଧୁଗଣ, ଆପଣମାନେ, ଆଜାଦ୍ ହିନ୍ଦ ଫୌଜର ଅଗ୍ରଗାମୀ ସୈନିକରୂପେ କାର୍ଯ୍ୟ କରିବାର ସମ୍ମାନ ଅର୍ଜନ କରିଛନ୍ତି । ମୁକ୍ତ ଭାରତର ଇତିହାସରେ ଆପଣମାନଙ୍କର ନାମ ଚିରକାଳ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଏହି ପବିତ୍ର ଯୁଦ୍ଧର ସହିଦ୍ ହେବା ପ୍ରତ୍ୟେକ ସୈନିକଙ୍କ ପାଇଁ ଭାରତରେ ଗଢ଼ି ଉଠିବ ଏକ ସ୍ମୃତିସ୍ତମ୍ଭ । ଭାବୀ ବଂଶଧରମାନେ ଏହିସବୁ ସ୍ମୃତିସ୍ତମ୍ଭ ଉପରେ ପୁଷ୍ପ ବୃଷ୍ଟି କରିବେ । ମାତୃଭୂମିର ସେବା କରିବାକୁ ଏହି ଅମୂଲ୍ୟ ସୁଯୋଗ ପାଇଥିବାରୁ ଆପଣମାନେ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ବୋଲି ମନେ କରି ପାରନ୍ତି । ଯଦିଓ ଆମେ ଏକ ବିଦେଶ ଭୂଇଁରେ ଥାଇ ଏହି ଉତ୍ସବଟି ପାଳନ କରୁଅଛୁ, ତଥାପି ଆମର ମନ ଓ ହୃଦୟ ରହିଛି ଆମ ଦେଶରେ । ଆପଣମାନେ ଏକଥା ମନେ ରଖିବା ଉଚିତ ଯେ ଆପଣମାନଙ୍କର ସାମରିକ ତଥା ରାଜନୀତିକ ଦାୟିତ୍ୱମାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହିସବୁ ଦାୟିତ୍ୱ ଦକ୍ଷତାର ସହିତ ବହନ କରିବା ପାଇଁ ଆପଣମାନେ ପ୍ରସ୍ତୁତ ରହିବା ଦରକାର । ଭାରତୀୟ ସ୍ୱାଧୀନତାର ଢୋଲକ ବାଜି ଉଠିଲାଣି । ଆମ ସମ୍ମୁଖରେ ରହିଥିବା ସମର ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ହେବ । ଆମେ ବହନ କରିଥିବା କର୍ତ୍ତବ୍ୟଗୁଡ଼ିକ ଯେପରି ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ, ସେଥିପାଇଁ ଆମେ ଯଥାଶୀଘ୍ର ସମ୍ଭବ ନିଜକୁ ପ୍ରସ୍ତୁତ କରି ରଖିବା ଉଚିତ । ମୁଁ ଆପଣମାନଙ୍କୁ ଆଶ୍ୱାସନା ଦେଇ କହୁଛି ଯେ ସେ ଦିନ ଆଉ ବେଶୀ ଦୂରରେ ନାହିଁ, ଯେତେବେଳେ କି ଆପଣମାନଙ୍କୁ ନିଜର ସମସ୍ତ ସାମରିକ ବିଦ୍ୟା-ବୁଦ୍ଧି ଖଟାଇ ଲଢ଼ିବାକୁ ହେବ ।

ଆଜି ଆମେ ଜାତୀୟ ପତାକା ତଳେ ଠିଆ ହୋଇ ସ୍ୱାଧୀନତାର ଶପଥ ନେଉଛୁଁ । ସମୟ ଆସିବ, ସେତେବେଳେ କି ଆପଣମାନେ ଲାଲକିଲ୍ଲାରେ ଏହି ପତାକାକୁ

୧୯୪୨ ମସିହା ଜୁନ ମାସରେ ଇପୋଠାରେ ଥିବା ଭାରତୀୟ ଜାତୀୟବାହିନୀ ଉଦ୍ଦେଶ୍ୟରେ ପ୍ରସାରିତ ଭାଷଣ ।

Digitized by srujanika@gmail.com

ଅଭିବାଦନ ଜଣାଇବେ । କିନ୍ତୁ ମନେ ରଖନ୍ତୁ, ଆପଣମାନଙ୍କୁ ମୁକ୍ତିର ମୂଲ୍ୟ ଦେବାକୁ ପଡ଼ିବ । ଭିକ୍ଷା ମାଗି ମୁକ୍ତି ହାସଲ କରାଯାଇ ନପାରେ । ଏହାକୁ ହାସଲ କରିବା ଏଥିପାଇଁ ଶକ୍ତି ପ୍ରୟୋଗ କରିବାକୁ ପଡ଼ିବ । ଏହାର ମୂଲ୍ୟ ହେଉଛି ରକ୍ତ । ଆମେ ମୁକ୍ତି ପାଇଁ କୌଣସି ଦେଶ ନିକଟରେ ହାତ ପାତିବୁ ନାହିଁ । ଏହାର ମୂଲ୍ୟ ଦେଇ ଆମେ ମୁକ୍ତି ହାସଲ କରିବୁ । ଏଥିପାଇଁ ଆମକୁ ଯେତେ ମୂଲ୍ୟ ଦେବାକୁ ପଡ଼ୁ ନା କାହିଁକି, ସେଥିରେ କିଛି ଯାଏ ଆସେ ନାହିଁ । ମୁଁ ଆପଣମାନଙ୍କୁ ଭରସା ଦେଇ କହୁଛି ଯେ ଆମେ ସମସ୍ତେ ଯେତେବେଳେ ଭାରତ ଉଦ୍ଦେଶ୍ୟରେ ଯାତ୍ରା କରିବା, ମୁଁ ନିଜେ ସେନାର ନେତୃତ୍ୱ ଗ୍ରହଣ କରିବି । ଆଜି ଏଠାରେ ପାଳନ କରୁଥିବା ଉତ୍ସବ ସମ୍ବନ୍ଧୀୟ ସମ୍ବାଦ ଭାରତରେ ପହଞ୍ଚି ସାରିବଣି । ବ୍ରିଟିଶ ଶକ୍ତି ବିରୋଧରେ ସେଠାରେ ରିକ୍ତ ହସ୍ତରେ ଲଢ଼ୁଥିବା ଦେଶପ୍ରେମୀ ଲୋକମାନଙ୍କୁ ଏହି ସମ୍ବାଦଟି ଉତ୍ସାହ ପ୍ରଦାନ କରିବ । ଶତ୍ରୁ ହାତରୁ ସ୍ୱାଧୀନତାକୁ ଛଡ଼ାଇ ଆଣିବା ଲାଗି ଏକ ସଶସ୍ତ୍ର ସେନା ଗଠନ କରିବା ମୋର ଜୀବନବ୍ୟାପୀ ଅଭିଳାଷ ହୋଇ ରହି ଆସିଛି । ଆପଣମାନେ ଏପରି ଏକ ସେନାରେ କାର୍ଯ୍ୟ କରିବାର ସମ୍ମାନ ଅର୍ଜନ କରିଥିବାରୁ ମୁଁ ଆଜି ଆପଣମାନଙ୍କୁ ଅଭିବାଦନ ଜଣାଉଛି । ଏତିକି କହି ମୁଁ ମୋର ଭାଷଣ ଶେଷ କଲି । ଭଗବାନ ଆପଣମାନଙ୍କର ସହାୟ ହୁଅନ୍ତୁ ଏବଂ ଆଜି ଆପଣମାନେ ସ୍ୱେଚ୍ଛାକୃତ ଭାବରେ ନେଇଥିବା ଶପଥ ପୂରଣ କରିବା ଲାଗି ଭଗବାନ ଶକ୍ତି ଦିଅନ୍ତୁ ।

“ଜୟ୍ ହିନ୍ଦ୍ ଜିନ୍ଦାବାଦ”

Digitized by srujanika@gmail.com

ଶତ୍ରୁର ଅସ୍ତ୍ରରେ ଶତ୍ରୁକୁ ନିଧନ କର

ଭାରତକୁ ମୁକ୍ତ କରିବା ହେଉଛି ଆମର—କେବଳ ଆମର କାର୍ଯ୍ୟ । ସେ ଦାୟିତ୍ୱ ଆମେ ଅନ୍ୟ କାହାର ଉପରେ ନ୍ୟସ୍ତ କରି ନ ପାରୁଁ, କାରଣ ତାହା ଆମର ଜାତୀୟ ସମ୍ମାନ ବିରୁଦ୍ଧରେ ··

କିନ୍ତୁ ଶତ୍ରୁ ହେଉଛି ବଡ଼ ନିଷ୍ଠୁର ଓ ଚତୁର ଏବଂ ସେ ସବୁ ପ୍ରକାର ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ରହିଛି । ଏପରି ଏକ ଶତ୍ରୁ ବିରୁଦ୍ଧରେ କେବେ ଅସହଯୋଗ ଆନ୍ଦୋଳନ କିମ୍ବା ଅନ୍ତର୍ଧ୍ୱଂସ କାର୍ଯ୍ୟ କିମ୍ବା ବୈପ୍ଳବିକ ହିଂସାମୂଳକ କାର୍ଯ୍ୟ କରାଗଲେ ବି ତାହା ଆଦୌ କାର୍ଯ୍ୟ କରିବ ନାହିଁ । ସୁତରାଂ ଆମେ ଯଦି ବ୍ରିଟିଶ ଶକ୍ତିକୁ ଭାରତରୁ ବହିଷ୍କାର କରି ଦେବାକୁ ଚାହୁଁଥାଉ, ତାହାହେଲେ ଆମକୁ ଶତ୍ରୁର ଅସ୍ତ୍ରରେ ହିଁ ଶତ୍ରୁ ସହିତ ଲଢ଼ିବାକୁ ହେବ । ଶତ୍ରୁ ତରବାରି ବାହାର କରି ସାରିଲେଣି--ସୁତରାଂ ତରବାରିରେ ତାହାର ଜବାବ ଦିଆଯିବ ।

ମୋର ଦୃଢ଼ ବିଶ୍ୱାସ ଯେ ପୂର୍ବ ଏସିଆରେ ରହୁଥିବା ମୋର ଦେଶବାସୀଙ୍କର ସହାୟତାର ମୁଁ ଏପରି ଏକ ପ୍ରକାଣ୍ଡ ବାହିନୀ ଗଠନ କରିବା ପାଇଁ ସମର୍ଥ ହେବ ଯେଉଁ ବାହିନୀ ଭାରତରୁ ବ୍ରିଟିଶ ଶକ୍ତିକୁ ହଟାଇ ଦେଇ ପାରିବେ···ବର୍ତ୍ତମାନ ଠିକ୍ ବେଳ ଆସି ପହଞ୍ଚି ଯାଇଛି ଏବଂ ପ୍ରତ୍ୟେକ ଭାରତୀୟ ମୁକ୍ତି କ୍ଷେତ୍ରକୁ ଅଗ୍ରସର ହେବା ଦରକାର । ମୁକ୍ତିକାମୀ ଭାରତୀୟମାନଙ୍କର ରକ୍ତ ବହିବାକୁ ଆରମ୍ଭ କଲେ ଭାରତ ଏହାର ମୁକ୍ତି ହାସଲ କରିବ ।

୧୯୪୩ ମସିହା ଜୁନ ୨୯ ତାରିଖରେ ମାଲୟସ୍ଥିତ ଭାରତୀୟ ଜାତୀୟ ବାହିନୀ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତାରୁ ଗୃହୀତ ।

Digitized by srujanika@gmail.com

ଦିଲ୍ଲୀ ଚଲ

ଭାରତୀୟ ମୁକ୍ତ ସେନାର ସୈନିକଗଣ ! ଆଜି ହେଉଛି ମୋ ଜୀବନର ଅତି ଗର୍ବ କରିବାର ଦିନ । ଭାରତର ମୁକ୍ତ ସେନା ଯେ ସୃଷ୍ଟି ଲାଭ କରିଛି ଏକଥା ସାରା ଜଗତକୁ ଘୋଷଣା କରି ଶୁଣାଇ ଦେବା ଲାଗି ଭଗବାନ ଆଜି ସନ୍ତୁଷ୍ଟ ହୋଇ ମୋତେ ଏକ ଅନୁପମ ଗୌରବ ଓ ସମ୍ମାନ ଦେଇଛନ୍ତି । ଏକଦା ବ୍ରିଟିଶ ସାମ୍ରାଜ୍ୟର ସୁଦୃଢ଼ ଦୁର୍ଗରୂପେ ରହିଥିବା ସିଙ୍ଗାପୁରର ଯୁଦ୍ଧ କ୍ଷେତ୍ରରେ ବର୍ତ୍ତମାନ ସେନାକୁ ନେଇ ସାମରିକ ବ୍ୟବସ୍ଥା ଗଠନ କରାଯାଇଛି । ଏହି ସେନା ବ୍ରିଟିଶ ଦାସତ୍ୱର ଶୃଙ୍ଖଳରୁ କେବଳ ଯେ ଭାରତକୁ ମୁକ୍ତ କରିବ, ତା' ନୁହେଁ, ବରଂ ଭାରତ ମୁକ୍ତ ହେବା ପରେ ଏହି ସେନା ସ୍ୱାଧୀନ ଭାରତର ଭବିଷ୍ୟତ ଜାତୀୟ ସେନା ମଧ୍ୟ ସୃଷ୍ଟି କରିବ । ଏହି ସେନା—ଯେ କି ସେମାନଙ୍କର ନିଜର ସେନା – ସମ୍ପୂର୍ଣ୍ଣରୂପେ ଭାରତୀୟ ନେତୃତ୍ୱରେ ସଙ୍ଗଠିତ ହେଉଥିବାର ଜାଣି ଏବଂ ସେହି ଐତିହାସିକ ସମୟ ଆସିଲେ, ଏହା ଭାରତୀୟଙ୍କ ନେତୃତ୍ୱରେ ଯୁଦ୍ଧ କ୍ଷେତ୍ରରେ ଲଢେଇ କରିବାକୁ ପ୍ରସ୍ତୁତ ରହିଥିବାର ଜାଣି ପ୍ରତ୍ୟେକ ଭାରତବାସୀ ମନରେ ଗର୍ବ ଅନୁଭବ କରିବାର କଥା ।

ସମୟ ଥିଲା ଯେତେବେଳେ ଲୋକମାନେ ଭାବୁଥିଲେ ଯେ ଯେଉଁ ସାମ୍ରାଜ୍ୟରେ ସୂର୍ଯ୍ୟ କେବେହେଲେ ଅସ୍ତମିତ ହୁଅନ୍ତି ନାହିଁ, ସେ ସାମ୍ରାଜ୍ୟର କେବେ ଅନ୍ତ ହୋଇ ନ ପାରେ ଏବଂ ତାହା ହେଉଛି ଏକ ଚିରନ୍ତନ ସାମ୍ରାଜ୍ୟ । ଏପରି ଭାବନାକୁ ମୁଁ କେବେହେଲେ ମନରେ ସ୍ଥାନ ଦେଇ ନାହିଁ । ଇତିହାସ ମୋତେ ଏହା ଶିକ୍ଷା ଦେଇଛି ଯେ ପ୍ରତ୍ୟେକ ସାମ୍ରାଜ୍ୟର ପତନ ଓ ବିଲୟ ଘଟିବା ଅନିବାର୍ଯ୍ୟ ବିଷୟ ହୋଇ ରହିଛି । ଉପରନ୍ତୁ ମୁଁ ମୋ ନିଜ ଆଖିରେ ଦେଖିଛି ଯେ ଏକଦା ସୁଦୃଢ଼ ଓ ଶକ୍ତିଶାଳୀ ଅବସ୍ଥାରେ ରହିଥିବା ନଗର ଓ ଦୁର୍ଗ ସବୁ ଅତୀତ ସାମ୍ରାଜ୍ୟ ଗୁଡ଼ିକର କବରଖାନା ହୋଇ ପଡ଼ିଛି । ଆଜି ବ୍ରିଟିଶ ସାମ୍ରାଜ୍ୟର କବରଖାନା ଉପରେ ଛିଡ଼ା ହୋଇ ଏକ ଶିଶୁ ମଧ୍ୟ ଏକଥା ଦୃଢ଼ ଭାବରେ ବିଶ୍ୱାସ କରୁଥିବ ଯେ ସର୍ବଶକ୍ତିସମ୍ପନ୍ନ ବ୍ରିଟିଶ ସାମ୍ରାଜ୍ୟ ଅତୀତର ଏକ ବିଷୟ ହୋଇ ରହିଯାଇଛି ।

୧୯୩୯ ମସିହାରେ ଫ୍ରାନ୍ସ ଯେତେବେଳେ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା ଏବଂ ଜର୍ମାନୀର ଅଭିଯାନ ଆରମ୍ଭ ହେଲା, ସେତେବେଳେ ଜର୍ମାନୀ ସୈନିକମାନଙ୍କ ଭିତରୁ କେବଳ ଗୋଟିଏ ଧ୍ୱନି ବାହାରି ଥିଲା—"ପ୍ୟାରିସ୍ ଚଲ, ପ୍ୟାରିସ୍ ଚଲ !"

୧୯୪୩ ମସିହା ଜୁଲାଇ ୫ ତାରିଖଦିନ ଆଜାଦ୍ ହିନ୍ଦ୍ ଫୌଜର ଏକ ସାମରିକ ପରେଡ଼ରେ ଦେଇଥିବା ଭାଷଣ ।

Digitized by srujanika@gmail.com

ଯେତେବେଳେ ସାହସୀ ଜାପାନୀ ସୈନ୍ୟମାନେ ୧୯୪୧ ମସିହା ଡିସେମ୍ବର ମାସରେ ସେମାନଙ୍କ ମାର୍ଚ୍ଚ ଆରମ୍ଭ କରିଥିଲେ, ସେତେବେଳେ ସେମାନଙ୍କ ମୁଖରୁ କେବଳ ଗୋଟିଏ ଧ୍ୱନି ଶୁଣା ଯାଉଥିଲା— "ସିଙ୍ଗାପୁର ଚଲ, ସିଙ୍ଗାପୁର ଚଲ।" ସାଥୀଗଣ ! ସୈନିକ ଗଣ ! ତୁମର ଧ୍ୱନି ହେଉ—"ଦିଲ୍ଲୀ ଚଲ, ଦିଲ୍ଲୀ ଚଲ !" ମୁକ୍ତିର ଏହି ଯୁଦ୍ଧରେ ଆମ ଭିତରୁ କେତେ ଜଣ ତିଷ୍ଠି ରହିବେ ତାହା ମୁଁ ଜାଣେ ନାହିଁ । କିନ୍ତୁ ମୁଁ କେବଳ ଏତିକି ଜାଣେ ଯେ ଶେଷରେ ଆମର ଜୟ ହେବ । ଏହି ତିଷ୍ଠି ରହିଥିବା ଆମର ବୀର-ମାନେ ବ୍ରିଟିଶ ସାମ୍ରାଜ୍ୟର ଆଉ ଏକ କବରଖାନା—ପୁରୁଣା ଦିଲ୍ଲୀର ଲାଲକିଲ୍ଲାରେ—ବିଜୟସୂଚକ ପରେଡ଼୍ ନ କରିବା ପର୍ଯ୍ୟନ୍ତ ଆମର କାର୍ଯ୍ୟ ଅସମାପ୍ତ ହୋଇ ରହିଥିବ ।

ମୋର ସମୁଦାୟ ସାର୍ବଜନୀନ ଜୀବନରେ ଏକଥା ମୁଁ ସର୍ବଦା ଅନୁଭବ କରି ଆସିଛି ଯେ ଯଦିଓ ଭାରତ ସ୍ୱାଧୀନତା ପାଇବା ପାଇଁ ସବୁ ଦିଗରୁ ଉପଯୁକ୍ତ ହୋଇ ରହିଛି, ତଥାପି ଗୋଟିଏ ଦିଗରେ ଅର୍ଥାତ୍ ଏହାର ଏକ ମୁକ୍ତି ସେନା ଗଠନ ଦିଗରେ କିଛି କାର୍ଯ୍ୟ ହୋଇ ପାରିନାହିଁ । ତାଙ୍କ ହାତରେ ଏକ ସେନା ରହିଥିବାରୁ ଆମେରିକାର ଜର୍ଜ ୱାଶିଂଟନ ଲଢ଼େଇ କରି ମୁକ୍ତି ହାସଲ କରି ପାରିଥିଲେ । ତାଙ୍କ ପଛରେ ତାଙ୍କର ସଶସ୍ତ୍ର ସ୍ୱେଚ୍ଛାସେବୀମାନେ ରହିଥିବାରୁ ଗାରିବାଲଡ଼ି ଇଟାଲୀକୁ ମୁକ୍ତ କରି ପାରିଥିଲେ । ଏହା ହେଉଛି ଆପଣମାନଙ୍କ ପକ୍ଷରେ ଅତ୍ୟନ୍ତ ଗୌରବ ଓ ସମ୍ମାନର କଥା ଯେ ଆପଣ-ମାନେ ପ୍ରଥମ ହୋଇ ଆଗେଇ ଆସି ଭାରତର ଜାତୀୟ ସେନା ଗଠନ କରିଛନ୍ତି । ଏହା କରିବା ଦ୍ୱାରା ଆପଣମାନେ ଆମର ମୁକ୍ତି ପଥରେ ରହିଥିବା ଶେଷ କଣ୍ଟକଟିକୁ ଦୂର କରି ଦେଇଛନ୍ତି । ଏପରି ଏକ ମହାନ୍ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଆପଣମାନେ ଯେ ଆଗୁଆ ହୋଇ ବାହାରିଛନ୍ତି ଏଥିପାଇଁ ଆପଣ ମନରେ ଗର୍ବ ଓ ସନ୍ତୋଷ ଅନୁଭବ କରିବାର କଥା ।

ମୁଁ ଚେତାଇ ଦିଏଁ ଯେ ଆପଣମାନଙ୍କୁ ଏକ ଦ୍ୱିବିଧ କାର୍ଯ୍ୟ ସମ୍ପାଦନ କରିବାକୁ ହେବ । ଅସ୍ତ୍ର ଶସ୍ତ୍ର ବଳରେ ଏବଂ ନିଜର ରକ୍ତ ପର୍ଯ୍ୟନ୍ତ ଦେଇ ଆପଣମାନଙ୍କୁ ମୁକ୍ତି ହାସଲ କରିବାକୁ ହେବ । ଭାରତ ମୁକ୍ତ ହେବା ପରେ ଆପଣମାନଙ୍କୁ ସ୍ୱାଧୀନ ଭାରତର ସ୍ଥାୟୀ ସେନା ସଂଗଠିତ କରିବାକୁ ହେବ । ଏହାର କାର୍ଯ୍ୟ ହେବ ଚିରକାଳ ପାଇଁ ଆମର ମୁକ୍ତିକୁ ସୁରକ୍ଷିତ କରି ରଖିବା । ଆମେ ଏପରି ଏକ ଅଟଳ ଭିତ୍ତି ଉପରେ ଆମର ଜାତୀୟ ପ୍ରତିରକ୍ଷା ବ୍ୟବସ୍ଥା ଗଠନ କରିବୁଁ, ଯେପରିକି ଆମ ଇତିହାସରେ ଆଉ କେବେ ହେଲେ ଆମେ ଆମର ମୁକ୍ତିକୁ ହରାଇ ବସିବୁ ନାହିଁ ।

ସେ ନିକରୂପେ ଆପଣ ସର୍ବଦା ତିନୋଟି ଆଦର୍ଶକୁ ତୋଳି ଧରିବା ଦରକାର ଏବଂ ତାହା ହେଲା—ବିଶ୍ୱାସପରତା, କର୍ତ୍ତବ୍ୟ ଓ ତ୍ୟାଗ । ଯେଉଁ ସୈନ୍ୟମାନେ ସର୍ବଦା ସେମାନଙ୍କ ଜାତି ନିକଟରେ ବିଶ୍ୱସ୍ତ ରହିଆନ୍ତି ଏବଂ ନିଜର ଜୀବନକୁ ବଳି ଦେବା

Digitized by srujanika@gmail.com

ପାଇଁ ତତ୍ପର ରହିଥାନ୍ତି, ଏପରି ସୈନ୍ୟମାନେ କେବେହେଲେ କାହାରି ଦ୍ୱାରା ପରାଜିତ ହୋଇ ପାରନ୍ତି ନାହିଁ । ଆପଣମାନେ ବି ଯଦି ଅପରାଜେୟ ହେବାକୁ ଚାହୁଁଥାନ୍ତି, ତା'ହେଲେ ଏହି ଉଚ୍ଚୋଟି ଆଦର୍ଶକୁ ହୃଦୟର ଗଭୀର କୋଣରେ ବଦ୍ଧମୂଳ କରି ରଖନ୍ତୁ ।

ଜଣେ ସର୍ବୋତ୍କୃଷ୍ଟ ସୈନିକ ପକ୍ଷେ ଉଭୟ ସାମରିକ ଓ ଆଧ୍ୟାତ୍ମିକ ତାଲିମ ପାଇବାର ଆବଶ୍ୟକତା ରହିଛି । ଏଠାରେ ସମସ୍ତଙ୍କୁ ଏହିପରି ତାଲିମ ପାଇବାକୁ ହେବ । ଆପଣମାନେ ନିଜକୁ ତଥା ନିଜର ସାଥୀମାନଙ୍କୁ ଏପରି ଭାବରେ ତାଲିମ କରନ୍ତୁ ଯେପରିକି ନିଜଠାରେ ପ୍ରତ୍ୟେକ ସୈନିକଙ୍କର ଅପରିସୀମ ବିଶ୍ୱାସ ରହିବ, ଯେପରିକି ପ୍ରତ୍ୟେକ ସୈନ୍ୟ ନିଜକୁ ଶତ୍ରୁ ଅପେକ୍ଷା ଉତ୍କୃଷ୍ଟ ବୋଲି ମନେ କରିବେ, ଯେପରିକି ପ୍ରତ୍ୟେକ ସୈନ୍ୟ ମୃତ୍ୟୁକୁ ଆଦୌ ଭୟ କରିବେ ନାହିଁ ଏବଂ ଦରକାର ପଡ଼ିଲେ ଯେ କୌଣସି ସଙ୍କଟସଙ୍କୁଳ ବେଳରେ ବିବେଚନା ପୂର୍ବକ ନେତୃତ୍ୱ ନେଇ କାର୍ଯ୍ୟ କରି ପାରିବେ । ସାହସ ନିର୍ଭୀକତା ଓ ଗତିଶୀଳତା ସହ ବୈଜ୍ଞାନିକ ତାଲିମ କି ଚମତ୍କାରିତା ହାସଲ କରିପାରେ, ତାହା ଆପଣମାନେ ଉପସ୍ଥିତ ଯୁଦ୍ଧ କାଳରେ ନିଜ ଆଖିରେ ଦେଖିବାକୁ ପାଇଛନ୍ତି । ଏହି ଘଟଣାରୁ ଶିକ୍ଷା ଗ୍ରହଣ କରି ଭାରତମାତା ପାଇଁ ଏକ ପ୍ରଥମ ଶ୍ରେଣୀର ଆଧୁନିକ ସେନା ଗଠନ କରନ୍ତୁ ।

ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ଅଫିସର ରୂପେ କାର୍ଯ୍ୟ କରୁଛନ୍ତି, ସେମାନଙ୍କର ଦାୟିତ୍ୱ ଯେ କି ବିରାଟ, ତାହା ମୁଁ ଜଣାଇ ଦେବାକୁ ଚାହେଁ । ପୃଥିବୀର ପ୍ରତ୍ୟେକ ସେନାରେ ଜଣେ ଜଣେ ଅଫିସରଙ୍କର ଦାୟିତ୍ୱ ଅତ୍ୟନ୍ତ ବିରାଟ ହୋଇ ରହିଥିଲେ ସୁଦ୍ଧା ଆପଣମାନଙ୍କ କ୍ଷେତ୍ରରେ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଆମର ରାଜନୈତିକ ଦାସତ୍ୱର କାରଣ ଯୋଗୁ ମୁକ୍‌ଡେନ, ପୋର୍ଟ ଆର୍ଥର କିମ୍ବା ସେଡ଼ାନ ଭଳି ଆମର କୌଣସି ପରମ୍ପରା ନାହିଁ, ଯାହାକି ଆମକୁ ପ୍ରେରଣା ଦେବ । ଇଂରେଜମାନେ ଶିକ୍ଷା ଦେଇଥିବା କେତେଗୁଡ଼ିଏ ବିଷୟ ଆମ୍ଭମାନଙ୍କୁ ଭୁଲିଯିବାକୁ ହେବ ଏବଂ ସେମାନେ ଶିକ୍ଷା ଦେଇ ନଥିବା ବହୁ ବିଷୟ ଆମ୍ଭମାନଙ୍କୁ ଶିକ୍ଷା କରିବାକୁ ହେବ । ପରନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ ଆପଣମାନେ ସମୟୋପଯୋଗୀ କାର୍ଯ୍ୟ କରିବେ ଏବଂ ଦେଶବାସୀ ଆପଣମାନଙ୍କ ଉପରେ ଯେଉଁ ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି, ତାହା ପୂରଣ କରି ସର୍ବଦା ଏକଥା ମନେ ରଖନ୍ତୁ ଯେ ଅଫିସରମାନଙ୍କ ଉପରେ ହିଁ ଏକ ସେନାର ଭଲ ମନ୍ଦ ନିର୍ଭର କରେ । ମନେ ରଖନ୍ତୁ ଯେ ମୂଳତଃ ଅଯୋଗ୍ୟ ଅଫିସରମାନଙ୍କ ଯୋଗୁ ଇଂରେଜମାନେ ବହୁ ଯୁଦ୍ଧ ସାମ୍ମୁଖ୍ୟରେ ପରାଜୟ ପାଇଛନ୍ତି । ଏବଂ ଆହୁରି ମଧ୍ୟ ମନେ ରଖନ୍ତୁ ଯେ ଆପଣମାନଙ୍କ ମଧ୍ୟରୁ ହିଁ ମୁକ୍ତ ଭାରତର ଭବିଷ୍ୟତ ସେନାଧ୍ୟକ୍ଷ ବାହାରିବେ ।

Digitized by srujanika@gmail.com

ନେତାଜୀ ସୁଭାଷଚନ୍ଦ୍ର ବୋଷ ଇଉରୋପରେ ଗଠିତ ଭାରତୀୟ ଜାତୀୟ ସେନାକୁ ଉଦ୍‌ବୋଧନ ଦେଉଛନ୍ତି ।

ଇଉରୋପରୁ ପୂର୍ବ-ଏସିଆ ଯାତ୍ରା କାଳରେ ବୁଡ଼ାଜାହାଜରେ ଉପର ଭାଗରେ ବସିଥିବାର ଦୃଶ୍ୟ ।

Digitized by srujanika@gmail.com



ସିଙ୍ଗାପୁରଠାରେ ଅଜାଦ୍ ହିନ୍ଦ୍ ଫୌଜର ପ୍ରଥମ ପରେଡ ପରିଦର୍ଶନ କରୁଛନ୍ତି (ଉପର ଚିତ୍ର)
ଝାନ୍ସୀ ରାଣୀ ରେଜିମେଣ୍ଟର ଏକ ଶାଖା ପରିଦର୍ଶନ କରୁଛନ୍ତି (ତଳଚିତ୍ର)

Digitized by srujanika@gmail.com

୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ସିଙ୍ଗାପୁରଠାରେ ଅନୁଷ୍ଠିତ ଏକ ଜନସଭାରେ ଅସ୍ଥାୟୀ ଅଜାଦ ହିନ୍ଦ୍ ସରକାର ସ୍ୱାଧୀନତା ସମ୍ବନ୍ଧୀୟ ଘୋଷଣା ପାଠ କରୁଛନ୍ତି ।

ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାରର ମନ୍ତ୍ରୀଗଣ ଓ ଉପଦେଷ୍ଟାମାନଙ୍କ ସହିତ ।



Digitized by srujanika@gmail.com

ନେତାଜୀ ସୁଭାଷଚନ୍ଦ୍ର ବୋଷ ଇଉରୋପରେ ଗଠିତ ଭାରତୀୟ ଜାତୀୟ ସେନାକୁ ଉଦ୍‌ବୋଧନ ଦେଉଛନ୍ତି ।

ଇଉରୋପରୁ ପୂର୍ବ-ଏସିଆ ଯାତ୍ରା କାଳରେ ବୁଡ଼ାଜାହାଜରେ ଉପର ଭାଗରେ ବସିଥିବାର ଦୃଶ୍ୟ ।

Digitized by srujanika@gmail.com



ସିଙ୍ଗାପୁରଠାରେ ଅଜାଦ୍ ହିନ୍ଦ୍ ଫୌଜର ପ୍ରଥମ ପରେଡ ପରିଦର୍ଶନ କରୁଛନ୍ତି (ଉପର ଚିତ୍ର)
ରାଣୀ ଝାନ୍ସୀ ରେଜିମେଣ୍ଟର ଏକ ଶାଖା ପରିଦର୍ଶନ କରୁଛନ୍ତି (ତଳଚିତ୍ର)

Digitized by srujanika@gmail.com

୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ସିଙ୍ଗାପୁରଠାରେ ଅନୁଷ୍ଠିତ ଏକ ଜନସଭାରେ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଗଠନ ସମ୍ବନ୍ଧୀୟ ଘୋଷଣା ପାଠ କରୁଛନ୍ତି ।

ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାରର ମନ୍ତ୍ରୀଗଣ ଓ ଉପଦେଷ୍ଟାମାନଙ୍କ ସହିତ ।

Digitized by srujanika@gmail.com

ଆଣ୍ଡାମାନ ଦ୍ୱୀପରେ ଥିବା ସେଲୁଲର ଜେଲଖାନା ପରିଦର୍ଶନ କରୁଛନ୍ତି ।

୧୯୪୫ ମସିହା ଅଗଷ୍ଟ ୧୭ ତାରିଖ ଦିନ ସାଇଗନ ବିମାନ ବନ୍ଦରଠାରେ ।

Digitized by srujanika@gmail.com

ମୁଁ ସମସ୍ତଙ୍କୁ ଏହା କହି ଦେବାକୁ ଚାହେଁ ଯେ ଏହି ଯୁଦ୍ଧ ଚାଲିଥିବା ସମସ୍ତ ସମୟରେ ଆପଣମାନଙ୍କୁ ଶୃଙ୍ଖଳା ହାସଲ କରିବାକୁ ହେବ ଏବଂ ଆମର ସେନା ପାଇଁ ଏକ ଜାତୀୟ ପରମ୍ପରା ସୃଷ୍ଟି କରିବା ଭଳି ସଫଳତା ହାସଲ କରିବାକୁ ହେବ । ଯେଉଁ ସେନାର ସାହସ, କର୍ତ୍ତବ୍ୟନିଷ୍ଠା ଓ ଅପରାଜେୟତାର ପରମ୍ପରା ନାହିଁ, ସେଭଳି ସେନା ଏକ ଶକ୍ତିଶାଳୀ ଶତ୍ରୁ ସହିତ ଯୁଦ୍ଧରେ ତାଳ ଦେଇ ପାରିବ ନାହିଁ ।

ସାଥୀଗଣ ! ଆପଣମାନେ ସ୍ୱେଚ୍ଛାକୃତ ଭାବରେ ଯେଉଁ ଲକ୍ଷ୍ୟ ପଥରେ ଯୋଗ ଦେଇଛନ୍ତି, ତାହା ହେଉଛି ମଣିଷ କଳ୍ପନା କରି ପାରୁଥିବା ଏକ ମହତ୍ତମ ଲକ୍ଷ୍ୟ । ଏପରି ଏକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଯେତେ ତ୍ୟାଗ ସ୍ୱୀକାର କରାଗଲେ ମଧ୍ୟ, ଏପରିକି ଜଣଙ୍କର ପ୍ରାଣ ପର୍ଯ୍ୟନ୍ତ ବଳି ଦିଆଗଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ । ଆପଣମାନେହିଁ ହେଉଛନ୍ତି ଆଜି ଭାରତର ଜାତୀୟ ସମ୍ମାନର ସଂରକ୍ଷକ ଏବଂ ଭାରତର ଆଶା ଓ ଆକାଙ୍କ୍ଷାର ପ୍ରତୀକ । ତେଣୁ ନିଜକୁ ଏପରି ଭାବରେ ପରିଚାଳିତ କରନ୍ତୁ, ଯେପରିକି ଆପଣମାନଙ୍କ ପ୍ରତି ଦେଶବାସୀଙ୍କର ଆଶିଷ ରହିବ ଏବଂ ଭବିଷ୍ୟତ ବଂଶଧରମାନେ ଆପଣମାନଙ୍କ କଥା ଭାବି ମନରେ ଗର୍ବ ଅନୁଭବ କରିବେ ।

ମୁଁ କହି ପାରୁଛି ଯେ ଆଜି ଦିନଟି ହେଉଛି ମୋ ଜୀବନର ଅତି ଆନନ୍ଦର ଦିନ । ଏକ ଦାସତ୍ୱ ଜୀବନରେ ମୁକ୍ତି ସେନାର ପ୍ରଥମ ସୈନିକ ହେବାଠାରୁ ଅଧିକ ଗୌରବ ଓ ସମ୍ମାନର ବିଷୟ ଆଉ କିଛି ନାହିଁ । କିନ୍ତୁ ଏହି ସମ୍ମାନ ସହିତ ତଦନୁରୂପ ଏକ ଦାୟିତ୍ୱ ମଧ୍ୟ ରହିଛି ଏବଂ ମୁଁ ଏ ବିଷୟରେ ଯଥେଷ୍ଟ ସଚେତନ ରହିଛି । ମୁଁ ନିର୍ଭର ପ୍ରତିଶ୍ରୁତି ଦେଇ କହୁଛି ଯେ ଅନ୍ଧକାରରେ ଓ ଆଲୋକରେ; ଦୁଃଖରେ ଓ ସୁଖରେ, ଦୁର୍ଦ୍ଦିନରେ ଓ ସୁଦିନରେ ମୁଁ ଆପଣମାନଙ୍କ ସହିତ ରହିଥିବି । ବର୍ତ୍ତମାନ ମୁଁ ଆପଣମାନଙ୍କୁ କ୍ଷୁଧା, ତୃଷା, କଷ୍ଟ, ବାଧ୍ୟତାମୂଳକ ମାର୍ଚ୍ଚ ଓ ମୃତ୍ୟୁ ବ୍ୟତୀତ ଆଉ କିଛି ଦେଇ ପାରୁନାହିଁ । କିନ୍ତୁ ଆପଣ ଯଦି ଜୀବନରେ ଓ ମରଣରେ ମୋତେ ଅନୁସରଣ କରନ୍ତି— ଆପଣମାନେ ଯାହା କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି—ତା'ହେଲେ ମୁଁ ଆପଣମାନଙ୍କୁ ବିଜୟ ଓ ମୁକ୍ତି ଆଡ଼କୁ ଆଗେଇ ନେବି । ଆମ୍ଭମାନଙ୍କ ମଧ୍ୟରୁ କିଏ ଜୀବିତ ରହିବେ ଓ ଭାରତକୁ ମୁକ୍ତ ହେବାର ଦେଖିବେ, ସେଥିରେ ଆମର କିଛି ଯାଏଆସେ ନାହିଁ । ଭାରତ ଯେ ମୁକ୍ତ ହେବ ଏବଂ ଏହାକୁ ମୁକ୍ତ କରିବା ଦିଗରେ ଆମେ ଯେ ଆମର ସର୍ବସ୍ୱ ଅର୍ପଣ କରିବୁ, ସେତିକି ଯଥେଷ୍ଟ । ବର୍ତ୍ତମାନ ଈଶ୍ୱର ଆମର ସେନାକୁ ଆଶୀର୍ବାଦ ଦିଅନ୍ତୁ ଏବଂ ଆସନ୍ନ ଲଢ଼େଇରେ ଆମକୁ ବିଜୟ ପ୍ରଦାନ କରନ୍ତୁ ।

ଇନ୍‌କିଲାବ୍ ଜିନ୍ଦାବାଦ ! ଆଜାଦ୍ ହିନ୍ଦ୍ ଜିନ୍ଦାବାଦ୍ !

Digitized by srujanika@gmail.com

ମୁ ସମସ୍ତଙ୍କୁ ଏହା କହି ଦେବାକୁ ଚାହେଁ ଯେ ଏହି ଯୁଦ୍ଧ ଚାଲିଥିବା ସମୟ ମଧ୍ୟରେ ଆପଣମାନଙ୍କୁ ଅଭିଜ୍ଞତା ହାସଲ କରିବାକୁ ହେବ ଏବଂ ଆମର ସେନା ପାଇଁ ଏକ ଜାତୀୟ ପରମ୍ପରା ସୃଷ୍ଟି କରିବା ଭଳି ସଫଳତା ହାସଲ କରିବାକୁ ହେବ । ଯେଉଁ ସେନାର ସାହସ, ନିର୍ଭୀକତା ଓ ଅପରାଜେୟତାର ପରମ୍ପରା ନାହିଁ, ସେଭଳି ସେନା ଏକ ଶକ୍ତିଶାଳୀ ଶତ୍ରୁ ସହିତ ଯୁଦ୍ଧରେ ତାଳ ଦେଇ ପାରିବ ନାହିଁ ।

ସାଥୀଗଣ ! ଆପଣମାନେ ସ୍ୱେଚ୍ଛାକୃତ ଭାବରେ ଯେଉଁ ଲକ୍ଷ୍ୟ ପଥରେ ଯୋଗ ଦେଇଛନ୍ତି, ତାହା ହେଉଛି ମଣିଷ କଳ୍ପନା କରି ପାରୁଥିବା ଏକ ମହତ୍ତମ ଲକ୍ଷ୍ୟ । ଏପରି ଏକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଯେତେ ତ୍ୟାଗ ସ୍ୱୀକାର କରାଗଲେ ମଧ୍ୟ, ଏପରିକି ଜଣଙ୍କର ପ୍ରାଣ ପର୍ଯ୍ୟନ୍ତ ବଳି ଦିଆଗଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ । ଆପଣମାନେହିଁ ହେଉଛନ୍ତି ଆଜି ଭାରତର ଜାତୀୟ ସମ୍ମାନର ଅଭିରକ୍ଷକ ଏବଂ ଭାରତର ଆଶା ଓ ଆକାଙ୍କ୍ଷାର ପ୍ରତୀକ । ତେଣୁ ନିଜକୁ ଏପରି ଭାବରେ ପରିଚାଳିତ କରନ୍ତୁ, ଯେପରିକି ଆପଣମାନଙ୍କ ପ୍ରତି ଦେଶବାସୀଙ୍କର ଆଶିଷ ରହିବ ଏବଂ ଭବିଷ୍ୟତ ବଂଶଧରମାନେ ଆପଣମାନଙ୍କ କଥା ଭାବି ମନରେ ଗର୍ବ ଅନୁଭବ କରିବେ ।

ମୁଁ କହି ପାରେ ଯେ ଆଜି ଦିନଟି ହେଉଛି ମୋ ଜୀବନର ଅତି ଆନନ୍ଦର ଦିନ । ଏକ ଦାସତ୍ୱ ଜୀବନରେ ମୁକ୍ତ ସେନାର ପ୍ରଥମ ସୈନିକ ହେବାଠାରୁ ଅଧିକ ଗୌରବ ଓ ସମ୍ମାନର ବିଷୟ ଆଉ କିଛି ନାହିଁ । କିନ୍ତୁ ଏହି ସମ୍ମାନ ସହିତ ତଦନୁରୂପ ଏକ ଦାୟିତ୍ୱ ମଧ୍ୟ ରହିଛି ଏବଂ ମୁଁ ଏ ବିଷୟରେ ଯଥେଷ୍ଟ ସଚେତନ ରହିଛି । ମୁଁ ନିର୍ଭର ପ୍ରତିଶ୍ରୁତି ଦେଇ କହୁଛି ଯେ ଅନ୍ଧକାରରେ ଓ ଆଲୋକରେ; ଦୁଃଖରେ ଓ ସୁଖରେ, ଦୁର୍ଦ୍ଦିନରେ ଓ ସୁଦିନରେ ମୁଁ ଆପଣମାନଙ୍କ ସହିତ ରହିଥିବି । ବର୍ତ୍ତମାନ ମୁଁ ଆପଣମାନଙ୍କୁ କ୍ଷୁଧା, ତୃଷା, କଷ୍ଟ, ବାଧ୍ୟତାମୂଳକ ମାର୍ଚ୍ଚ ଓ ମୃତ୍ୟୁ ବ୍ୟତୀତ ଆଉ କିଛି ଦେଇ ପାରୁନାହିଁ । କିନ୍ତୁ ଆପଣ ଯଦି ଜୀବନରେ ଓ ମରଣରେ ମୋତେ ଅନୁସରଣ କରନ୍ତି—ଆପଣମାନେ ଯାହା କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି—ତା'ହେଲେ ମୁଁ ଆପଣମାନଙ୍କୁ ବିଜୟ ଓ ମୁକ୍ତି ଆଡ଼କୁ ଆଗେଇ ନେବି । ଆମ୍ଭମାନଙ୍କ ମଧ୍ୟରୁ କିଏ ଜୀବିତ ରହିବେ ଓ ଭାରତକୁ ମୁକ୍ତ ହେବାର ଦେଖିବେ, ସେଥିରେ ଆମର କିଛି ଯାଏଆସେ ନାହିଁ । ଭାରତ ଯେ ମୁକ୍ତ ହେବ ଏବଂ ଏହାକୁ ମୁକ୍ତ କରିବା ଦିଗରେ ଆମେ ଯେ ଆମର ସର୍ବସ୍ୱ ଅର୍ପଣ କରିବୁ, ସେତିକି ଯଥେଷ୍ଟ । ବର୍ତ୍ତମାନ ଈଶ୍ୱର ଆମର ସେନାକୁ ଆଶୀର୍ବାଦ ଦିଅନ୍ତୁ ଏବଂ ଆସନ୍ନ ଲଢ଼େଇରେ ଆମକୁ ବିଜୟ ପ୍ରଦାନ କରନ୍ତୁ ।

ଇନ୍‌କିଲାବ୍ ଜିନ୍ଦାବାଦ ! ଆଜାଦ୍ ହିନ୍ଦ୍ ଜିନ୍ଦାବାଦ୍ !

Digitized by srujanika@gmail.com

ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି

ଭଉଣୀ ଓ ଭାଇମାନେ ! ଆମର ଜାତୀୟ ମୁକ୍ତି ହାସଲ କରିବା ପାଇଁ କଉଣସି କାର୍ଯ୍ୟ କରାଯିବାର ପ୍ରସ୍ତାବ ରହୁଛି, ତାହା ମୁଁ ଆମର ଶତ୍ରୁମାନଙ୍କ ସମେତ ସାରା ପୃଥିବୀକୁ ପ୍ରକାଶ୍ୟ ଭାବରେ କହି ଦେବାର ବେଳ ବର୍ତ୍ତମାନ ଆସିଯାଇଛି । ଭାରତ ବାହାରେ, ବିଶେଷତଃ ପୂର୍ବ ଏସିଆରେ ଥିବା ଭାରତୀୟମାନେ ଏପରି ଏକ ମୁକ୍ତି ବାହିନୀ ସଙ୍ଗଠିତ କରିବାକୁ ଯାଉଛନ୍ତି, ଯେଉଁ ବାହିନୀ ଭାରତରେ ଥିବା ବ୍ରିଟିଶ ସେନା ଉପରେ ଆକ୍ରମଣ କରି ପାରିବା ଭଳି ଯଥେଷ୍ଟ ଶକ୍ତିଶାଳୀ ହୋଇଥିବ । ଆମେ ଯେତେବେଳେ ଏହା କରିବୁ, ସେତେବେଳେ କେବଳ ଦେଶରେ ବେସାମରିକ ଜନତାଙ୍କ ମଧ୍ୟରେ ଉଦ୍ବିଗ୍ନ ବରଂ ବର୍ତ୍ତମାନ ବ୍ରିଟିଶ ପତାକା ତଳେ ଥାଇ ଲଢ଼ୁଥିବା ଭାରତୀୟ ସେନାର ଲୋକମାନଙ୍କ ମଧ୍ୟରେ ଏକ ବିପ୍ଳବର ସୂତ୍ରପାତ ହେବ । ଯେତେବେଳେ ଉଭୟ ଦିଗରୁ ଭାରତ ଭିତରୁ ଓ ବାହାରୁ—ଏହି ପ୍ରକାରେ ବ୍ରିଟିଶ ସରକାର ଉପରେ ଆକ୍ରମଣ ହେବ, ସେତେବେଳେ ସରକାର ଟଳମଳ ହୋଇ ପଡ଼ିବ ଏବଂ ଏହି ଅବସରରେ ଭାରତୀୟ ଜନତା ସେମାନଙ୍କ ମୁକ୍ତିକୁ ପୁନରୁଦ୍ଧାର କରିବେ ।

ସୁତରାଂ ମୋର ଯୋଜନା ଅନୁଯାୟୀ, ଭାରତ ପ୍ରତି ରହିଥିବା ମିଳିତ ମିତ୍ରଶକ୍ତିମାନଙ୍କର ମତଗତି ସମ୍ବନ୍ଧରେ ଚିନ୍ତା କରିବାର ମଧ୍ୟ କୌଣସି ଆବଶ୍ୟକତା ନାହିଁ । ଭାରତ ବାହାରେ ଓ ଭିତରେ ରହୁଥିବା ଭାରତୀୟମାନେ ଯଦି କେବଳ ସେମାନଙ୍କର କର୍ତ୍ତବ୍ୟ କରନ୍ତି, ତା'ହେଲେ ଭାରତରୁ ବ୍ରିଟିଶ ଶକ୍ତିକୁ ନିକାଲି ଦେଇ ଆମର ୩୮୮ ନିୟୁତ ଦେଶବାସୀଙ୍କୁ ମୁକ୍ତ କରିବା ସମ୍ଭବପର ହେବ । ଏପରି କେତେକ ଲୋକ ଥାଇ ପାରନ୍ତି, ଯେଉଁମାନେ ପଚାରିବେ କି ଯଦି ୩୮୮ ନିୟୁତ ଭାରତୀୟ ଭାରତରୁ ବ୍ରିଟିଶ ଶକ୍ତିକୁ ନିକାଳି ଦେଇ ନ ପାରନ୍ତି, ସେପରି ସ୍ଥଳେ ଭାରତ ବାହାରେ ରହିଥିବା ତିନି ନିୟୁତ ଭାରତୀୟ ଏହା କରିବାକୁ କିପରି ଆଶା କରୁଛନ୍ତି ? କିନ୍ତୁ ବନ୍ଧୁଗଣ, ଆୟର୍ଲାଣ୍ଡର ଇତିହାସ ପ୍ରତି ଦୃଷ୍ଟିପାତ କରନ୍ତୁ । ଯଦି ବ୍ରିଟିଶ ଅଧୀନରେ ଏକ ସାମରିକ ଆଇନର ଶାସନରେ ରହିଥିବା ତିନି ନିୟୁତ ଆଇରିଶ ଲୋକ '୧୯୧୬ ମସିହାରେ ପାଞ୍ଚ ହଜାର ସଶସ୍ତ୍ର ସିନ୍‌ଫେନ୍ ସ୍ୱେଚ୍ଛାସେବକଙ୍କ ସହାୟତାରେ ବ୍ରିଟିଶ ସରକାରଙ୍କୁ ହଟାଇ ଦେଇ

୧୯୪୩ ମସିହା ଜୁଲାଇ ୯ ତାରିଖ ଦିନ ସିଙ୍ଗାପୁରଠାରେ ହୋଇଥିବା ଏକ ଜନ ସଭାରେ, ଭାରତ ବାହାରେ ଥିବା ଭାରତୀୟମାନଙ୍କୁ କରିଥିବା ଏକ ନିବେଦନରୁ ଗୃହୀତ ।

Digitized by srujanika@gmail.com

ପାରିଲେ, ତା'ହେଲେ ତିନି ନିୟୁତ ଭାରତୀୟ, ଯାହାଙ୍କ ପଛରେ ଦେଶର ଏକ ଶକ୍ତିଶାଳୀ ଆନ୍ଦୋଳନ ଓ ସମର୍ଥନ ରହିଛି, ଭାରତରୁ ବ୍ରିଟିଶ ଶକ୍ତିକୁ ବାହାର କରିଦେବା ପାଇଁ କାହିଁକି ଆଶା ନ କରିବେ ?

ସେ ଯାହାହେଉ, ମୁଁ ଏକଥା କହିବି ଯେ ବିଦେଶରେ ଥିବା ଏବଂ ବିଶେଷତଃ ପୂର୍ବ ଏସିଆରେ ଥିବା ଭାରତୀୟମାନେ ଏ ଦିଗରେ ସେମାନଙ୍କ ପାରୁପର୍ଯ୍ୟନ୍ତ ଉଦ୍ୟମ କରିବା ଦରକାର । ଏହା ଯେପରି ସଂକ୍ଷିପ୍ତ ଭାବରେ ହୋଇପାରେ, ସେଥିପାଇଁ, ମୁକ୍ତ ଭାରତର ଏକ ଅସ୍ଥାୟୀ ସରକାର ଗଠନ କରିବା ନିମନ୍ତେ ମୋର ଅଭିଳାଷ ରହିଛି । ଏହି ସରକାରର କାର୍ଯ୍ୟ ହେବ ଭାରତୀୟ ଲୋକମାନଙ୍କର ସକଳ ସାଧନ ଠୁଳ କରିବା ଏବଂ ଭାରତରେ ଥିବା ବ୍ରିଟିଶ ସେନା ବିରୁଦ୍ଧରେ ଲଢେଇର ନେତୃତ୍ୱ କରିବା। ଯେତେବେଳେ ଏହି ଅଭିଯାନ ସଫଳ ହେବ ଓ ଭାରତ ମୁକ୍ତ ଲାଭ କରିବ, ସେତେ-ବେଳେ ଅସ୍ଥାୟୀ ସରକାର ମୁକ୍ତ ଭାରତରେ ସ୍ଥାୟୀ ସରକାର ଗଠନ ପାଇଁ ଅବସର ଆଣିଦେବ ଏବଂ ଏହି ସରକାର ଭାରତର ଜନସାଧାରଣଙ୍କର ଇଚ୍ଛାନୁରୂପେ ଗଠିତ ହେବ ।

ବନ୍ଧୁଗଣ ! ବର୍ତ୍ତମାନ ଆପଣମାନେ ହୃଦୟଙ୍ଗମ କରୁଥିବେ ଯେ ଧନ ଓ ଜନବଳ ସମେତ ସେମାନଙ୍କର ସମସ୍ତ ସମ୍ବଳ ଠୁଳ କରିବା ପାଇଁ ପୂର୍ବ ଏସିଆରେ ବାସ କରୁଥିବା ତିନି ନିୟୁତ ଭାରତୀୟ କାର୍ଯ୍ୟ କରିବାର ବେଳ ଆସିଛି । ମୁଁ ଚାହେଁ ସମ୍ପୂର୍ଣ୍ଣ ସଜ୍ଜୀକରଣ ଏବଂ ଏଥିରୁ କିଛିଏ ଊଣା ହେଲେ ବି ଚଳିବ ନାହିଁ, କାରଣ ଏହା ଏକ ସମ୍ପୂର୍ଣ୍ଣ ଧରଣର ଯୁଦ୍ଧ ବୋଲି ଆମକୁ ବାରମ୍ବାର କୁହାଯାଉଛି, ଏପରିକି ଆମର ଶତ୍ରୁମାନଙ୍କ ଦ୍ୱାରା କୁହା ଯାଉଛି ।

ଆଜି ଆପଣମାନେ ଆପଣମାନଙ୍କ ସମ୍ମୁଖରେ ଭାରତୀୟ ମୁକ୍ତି ସେନା ଅର୍ଥାତ୍ ହିନ୍ଦ୍ ଫୌଜ ବା ଭାରତୀୟ ବାହିନୀର ଏକ ଅଂଶ ଦେଖିବାକୁ ପାଉଥିବେ । ଏଇ କେଇଦିନ ତଳେ ସେମାନେ ଟାଉନହଲ୍ ସାମନାରେ ସେମାନଙ୍କର ଆନୁଷ୍ଠାନିକ ପରେଡ଼ କରିଥିଲେ । ଏହାପରେ ସେମାନେ ଶପଥ ନେଇଥିଲେ ଯେ ଦିଲ୍ଲୀର ଲାଲକିଲ୍ଲା ସମ୍ମୁଖରେ ବିଜୟସୂଚକ ପରେଡ଼ ନ କରିବା ପର୍ଯ୍ୟନ୍ତ ସେମାନେ ବିଶ୍ରାମ ନେବେ ନାହିଁ । ସେମାନେ ଯେଉଁ ଧ୍ୱନି ଗ୍ରହଣ କରିଛନ୍ତି ତାହା ହେଉଛି—"ଦିଲ୍ଲୀ ଚଲ ।" ବନ୍ଧୁଗଣ ! ପୂର୍ବ ଏସିଆରେ ରହିଥିବା ତିନି ନିୟୁତ ଲୋକଙ୍କର ଧ୍ୱନି ହେଉ "ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତ ।

ଏହି ପୂର୍ଣ୍ଣାଙ୍ଗ ସଜ୍ଜୀକରଣ ମଧ୍ୟରୁ ମୁଁ ଅନ୍ତତଃ ତିନି ଲକ୍ଷ ସୈନ୍ୟ ଏବଂ ତିନି କୋଟି ଡଲାର ଚାହେଁ । ଏହାଛଡ଼ା ମୁଁ ସାହସୀ ଭାରତୀୟ ମହିଳାମାନଙ୍କର ଏକ ରେଜିମେଣ୍ଟ ମଧ୍ୟ ଗଠନ କରିବାକୁ ଚାହେଁ । ୧୮୫୭ ମସିହାରେ ସ୍ୱାଧୀନତା ପାଇଁ

Digitized by srujanika@gmail.com

ହୋଇଥିବା ସ୍ପେନର ପ୍ରଥମ ଯୁଦ୍ଧରେ ଫ୍ରାନ୍ସୀର ସାହସୀ ରାଣୀ ଯେପରି ତରବାରି ଧରି ଲଢ଼ିଥିଲେ, ଏହି ରେଜିମେଣ୍ଟର ମହିଳାମାନେ ମଧ୍ୟ ସେହିପରି ମୁଖିତ୍ତ୍ରୁ ଅମାନ୍ୟ କରି ଲଢ଼ିବେ ।

ବନ୍ଧୁଗଣ ! ୟୁରୋପରେ ଏକ ଦ୍ୱିତୀୟ ସାମ୍ମୁଖ୍ୟ ରହିଥିବା କଥା ଆମେ ଦୀର୍ଘ କାଳ ଧରି ଶୁଣି ଆସିଥାଉଁ । କିନ୍ତୁ ଆମର ଦେଶବାସୀ ବର୍ତ୍ତମାନ ଘୋର ଦୁର୍ଦଶାର ସମ୍ମୁଖୀନ ହୋଇଛନ୍ତି ଏବଂ ସେମାନେ ଏକ ଦ୍ୱିତୀୟ ସମ୍ମୁଖ୍ୟ ପାଇଁ ଦାବୀ କରୁଛନ୍ତି । ମୋତେ ପୂର୍ବ ଏସିଆରେ ପୂର୍ଣ୍ଣାଙ୍ଗ ସକ୍ରିୟକରଣ ଅବସ୍ଥା ଦିଅନ୍ତୁ ଏବଂ ମୁଁ ଏକ ଦ୍ୱିତୀୟ ସାମ୍ମୁଖ୍ୟ—ଭାରତୀୟ ସଂଗ୍ରାମ ପାଇଁ ଏକ ବାସ୍ତବ ଦ୍ୱିତୀୟ ସାମ୍ମୁଖ୍ୟ ଗଠନ କରିଦେବି ବୋଲି ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ।

Digitized by srujanika@gmail.com

ଆଜାଦ୍ ହିନ୍ଦ୍ ଫୌଜର ପ୍ରତ୍ୟକ୍ଷ ନେତୃତ୍ୱ ଗ୍ରହଣ

ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ତଥା ଆଜାଦ୍ ହିନ୍ଦ୍ ଫୌଜର ସ୍ୱାର୍ଥ ଦୃଷ୍ଟିରୁ ମୁଁ ଆଜିଠାରୁ ଆମ ସେନାର ପ୍ରତ୍ୟକ୍ଷ ଅଧ୍ୟକ୍ଷତା ଗ୍ରହଣ କଲି ।

ଏହା ମୋ ପକ୍ଷେ ଏକ ଅଶେଷ ଆନନ୍ଦ ଓ ଗର୍ବର ବିଷୟ, କାରଣ ଜଣେ ଭାରତୀୟ ପକ୍ଷେ ଭାରତର ମୁକ୍ତି ସେନାର ସେନାପତି ହେବା ଅପେକ୍ଷା ଅଧିକ ସମ୍ମାନର ବିଷୟ ଆଉ କିଛି ଥାଇ ନପାରେ, କିନ୍ତୁ ମୁଁ ଯେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଓ ଦାୟିତ୍ୱ ହାତକୁ ନେଇଛି, ସେଥିପ୍ରତି ମୁଁ ସଜାଗ ରହିଛି । ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି, ସେ ମୋତେ ସବୁ ପରିସ୍ଥିତିରେ, ତାହା ଯେତେ ଜଟିଳ ହୋଇ ଥାଉନା କାହିଁକି, ଭାରତୀୟମାନଙ୍କ ପ୍ରତି ମୋର କର୍ତ୍ତବ୍ୟ କରିଯିବା ପାଇଁ ଆବଶ୍ୟକ ଶକ୍ତି ପ୍ରଦାନ କରନ୍ତୁ ।

ମୁଁ ନିଜକୁ ବିଭିନ୍ନ ଧର୍ମାଚରଣ କରୁଥିବା ମୋର ୩୮ କୋଟି ଦେଶବାସୀଙ୍କର ସେବକ ବୋଲି ମନେ କରେ । ମୁଁ ଏପରି ଭାବେ ମୋର କର୍ତ୍ତବ୍ୟମାନ ତୁଲାଇବାକୁ ଦୃଢ଼ ସଂକଳ୍ପ, ଯେପରିକି ଏହି ୩୮ କୋଟି ଲୋକଙ୍କର ସ୍ୱାର୍ଥ ମୋ ହାତରେ ସୁରକ୍ଷିତ ହୋଇ ରହିପାରେ ଏବଂ ପ୍ରତ୍ୟେକ ଭାରତୀୟ ଯେପରି ମୋ ଉପରେ ପୂର୍ଣ୍ଣବିଶ୍ୱାସ ରଖି ପାରନ୍ତି । ଅବିମିଶ୍ରିତ ଜାତୀୟତାଭାବ, ନିର୍ମଳ ବିଚାର ଓ ନିରପେକ୍ଷତା ଭିତ୍ତିରେ ହିଁ ଭାରତର ମୁକ୍ତି ସେନା ଗଠିତ ହୋଇପାରେ ।

ଆମର ମାତୃଭୂମିର ମୁକ୍ତି ପାଇଁ ହେବାକୁ ଥିବା ସଂଗ୍ରାମ କ୍ଷେତ୍ରରେ ତଥା ୩୮ କୋଟି ଭାରତୀୟଙ୍କର ସଦିଚ୍ଛା ଭିତ୍ତିରେ ମୁକ୍ତ ଭାରତର ଏକ ସରକାର ପ୍ରତିଷ୍ଠା କରିବା କ୍ଷେତ୍ରରେ ଏବଂ ଭାରତର ସ୍ୱାଧୀନତାକୁ ଚିରକାଳ ସଂରକ୍ଷିତ କରି ରଖି ପାରିବା ଭଳି ଏକ ସ୍ଥାୟୀ ସେନା ଗଠନ କ୍ଷେତ୍ରରେ ଆଜାଦ୍ ହିନ୍ଦ୍ ଫୌଜକୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ହେବ । ଏହି ଭୂମିକା ଗ୍ରହଣ କରିବାକୁ ହେଲେ ଆମକୁ ଏପରି ଏକ ସେନା ଗଠନ କରିବାକୁ ହେବ, ଯାହାର ଏକମାତ୍ର ଲକ୍ଷ୍ୟ ହେବ ଭାରତୀୟମାନଙ୍କ ପାଇଁ ମୁକ୍ତି ଆଣିଦେବା ଏବଂ ଯାହାର ଏକମାତ୍ର ସଂକଳ୍ପ ହେବ ଭାରତର ମୁକ୍ତି ଉଦ୍ଦେଶ୍ୟରେ 'କରିଯିବା କିମ୍ବା ମରିଯିବା' । ଆମେ ଯେତେବେଳେ ମୁଣ୍ଡ ଉଠାଇ ଛିଡ଼ା ହେବୁ ସେତେବେଳେ ଆଜାଦ୍ ହିନ୍ଦ୍ ଫୌଜ ଏକ ସୁଦୃଢ଼ ପ୍ରାଚୀର ଭଳି ଦେଖାଦେବ; ଆମେ ଯେତେବେଳେ ମାର୍ଚ୍ଚ କରି ଆଗେଇ ଯିବୁ, ସେତେବେଳେ ଆଜାଦ୍ ହିନ୍ଦ୍ ଫୌଜ ଏକ ବାଷ୍ପ ଚାଳିତ ରୋଲର ସଦୃଶ୍ୟ କାର୍ଯ୍ୟ କରିବ ।

ଦିବସର ଆଦେଶ, ଅଗଷ୍ଟ ୨୬, ୧୯୪୩

Digitized by srujanika@gmail.com

ଆମେ ଯେଉଁ କାର୍ଯ୍ୟ ହାତକୁ ନେଇ ଥାଉଁ, ତାହା ଟିକ୍ ସହଜ ବୋଲି ମନେ କରିବା ଭୁଲ । ଦୀର୍ଘକାଳ ପାଇଁ ଯୁଦ୍ଧ ବିପ୍ଳବ ଏବଂ ଏଥିରେ ଆମକୁ ଯଥେଷ୍ଟ କଷ୍ଟ ସହିବାକୁ ପଡ଼ିବ କିନ୍ତୁ ଆମେ ଯେଉଁ ମହାନ୍ ଲକ୍ଷ୍ୟ ସାଧନ ପଥରେ ଅଗ୍ରସର ହେଉଅଛୁ, ତାହାର ଯଥାର୍ଥତା ଓ ସଫଳତା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି । ମାନବ ଜାତିର ପ୍ରାୟ ଏକ ପଞ୍ଚମାଂଶ କେବଳରୂପେ ରହିଥିବା ୩୮ କୋଟି ମଣିଷଙ୍କର ମୁକ୍ତି ପାଇଁ ଏକ ଅଧିକାର ରହିଛି ଏବଂ ସେମାନେ ମୁକ୍ତିର ମୂଲ୍ୟ ଦେବାକୁ ବର୍ତ୍ତମାନ ପ୍ରସ୍ତୁତ ରହିଛନ୍ତି । ମୁକ୍ତି ପାଇଁ ରହିଥିବା ଆମର ଜନ୍ମଗତ ଅଧିକାରରୁ ଆମକୁ ବଞ୍ଚିତ କରିବା ଲାଗି ସଂସାରରେ କୌଣସି ଶକ୍ତି ଆଉ ଅସ୍ପର୍ଦ୍ଧା କରି ନ ପାରେ ।

ସାଥୀଗଣ, ଅଫିସରଗଣ ଓ ସୈନିକ ବୃନ୍ଦ ! ଆପଣମାନଙ୍କର ଅକୁଣ୍ଠ ସମର୍ଥନ ଏବଂ ଅଟଳ ଆନୁଗତ୍ୟକୁ ପାଥେୟ କରି ଆଜାଦ୍ ହିନ୍ଦ୍ ଫୌଜ ଭାରତର ମୁକ୍ତି ଯୁଦ୍ଧରେ ପରିଣତ ହେବ । ମୁଁ ଆପଣମାନଙ୍କୁ ଭରସା ଦେଇ କହୁଛି, ଯେ ପରିଶେଷରେ ନିଶ୍ଚୟ ବିଜୟ ହେବ ।

ଯେ ପର୍ଯ୍ୟନ୍ତ ଆମର ଜାତୀୟ ପତାକା ନୂଆଦିଲ୍ଲୀଠାରେ ଥିବା ଭାଇସରାୟଙ୍କ ଭବନ ଉପରେ ନ ଉଡ଼ୁଛି ଏବଂ ଯେ ପର୍ଯ୍ୟନ୍ତ ଆଜାଦ୍ ହିନ୍ଦ୍ ଫୌଜ ପ୍ରାଚୀନ ଲାଲକିଲ୍ଲାରେ ବିଜୟ ସୂଚକ ପରେଡ୍ ନ କରିଛି, ସେ ପର୍ଯ୍ୟନ୍ତ ଆମେ ତୂର୍ଣ୍ଣରେ "ଦିଲ୍ଲୀ ଚଲ" ଧ୍ୱନି ସହ ଲଢ଼େଇ ଚାଲୁ ରଖିବା ।

Digitized by srujanika@gmail.com

ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଜନ୍ମ

ଇତିହାସ ଏବଂ ବିଶେଷ କରି ପୃଥିବୀର ବିଭିନ୍ନ ଅଞ୍ଚଳରେ ଘଟିଥିବା ବିପ୍ଳବ ସମ୍ବନ୍ଧରେ ଅଧ୍ୟୟନ କରିଥିବା ଜଣେ ଛାତ୍ର ହିସାବରେ ମୋର ୨୧ ବର୍ଷର ରାଜନୈତିକ ଜୀବନ ମଧ୍ୟରେ ମୁଁ ଏହା ସର୍ବଦା ଅନୁଭବ କରି ଆସିଛି ଯେ ଭାରତର ମୁକ୍ତି ସଂଗ୍ରାମ କ୍ଷେତ୍ରରେ ଦୁଇଟି ବିଷୟ ଲୋଡ଼ା ରହିଛି ଏବଂ ତାହା ହେଲା ଏକ ଜାତୀୟସେନା ଏବଂ ଲଢ଼େଇରେ ସେହି ସେନାର ନେତୃତ୍ୱ କରିବା ପାଇଁ ଏକ ଜାତୀୟ ସରକାର ।

ଏକ ଜାତୀୟ ବାହିନୀ ଗଠନ କରାଯିବା ଫଳରେ ପୂର୍ବ ଏସିଆରେ ଚାଲିଥିବା ସମୁଦାୟ ସ୍ୱାଧୀନତା ଆନ୍ଦୋଳନ ଏକ ବାସ୍ତବତା ଓ ଗାମ୍ଭୀର୍ଯ୍ୟ ହାସଲ କରିଛି । ଯଦି ଏହି ବାହିନୀ ଗଠନ କରାଯାଇ ନ ଥାନ୍ତା, ତା'ହେଲେ ପୂର୍ବ ଏସିଆରେ ଥିବା ସ୍ୱାଧୀନତା ଲିଗ୍ କେବଳ ଏକ ପ୍ରଚାର ସଂସ୍ଥା ହୋଇ ରହି ଯାଇଥାନ୍ତା । ଜାତୀୟ ବାହିନୀ ଗଠନ କରାଯିବା ସଙ୍ଗେ ସଙ୍ଗେ ଆଜାଦ୍ ହିନ୍ଦ୍ (ମୁକ୍ତ ଭାରତ)ର ଏକ ଅସ୍ଥାୟୀ ସରକାର ପ୍ରତିଷ୍ଠା କରିବା ସମ୍ଭବପର ତଥା ଆବଶ୍ୟକ ହୋଇଛି । ଭାରତର ମୁକ୍ତି ପାଇଁ ଚୂଡ଼ାନ୍ତ ସଂଗ୍ରାମ ଆରମ୍ଭ କରିବା ଓ ଏହାର ମାର୍ଗ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ସ୍ୱାଧୀନତା ଲିଗରୁ ହିଁ ଏହି ସରକାର ଜନ୍ମଲାଭ କରିଛି ।

ଏହି ଅସ୍ଥାୟୀ ସରକାର ପ୍ରତିଷ୍ଠା କରି ଆମେ ଗୋଟିଏ ଦିଗରେ ଭାରତୀୟ ପରିସ୍ଥିତିର ଅତ୍ୟାବଶ୍ୟକତା ପୂରଣ କରିଛୁ ଏବଂ ଅନ୍ୟ ଦିଗରେ ଇତିହାସର ପନ୍ଥାଙ୍କ ଅନୁସରଣ କରି କାର୍ଯ୍ୟ କରିଛୁଁ । ସାମ୍ପ୍ରତିକ କାଳରେ, ଆଇରିଶ୍ ଲୋକମାନେ ୧୯୧୬ ମସିହାରେ ସେମାନଙ୍କର ଅସ୍ଥାୟୀ ସରକାର ଗଠନ କରିଥିଲେ । ଚେକୋସ୍ଲୋଭାକିଆର ଲୋକମାନେ ଗତ ବିଶ୍ୱଯୁଦ୍ଧ ସମୟରେ ଏହା ହିଁ କରିଥିଲେ । ଏବଂ ଗତ ବିଶ୍ୱଯୁଦ୍ଧ ପରେ ତୁର୍କୀ ଲୋକମାନେ ମୁସ୍ତଫା କେମାଲଙ୍କ ନେତୃତ୍ୱରେ ଅନାଟୋଲିଆଠାରେ ସେମାନଙ୍କର ଅସ୍ଥାୟୀ ସରକାର ଗଠନ କରିଥିଲେ ।

ଆମ କ୍ଷେତ୍ରରେ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାର ଏକ ସାଧାରଣ ଶାନ୍ତିକାଳୀନ ସରକାର ରୂପେ ରହିବ ନାହିଁ । ଏହାର କାର୍ଯ୍ୟକଳାପ ଓ ଏହାର ଗଠନ ଏକ ଭିନ୍ନ ଧରଣର ହୋଇ ରହିବ । ଏହା ଏକ ଲଢ଼ୁଆ ସଂଗଠନ ହୋଇ ରହିବ, ଯାହାର ପ୍ରଧାନ

୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ଭାରତର ଅସ୍ଥାୟୀ ସରକାର ଗଠନ ଉପଲକ୍ଷେ ସିଙ୍ଗାପୁରରୁ ଦେଇଥିବା ବକ୍ତୃତା ।

Digitized by srujanika@gmail.com

ବିଦେଶୀ ହେବ ଭାରତରେ ଏବା ବ୍ରିଟିଶ ଓ ସେମାନଙ୍କର ମିତ୍ର ଶତ୍ରୁମାନଙ୍କ ବିରୁଦ୍ଧରେ ସଶସ୍ତ୍ର ଯୁଦ୍ଧ ଆରମ୍ଭ କରିବା ଏବଂ ଯୁଦ୍ଧର ପରିଚାଳନା କରିବା । ପରିଶେଷରେ ମୁକ୍ତି ପାଇଁ ସଂଗ୍ରାମ ଆରମ୍ଭ କରିବା ଓ ଏହା ଚଳାଇବା ସକାଶେ ଯେଉଁ ଯେଉଁ ବିଭାଗ ଦରକାର ହେବ, ସରକାର କେବଳ ସେତକିଟି ବିଭାଗ ଖୋଲିବେ ।

ମନ୍ତ୍ରୀମଣ୍ଡଳରେ ଏପରି କେତେକ ବ୍ୟକ୍ତି ରହିବେ, ଯେଉଁମାନେ କି ସରକାରୀ ବେସାମରିକ ବିଭାଗଗୁଡ଼ିକର ପ୍ରତିନିଧିତ୍ୱ କରିବେ—ଅନ୍ୟମାନେ ସରକାର ସଶସ୍ତ୍ର ବାହିନୀର ପ୍ରତିନିଧିତ୍ୱ କରିବେ । ସ୍ୱାଧୀନତା ପାଇଁ ଲଢ଼ିବା ସରକାରର ଉଦ୍ଦେଶ୍ୟ ହୋଇଥିବାରୁ, ମନ୍ତ୍ରୀମଣ୍ଡଳରେ ସଶସ୍ତ୍ରବାହିନୀକୁ ଅଧିକ ପ୍ରତିନିଧିତ୍ୱ ଦିଆଯାଇଛି ।

ମନ୍ତ୍ରୀମଣ୍ଡଳର ସାଧାରଣ ମନ୍ତ୍ରୀମାନଙ୍କ ଛଡ଼ା, ବହୁ ସଂଖ୍ୟକ ଉପଦେଷ୍ଟା ରହିବା ପାଇଁ ବ୍ୟବସ୍ଥା ରଖାଯାଇଛି । ଏହି ପ୍ରକାରେ ଅସ୍ଥାୟୀ ସରକାର ପୂର୍ବ ଏସିଆରେ ଥିବା ସମୁଦାୟ ଭାରତୀୟ ଗୋଷ୍ଠୀ ସହିତ ଘନିଷ୍ଠ ସମ୍ପର୍କ ବଜାୟ ରଖିବେ ଏବଂ ଆସନ୍ନ ସଂଗ୍ରାମ ପାଇଁ ସେମାନଙ୍କର ସକଳ ସାଧନ ଠୁଳ କରିବେ ।

ଅସ୍ଥାୟୀ ସରକାର ଯେତେବେଳେ ଭାରତୀୟ ମୃତ୍ତିକାକୁ ସ୍ଥାନାନ୍ତରିତ ହୋଇ ଯିବ, ସେତେବେଳେ ଏହା ନିଜର ଅଞ୍ଚଳରେ ଏକ ସାଧାରଣ ସରକାରର ଭୂମିକା ଗ୍ରହଣ କରିବ । ସେତେବେଳେ ବହୁ ନୂଆ ନୂଆ ବିଭାଗ ଆରମ୍ଭ କରାଯିବ ।

ଆଜାଦ୍ ହିନ୍ଦ୍‌ର ଏକ ଅସ୍ଥାୟୀ ସରକାର ଗଠିତ ହେବା ସଙ୍ଗେ ସଙ୍ଗେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସଫଳତାର ସମସ୍ତ ପୂର୍ବାବସ୍ଥା ହାସଲ କଲା । ବର୍ତ୍ତମାନ ମୁକ୍ତି ପାଇଁ ଚୂଡ଼ାନ୍ତ ସଂଗ୍ରାମ ଆରମ୍ଭ କରିବା ବାକି ରହିଲା । ଏହା ସେତିକିବେଳେ ଆରମ୍ଭ ହେବ, ଯେତେବେଳେ ଭାରତୀୟ ଜାତୀୟବାହିନୀ ଭାରତର ସୀମା ଅତିକ୍ରମ କରି ଦିଲ୍ଲୀ ଉଦ୍ଦେଶ୍ୟରେ ଏହାର ଐତିହାସିକ ଯାତ୍ରା ଆରମ୍ଭ କରିବେ । ଏହି ଯାତ୍ରା ସେତିକବେଳେ ଯାଇ ସମାପ୍ତ ହେବ, ଯେତେବେଳେ ଭାରତରୁ ଆଙ୍ଗ୍ଲୋ-ଆମେରିକାନମାନଙ୍କୁ ତଡ଼ାଯିବ ଏବଂ ନୂଆଦିଲ୍ଲୀ ସ୍ଥିତ ଭାଇସରୟଙ୍କ ଭବନ ଉପରେ ଭାରତୀୟ ଜାତୀୟ ପତାକା ଉତ୍ତୋଳିତ ହେବ ।

Digitized by srujanika@gmail.com

ଧନୀକ ମାନଙ୍କୁ ନିବେଦନ

ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ଭାରତୀୟ ଜାତୀୟବାହିନୀରେ ଯୋଗଦେଇ ବର୍ତ୍ତମାନ ଆବଶ୍ୟକ ତାଲିମ ପାଉଛନ୍ତି, ସେମାନଙ୍କ ଆଡ଼କୁ ଦୃଷ୍ଟି ଦେଉନ୍ତୁ । ସେମାନେ ଜାଣନ୍ତି ନାହିଁ ସେମାନଙ୍କ ମଧ୍ୟରୁ କେତେଜଣ ବଞ୍ଚି ରହିବେ ଭାରତକୁ ସ୍ୱାଧୀନ ହେବାର ଦେଖିବାକୁ । ସେମାନେ କେବଳ ଗୋଟିଏ ଭାବନା ସହ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି ଏବଂ ତାହା ହେଲା, ଶେଷ ରକ୍ତ ବିନ୍ଦୁଟିକ ଦେଇ ଲଢ଼େଇ କରିଯିବା । ସେମାନେ ଏକ ମୁକ୍ତ ଭାରତକୁ ଯିବା ପାଇଁ କମ୍ପା ପଥରେ ମୃତ୍ୟୁବରଣ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ପଛଘୁଞ୍ଚା ଦେବା ପାଇଁ ସେମାନଙ୍କର କୌଣସି କାର୍ଯ୍ୟକ୍ରମ ନାହିଁ ।

ଯୁଏତ ବିଜୟ ହାସଲ କରିବା ନିମନ୍ତେ ଶେଷରକ୍ତ ବିନ୍ଦୁଟିକ ଦେଇ ପ୍ରାଣୋତ କରିବା ପାଇଁ ଭାରତୀୟ ଜାତୀୟ ବାହିନୀ ତାଲିମ ପାଉଥିବା ସମୟରେ, ଧନୀକ ଲୋକମାନେ ମୋତେ ପଚାରୁଛନ୍ତି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଗଲେ କଅଣ ସେମାନଙ୍କ ଧନର ଶତକଡ଼ା ୧୦ ଭାଗ ବା ୫ ଭାଗକୁ ବୁଝାଉଛୁ ? ଶତକଡ଼ା ହିସାବ ଦୃଷ୍ଟିରୁ କହୁଥିବା ଏହି ଲୋକମାନଙ୍କୁ ମୁଁ ପଚାରିବାକୁ ଚାହେଁ—ଆମେ କଅଣ ଆମର ସୈନିକମାନଙ୍କୁ ସେମାନଙ୍କ ରକ୍ତର ଶତକଡ଼ା ୧୦ ଭାଗ ଦେଇ ଅବଶିଷ୍ଟ ଭାଗ ବଞ୍ଚାଇରଖି ଲଢ଼ିବାକୁ କହି ପାରିବା ?

ସେମାନଙ୍କର ସର୍ବସ୍ୱ ଅର୍ପଣ କରିବା ଲାଗି ଗରିବ ଶ୍ରେଣୀର ଲୋକମାନେ ସ୍ୱେଚ୍ଛାରେ ଆଗ୍ରହର ସହିତ ଆଗେଇ ଆସିଛନ୍ତି । କୁଲିଆଲ, ଧୋବା, ବାରିକ, ଗୋଆଳ ଓ ଛୋଟ ଛୋଟ ଦୋକାନୀମାନଙ୍କ ପରି ଗରିବ ଶ୍ରେଣୀର ଭାରତୀୟମାନେ ସେମାନଙ୍କର ସବୁକିଛି ଦାନ କରିଛନ୍ତି ଏବଂ ଏହାଛଡ଼ା ସେମାନଙ୍କ ମଧ୍ୟରୁ କେତେକ ବାଲ୍ୟ ସ୍ୱେଚ୍ଛାସେବକ ହିସାବରେ ଯୋଗ ଦେବାକୁ ମଧ୍ୟ ନାମ ଲେଖାଇଛନ୍ତି ।

କେତେକ ଗରିବ ଲୋକ ମୋ ପାଖକୁ ଆସି ସେମାନଙ୍କ ନିକଟରେ ଥିବା ନଗଦ ଟଙ୍କାତକ ଅର୍ପଣ କରିଥିବା ଛଡ଼ା ସେମାନଙ୍କର ଆଜୀବନର ଉପାର୍ଜିତ ଅର୍ଥ ଜମା ରହିଥିବା ସଞ୍ଚୟ ବେଙ୍କ ହିସାବ ବହି ଖଣ୍ଡ ମଧ୍ୟ ମୋ ହାତକୁ ବଢ଼ାଇ ଦେଇଛନ୍ତି । ମାଲୟରେ ବସବାସ କରି ରହିଥିବା ଭାରତୀୟମାନଙ୍କ ମଧ୍ୟରେ କଅଣ ସେପରି ଧନୀ ବ୍ୟକ୍ତି ନାହାନ୍ତି, ଯେଉଁମାନେ କି ଆଗେଇ ଆସି କହିବେ; "ଏହି ହେଉଛି ମୋର ବ୍ୟାଙ୍କ ହିସାବ ବହି, ମୁଁ ଏହାକୁ ଭାରତୀୟ ସ୍ୱାଧୀନତାର କାରଣରେ ଅର୍ପଣ କଲି ।"

Digitized by srujanika@gmail.com

ଏକ ଜାତି ହିସାବରେ ଭାରତୀୟମାନେ ତ୍ୟାଗର ଆଦର୍ଶରେ ବିଶ୍ୱାସ କରନ୍ତି । ହିନ୍ଦୁମାନଙ୍କ ମଧ୍ୟରେ ସନ୍ୟାସୀ ଏବଂ ମୁସଲମାନମାନଙ୍କ ମଧ୍ୟରେ ଫକୀର ତ୍ୟାଗର ଆଦର୍ଶକୁ ତୋଳି ଧରିଛନ୍ତି । ୩୮ କୋଟି ମାନବଙ୍କର ମୁକ୍ତି ଅପେକ୍ଷା ଅଧିକ ମହାନ୍ ଓ ପବିତ୍ର ଲକ୍ଷ୍ୟ ଆଉ କଅଣ ହୋଇପାରେ ?

୧୦ କୋଟି ଟଙ୍କା ଯାହାଙ୍କ ମାଲିକତ୍ୱରେ ଥିବା ଭାରତୀୟମାନଙ୍କ ସମ୍ପତ୍ତିର ମୂଲ୍ୟର ପ୍ରାୟ ଶତକଡ଼ା ୧୦ ଭାଗ ହେବ, ମୁଁ ମାଲିକତ୍ୱକୁ ସେତିକି ବୁଝେ ।

—ଅକ୍ଟୋବର ୨୨, ୧୯୪୩

Digitized by srujanika@gmail.com

ଭାରତୀୟ ଜନତାର ଜନନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ଶ୍ରୀମତୀ କସ୍ତୁରବା ଗାନ୍ଧୀ ଆଜ୍ଞ ଇହ ଜଗତରେ ନାହାନ୍ତି । ସେ ୭୪ ବର୍ଷ ବୟସରେ ପୁନାଠାରେ ବ୍ରିଟିଶ ସରକାରର ଅଟକବନ୍ଦୀ ହୋଇ ରହିଥିବା ଅବସ୍ଥାରେ ପ୍ରାଣ ହରାଇଛନ୍ତି । ଦେଶରେ ଥିବା ମୋର ୪୦,୦୦୦,୦୦୦ ଭାଇ ଭଉଣୀ ଏବଂ ବିଦେଶରେ ଥିବା ମୋର ଦେଶବାସୀଙ୍କ ସହ ମୁଁ କସ୍ତୁରବାଙ୍କର ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରୁଛି । ସେ ବନ୍ଦୀଶିବିରର ପରିସ୍ଥିତି ମଧ୍ୟରେ ମୃତ୍ୟୁ ବରଣ କରିଛନ୍ତି, କିନ୍ତୁ ଏକ ପରାଧୀନ ଜାତିର ଜଣେ ମାଆ ପକ୍ଷେ ଅନ୍ୟ କୌଣସି ପ୍ରକାରର ମୃତ୍ୟୁ ଅଧିକ ସମ୍ମାନଜନକ ଓ ଗୌରବମୟ ହୋଇ ନ ଥାନ୍ତା । ଆଜି ଭାରତକୁ ଏକ ବ୍ୟକ୍ତିଗତ କ୍ଷତି ସହିବାକୁ ପଡ଼ିଲା । ଦେଢ଼ବର୍ଷ ପୂର୍ବେ ସେ ପୁନାଠାରେ ବନ୍ଦୀ ହୋଇ ରହିବା ପରଠାରୁ ମହାତ୍ମାଗାନ୍ଧୀ ତାଙ୍କ ନିଜ ଆଖି ଆଗରେ ତାଙ୍କର ଦ୍ୱିତୀୟ ସାଥୀ କସ୍ତୁରବା ଗାନ୍ଧୀଙ୍କୁ ହରାଇ ବସିଲେ । ତାଙ୍କର ଅନ୍ତରଙ୍ଗ ସହକର୍ମୀ ଓ ପ୍ରାଇଭେଟ ସେକ୍ରେଟେରୀ ମହାଦେବ ଦେଶାଇ ସେହି ଅଟକବନ୍ଦୀ ଅବସ୍ଥାରେ ପ୍ରଥମେ ପ୍ରାଣ ହରାଇ ଥିଲେ ।

ଭାରତୀୟ ଜନସାଧାରଣଙ୍କର ଜନନୀ ହୋଇ ରହିଥିବା ସେହି ମହୀୟସୀ ନାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ମୁଁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ତାଙ୍କର ଏହି ଶୋକ ସନ୍ତପ୍ତ ଅବସ୍ଥାରେ ମୁଁ ଗାନ୍ଧୀଜୀଙ୍କ ପ୍ରତି ମୋର ଗଭୀରତମ ସମବେଦନା ପ୍ରକାଶ କରିବାକୁ ଚାହେଁ । ଶ୍ରୀମତୀ କସ୍ତୁରବାଙ୍କ ସହିତ ବ୍ୟକ୍ତିଗତ ସଂସ୍ପର୍ଶରେ ଆସିବାର ବହୁ ସୁଯୋଗ ମୁଁ ପାଇଥିଲି । ଏହି କେତେଟି କଥାରେ ମୁଁ ତାଙ୍କ ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି : ସେ ଥିଲେ ଭାରତୀୟ ନାରୀ ଜାତିର ଆଦର୍ଶ—ଆଚରଣରେ ଥିଲେ ଦୃଢ଼, ସହିଷ୍ଣୁ, ନୀରବ ଓ ସ୍ୱାବଲମ୍ବୀ । ଭାରତର ଲକ୍ଷ ଲକ୍ଷ କନ୍ୟାଙ୍କ ପ୍ରତି ସେ ଥିଲେ ପ୍ରେରଣାର ଏକ ଉତ୍ସ, ଯାହାଙ୍କ ମଧ୍ୟରେ ସେ ଜୀବନ ଅତିବାହିତ କରିଥିଲେ ଏବଂ ଯାହାଙ୍କୁ ସେ ତାଙ୍କର ମାତୃଭୂମିର ମୁକ୍ତି ପାଇଁ ହୋଇଥିବା ସଂଗ୍ରାମରେ ଆଗେଇ ନେଇଥିଲେ । ଦକ୍ଷିଣ ଆଫ୍ରିକାରେ ହୋଇଥିବା ସତ୍ୟାଗ୍ରହ କାଳଠାରୁ ସେ ତାଙ୍କର ମହାନ୍ ପତିଙ୍କ ସହିତ ଆଜିକୁ ପ୍ରାୟ ୩୦ ବର୍ଷ ଧରି ଦୁଃଖ କଷ୍ଟରେ ସମଭାଗୀ ହୋଇ ରହି ଆସିଥିଲେ । ବହୁ କାରାବାସ ଫଳରେ ତାଙ୍କର ସ୍ୱାସ୍ଥ୍ୟର ଘୋର ଅବନତି ଘଟିଥିଲା, କିନ୍ତୁ ତାଙ୍କର ୭୪ ବର୍ଷ ବୟସରେ ମଧ୍ୟ ଜେଲଖାନା ତାଙ୍କ ପକ୍ଷରେ ଭୟର କାରଣ ହୋଇ ରହି ନଥିଲା । ଯେତେବେଳେ ବି ମହାତ୍ମା ଗାନ୍ଧୀ ଏକ ସୌର ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରନ୍ତି, ସେତେବେଳେ ସଂଗ୍ରାମର ପୁରୋଭାଗରେ ତାଙ୍କ ପାର୍ଶ୍ୱରେ ଠିଆ ହୁଅନ୍ତି କସ୍ତୁରବା । ଏହା ଥିଲା ଭାରତର କନ୍ୟାମାନଙ୍କ ପକ୍ଷେ ଏକ ଅତୁଳନୀୟ ଦୃଷ୍ଟାନ୍ତ

Digitized by srujanika@gmail.com

ଏବଂ ଭାରତର ସ୍ୱାଧୀନତା ପାଇଁ ଚାଲିଥିବା ଲଢ଼େଇରେ ସେମାନେ ଯେପରି ସେମାନଙ୍କର ଉତ୍ତରଣୀମାନଙ୍କଠାରୁ ପଛରେ ପଡ଼ି ନ ରହନ୍ତୁ, ସେଥିପାଇଁ ଏହା ଥିଲା ଭାରତର ସନ୍ତାନ-ମାନଙ୍କ ପ୍ରତି ଏକ ଆହ୍ୱାନ ।

କସ୍ତୁରବା ଜଣେ ଶହୀଦର ମୃତ୍ୟୁ ବରଣ କରିଛନ୍ତି । ସେ ଗୃହ ମାସରୁ ଅଧିକ କାଳ ଧରି ହୃଦ୍‌ରୋଗରେ ପୀଡ଼ିତ ଥିଲେ । ତାଙ୍କର ଏପରି ଅସୁସ୍ଥତା କାରଣ ନେଇ କସ୍ତୁରବାଙ୍କୁ ଖଲାସ କରି ଦିଆଯାଉ ବୋଲି ଭାରତୀୟ ଜନତା ମାନବିକତାର ଦୋହାଇ ଦେଇ ଯେତେ ପ୍ରକାର ଯୁକ୍ତି ଦର୍ଶାଇ ଥିଲେ ମଧ୍ୟ ନିର୍ମମ ବ୍ରିଟିଶ ସରକାର ସେଥିପ୍ରତି କର୍ଣ୍ଣପାତ କରି ନଥିଲା । ବ୍ରିଟିଶ ସରକାର ସମ୍ଭବତଃ ଆଶା କରିଥିଲେ ଯେ ମହାତ୍ମା-ଗାନ୍ଧୀଙ୍କୁ ଏହିପରି ଭାବରେ ମାନସିକ ଯନ୍ତ୍ରଣାର ସମ୍ମୁଖୀନ କରି ସେମାନେ ତାଙ୍କର ଆତ୍ମାକୁ ଦଳି ଦେଇ ପାରିବେ ଏବଂ ଆତ୍ମ ସମର୍ପଣ କରିବା ନିମନ୍ତେ ତାଙ୍କୁ ବାଧ୍ୟ କରି ପାରିବେ । ମୁକ୍ତି, ନ୍ୟାୟ ଓ ନୈତିକତା ପାଇଁ ଆମେ ଲଢ଼ୁଛୁ ବୋଲି ମୁହଁରେ କହି କାର୍ଯ୍ୟରେ ଏପରି ଧରଣର ନୃଶଂସ ହତ୍ୟାକାଣ୍ଡରେ ଲିପ୍ତଥିବା ସେହି ପଶୁମାନଙ୍କ ପ୍ରତି ମୋ ମନରେ ଘୃଣା ନ ଆସି ରହିପାରୁ ନାହିଁ । ସେମାନେ ଭାରତୀୟ ଜାତିକୁ ଜାଣି ନାହାନ୍ତି । ବ୍ରିଟିଶ ସରକାର ମହାତ୍ମା ଗାନ୍ଧୀଙ୍କୁ କିମ୍ବା ଭାରତୀୟ ଜନତାଙ୍କୁ ଯେତେ ପ୍ରକାର ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଲେ ବି ମହାତ୍ମା ତାଙ୍କର ଦାବୀରୁ ଇଞ୍ଚେ ହେଲେ ବି ହଟିବାକୁ ଯିବେ ନାହିଁ । ସେମାନେ ଭାରତ ଛାଡ଼ି ଚାଲିଯିବା ଲାଗି ଏବଂ ଆଧୁନିକ ଯୁଦ୍ଧର ଭୟାବହତାରୁ ଭାରତକୁ ଦୂରରେ ରଖିବା ଲାଗି ମହାତ୍ମା ଗାନ୍ଧୀ ବ୍ରିଟେନକୁ ଆହ୍ୱାନ ଜଣାଇଥିଲେ । ଏହି ଆହ୍ୱାନର ଉଚିତ ଜବାବ ରୂପେ ବ୍ରିଟିଶ ସରକାର ଜଣେ ସାଧାରଣ ଅପରାଧୀ ସଦୃଶ ତାଙ୍କୁ ବନ୍ଦୀଶାଳାରେ ପକାଇ ଦେଲେ । ମହାତ୍ମା ଓ ତାଙ୍କର ମହତ୍ ହୃଦୟା ପତ୍ନୀ ସଂକଳ୍ପ କରିଥିଲେ ଯେ ଏକ ପରାଧୀନ ଭାରତରେ ବନ୍ଦୀଶାଳାରୁ ମୁକ୍ତ ହୋଇ ବାହାରିବା ଅପେକ୍ଷା ବରଂ ସେହିଠାରେ ମୃତ୍ୟୁବରଣ କରିବା ଶ୍ରେୟସ୍କର । ବନ୍ଦୀଶାଳାରେ ସ୍ୱାମୀଙ୍କର ଆଖି ଆଗରେ କସ୍ତୁରବା ରୋଗରେ ପଡ଼ି ପ୍ରାଣ ତ୍ୟାଗ କରନ୍ତୁ ବୋଲି ଦେଖିବାକୁ ବ୍ରିଟିଶ ସରକାର ବଦ୍ଧପରିକର ଥିଲା । ସେମାନଙ୍କର ସେହି ପାଶବିକ ଅଭିଳାଷ ଚରିତାର୍ଥ ହୋଇଛି ଏବଂ ଏହା ଏକ ହତ୍ୟା ଛଡ଼ା ଆଉ କିଛି ନୁହେଁ । ଆମର ନେତାମାନଙ୍କୁ ଅତି ନିର୍ମମ ଭାବରେ ଜଣକ ପରେ ଜଣେ ହୋଇ ଶେଷ କରି ଦେବାକୁ ଯେ ବ୍ରିଟିଶ ଦୃଢ଼ ପ୍ରତିଜ୍ଞା ରହିଛି, ବନ୍ଦୀଶାଳାରେ ଶ୍ରୀମତୀ କସ୍ତୁରବାଙ୍କର ମର୍ମନ୍ତୁଦ ମୃତ୍ୟୁ ହିଁ ଆମକୁ—ଦେଶ ଓ ବିଦେଶରେ ଥିବା ଭାରତୀୟମାନଙ୍କୁ—ତାହା ଚେତାଇ ଦେଉଛି । ବ୍ରିଟେନ ଯେତେଦିନ ପର୍ଯ୍ୟନ୍ତ ଭାରତରେ ରହିଥିବ, ସେତେଦିନ ପର୍ଯ୍ୟନ୍ତ ଆମ ଜାତି ପ୍ରତି ଏପରି ଅମାନୁଷିକ ଅତ୍ୟାଚାର, ନିର୍ଦ୍ୱନ୍ଦରେ ଚାଲିଥିବ । ଭାରତର ପୁତ୍ର ଓ କନ୍ୟାମାନେ କେବଳ ଗୋଟିଏ ଉପାୟରେହିଁ ଶ୍ରୀମତୀ କସ୍ତୁରବା ଗାନ୍ଧୀଙ୍କ ମୃତ୍ୟୁର ପ୍ରତିଶୋଧ ନେଇ ପାରିବେ ଏବଂ ତାହା ହେଲା

Digitized by srujanika@gmail.com

ଭାରତରେ ରହିଥିବା ବ୍ରିଟିଶ ସାମ୍ରାଜ୍ୟକୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିଦେବା । ଭାରତରେ ଥିବା ବ୍ରିଟିଶ ଶାସକମାନଙ୍କ ବିରୁଦ୍ଧରେ ଏକ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିବା ପୂର୍ବ-ଏସିଆର ଭାରତୀୟମାନଙ୍କ ଉପରେ ବର୍ତ୍ତମାନ ଏକ ସ୍ୱତନ୍ତ୍ର ଦାୟିତ୍ୱ ରହିଛି । ବିଶେଷକରି ଏଠାରେ ଉପସ୍ଥିତ ଥିବା ଆମର ଭଉଣୀମାନେ ଏହି ଦାୟିତ୍ୱରେ ସମଭାଗୀ ହେଉଛନ୍ତି । ଏହି ଦୁଃଖଦ ଘଡ଼ିରେ ଆମେ ଆମର ପବିତ୍ର ଶପଥକୁ ଦୋହରାଇବା କି ଭାରତରୁ ଶେଷ ବ୍ରିଟିଶ ଜଣକୁ ବାହାର କରି ନ ଦିଆଯିବା ପର୍ଯ୍ୟନ୍ତ ଆମର ସଶସ୍ତ୍ର ଲଢ଼େଇ ଚାଲୁ ରହିଥିବ ।

(୧୯୧୪ ମସିହା ଫେବୃୟାରୀ ୨୨ ତାରିଖ ଦିନ ଦେଇଥିବା ଉକ୍ତି)

Digitized by srujanika@gmail.com

ମୋତେ ରକ୍ତ ଦିଅ, ମୁଁ ମୁକ୍ତି ଆଣିଦେବ

ବନ୍ଧୁଗଣ ! ବାରମାସ ପୂର୍ବେ ଏସିଆର ଭାରତୀୟମାନଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ସଜ୍ଜୀକରଣ ଓ ସର୍ବାଧିକ ତ୍ୟାଗ ପାଇଁ ଏକ ନୂତନ କାର୍ଯ୍ୟକ୍ରମ ରଖା ଯାଇଥିଲା । ଗତ ବର୍ଷ ମଧ୍ୟରେ ଆମ୍ଭମାନଙ୍କ ସଫଳତା ହାସଲ କରିଅଛୁ, ମୁଁ ଆପଣମାନଙ୍କୁ ତାହାର ଏକ ବିବରଣ ଦେବି ଏବଂ ଆସନ୍ତା ବର୍ଷ ପାଇଁ ରହିଥିବା ଦାବୀ ଉପସ୍ଥାପିତ କରିବି । କିନ୍ତୁ ଏହା କରିବା ପୂର୍ବରୁ ମୁଁ ଆପଣମାନଙ୍କୁ ପୁନର୍ବାର ଚେତାଇ ଦେବାକୁ ଚାହେଁ ଯେ ମୁକ୍ତି ହାସଲ କରିବା ପାଇଁ ବର୍ତ୍ତମାନ ଏକ ସୁବର୍ଣ୍ଣ ସୁଯୋଗ ଆସି ଦେଖା ଦେଇଛି । ବ୍ରିଟିଶ ବର୍ତ୍ତମାନ ଏକ ପୃଥିବୀ ବ୍ୟାପୀ ସଂଗ୍ରାମରେ ଜଡ଼ିତ ହୋଇ ପଡ଼ିଛି ଏବଂ ଏହି ସଂଗ୍ରାମ କାଳରେ ସେମାନେ ବହୁ ସାମ୍ମୁଖ୍ୟରେ ଘୋର ପରାଜୟର ସମ୍ମୁଖୀନ ହୋଇଛନ୍ତି । ଶତ୍ରୁ ଏହି ପ୍ରକାରେ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିବା ବେଳେ, ମୁକ୍ତି ପାଇଁ ଆମର ସଂଗ୍ରାମ ପାଞ୍ଚବର୍ଷ ଆଗରର ସମୟ ତୁଳନାରେ ବର୍ତ୍ତମାନ ଅଧିକ ସହଜ ହୋଇ ରହିଛି । ଏପରି ଏକ ବିରଳ ଓ ଈଶ୍ୱର-ଦତ୍ତ ସୁଯୋଗ ଶତାବ୍ଦୀରେ ଗୋଟିଏ ଆସିଥାଏ । ଏହି କାରଣରୁ ବ୍ରିଟିଶ କବଳରୁ ଆମର ମାତୃଭୂମିକୁ ମୁକ୍ତ କରିବା ପାଇଁ ଉପସ୍ଥିତ ସୁଯୋଗର ପୂର୍ଣ୍ଣ ଉପଯୋଗ କରିବାକୁ ଆମେ ଶପଥ ନେଇଥାଉଁ ।

ସମ୍ପୂର୍ଣ୍ଣ ପ୍ରସ୍ତୁତୀକରଣ କାର୍ଯ୍ୟକ୍ରମ ଅନୁଯାୟୀ ମୁଁ ଆପଣମାନଙ୍କ ନିକଟରୁ ଲୋକବଳ, ଟଙ୍କାପଇସା ଓ ସାଜସରଞ୍ଜାମ ଗ୍ରହିଥିଲି । ଲୋକବଳ କଥା କହିବାକୁ ଗଲେ ମୁଁ ଆନନ୍ଦର ସହିତ ଆପଣମାନଙ୍କୁ ଏହା କହୁଛି ଯେ ବହୁ ସଂଖ୍ୟକ ନବ ସୈନିକଙ୍କୁ ଗ୍ରହଣ କରାଯାଇଛି । ପୂର୍ବ ଏସିଆର ପ୍ରତି କୋଣରୁ— ଚୀନ, ଜାପାନ, ଇଣ୍ଡୋ-ଚୀନ, ଫିଲିପିନସ୍ ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ମାଲୟ, ଥାଇଲଣ୍ଡ ଓ ବ୍ରହ୍ମଦେଶରୁ ନବସୈନିକମାନେ ଆସି ଯୋଗ ଦେଇଛନ୍ତି । ମୋର କେବଳ ଗୋଟିଏ ଆପତ୍ତି ହେଲା, ବ୍ରହ୍ମଦେଶର ଥିବା ଭାରତୀୟ ଲୋକମାନଙ୍କ ସଂଖ୍ୟା ତୁଳନାରେ ସେଠାରୁ ଗୃହୀତ ନବସୈନିକମାନଙ୍କ ସଂଖ୍ୟା ବେଶି ହେବା ଉଚିତ ହୋଇଥାନ୍ତା । ସୁତରାଂ ଆପଣମାନଙ୍କୁ ଏହି ଅଞ୍ଚଳରୁ ଅଧିକ ଲୋକ ସଂଗ୍ରହ କରିବା ଦିଗରେ ଭବିଷ୍ୟତରେ ଅଧିକ ଚେଷ୍ଟା କରିବାକୁ ପଡ଼ିବ ।

ଧନ ବିଷୟରେ କହିବାକୁ ଗଲେ, ଆପଣମାନଙ୍କର ମନେ ଥିବ ଯେ ମୁଁ ପୂର୍ବ ଏସିଆରେ ଥିବା ଭାରତୀୟମାନଙ୍କ ନିକଟରୁ ୩୦ ନିୟୁତ ଟଙ୍କା ଦାବୀ କରିଥିଲେ । ଇତି ମଧ୍ୟରେ ମୁଁ ତାହା ଅପେକ୍ଷା ଯଥେଷ୍ଟ ଅଧିକ ଅର୍ଥ ପାଇ ସାରିଛି ଏବଂ ଯେପରି ଭାବରେ

Digitized by srujanika@gmail.com

ବ୍ୟବସ୍ଥାମାନ କରାଯାଇଛି, ସେଥିରୁ ମୋ ମନରେ ଦୃଢ଼ ବିଶ୍ୱାସ ଜନ୍ମିଛି ଯେ ଭବିଷ୍ୟତରେ ଅର୍ଥ ସାହାଯ୍ୟର ଧାରା ଅବ୍ୟାହତ ରହିବ ।

ଆପଣମାନେ ଅକୁଣ୍ଠ ହୃଦୟରେ ମୋ ସହିତ ସହଯୋଗ କରିଥିବାରୁ ମୁଁ ଆପଣମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛି । ତାହି ସଙ୍ଗେ ସଙ୍ଗେ ଏବେ ମଧ୍ୟ ଆମ ଆଗରେ ରହିଥିବା ଜଟିଳ କାର୍ଯ୍ୟଗୁଡ଼ିକ ପ୍ରତି ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି ।

ଆପଣମାନେ ଅଧିକ ଶକ୍ତି ଓ ଉତ୍ସାହ ସହକାରେ ଲୋକ, ଟଙ୍କା ପଇସା ଓ ସରଞ୍ଜାମ ସଙ୍ଗ୍ରହୀକରଣ ଚାଲୁ ରଖିବା ଦରକାର । ବିଶେଷକରି ଯୋଗାଣ ଓ ପରିବହନ ସମସ୍ୟାର ସନ୍ତୋଷଜନକ ସମାଧାନ କରିବାକୁ ହେବ ।

ଦ୍ୱିତୀୟତଃ, ପ୍ରଶାସନିକ କାର୍ଯ୍ୟ ଏବଂ ମୁକ୍ତ କରାଯିବା ଅଞ୍ଚଳମାନଙ୍କରେ ପୁନର୍ଗଠନ କାର୍ଯ୍ୟ ପାଇଁ ଆମର ସବୁ ଶ୍ରେଣୀର ପୁରୁଷ ଓ ମହିଳା ଅଧିକ ସଂଖ୍ୟାରେ ଦରକାର ହେଉଛନ୍ତି । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଓହରି ଯିବା ପୂର୍ବରୁ ଶତ୍ରୁ ଜାଳି ପୋଡ଼ି ନଷ୍ଟ କରିଦେବା ନୀତି ପ୍ରୟୋଗ କରିବ ଏବଂ ବ୍ରହ୍ମଦେଶରେ ହୋଇଥିବା ଉଦ୍ୟମ ପରି, ସେହି ଅଞ୍ଚଳରୁ ବେସାମରିକ ଲୋକମାନଙ୍କୁ ବଳ ପ୍ରୟୋଗ କରି ସ୍ଥାନାନ୍ତରିତ କରିବା ଲାଗି ଉଦ୍ୟମ କରିବେ । ଏଭଳି ଏକ ପରିସ୍ଥିତି ସୃଷ୍ଟି ହେଲେ ତାହାର ସମ୍ମୁଖୀନ ହେବା ଲାଗି ଆମକୁ 'ଆଜଠୁଁ' ପ୍ରସ୍ତୁତ ରହିବାକୁ ପଡ଼ିବ ।

ଶେଷ କଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା, ଲଢ଼େଇ ଚାଲିଥିବା ସାମ୍ନାକୁ ଅଧିକ ସଂଖ୍ୟାରେ ସୈନ୍ୟସାମନ୍ତ ଓ ଯୋଗାଣ ସାମଗ୍ରୀ ପଠାଇବା ସମସ୍ୟା । ଆମେ ଯଦି ଏହା ନକରୁଁ ତାହାହେଲେ ଲଢ଼େଇ ସାମ୍ନାମାନଙ୍କରେ ଆମେ ଆମର ସଫଳତାକୁ ଅକ୍ଷୁର୍ଣ୍ଣ ରଖିବାକୁ ଆଶାକରି ପାରିବା ନାହିଁ କିମ୍ବା ଭାରତରେ ପ୍ରବେଶ କରିବାକୁ ମଧ୍ୟ ଆଶା ପାଇବା ନାହିଁ ।

ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ଘରୋଇ ସାମ୍ନାରେ ରହି କାର୍ଯ୍ୟ ଚାଲୁ ରଖିବେ, ସେମାନେ ପୂର୍ବ ଏସିଆ ଏବଂ ବିଶେଷ କରି ବ୍ରହ୍ମଦେଶ ଯେ ଆମର ମୁକ୍ତିର ସମର ପାଇଁ ମୂଳ ଆସ୍ଥାନ, ଏକଥା ଭୁଲିଯିବା ଉଚିତ ନୁହେଁ । ଯଦି ଏହି ଆସ୍ଥାନଟି ସୁଦୃଢ଼ ନହୁଏ ତାହେଲେ ଆମର ଲଢୁଆ ବାହିନୀ କଦାପି ବିଜୟୀ ହୋଇ ପାରିବେ ନାହିଁ । ଘରୋଇ ସାମ୍ନା ପ୍ରତି ଯଥୋଚିତ ଦୃଷ୍ଟି ଦେବାକୁ ମୁଁ ଆହ୍ୱାନ କରୁଛି, ତାହାର ଅନ୍ୟ ଏକ କାରଣ ରହିଛି । ଆଗାମୀ ମାସମାନଙ୍କରେ ମୁଁ ଓ ମନ୍ତ୍ରୀମଣ୍ଡଳର ଯୁଦ୍ଧ କମିଟିରେ ଥିବା ମୋର ସହକର୍ମୀମାନେ ଲଢ଼େଇ ସାମ୍ନା ପ୍ରତି ଏବଂ ଭାରତ ଭିତରେ ବିପ୍ଳବ ସୃଷ୍ଟି କରିବା କାର୍ଯ୍ୟ ପ୍ରତି ଆମର ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ଇଚ୍ଛା କରୁଁ । ସୁତରାଂ ଆମର ଅନୁପସ୍ଥିତିରେ ସଂଗ୍ରାମର ଆହ୍ୱାନରେ ଯେପରି ନିର୍ବିଘ୍ନରେ ସମସ୍ତ କାର୍ଯ୍ୟ ଚାଲେ ସେଥିପାଇଁ ଆମେ ପୂର୍ଣ୍ଣ ଆଶ୍ୱାସନା ଚାହୁଁ ।

Digitized by srujanika@gmail.com

ବନ୍ଧୁଗଣ, ବର୍ଷକ ପୂର୍ବେ ମୁଁ ଯେତେବେଳେ ଆପଣମାନଙ୍କ ନିକଟରେ କେତେକ ଦାବି ଆଗତ କରିଥିଲି, ସେତେବେଳେ ମୁଁ ଆପଣମାନଙ୍କୁ କହିଥିଲି ଯେ ମୋତେ ଯଦି ସମ୍ପୂର୍ଣ୍ଣ ସକ୍ରୀକରଣ ଅବସ୍ଥା ଦଅନ୍ତୁ, ତା' ହେଲେ ମୁଁ ଆପଣମାନଙ୍କୁ ଏକ ଦ୍ୱିତୀୟ ସାମ୍ମୁଖ୍ୟ ଦେବ । ମୁଁ ସେହି ପ୍ରତିଶ୍ରୁତି ପାଳନ କରିଛି । ଆମ ଅଭିଯାନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇ ଯାଇଛି । ଆମର ବିଜୟୀ ସୈନ୍ୟମାନେ ଜାପାନୀ ସୈନ୍ୟମାନଙ୍କ ସହାୟତାରେ ଲଢ଼ି ଶତ୍ରୁକୁ ପଛକୁ ହଟାଇ ଦେଇଛନ୍ତି ଏବଂ ବର୍ତ୍ତମାନ ସେମାନେ ଆମର ପ୍ରିୟ ମାତୃଭୂମିର ପବିତ୍ର ମୃତ୍ତିକା ଉପରେ ସାହସର ସହିତ ଲଢ଼ୁଛନ୍ତି ।

ଆମ ଆଗରେ ବର୍ତ୍ତମାନ ଯେଉଁ ସବୁ କାର୍ଯ୍ୟ ରହିଛି, ସେଥିପାଇଁ ପ୍ରସ୍ତୁତ ହୋଇ ରହନ୍ତୁ । ଲୋକବଳ, ଟଙ୍କା ପଇସା ଓ ସାଜସରଞ୍ଜାମ ପାଇଁ ମୁଁ ଆପଣମାନଙ୍କ ନିକଟରେ ଅନୁରୋଧ ଜଣାଇଥିଲି । ମୁଁ ତାହା ବହୁପରିମାଣରେ ପାଇଛି । ବର୍ତ୍ତମାନ ମୁଁ ଆପଣ-ମାନଙ୍କ ନିକଟରୁ ଅଧିକ କିଛି ଚାହୁଁଛି । କେବଳ ଲୋକବଳ, ଟଙ୍କାପଇସା ଓ ସାଜ-ସରଞ୍ଜାମ ବିଜୟ ବା ମୁକ୍ତି ଆଣିଦେଇ ପାରିବ ନାହିଁ । ଆମର ପ୍ରେରଣା ମାନସିକ ଶକ୍ତି ରହିବା ଦରକାର, ଯାହା ଆମ୍ଭମାନଙ୍କୁ ସାହସିକ ଓ ବୀରତ୍ୱପୂର୍ଣ୍ଣ କାର୍ଯ୍ୟମାନ କରିବା ପାଇଁ ପ୍ରେରଣା ଦେବ ।

ବିଜୟ ବର୍ତ୍ତମାନ ସୁନିଶ୍ଚିତ ହୋଇ ରହିଥିବା ବେଳରେ ଭାରତକୁ ମୁକ୍ତ ହେବାର ଦେଖିବା ପାଇଁ ବଞ୍ଚି ରହିବାକୁ ଇଚ୍ଛା କରିବା ଏକ ମସ୍ତବଡ଼ ଭୁଲ ହେବ । ମୁକ୍ତିକୁ ଉପଭୋଗ କରିବା ପାଇଁ ବଞ୍ଚି ରହିବାକୁ କେହି ହେଲେ ମନରେ ଅଭିଳାଷ ପୋଷଣ ନ କରନ୍ତୁ । ଆମ ଆଗରେ ଏବେ ମଧ୍ୟ ଏକ କଠୋର ଲଢ଼େଇ ରହିଛି ।

ଆଜି ଆମ୍ଭମାନଙ୍କ ମନରେ କେବଳ ଗୋଟିଏ ଅଭିଳାଷ ରହିବା ଉଚିତ । ଏହା ହେଉଛି ମୃତ୍ୟୁବରଣ କରିବାର ଅଭିଳାଷ, ଯେପରିକି ଆମର ମୃତ୍ୟୁରେ ଭାରତ ବଞ୍ଚି ରହିପାରେ । ଏହା ହେଉଛି ଏକ ବୀରୋଚିତ ମୃତ୍ୟୁବରଣ କରିବାର ଅଭିଳାଷ, ଯେପରିକି ଶହୀଦ୍‌ଙ୍କ ରକ୍ତରେ ମୁକ୍ତିର ପଥ ସହଜ ସୁଗମ ହୋଇପାରେ ।

ବନ୍ଧୁଗଣ, ମୁକ୍ତିର ଯୁଦ୍ଧରେ ଲଢ଼ୁଥିବା ମୋର ସହଯୋଗୀଗଣ ! ଆଜି ମୁଁ ସବୁକିଛିର ଉପରେ ଗୋଟିଏ ବିଷୟ ଆପଣମାନଙ୍କ ନିକଟରୁ ଦାବି କରୁଛି । ମୁଁ ଆପଣମାନଙ୍କର ରକ୍ତ ଚାହେଁ । କେବଳ ରକ୍ତହିଁ ଶତ୍ରୁ କରିଥିବା ରକ୍ତପାତର ପ୍ରତିଶୋଧ ନେଇପାରେ । କେବଳ ରକ୍ତହିଁ ମୁକ୍ତିର ମୂଲ୍ୟ ଦେଇପାରେ । ମୋତେ ରକ୍ତ ଦିଅ, ମୁଁ ମୁକ୍ତି ଆଣିଦେବ ବୋଲି ପ୍ରତିଶ୍ରୁତି ଦେଉଛି ।

—ଜୁଲାଇ ୪, ୧୯୪୪

Digitized by srujanika@gmail.com

ଦିଲ୍ଲୀକୁ ଅନେକ ମାର୍ଗ ରହିଛି

ସାଥୀଗଣ ! ଆମର ମାତୃଭୂମିର ମୁକ୍ତି ପାଇଁ ଲଢ଼ିବା ଏହି ସଂଗ୍ରାମ କ୍ଷେତ୍ରରେ ବର୍ତ୍ତମାନ ଏଭଳି ଏକ ସଙ୍କଟର ବେଳ ଆସି ଦେଖା ଦେଉଛି, ଯାହା ଆସିବ ବୋଲି କେହି କେବେହେଲେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ଭାରତକୁ ମୁକ୍ତ କରିବାର ମହାନ୍ କାର୍ଯ୍ୟରେ ଆପଣମାନେ ବିଫଳ ହୋଇଛନ୍ତି ବୋଲି ଦୁନିଆ ମନରେ ଧାରଣା ଆସୁଥିବ । କିନ୍ତୁ ଏହା କେବଳ ଏକ ଅସ୍ଥାୟୀ ବିଫଳତା ବୋଲି ମୁଁ କହିବି । କୌଣସି ବିଫଳତା ଓ କୌଣସି ପରାଜୟ ଆପଣମାନଙ୍କର ଅତୀତର ଅସାଧାରଣ ସଫଳତାକୁ ନଷ୍ଟ କରି ଦେଇ ନପାରେ । ଆମମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ଭାରତ ବ୍ରହ୍ମଦେଶ ସୀମାରେ ଏବଂ ଭାରତ ମଧ୍ୟରେ ପ୍ରବେଶ କରି ସବୁପ୍ରକାର କଷ୍ଟ ଓ ଯନ୍ତ୍ରଣାର ସମ୍ମୁଖୀନ ହୋଇଛନ୍ତି । ଏହି ମହାନ୍ ତ୍ୟାଗ କେବେହେଲେ ନିରର୍ଥକ ହୋଇ ନପାରେ ।

ସାଥୀଗଣ ! ଏକ ବାସ୍ତବ ବିପ୍ଳବୀ ସେନାର ଯୋଦ୍ଧାର ଅନୁରୂପ ସମ୍ମାନ, ମର୍ଯ୍ୟାଦା ଓ ଶକ୍ତି ସହ ନିଜକୁ ପରିଚାଳିତ କରିବା ସକାଶେ ମୁଁ ଏହି ସଙ୍କଟକାଳ ସମୟରେ ଆପଣମାନଙ୍କୁ ଆହ୍ୱାନ ଜଣାଉଛି । ଆପଣମାନେ ଯୁଦ୍ଧ କ୍ଷେତ୍ରରେ ଶୌର୍ଯ୍ୟ ଓ ଆତ୍ମୋତ୍ସର୍ଗର ଯଥେଷ୍ଟ ପ୍ରମାଣ ଦେଇ ସାରିଛନ୍ତି । ବର୍ତ୍ତମାନ ଏହି ଅସ୍ଥାୟୀ ପରାଜୟର ମୁହୂର୍ତ୍ତରେ ଆପଣମାନଙ୍କର କର୍ତ୍ତବ୍ୟ ହେଉଛି ପୂର୍ଣ୍ଣ ଆଶାବାଦିତା ଓ ଅଟଳ ଇଚ୍ଛା ଶକ୍ତି ପ୍ରଦର୍ଶନ କରିବା । ଏପରିକି ଏହି ଘୋର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆପଣମାନେ ଯେ ମସ୍ତକ ଉନ୍ନତ ରଖିବେ ଏବଂ ଅସୀମ ଆଶା ଓ ଆସ୍ଥା ସହକାରେ ଭବିଷ୍ୟତର ସମ୍ମୁଖୀନ ହେବେ, ଏଥିରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ ।

ବନ୍ଧୁଗଣ ! ମୁଁ ଅନୁଭବ କରେ ଯେ ଏହି ସଙ୍କଟ ବେଳରେ ଆମ ଦେଶର ୩୮ କୋଟି ଲୋକ ଆମରି ଆଡ଼କୁ, ଭାରତୀୟ ମୁକ୍ତି ସେନାର ସୈନିକମାନଙ୍କ ଆଡ଼କୁ ଅନାଇ ରହିଛନ୍ତି । ତେଣୁ ଭାରତ ପ୍ରତି ସତ୍ୟନିଷ୍ଠ ରହନ୍ତୁ ଏବଂ ଭାରତର ଭବିଷ୍ୟତ ପ୍ରତି ରଖିଥିବା ଆସ୍ଥାରେ ଅଟଳ ହୋଇ ରହନ୍ତୁ । ଦିଲ୍ଲୀରେ ପହଞ୍ଚିବା ପାଇଁ ଅନେକ ମାର୍ଗ ରହିଛି ଏବଂ ଆପଣମାନଙ୍କର ତ୍ୟାଗ ନିଶ୍ଚୟ ସଫଳତା ହାସଲ କରିବ । ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ ଯେ କି ଭାରତକୁ ଆଉ ପରାଧୀନତାର ଶୃଙ୍ଖଳରେ ବାନ୍ଧି ପାରିବ । ଭାରତ ସ୍ୱାଧୀନ ହେବ ଏବଂ ଅବିଳମ୍ବେ ହେବ । ଜୟହିନ୍ଦ୍ ।

ମାଲୟରୁ ବିଦାୟ ନେବାର ଅବ୍ୟବହିତ ପୂର୍ବରୁ ୧୯୪୫ ମସିହା ଅଗଷ୍ଟ ୧୭ ତାରିଖ ଦିନ ଆଇ. ଏନ୍. ଏ. ଅଫିସର ଓ ସୈନ୍ୟମାନଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଥିବା ବିଦାୟର ଏକ ସ୍ୱତନ୍ତ୍ର ଆଦେଶନାମା ।

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି

Digitized by srujanika@gmail.com

ନେତାଜୀଙ୍କର ଦେଶପ୍ରେମର ପଟାନ୍ତର ନାହିଁ

ଭାରତୀୟ ଜାତୀୟ ବାହିନୀ (ଆଇ. ଏନ୍. ଏ.)ର ସମ୍ମୋହନ ଶକ୍ତି ଆମ ସମସ୍ତଙ୍କୁ ବଶୀଭୂତ କରି ଦେଇଛି । ନେତାଜୀଙ୍କର ନାମଟି ସମସ୍ତଙ୍କୁ ମୋହିତ କରୁଛି । ତାଙ୍କର ଦେଶପ୍ରେମ ଅଦ୍ୱିତୀୟ ହୋଇ ରହିଛି । (ମୁଁ ଜାଣିଶୁଣି ବର୍ତ୍ତମାନ କାଳ ପ୍ରୟୋଗ କରୁଛି ।) ତାଙ୍କର ସକଳ କର୍ମ ଜରିଆରେ ତାଙ୍କର ସାହସିକତା ପ୍ରତିଫଳିତ ହେଉଛି । ସେ ଉଚ୍ଚ ଲକ୍ଷ୍ୟ ରଖିଥିଲେ । କିନ୍ତୁ ତାହା ହାସଲ କରିବାରେ ସେ ବିଫଳ ହୋଇଥିଲେ । କିନ୍ତୁ କିଏ ବା ବିଫଳ ହୋଇ ନାହିଁ ? ଆମର କର୍ତ୍ତବ୍ୟ ହେଉଛି ଉଚ୍ଚ ଲକ୍ଷ୍ୟ ରଖିବା ଏବଂ ଉତ୍ତମ ଭାବରେ ଲକ୍ଷ୍ୟ ରଖିବା । ସଫଳତା ଲାଭ କରିବା ସମସ୍ତଙ୍କର ହାତ କଥା ନୁହେଁ ।

ନେତାଜୀ ମୋର ପୁଅ ସମାନ ଥିଲେ । ସ୍ୱର୍ଗୀୟ ଦେଶବନ୍ଧୁ ଦାସଙ୍କ ନେତୃତ୍ୱରେ ପରିଚାଳିତ ଜଣେ ଲଢ଼ୁଆ ତେଜସ୍ୱୀ ବ୍ୟକ୍ତି ହିସାବରେ ମୁଁ ତାଙ୍କୁ ଜାଣିବାକୁ ପାଇଥିଲି । ଭାରତୀୟ ଜାତୀୟ ବାହିନୀ (ଆଇ. ଏନ୍. ଏ.)କୁ ତାଙ୍କର ଅନ୍ତିମ ବାର୍ତ୍ତା ଥିଲା ଯେ ସେମାନେ ବିଦେଶୀ ମୃତ୍ତିକାରେ ଅସ୍ତ୍ର ଧାରଣ କରି ଲଢ଼ିଥିଲେ ସୁଦ୍ଧା ଭାରତକୁ ଫେରି ଆସିବା ପରେ ସେମାନେ କଂଗ୍ରେସର ମାର୍ଗ-ପ୍ରଦର୍ଶନ ଓ ନେତୃତ୍ୱରେ ଅହିଂସା-ସୈନିକ ରୂପେ ଦେଶର ସେବା କରିବେ । ବିବାଦଗୁଡ଼ିକର ସମାଧାନ ପାଇଁ ଅସ୍ତ୍ର ଧାରଣର ପନ୍ଥା ଗ୍ରହଣ କରିବା, ଭାରତ ପ୍ରତି ଆଇ. ଏନ୍. ଏ. ର ବାର୍ତ୍ତା ନୁହେଁ, କାରଣ ଏହାର ପରୀକ୍ଷା କରି ଯାଇଛି ଏବଂ ଏଥିରେ କିଛି ତ୍ରୁଟି ଥିବାର ପରିଲକ୍ଷିତ ହୋଇଛି । ବରଂ ସେହି ବାର୍ତ୍ତା ହେଉଛି ଅହିଂସା, ଐକ୍ୟ, ସଂହତି ଓ ସଙ୍ଗଠନର ଉତ୍କର୍ଷତା ସାଧନ କରିବା । ଭାରତୀୟ ଜାତୀୟ ବାହିନୀ (ଆଇ. ଏନ୍. ଏ.) ଯଦିଓ ସେମାନଙ୍କର ଆଶୁ ଉଦ୍ଦେଶ୍ୟ ସାଧନ କରିବାରେ ବିଫଳ ହୋଇଥିଲା, ତଥାପି ସେମାନେ ଏପରି ପ୍ରଶଂସନୀୟ କାର୍ଯ୍ୟମାନ କରି ଯାଇଛନ୍ତି, ଯାହା ସକାଶେ ସେମାନେ ମନରେ ଗର୍ବ ଅନୁଭବ କରି ପାରନ୍ତି । ସବୁଠାରୁ ଅଧିକ ପ୍ରଶଂସନୀୟ କାର୍ଯ୍ୟ ଥିଲା, ଗୋଟିଏ ପତାକା ତଳେ ଭାରତର ସବୁ ଧର୍ମ ଓ ଜାତିର ଲୋକମାନଙ୍କୁ ଏକଜୁଟ କରିବା ଏବଂ ସେମାନଙ୍କ ମନରେ ସାଂପ୍ରଦାୟିକ କିମ୍ବା ସଂକୀର୍ଣ୍ଣ ମନୋଭାବ ପରିବର୍ତ୍ତେ ଐକ୍ୟବଦ୍ଧତା ଓ ଏକତାର ମନୋଭାବ ସଞ୍ଚାରିତ କରିବା । ଏହା ହେଉଛି ଏପରି ଏକ ଆଦର୍ଶ ଯାହା କି ଆମ ସମସ୍ତଙ୍କର ଅନୁସରଣୀୟ ହୋଇ ରହିବା ଉଚିତ ।

—ମହାତ୍ମା ଗାନ୍ଧୀ

Digitized by srujanika@gmail.com

ଦେଶନାୟକ ସୁଭାଷଚନ୍ଦ୍ର

ପ୍ରାଚୀ ଜଗତରେ କବିମାନେ ଚିରଦିନ ଜାତୀୟ ବୀରମାନଙ୍କ ପ୍ରତି ସେମାନଙ୍କ ଦେଶବାସୀଙ୍କର ସମ୍ମାନ ଜଣାଇ ଆସିଛନ୍ତି ଏବଂ ବଙ୍ଗର କବି ରୂପେ ମୁଁ ଆଜି ତୁମକୁ ବଙ୍ଗବାସୀଙ୍କର ସମ୍ମାନାସ୍ପଦ ନେତା ବୋଲି ସ୍ୱୀକାର କରୁଛି......

ସୁଭାଷଚନ୍ଦ୍ର ! ତୁମର ରାଜନୈତିକ ସାଧନା ଆରମ୍ଭ ହେବା ଜୀବନର ଉଷା କାଳ ମୁଁ ଲକ୍ଷ୍ୟ କରି ଦେଖିଛି । ସେହି ଅନିଶ୍ଚିତ ଅସ୍ପଷ୍ଟ ଆଲୋକରେ ମୋର ହୃଦୟରେ କେତେକ ସଂଶୟ ରହିଥିଲା ଏବଂ ତୁମେ ଆଜି ଯାହା ହୋଇ ପାରିଛ, ସେପରି ଭାବରେ ତୁମକୁ ସ୍ୱୀକାର କରିବା ପାଇଁ ମୁଁ ସେତେବେଳେ କୁଣ୍ଠାବୋଧ କରିଥିଲି । ତୁମଠାରେ ଦୁର୍ବଳତା ଏବଂ ଦ୍ୱିଧାପୂର୍ଣ୍ଣ ଅସ୍ଥିର ଚିତ୍ତର ଲକ୍ଷଣମାନ ଦେଖି ମୁଁ ବାରମ୍ବାର ମନରେ ଆଘାତ ପାଇଥିଲି । କିନ୍ତୁ ଆଜି ତୁମେ ମଧ୍ୟାହ୍ନ ସୂର୍ଯ୍ୟର ନିର୍ମଳ ଆଲୋକରେ ଉଦ୍‌ଭାସିତ ହୋଇଛ, ଯେଉଁ ଆଲୋକରେ ସନ୍ଦେହର ଅବକାଶ ନାହିଁ ।

ଏହି ବର୍ଷମାନଙ୍କର ତୁମେ ତୁମର ବିବିଧ ଅନୁଭୂତି ଗୁଡ଼ିକୁ ତୁମ ନିଜ ଭିତରେ ମଗ୍ନ କରି ଦେଇଛ । ଆଜି ତୁମର ପରିପକ୍ୱ ମନ-ମସ୍ତିଷ୍କ ଏବଂ ଅଦମ୍ୟ ଶକ୍ତି ବଳରେ ତୁମେ କାର୍ଯ୍ୟ କରିଯାଉଛ । କାରାବାସ, ନିର୍ବାସନ ଓ ରୋଗ ତୁମର ଶକ୍ତିକୁ ନଷ୍ଟ କରିବା ତ ଦୂରର କଥା ବରଂ ଅଞ୍ଚଳର ସଙ୍କୀର୍ଣ୍ଣ ସୀମା ଅତିକ୍ରମ ପୂର୍ବକ ଇତିହାସର ବ୍ୟାପକ ଦୃଶ୍ୟ ପରିକ୍ଷେପକୁ ଆଲିଙ୍ଗନ କରି ନେବା ପାଇଁ, ତୁମର ଦର୍ଶନ ଶକ୍ତିକୁ ପ୍ରସାରିତ କରି ହୃଦୟରେ ସହାନୁଭୂତି ଅଭିବୃଦ୍ଧି କରିବା ଦିଗରେ ସାହାଯ୍ୟ କରିଛି । ତୁମେ ଆପାତ ପରାଜୟକୁ ଚୂଡ଼ାନ୍ତ ବୋଲି ମନେ କରି ନ ଥିଲ ସୁତରାଂ ତୁମେ ଦୁଃଖ କଷ୍ଟକୁ ହିଁ ତୁମର ମିତ୍ର ରୂପେ ବରଣ କରି ନେଇଛ । ସବୁକିଛିର ଉପରେ, ବଙ୍ଗଳା ଆଜି ତୁମର ସଙ୍କଳ୍ପର ତୀବ୍ରଶକ୍ତି ଏବଂ ଆତ୍ମପ୍ରତ୍ୟୟମୂଳକ ସାହସର ସମକକ୍ଷ ହେବାକୁ ଚେଷ୍ଟା କରିବାର ବେଳ ଆସିଛି .....

ଦୀର୍ଘକାଳ ପୂର୍ବେ ଏକ ସଭାରେ ମୁଁ ବଙ୍ଗର ଭାବୀ ନେତାଙ୍କ ଉଦ୍ଦେଶ୍ୟରେ ମୋର ଅଭିଭାଷଣ ଦେଇଥିଲି । ପୁଣି ବହୁବର୍ଷ ପରେ ଏହି ସଭାରେ ଆଜି ମୁଁ ଯାହାଙ୍କୁ ଉଦ୍ଦେଶ୍ୟ କରି ମୋର ଅଭିଭାଷଣ ଦେଉଛି, ସେ ସ୍ୱୀକୃତିର ପୂର୍ଣ୍ଣ ଆଲୋକରେ ଉଦ୍‌ଭାସିତ ହୋଇଛନ୍ତି । ମୋର ଜୀବନକାଳ ଶେଷ ହୋଇ ଆସିଲାଣି । ଆସନ୍ନ ଲଢ଼େଇରେ ତାଙ୍କ ସହିତ ଯୋଗ ଦେବାକୁ ମୁଁ ହୁଏତ ନ ଥିବି । ତାଙ୍କ ଦେଶର ଦୁଃଖର ବୋଝ ସେ ନିଜ ଉପରକୁ ନେଇଥିବାର ଜାଣି ଏବଂ ତାଙ୍କ ଦେଶର ମୁକ୍ତି ରୂପେ ତାଙ୍କର ଚୂଡ଼ାନ୍ତ ପୁରସ୍କାରର ଦିନ ସନ୍ନିକଟବର୍ତ୍ତୀ ହୋଇଥିବାର ଜାଣି ମୁଁ କେବଳ ତାଙ୍କୁ ଆଶିଷ ଦେଇ ବିଦାୟ ନେଉଛି ।

—ରବୀନ୍ଦ୍ରନାଥ ଠାକୁର

Digitized by srujanika@gmail.com

ଭାରତର ସାହସୀ ଓ ତେଜସ୍ୱୀ ସନ୍ତାନ

ଆମେ ଯେତେବେଳେ ଅହମ୍ମଦନଗରର ବନ୍ଦୀଶାଳାରେ ଥିଲୁ, ସେତେବେଳେ ମାଳୟରେ ଏକ ଭାରତୀୟ ବାହିନୀ ଗଠିତ ହୋଇଥିବାର ଗୁଜବ ଆମେ ଶୁଣିବାକୁ ପାଇଲୁ । ଏ ସମ୍ବନ୍ଧରେ ଆମେ ବିଶେଷ କିଛି ଜାଣିବାକୁ ପାଇ ନ ଥିଲୁ । ବସ୍ତୁତଃ, ସେତେବେଳେ ଭାରତରେ ବହୁତ କମ୍ ଲୋକ ଏ ସମ୍ପର୍କରେ କିଛି ଜାଣିଥିଲେ । ୧୯୪୫ ମସିହା ଜୁନ ମାସରେ ଆମେ ଜେଲରୁ ଖଲାସ ହେବା ମାତ୍ରେ ମୁଁ ଏହି ବାହିନୀ ଗଠିତ ହୋଇଥିବା ସମ୍ବନ୍ଧରେ କେତେକ ଅଧିକ ସମ୍ବାଦ ଓ ବିବରଣ ଜାଣିବାକୁ ପାଇଥିଲି । ମୋ ମନରେ ଏହାପ୍ରତି ଆଗ୍ରହ ଜନ୍ମିବା ସ୍ୱାଭାବିକ କଥା ଥିଲା କିନ୍ତୁ ସେତେବେଳେ ଜାପାନ ଯୁଦ୍ଧରେ ଲିପ୍ତ ରହିଥିବା ଦୃଷ୍ଟିରୁ ସର୍ବସାଧାରଣରେ ଏ ସମ୍ପର୍କରେ କୌଣସି କଥା କହିବା ସମୀଚୀନ ହେବ ନାହିଁ ବୋଲି ମୋର ମନେ ହୋଇଥିଲା । ଅଳ୍ପ ଦିନ ପରେ ଜାପାନରେ ଯୁଦ୍ଧ ସମାପ୍ତ ହେଲା ଏବଂ ଏହି ସେନା ସମ୍ପର୍କରେ ସର୍ବସାଧାରଣରେ କିଛି କହିବାର ବେଳ ଆସିଯାଇଛି ବୋଲି ମୁଁ ମନେ କରୁଛି ।

ସେତେବେଳେ ବିଦେଶରେ ଗଠିତ ଏହି ସେନା ଗଠନ ସମ୍ପର୍କରେ ମୋର ସୀମାବଦ୍ଧ ଜ୍ଞାନ ଥିଲା ଏବଂ ଏକ ବ୍ୟାପକ ଯୋଜନା ତଥା ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀ ଦୃଷ୍ଟିରୁ ଏପରି ସେନାର ଗଠନ ଓ କାର୍ଯ୍ୟକଳାପ କେତେଦୂର ଯଥାର୍ଥ ହୋଇଛି, ସେ ସମ୍ବନ୍ଧରେ ମୁଁ ମୋ ମନରେ କିଛି ନିଶ୍ଚିତ ଧାରଣା ପୋଷଣ କରି ନ ଥିଲି । କିନ୍ତୁ ଗୋଟିଏ ଦୃଢ଼ ବିଷୟରେ ମୋ ମନରେ କୌଣସି ସନ୍ଦେହ ନ ଥିଲା । ତାହା ହେଉଛି, ଭାରତର ମୁକ୍ତି ହାସଲ ଲାଗି ସେମାନଙ୍କ ମନରେ ପ୍ରବଳ ବାସନା ଜାଗି ଉଠିଥିବାରୁ ଶ୍ରୀ ସୁଭାଷଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଭାରତୀୟ ସ୍ତ୍ରୀ ଓ ପୁରୁଷମାନେ ଏପରି ଏକ ବାହିନୀରେ ଯୋଗ ଦେଇଥିଲେ । ଯଦି ସାମରିକ ଆଇନର କୌଣସି ବିଶେଷ ବ୍ୟାଖ୍ୟା ଦୃଷ୍ଟିରୁ ଏହି ବାହିନୀରେ ଯୋଗ ଦେଇଥିବା ବହୁ ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦିଆଯାଏ, ତା'ହେଲେ ଏହା ଭାରତ ପକ୍ଷେ ଶୋକାବହ ଘଟଣା ହେବ । ଭାରତର ସାହସୀ ଓ ତେଜସ୍ୱୀ ପୁତ୍ର କନ୍ୟାମାନଙ୍କୁ ମୃତ୍ୟୁ ବା ଦୀର୍ଘ କାରାବାସର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ସେ ତା' ନୁହେଁ, ବରଂ ତାହା ଘା' ଶୁଖି ପୁରିବାକୁ ଅନେକ କାଳ ଲାଗିଯିବା ଭଳି ଭାରତର ଶରୀରରେ ଏକ ଗଭୀର କ୍ଷତ ସୃଷ୍ଟି କରିପାରେ ବୋଲି ଏହି ଘଟଣା ଭାରତ ପକ୍ଷେ ଏକ ଦୁଃଖାନ୍ତ ବିଷୟ ହେବ......

Digitized by srujanika@gmail.com

ତେଣୁ ରାଜନୈତିକ ପୃଷ୍ଠଭୂମି କଥା ଛାଡିଦେଲେ, ଏହି ଯୁବକଯୁବତୀମାନଙ୍କୁ ରକ୍ଷା କରିବା ଲାଗି ସବୁମତେ ଉଦ୍ୟମ କରାଯିବା ଉଚିତ ବୋଲି ମୋ ମନରେ ଧାରଣା ଜନ୍ମିଥିଲା । ମୁଁ ଯଥାର୍ଥ ଭାବରେ ଏହା ବିଚାର କରିନଥିଲି, କାରଣ ସଙ୍ଗେ ସଙ୍ଗେ ସାରା ଭାରତରେ ଏକ ଘୋର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ଏବଂ ଭାରତର ଦୂର ଦୂରାନ୍ତ ପଲ୍ଲୀ ଗ୍ରାମଗୁଡ଼ିକର ଲୋକମାନେ ମଧ୍ୟ ହଠାତ୍ ଆଇ. ଏନ୍. ଏ. (ଭାରତୀୟ ଜାତୀୟ ବାହିନୀ) ସମ୍ବନ୍ଧରେ ବହୁ କଥା ଜାଣି ପାରିଥିଲେ ଏବଂ ବିଚାରାଧୀନ ବା କାରାବଦ୍ଧ ବ୍ୟକ୍ତିମାନଙ୍କୁ ଖଲାସ କରି ଆଣିବା ଦିଗରେ ସାହାଯ୍ୟ କରିବାକୁ ସବୁ କିଛି କରିବା ପାଇଁ ଇଚ୍ଛା କରୁଥିଲେ । ନୀତିବିଶେଷ ଭାବରେ ସେମାନେ ଯାହା ହୋଇଥାନ୍ତୁ ନା କାହିଁକି, ଏହି ଲୋକମାନେ ଭାରତର ମୁକ୍ତି ସଂଗ୍ରାମର ପ୍ରତୀକ ରୂପେ ଦେଖା ଦେଇଥିଲେ ଏବଂ ଏହି କାରଣରୁ ଭାରତର ଜନସାଧାରଣ ଏହି ବନ୍ଧୁକର ଶୌର୍ଯ୍ୟମନ୍ତ ସବୁ ଦେଶ ପ୍ରତୀକ ଗୁଡ଼ିକ ପଛରେ ଛୁଟା ହୋଇଥିଲେ ଏବଂ ସେମାନଙ୍କୁ ରକ୍ଷା କରିବା ପାଇଁ ବାହାରିଥିଲେ ।

—ଜବାହରଲାଲ ନେହରୁ

Digitized by srujanika@gmail.com

ସୁଭାଷଚନ୍ଦ୍ର ବୋଷଙ୍କର ଦେଶପ୍ରୀତି ଥିଲା ଗଭୀର

ମୁଁ ୧୯୨୧ ମସିହାରେ ପ୍ରଥମ ଥର ପାଇଁ ସୁଭାଷଚନ୍ଦ୍ର ବୋଷଙ୍କୁ କଲିକତାଠାରେ ଭେଟିଥିଲି । ଏହାପରେ ଆମ ଭିତରେ ଅନେକବାର ସାକ୍ଷାତ ହୋଇଥିଲା । ୧୯୪୧ ମସିହା ଜାନୁଆରୀ ମାସରେ ସେ ଭାରତ ଛାଡ଼ିବାର ସପ୍ତାହକ ଆଗରୁ ମୁଁ ତାଙ୍କୁ ଶେଷଥର ପାଇଁ ଦେଖିଥିଲି ।

କଲିକତା କର୍ପୋରେସନର ମୁଖ୍ୟ ପରିଚାଳକ ହିସାବରେ ସେ ତାଙ୍କର ପ୍ରଶାସନିକ ଦକ୍ଷତା ଦେଖାଇଥିଲେ । କଲିକତା କଂଗ୍ରେସ ପାଇଁ ଗଠିତ ସ୍ୱେଚ୍ଛାସେବକ ବାହିନୀର ମୁଖ୍ୟ ରୂପେ ତାଙ୍କର ପ୍ରେରଣାଦାୟକ ନେତୃତ୍ୱ ପ୍ରକଟିତ ହୋଇଥିଲା ।

ମୁକ୍ତିର ଅନ୍ୱେଷଣ ହେଉଛି ଅଶେଷ । ଜଣକୁ ସର୍ବଦା ଜାଗରୁକ ରହିବାକୁ ପଡ଼ିବ । ତାଙ୍କର କର୍ମପନ୍ଥା ସହିତ ଆମେ ଏକମତ ହେଉ ବା ନ ହେଉ, ସୁଭାଷ ବୋଷଙ୍କର ଦେଶପ୍ରୀତି ଥିଲା ତୀବ୍ର ଏବଂ ତାଙ୍କର ଉଦ୍ଦେଶ୍ୟର ନିର୍ମଳତା ପ୍ରତି କେହି ପ୍ରଶ୍ନ ଉଠାଇ ନ ପାରନ୍ତି । ନାନା ସାଗର ଓ ମହାଦେଶ ପାରି ହୋଇ ଯାଇ ସୁଭାଷ ତାଙ୍କର ମହାନ୍ ସାହସିକ କାର୍ଯ୍ୟରେ ସଫଳତା ହାସଲ କରିବା ଲାଗି କରିଥିବା ଉଦ୍ୟମ ଏବଂ ଦେଶର ସେବା ତଥା ଦେଶକୁ ମୁକ୍ତ କରିବା ପାଇଁ ତାଙ୍କ ମନରେ ରହିଥିବା ଉତ୍କଣ୍ଠା, ଦୁଃସାହାସିକ କାର୍ଯ୍ୟ ପ୍ରତି ତାଙ୍କର ଅଭିରୁଚି ଏବଂ ମାତୃଭୂମି ପାଇଁ ବିପଦର ସମ୍ମୁଖୀନ ହେବା କ୍ଷେତ୍ରରେ ତାଙ୍କର ଅତୁଳନୀୟ ସାହସ—ଏହି ସବୁ ବିଷୟ ଭାରତର ଇତିହାସର ଅଙ୍ଗ ହୋଇ ରହିଛି ।

—ଏସ୍. ରାଧାକୃଷ୍ଣନ

Digitized by srujanika@gmail.com

ଦେଶର ଅମର ବିପ୍ଳବୀ ନେତା

କି ଶକ୍ତିଶାଳୀ ସଙ୍ଗଠନ, କି ସଙ୍ଗଠନ ସାମର୍ଥ୍ୟ, କି ଦକ୍ଷତା ଓ ପ୍ରତିଭା ! ଏକାକୀ ତାଙ୍କ ନିଜର ଶକ୍ତି ଉପରେ ନିର୍ଭର କରି ଏପରି ଏକ ବିଶାଳ ସଙ୍ଗଠନ ନିର୍ମାଣ କରିଥିବା ଆଉ ଜଣେ ନେତା ଖୋଜି ବାହାର କରିବା କଷ୍ଟକର । ଏବଂ ଯେଉଁ ଲୋକମାନେ ତାଙ୍କ ସହିତ ଯୋଗ ଦେଇଥିଲେ, ସେମାନେ ସମସ୍ତେ ଅନୁଶାସନ, ତ୍ୟାଗ ଓ ନିୟମକୁ ମାନି ଚଳିଥିଲେ ଏବଂ ତାଙ୍କୁ ଭାରତର ମୁକ୍ତିଦାତା ବୋଲି ସ୍ୱୀକାର କରି ନେଇଥିଲେ । ଦେଶ ଛାଡ଼ି ବାହାରି ଯିବାର ସେ ଯେ କି ଭୟାନକ ବିପଦ ବରଣ କରିଛନ୍ତି, ତାହା ଭଲରୂପେ ଜାଣି ନେତାଜୀ ଯେଉଁ ତ୍ୟାଗ ଓ ଆତ୍ମୋତ୍ସର୍ଗ କରି ଯାଇଥିଲେ, ତାହାର କୌଣସି ପଟାନ୍ତର ଥିବାର ମୁଁ ଜାଣେ ନାହିଁ । ତାଙ୍କଠାରେ ତାଙ୍କ ନିଜ ପାଇଁ କୌଣସି ଚିନ୍ତା ନ ଥିଲା । ସେ ତାଙ୍କ ନିଜ ଜୀବନକୁ ପରବାହ କରି ନ ଥିଲେ । ଜାତୀୟ ବିପ୍ଳବ ଏବଂ ତାଙ୍କ ଦେଶର ମୁକ୍ତି ଥିଲା ତାଙ୍କର ଲକ୍ଷ୍ୟ । ଏବଂ ଏହି ପ୍ରକାରେ ସେ ଯେଉଁଠାକୁ ଯାଇଥିଲେ ସେଠାରୁ ତାଙ୍କର ବାର୍ତ୍ତାମାନ ଆସି ଆମ ପାଖରେ ପହଞ୍ଚୁଥିଲା । ତାଙ୍କର ଉତ୍ସର୍ଗୀକୃତ ଜୀବନ ଏହି ଦେଶରେ ନୂଆ ଜୀବନ ଓ ନୂଆ ଶକ୍ତି ଆଣି ଦେଇଥିଲା । ଏଠାରେ ଆଇ. ଏନ. ଏ. ବିଚାର ଚାଲିଥିବା ସମୟରେ ଦେଶରେ ଏପରି ଏକ ବିପ୍ଳବମୟ ପରିସ୍ଥିତି ସୃଷ୍ଟି ହୋଇଥିଲା ଯେ ଏହାର ପ୍ରବଳ ଜୁଆରକୁ ବାଧା ଦେବା କଷ୍ଟକର ହୋଇ ପଡ଼ିଥିଲା । ସାରା ଦେଶ ନେତାଜୀଙ୍କୁ ଏହାର ନେତା—ଦେଶର ମହତ୍ତମ ବିପ୍ଳବୀ ନେତା—ବୋଲି ଏବଂ ଭାରତ ନିଶ୍ଚୟ ମୁକ୍ତ ହେବ, ଏହାକୁ ଆଉ ବନ୍ଧନରେ ରଖିବାକୁ ପୃଥିବୀରେ କୌଣସି ଶକ୍ତିର ସାଧ ନାହିଁ ବୋଲି ଦେଇଥିବା ବାଣୀକୁ ସ୍ୱୀକାର କରିଥିଲା । ଦେଶବାସୀ ସେମାନଙ୍କର ସକଳ ଶକ୍ତି ଖଟାଇ ଲଢ଼ିବାକୁ ପ୍ରସ୍ତୁତ ହୋଇଥିଲେ । ଆଜି ପର୍ଯ୍ୟନ୍ତ ଆମେ ନେତାଜୀଙ୍କୁ ଆମର ମହତ୍ତମ ନେତା ବୋଲି ସ୍ୱୀକାର କରୁଁ । ଜଣେ ମହାନ ନେତା ଓ ବିପ୍ଳବୀ ରୂପେ ସେ ଆମମାନଙ୍କ ଆଗରେ ଏକ ଆଦର୍ଶ—ଏକ ମାର୍ଗଦର୍ଶୀ ଆଲୋକ—ହୋଇ ରହିଛନ୍ତି ।

—ଲାଲ ବାହାଦୁର

Digitized by srujanika@gmail.com

ସେମାନଙ୍କ ବୀରତ୍ୱ ଏବଂ ଦେଶପ୍ରେମ ଯୋଗୁ ଆମେ ଯଥାର୍ଥରେ ଗର୍ବ କରୁ

ଆଇ. ଏନ. ଏ. ସମ୍ବନ୍ଧୀୟ କାହାଣୀ ଭାରତର ହୃଦୟ ଓ କଳ୍ପନାକୁ ଅଧିକାର କରି ନେଇଛି । ବର୍ତ୍ତମାନ ସେହି ଉପାଖ୍ୟାନ ବହୁସଂଖ୍ୟ ବିବରଣୀ ଦେଉଥିବା ଗ୍ରନ୍ଥଦ୍ୱାରା କ୍ରମେ କ୍ରମେ ସମର୍ଥିତ ହେଉଛି । ଏପରି କେଉଁ ପୁରୁଷ ବା ନାରୀ ଅଛନ୍ତି, ଯେ କି ଉଚ୍ଚ କୋଟୀର ସାହସ ଓ ସହିଷ୍ଣୁତା ଅନୁଶାସନ ଓ ସୁସଂଗଠିତ ଏକତା ଏବଂ ଦେଶକୁ ବନ୍ଧନରୁ ମୁକ୍ତ କରିବା ଲାଗି ଦେଖା ଦେଇଥିବା ସେମାନଙ୍କର ଦୁର୍ଦ୍ଦମନୀୟ ବାସନା ଓ ଉଦ୍ୟମ ଦେଖି ଅଭିଭୂତ ହୋଇ ନ ଥିବେ ? ଭାରତୀୟ ବାହିନୀ (ଆଇ. ଏନ. ଏ.)ର ବୀରତ୍ୱପୂର୍ଣ୍ଣ ଦେଶପ୍ରେମ ଯୋଗୁଁ ଆମେ ଯଥାର୍ଥରେ ଗର୍ବ ଅନୁଭବ କରୁ । ସେମାନଙ୍କର ଦେଦୀପ୍ୟମାନ ଦେଶଭକ୍ତି ଦ୍ୱାରା ଆମେ ଆଜ ଅନୁପ୍ରାଣିତ ହେଉଅଛୁଁ ।

—ସରୋଜିନୀ ନାଇଡୁ

Digitized by srujanika@gmail.com

ସେ ସ୍ୱରାଜକୁ ନିକଟତର କରିଥିଲେ

ନେତାଜୀଙ୍କର ଜୀବନର ଲକ୍ଷ୍ୟ ଏବଂ ତାଙ୍କର ଉଚ୍ଚାଭିଳାଷ ଦୃଷ୍ଟିରୁ ତାଙ୍କ ସଫଳତାର ମୂଲ୍ୟାଙ୍କନ କରିବା ପାଇଁ ସେ କରିଥିବା ନିରପେକ୍ଷ ଉଦ୍ୟମ) ସମ୍ବନ୍ଧରେ ଗଭୀର ଅନୁଶୀଳନ କରିଥିବା ଯେ କୌଣସି ବ୍ୟକ୍ତି, ନେତାଜୀ ଚିରକାଳ ପାଇଁ ରଖି ଦେଇ ଯାଇଥିବା ଜୀବନ ସଂଗ୍ରାମୀ ପ୍ରେରଣା ଭୂମିକ ପରମ୍ପରା ଦ୍ୱାରା ଅଭିଭୂତ ନ ହୋଇ ରହି ପାରିବେ ନାହିଁ କିମ୍ବା ସ୍ମରଣୀୟ ସ୍ୱରାଜର ସମ୍ମୁଖକୁ ସେ ଯେ ଅନ୍ୟୂନ ଦଶ ବର୍ଷ ପାଖେଇ ଦେଇଥିଲେ, ତାହା ଅସ୍ୱୀକାର କରିବାକୁ ସାହସ କରି ପାରିବେ ନାହିଁ। କୌଣସି ଯୁଗରେ ବା ଦେଶରେ ମହାନ୍ ଉଦ୍ଦେଶ୍ୟ ରଖି ମାର୍ଗ କରିଥିବା ବ୍ୟକ୍ତିମାନେ କେଭେଳା ଭେଳା ହୋଇ ଜନ୍ମ ହୋଇ ନ ଥାନ୍ତି। ଜୀବନର ସର୍ବସ୍ୱ ଜଳାଞ୍ଜଳି ଦେଇ ଏକ ଉଚ୍ଚ ଆଦର୍ଶ ପାଇଁ କାର୍ଯ୍ୟ କରିଥିବା ମହାତ୍ମାମାନଙ୍କ ଅମର ଏବଂ କୋଳାହଳମୟ ଅସ୍ୱସ୍ତି ଓ ଜର୍ଜରିତ ଦୁନିଆରେ ଅଦ୍ଭୁତ ଅଧିକ ବିରଳ। ଆମର ଉଦ୍ଦୀପ୍ତ ହୃଦୟର ଅଗ୍ନିଶିଖାର ସ୍ପନ୍ଦନର ସ୍ୱରର ପରି ନେତାଙ୍କ ତୁମେ ତାହା ଆମ୍ଭମାନଙ୍କୁ ଦର୍ଶାଇଦେବା ପାଇଁ ଜନ୍ମ ନେଇଥିବା ମୁକ୍ତି ପିପାସୁ ବ୍ୟକ୍ତିମାନଙ୍କ ମଧ୍ୟରେ ନେତାଜୀ ଅନ୍ୟତମ।

—ଦଲୀପ କୁମାର ଗୁପ୍ତ

Digitized by srujanika@gmail.com

ପରିଶିଷ୍ଟ

ଅସ୍ଥାୟୀ ଆଜାଦ୍ ହିନ୍ଦ ସରକାର ପ୍ରତିଷ୍ଠା ଘୋଷଣା

୧୭୫୭ ମସିହାରେ ପଲାଶୀରେ ଇଂରେଜମାନଙ୍କ ହାତରେ ସେମାନଙ୍କର ପ୍ରଥମ ପରାଜୟ ପରେ ଭାରତର ଜନସାଧାରଣ ଏକଶହ ବର୍ଷରୁ ଅଧିକ କାଳ ଧରି ଅବିଚ୍ଛିନ୍ନ ଭାବରେ କଠୋର ଓ ରକ୍ତ ସଂଗ୍ରାମ କରି ଆସିଛନ୍ତି । ଏହି ସମୟର ଇତିହାସରେ ଅତୁଳନୀୟ ବୀରତ୍ୱ ଓ ଆତ୍ମୋତ୍ସର୍ଗର ଦୃଷ୍ଟାନ୍ତମାନ ଭରି ରହିଛି । ଏବଂ ସେହି ଇତିହାସର ପୃଷ୍ଠାରେ ବଙ୍ଗଳାର ସିରାଜଉଦ୍ଦୌଲା ଓ ମୋହନଲାଲ, ଦକ୍ଷିଣ ଭାରତର ହାଇଦର ଅଲ୍ଲୀ, ଟିପୁ ସୁଲତାନ ଓ ଭେଲୁ ଥାମ୍ପି, ମହାରାଷ୍ଟ୍ରର ଆପ୍ପା ସାହେବ ଭୋନ୍ସଲେ ଓ ପେଶବା ବାଜି ରାଓ, ଅଯୋଧ୍ୟାର ବେଗମ୍, ପଞ୍ଜାବର ସର୍ଦ୍ଦାର ଶ୍ୟାମସିଂହ ଅଟାରିୱାଲା ଏବଂ ଅନ୍ୟମାନଙ୍କ ମଧ୍ୟରେ ଝାନ୍ସିର ରାଣୀ, ଲକ୍ଷ୍ମୀବାଈ, ତାନ୍ତିଆ ଟୋପେ, ଡୁମରାଓଁର ମହାରାଜା କୁନ୍‌ୱାର ସିଂହ ତଥା ନାନା ସାହେବ ପ୍ରଭୃତି ଯୋଦ୍ଧାମାନଙ୍କ ନାମ ଚିରକାଳ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଦୁର୍ଭାଗ୍ୟବଶତଃ, ଆମର ପୂର୍ବପୁରୁଷମାନେ ପ୍ରଥମେ ଏକଥା ଉପଲବ୍ଧି କରି ପାରିନଥିଲେ ଯେ ବ୍ରିଟିଶ ସମଗ୍ର ଭାରତ ପ୍ରତି ଏକ ମହତ୍ତ୍ୱ ଧମକ ସୃଷ୍ଟି କରିବ । ତେଣୁ ସେମାନେ ଶତ୍ରୁ ବିରୁଦ୍ଧରେ ଏକ ମିଳିତ ସମ୍ମୁଖୀ ଠିଆ କରାଇ ନଥିଲେ । ପରିଶେଷରେ ଯେତେବେଳେ ଭାରତବାସୀ ପରିସ୍ଥିତିର ବାସ୍ତବତା ପ୍ରତି ସଚେତନ ହୋଇ ଉଠିଥିଲେ, ସେମାନେ ଏକ ସଙ୍ଘବଦ୍ଧ ଉଦ୍ୟମ କରିଥିଲେ ଏବଂ ୧୮୫୭ ମସିହାରେ ସେମାନେ ବାହାଦୁର ଶାହଙ୍କ ନେତୃତ୍ୱରେ ସ୍ୱାଧୀନ ଜାତି ହିସାବରେ ସେମାନଙ୍କର ଅନ୍ତିମ ଯୁଦ୍ଧ ଲଢିଥିଲେ । ଏହି ଯୁଦ୍ଧର ପ୍ରାରମ୍ଭିକ ଅବସ୍ଥାରେ କ୍ରମାଗତ ଭାବରେ ବିଜୟ ହୋଇଥିଲେ ମଧ୍ୟ ଦୁର୍ଭାଗ୍ୟବଶତଃ ଏବଂ ନେତୃତ୍ୱର ତ୍ରୁଟି ଯୋଗୁଁ ପରିଶେଷରେ ସେମାନଙ୍କର ପରାଜୟ ଓ ପରାଧୀନତା ଘଟିଥିଲା । ତଥାପି, ଝାନସିର ରାଣୀ, ତାନ୍ତିଆ ଟୋପେ, କୁନ୍‌ୱାରସିଂହ ଓ ନାନା ସାହେବଙ୍କ ପରି ବୀରମାନେ ତ୍ୟାଗ ଓ ମହନୀୟ କାର୍ଯ୍ୟର ପ୍ରେରଣା ଦେବା ଲାଗି ଜାତିର ସ୍ମୃତି ପଟରେ ଚିରନ୍ତନ ତାରକା ପରି ରହି ଯାଇଛନ୍ତି ।

୧୮୫୭ ମସିହାରେ ବ୍ରିଟିଶମାନଙ୍କ ଦ୍ୱାରା ବଳପୂର୍ବକ ପରାସ୍ତ ହୋଇ ଏବଂ ଘୋର ଆତଙ୍କ ଓ ନୃଶଂସତାର ଶିକାର ହୋଇ ଭାରତବାସୀ କିଛି କାଳ ପାଇଁ ତଳେ ପଡ଼ି ଯାଇଥିଲେ କିନ୍ତୁ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଜନ୍ମଲାଭ କରିବା ସଙ୍ଗେ ସଙ୍ଗେ ଏକ ନୂତନ ଜାଗରଣ ଦେଖା ଦେଇଥିଲା । ୧୮୮୫ ମସିହାଠାରୁ ଆରମ୍ଭ କରି ଗତ ବିଶ୍ୱଯୁଦ୍ଧ ଶେଷ ପର୍ଯ୍ୟନ୍ତ, ଭାରତର ଜନସାଧାରଣ ସେମାନଙ୍କର ଲୁପ୍ତ ମୁକ୍ତିକୁ ପୁନର୍ବାର ଫେରାଇ ଆଣିବା ଉଦ୍ୟମରେ ସବୁ ପ୍ରକାର ପନ୍ଥା ଯଥା—ଆନ୍ଦୋଳନ ଓ ପ୍ରଚାର

Digitized by srujanika@gmail.com

ବିପ୍ଳବ ଦଳମାନ ମାନଙ୍କଗୁଡ଼ିକର ଜୀବନ, ସଂହାସମୂଳକ କାର୍ଯ୍ୟ ଓ ଧ୍ୱଂସାତ୍ମକ କାର୍ଯ୍ୟ ଏବଂ ଶେଷରେ ସଶସ୍ତ୍ର ବିପ୍ଳବର ଆଶ୍ରୟ ନେଇଥିଲେ । କିନ୍ତୁ କିଛି କାଳପାଇଁ ଏହିସବୁ ଉଦ୍ୟମ ବିଫଳ ହୋଇଥିଲା । ପରିଶେଷରେ ୧୯୨୦ ମସିହାରେ ଯେତେବେଳେ ଭାରତର ଜନସାଧାରଣ ଏହି ବିଫଳତା ଦ୍ୱାରା ଘାଣ୍ଟି ହୋଇ ଏକ ନୂତନ ପନ୍ଥାର ଆଶ୍ରୟ ନେବାକୁ ଯାଉଥିଲେ, ଠିକ୍ ସେହିକବେଳେ ମହାତ୍ମା ଗାନ୍ଧୀ ଅସହଯୋଗ ଓ ପୌର ଆଇନ ଅମାନ୍ୟ ଆନ୍ଦୋଳନରେ ନୂତନ ଅସ୍ତ୍ର ସହ ଆଗେଇ ଆସିଥିଲେ ।

ଏହାପରେ ଦୁଇ ଦଶନ୍ଧି ସମସ୍ତ ଧରି ଭାରତବାସୀ ତୀବ୍ର ଦେଶାତ୍ମବୋଧ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ । ଭାରତର ଘରେ ଘରେ ମୁକ୍ତିର ବାର୍ତ୍ତା ପ୍ରସ୍ତୁତ କରାଯାଇଥିଲା । ଲୋକମାନଙ୍କୁ କଷ୍ଟ ସହିବା, ତ୍ୟାଗ ସ୍ୱୀକାର କରିବା ଏବଂ ମୁକ୍ତିର କାରଣରେ ପ୍ରାଣବଳି ଦେବା ପାଇଁ ବ୍ୟକ୍ତିବିଶେଷଙ୍କ ଆଦର୍ଶ ଜରିଆରେ ଶିକ୍ଷା ଦିଆଯାଇଥିଲା । କେନ୍ଦ୍ରରୁ ଆରମ୍ଭ କରି ଦୂରନ୍ତ ଗ୍ରାମ ଗୁଡ଼ିକ ପର୍ଯ୍ୟନ୍ତ ଲୋକମାନଙ୍କୁ ଗୋଟିଏ ମାତ୍ର ରାଜନୀତିକ ସଂଗଠନରେ ଏକଜୁଟ କରାଯାଇଥିଲା । ଏହି ପ୍ରକାରେ ଭାରତର ଜନସାଧାରଣ କେବଳ ଯେ ସେମାନଙ୍କର ରାଜନୀତିକ ଚେତନାକୁ ପୁନର୍ବାର ଫେରାଇ ଆଣି ପାରିଥିଲେ ତା' ନୁହେଁ, ବରଂ ପୁନର୍ବାର ଏକ ରାଜନୀତିକ ଶକ୍ତି ମଧ୍ୟ ଲାଭ କରିଥିଲେ । ବର୍ତ୍ତମାନ ସେମାନେ ଏକ ବାକ୍ୟରେ ମତାମତ ପ୍ରକାଶ କରିବା ଏବଂ ଏକ ଅଭିନ୍ନ ଲକ୍ଷ୍ୟ ହାସଲ କରିବାର ଏକନିଷ୍ଠ ସଂକଳ୍ପରେ ଉଦ୍ୟମ କରିବା ଅବସ୍ଥାକୁ ଆସି ଯାଇଥିଲେ । ୧୯୩୭ ମସିହାଠାରୁ ୧୯୩୯ ମସିହା ପର୍ଯ୍ୟନ୍ତ ଆଠଟି ପ୍ରଦେଶରେ ରହିଥିବା କଂଗ୍ରେସ ମନ୍ତ୍ରୀମଣ୍ଡଳ ଗୁଡ଼ିକର କାର୍ଯ୍ୟ ଜରିଆରେ ସେମାନେ ସେମାନଙ୍କ ନିଜ ବ୍ୟାପାର ନିଜେ ବୁଲାଇ ପାରିବାର ପରିପକ୍ୱ ଅବସ୍ଥା ଓ ସାମର୍ଥ୍ୟର ପରିଚୟ ଦେଇଥିଲେ ।

ଏହି ପ୍ରକାରେ ଭାରତର ମୁକ୍ତି ପାଇଁ, ଉପସ୍ଥିତ ବିଶ୍ୱଯୁଦ୍ଧର ଅବ୍ୟବହିତ ପୂର୍ବରୁ ଚୂଡ଼ାନ୍ତ ସଂଗ୍ରାମର ଅବସ୍ଥା ପ୍ରସ୍ତୁତ ହୋଇ ସାରିଥିଲା । ଏହି ଯୁଦ୍ଧ କାଳରେ ନିଜର ମିତ୍ର ଶକ୍ତିମାନଙ୍କ ସହାୟତାରେ ଜର୍ମାନୀ ୟୁରୋପରେ ଆମ ଶତ୍ରୁ ଉପରେ ପ୍ରଚଣ୍ଡ ଧକ୍କା ଦେବା ସଙ୍ଗେ ସଙ୍ଗେ, ମିତ୍ର ଶକ୍ତିମାନଙ୍କ ସାହାଯ୍ୟରେ ଜାପାନ ପୂର୍ବ ଏସିଆରେ ଆମ ଶତ୍ରୁ ଉପରେ ଏକ ପ୍ରାଣାନ୍ତକ ପ୍ରହାର କରିଛି । ସବୁ ଅନୁକୂଳ ପରିସ୍ଥିତି ଏକାଠି ଜୁଟି ଯାଇଥିବାବେଳେ ଭାରତବାସୀ ଆଜି ସେମାନଙ୍କର ଜାତୀୟ ମୁକ୍ତି ହାସଲ କରିବା ଲାଗି ଏକ ଅଭୂତପୂର୍ବ ସୁଯୋଗ ପାଇଛନ୍ତି । ସାଂପ୍ରତିକ ଇତିହାସରେ ଏହି ପ୍ରଥମଥର ପାଇଁ ବିଦେଶରେ ଥିବା ଭାରତୀୟମାନଙ୍କର ରାଜନୀତିକ ଜାଗୃତି ଘଟିଛି ଏବଂ ସେମାନେ ଗୋଟିଏ ମାତ୍ର ସଂଗଠନରେ ଏକଜୁଟ ହୋଇଛନ୍ତି । ସେମାନେ ଯେ କେବଳ ଦେଶବାସୀଙ୍କର ଚିନ୍ତା ଓ ଭାବନା ଅନୁରୂପରେ କାର୍ଯ୍ୟ କରୁଛନ୍ତି ତା' ନୁହେଁ, ବରଂ ମୁକ୍ତି ସଂଗ୍ରାମରେ ସେମାନଙ୍କ ସହିତ ତାଳ ଦେଇ ଆଗେଇ ଚାଲିଛନ୍ତି । ବିଶେଷ କରି ପୂର୍ବ

Digitized by srujanika@gmail.com

ଏସିଆରେ, କୋଡ଼ିଏ ଲକ୍ଷରୁ ଅଧିକ ଭାରତୀୟ 'ସମ୍ପୂର୍ଣ୍ଣ ସଜ୍ଜୀକରଣ' ନୀତି ଦ୍ୱାରା ଅନୁପ୍ରାଣିତ ହୋଇ ବର୍ତ୍ତମାନ ନିଜକୁ ଏକ ସୁଦୃଢ଼ ଫ୍ରଣ୍ଟରେ ସଙ୍ଗଠିତ କରିଛନ୍ତି। ଏବଂ ସେମାନଙ୍କ ସମ୍ମୁଖରେ ଠିଆ ହୋଇଛନ୍ତି ଭାରତର ମୁକ୍ତି ସେନାର ସୈନିକମାନେ, ସେମାନଙ୍କ ଯୁଦ୍ଧର ଧ୍ୱନି ହେଉଛି "ଦିଲ୍ଲୀ ଚଲ"। ଏହାର କପଟତା ଦ୍ୱାରା ଭାରତବାସୀଙ୍କୁ ନିରାଶାର ଅଧୀନ ଦେଇ ଏବଂ ଲୁଣ୍ଠନ ଦ୍ୱାରା ସେମାନଙ୍କୁ କ୍ଷୁଧା ଓ ମୃତ୍ୟୁରେ ଘାଣ୍ଟି ଭାରତରେ ବ୍ରିଟିଶ ଶାସନ ଭାରତବାସୀଙ୍କର ସଦିଚ୍ଛା ସମ୍ପୂର୍ଣ୍ଣ ରୂପେ ହରାଇ ବସିଛି ଏବଂ ବର୍ତ୍ତମାନ ଏହା ଏକ ଦୋଳାୟମାନ ସ୍ଥିତିରେ ରହିଛି। ଏହି ଅଶୁଭକର ଶାସନର ଶେଷ ଚିହ୍ନ ନିଶ୍ଚିହ୍ନ କରିଦେବା ପାଇଁ ଏକ ଅଗ୍ନିଜ୍ୱାଳାର ଆବଶ୍ୟକତା ରହିଛି। ଅଗ୍ନି ସଂଯୋଗ କରିବା ହେଉଛି ଭାରତର ମୁକ୍ତି ସେନାର କାର୍ଯ୍ୟ। ଦେଶର ବେସାମରିକ ଜନତା, ଏବଂ ଏପରିକି ବ୍ରିଟିଶ ଭାରତୀୟ ସେନାର ବହୁ ଲୋକଙ୍କର ଉତ୍ସାହମୂଳକ ସମର୍ଥନର ନିର୍ଭର ଯଥେଷ୍ଟ ତଥା ବିଦେଶର ସାହସୀ ଓ ଅଦମ୍ୟ ମିତ୍ର ଶକ୍ତିମାନଙ୍କର ସାହାଯ୍ୟ ପାଇ କିନ୍ତୁ ପ୍ରଥମତଃ ଏହାର ନିଜ ଶକ୍ତି ଉପରେ ନିର୍ଭର କରି ଭାରତର ମୁକ୍ତି ସେନା ଏହି ଐତିହାସିକ କାର୍ଯ୍ୟ ସମ୍ପନ୍ନ କରିପାରିବ ବୋଲି ମୁଁ ମନରେ ଦୃଢ଼ ବିଶ୍ୱାସ ରଖିଛି। ବର୍ତ୍ତମାନ ମୁକ୍ତିର ଆସନ୍ନ ପ୍ରଭାତରେ ସେମାନଙ୍କ ନିଜର ଏକ ଅସ୍ଥାୟୀ ସରକାର ଗଠନ କରିବା ଏବଂ ସେହି ସରକାରର ପତାକା ତଳେ ଅନ୍ତିମ ସଂଗ୍ରାମ ଚଳାଇବା ହେଉଛି ପ୍ରତ୍ୟେକ ଭାରତୀୟଙ୍କର କର୍ତ୍ତବ୍ୟ। କିନ୍ତୁ ଭାରତର ସମସ୍ତ ନେତା ବନ୍ଦୀଶାଳାରେ ପଡ଼ି ରହିଥିବା ବେଳେ ଏବଂ ଦେଶର ଲୋକମାନେ ସମ୍ପୂର୍ଣ୍ଣ ନିରସ୍ତ୍ର ହୋଇ ରହିଥିବା ବେଳେ, ଭାରତ ଭିତରେ ଏକ ଅସ୍ଥାୟୀ ସରକାର ଗଠନ କରିବା ଏବଂ ସେହି ସରକାରର ନେତୃତ୍ୱରେ ଏକ ସଶସ୍ତ୍ର ସଂଗ୍ରାମ ଚଳାଇବା ସମ୍ଭବପର ନୁହେଁ। ସୁତରାଂ ଦେଶ ଓ ବିଦେଶର ସବୁ ଦେଶପ୍ରେମୀ ଭାରତୀୟଙ୍କର ସମର୍ଥନରେ ଏହି କାର୍ଯ୍ୟ ଅର୍ଥାତ୍ ଆଜାଦ୍ ହିନ୍ଦ୍ (ମୁକ୍ତ ଭାରତ)ର ଏକ ଅସ୍ଥାୟୀ ସରକାର ଗଠନ କରିବା କାର୍ଯ୍ୟ ହାତକୁ ନେବା ଏବଂ ମୁକ୍ତି ସେନା (ଆଜାଦ୍-ହିନ୍ଦ ଫୌଜ)ର ସାହାଯ୍ୟରେ ମୁକ୍ତି ପାଇଁ ଶେଷ ଲଢ଼େଇର ପରିଚାଳନା କରିବା ହେଉଛି ପୂର୍ବ ଏସିଆରେ ଥିବା ଭାରତୀୟ ସ୍ୱାଧୀନତା ଲିଗର କର୍ତ୍ତବ୍ୟ। ପୂର୍ବ ଏସିଆରେ ଭାରତୀୟ ସ୍ୱାଧୀନତା ଲିଗ ଦ୍ୱାରା ଗଠିତ ଆଜାଦ୍ ହିନ୍ଦ୍‌ର ଅସ୍ଥାୟୀ ସରକାରରେ ଯୋଗ ଦେଇ ଆମେ ଆମଠାରେ ଅର୍ପିତ ପୂର୍ଣ୍ଣ ଦାୟିତ୍ୱବୋଧ ସହକାରେ ଆମର କର୍ତ୍ତବ୍ୟ ସମ୍ପାଦନରେ ବ୍ରତୀ ହୋଇଛୁଁ। ଆମ ମାତୃଭୂମିର ମୁକ୍ତି ପାଇଁ ଆମର କାର୍ଯ୍ୟ ଓ ସଂଗ୍ରାମକୁ ଭଗବାନ ଆଶୀର୍ବାଦ ଦିଅନ୍ତୁ ବୋଲି ଆମେ ପ୍ରାର୍ଥନା କରୁଛୁଁ, ଏବଂ ମାତୃଭୂମିର ମୁକ୍ତି, ଏହାର କଲ୍ୟାଣ ଏବଂ ପୃଥିବୀର ଦେଶମାନଙ୍କ ମଧ୍ୟରେ ଏହାପାଇଁ ସମ୍ମାନଜନକ ସ୍ଥାନ ହାସଲ କରିବାକୁ ଯାଇ ଆମେ ଆମର ଏବଂ ଆମ ସଙ୍ଗୀ ସାଥୀମାନଙ୍କର ପ୍ରାଣବଳି ଦେବାକୁ ପ୍ରସ୍ତୁତ ରହିଛୁ ବୋଲି ଏଠାରେ ଶପଥ ନେଉଛୁଁ।

Digitized by srujanika@gmail.com

ଭାରତର ମୃତ୍ତିକାରୁ ଯେପରି ବ୍ରିଟିଶ ଏବଂ ସେମାନଙ୍କ ମିତ୍ର ଶତ୍ରୁମାନଙ୍କର ବହିଷ୍କାର ଘଟେ, ସେଥିପାଇଁ ସଂଗ୍ରାମ ଚାଲୁ କରିବା ଓ ଏହାର ପରିଚାଳନା କରିବା ଅସ୍ଥାୟୀ ସରକାରର କାର୍ଯ୍ୟ ହେବ। ଏହାପରେ ଅସ୍ଥାୟୀ ସରକାରର କାର୍ଯ୍ୟ ହେବ ଭାରତର ଜନସାଧାରଣଙ୍କର ଇଚ୍ଛା ଅନୁଯାୟୀ ଆଜାଦ୍ ହିନ୍ଦର ଏକ ସ୍ଥାୟୀ ଜାତୀୟ ସରକାର ପ୍ରତିଷ୍ଠା କରିବା ଏବଂ ଲୋକମାନଙ୍କର ଆସ୍ଥାଭାଜନ ହେବା। ବ୍ରିଟିଶ ଓ ସେମାନଙ୍କର ମିତ୍ର ଶତ୍ରୁମାନଙ୍କୁ ହଟାଇ ଦିଆଯିବା ପରେ ଏବଂ ଭାରତର ମାଟିରେ ଆଜାଦ୍ ହିନ୍ଦ୍‌ର ଏକ ସ୍ଥାୟୀ ଜାତୀୟ ସରକାର ଗଠିତ ନ ହେବା ପର୍ଯ୍ୟନ୍ତ, ଅସ୍ଥାୟୀ ସରକାର ଭାରତବାସୀଙ୍କର ମାରଫତଦାର ହିସାବରେ ଦେଶର ଦୈନନ୍ଦିନ ଶାସନ ପରିଚାଳନା କାର୍ଯ୍ୟ ଚଳାଇବେ।

ଅସ୍ଥାୟୀ ସରକାର ପ୍ରତ୍ୟେକ ଭାରତୀୟଙ୍କର ଭକ୍ତାନୁରକ୍ତି ପାଇବା ପାଇଁ ହକଦାର ଏବଂ ତାହା ଦାବୀ ମଧ୍ୟ କରନ୍ତି। ଅସ୍ଥାୟୀ ସରକାର ଏହାର ସମସ୍ତ ନାଗରିକଙ୍କୁ ସେ ସ୍ୱାଧୀନ ଭାବରେ ସେମାନଙ୍କର ନିଜ ନିଜର ଧର୍ମ ଆଚରଣ କରିବା ତଥା ସମାନ ଅଧିକାର ଓ ସମାନ ସୁଯୋଗ ଉପଭୋଗ କରିବାର ନିର୍ଭରତା ଦେଉଛନ୍ତି। ଜାତିର ସମସ୍ତ ସନ୍ତାନଙ୍କୁ ସମାନ ଦୃଷ୍ଟିରେ ଦେଖି ଏବଂ ଅତୀତରେ ଏକ ବିଦେଶୀ ସରକାର ଚତୁରତା ସହକାରେ ସୃଷ୍ଟି କରିଥିବା ସମସ୍ତ ପ୍ରକାରର ବିଭେଦକୁ ଅତିକ୍ରମ କରି, ସମୁଦାୟ ଦେଶ ତଥା ଏହାର ସକଳ ଅଂଶର ସୁଖ ଓ ସମୃଦ୍ଧି ହାସଲ ଦିଗରେ କାର୍ଯ୍ୟ କରିବାକୁ ନିଜର ଦୃଢ଼ ସଂକଳ୍ପ ରହିଥିବା ବିଷୟ ଏହି ସରକାର ଘୋଷଣା କରୁଛନ୍ତି।

ଭଗବାନଙ୍କ ନାମରେ, ଭାରତର ଲୋକମାନଙ୍କୁ ଗୋଟିଏ ଜାତିରେ ପରିଣତ କରିଥିବା ଆମ ପୂର୍ବ ପୁରୁଷମାନଙ୍କ ନାମରେ ଏବଂ ଆମକୁ ବୀରତ୍ୱ ଓ ଆତ୍ମୋତ୍ସର୍ଗର ଏକ ପରମ୍ପରା ଦେଇ ଯାଇଥିବା ମୃତ ବୀରମାନଙ୍କ ନାମରେ ଆମେ ଭାରତର ଜନସାଧାରଣଙ୍କୁ ଆହ୍ୱାନ କରୁଛୁଁ କି ସେମାନେ ଆମର ଝଣ୍ଡା ତଳେ ଏକଜୁଟ ହୋଇ ଭାରତର ମୁକ୍ତି ପାଇଁ ସଂଗ୍ରାମ କରନ୍ତୁ। ଭାରତରେ ଥିବା ବ୍ରିଟିଶ ଓ ସେମାନଙ୍କର ସବୁ ମିତ୍ର ଶକ୍ତିଙ୍କ ବିରୁଦ୍ଧରେ ଚୂଡ଼ାନ୍ତ ସଂଗ୍ରାମ ଆରମ୍ଭ କରିବାକୁ ଏବଂ ଭାରତର ମୃତ୍ତିକାରୁ ଶତ୍ରୁ ବହିଷ୍କୃତ ନ ହେବା ପର୍ଯ୍ୟନ୍ତ ଓ ଭାରତୀୟ ଲୋକମାନେ ପୁନର୍ବାର ଏକ ସ୍ୱାଧୀନ ଜାତିରେ ପରିଣତ ନ ହେବା ପର୍ଯ୍ୟନ୍ତ ଶୌର୍ଯ୍ୟ ଓ ଅଧ୍ୟବସାୟ ସହ ଏକ ଚୂଡ଼ାନ୍ତ ବିଜୟରେ ସମ୍ପୂର୍ଣ୍ଣ ବିଶ୍ୱାସ ସହ ଏହି ସଂଗ୍ରାମ ଚାଲୁ ରଖିବାକୁ ଆମେ ସେମାନଙ୍କୁ ଆହ୍ୱାନ କରୁଛୁଁ।

ଆଜାଦ୍ ହିନ୍ଦ୍‌ର ଅସ୍ଥାୟୀ ସରକାର ତରଫରୁ ସ୍ୱାକ୍ଷର।

ସୁଭାଷଚନ୍ଦ୍ର ବୋଷ (ରାଷ୍ଟ୍ରର ମୁଖ୍ୟ, ପ୍ରଧାନ ମନ୍ତ୍ରୀ ଏବଂ ଯୁଦ୍ଧ ଓ ବୈଦେଶିକ ବ୍ୟାପାର ବିଭାଗ ମନ୍ତ୍ରୀ); କ୍ୟାପ୍ଟେନ ଶ୍ରୀମତୀ **ଲକ୍ଷ୍ମୀ** (ମହିଳାମାନଙ୍କ ସଂଗଠନ),
ଏସ୍. ଏ. **ଆୟର** (ପ୍ରଚାର),
ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଏ. ସି. **ଚାଟାର୍ଜି** (ଅର୍ଥ) ଏବଂ

Digitized by srujanika@gmail.com

ଲେଫ୍‌ଟନେଣ୍ଟ କର୍ଣ୍ଣେଲ **ଅଜିଜ ଅହ୍ମଦ**, ଲେଫ୍‌ଟନେଣ୍ଟ କର୍ଣ୍ଣେଲ **ଭଗତ**, ଲେଫ୍‌ଟନେଣ୍ଟ କର୍ଣ୍ଣେଲ **ହ୍ୱେନ୍‌ସଲେ**, ଲେଫ୍‌ଟନେଣ୍ଟ କର୍ଣ୍ଣେଲ **ଗୁଲ୍‌ଜାର୍‌ ସିଂହ**, ଲେଫ୍‌ଟନେଣ୍ଟ କର୍ଣ୍ଣେଲ **ଏମ୍. କେଡ୍. କିଆନି**, ଲେଫ୍‌ଟନେଣ୍ଟ କର୍ଣ୍ଣେଲ **ଏ. ଡ଼ି. ଲୋକନାଥନ**, ଲେଫ୍‌ଟନେଣ୍ଟ କର୍ଣ୍ଣେଲ **ଏହ୍‌ସାନ୍ କ୍ୱାଦିର**, ଲେଫ୍‌ଟନେଣ୍ଟ କର୍ଣ୍ଣେଲ **ଶାହ୍ ନୱାଜ** : ସଶସ୍ତ୍ର ବାହିନୀର (ପ୍ରତିନିଧିଗଣ)
ଏ. ଏମ୍. **ସହାୟ**, ସେକ୍ରେଟେରୀ (ମନ୍ତ୍ରୀ ସ୍ତରର);
ରାସ ବେହାରୀ ବୋଷ, (ସର୍ବୋଚ୍ଚ ଉପଦେଷ୍ଟା)
କରିମ ଗାନି, ଦେବନାଥ ଦାସ, ଡ଼ି. ଏମ୍. ଖାଁ,
ଏ. **ଏଲ୍ଲାପ୍ପା, କେ. ଥିଭି. ସଦ୍ଧାର ଇଶାରସିଂହ**, (ଉପଦେଷ୍ଟାଗଣ)
ଏ. ଏନ୍. **ସରକାର**, (ଆଇନ ଉପଦେଷ୍ଟା)

ଟିଙ୍ଗୋଦ୍ୱର, ଅକ୍ଟୋବର ୨୧-୧୯୭୩

Digitized by srujanika@gmail.com